# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ମେ ୧୫/୨୦୧୯ (୧୬ ପୃଷ୍ଠା+ସାହିତ୍ୟାୟନ) | Balasore, Wednesday, May 15/2019 | ★★★★

୪୫ଶ ଭାଗ ୧୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ହାସ୍ୟ ଅଭିନୟ କରିବାକୁ ଚାହାନ୍ତି ନୀନା**

୧୯୮୫ରେ ଫିଲ୍ମ ଦୁନିଆରେ ପାଦ ଥାପିଥିବା ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା ହାସ୍ୟ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ।

୦୨

୧୫

**ଓଡ଼ିଶାର ସୁମନ ଉପଅଧିନାୟକ**


ଜୁନ ୧୦ରୁ ସ୍ପେନଠାରେ ହେବାକୁଥିବା ଜୁନିୟର ହକି ଟୁର୍ନାମେଣ୍ଟ ପାଇଁ ଓଡ଼ିଶାର ସୁମନ ବେକ୍ ଭାରତୀୟ ଦଳର ଉପଅଧିନାୟକ ମନୋନୀତ ହୋଇଛନ୍ତି ।



# ବିଳମ୍ବ ହେବ ମୌସୁମୀ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ବିଳମ୍ବରେ ପହଞ୍ଚିବ ଏବଂ କମ୍ ବର୍ଷିବ ବୋଲି ପାଣିପାଗ ବିଶେଷଜ୍ଞ ଭବିଷ୍ୟବାଣୀ କରିଛନ୍ତି। ସାଧାରଣତଃ ମୌସୁମୀ ମେ ୨୦ ତାରିଖରେ ଆଣ୍ଡାମାନରେ ପହଞ୍ଚିଥାଏ। ଜୁନ୍ ପହିଲାରେ କେରଳ ଉପକୂଳ ଛୁଇଁଥାଏ। ଜୁନ୍ ୧୦ ତାରିଖ ସୁଦ୍ଧା ଓଡ଼ିଶାକୁ ଆସିଥାଏ। ତେବେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେବା ସମ୍ଭାବନା ରହିଛି । ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ମେ ୨୦ ବଦଳରେ ୨୪ କିମ୍ବା ୨୫ ତାରିଖରେ ପହଞ୍ଚିବ। ଜୁନ୍ ପହିଲା ବଦଳରେ ୪ କିମ୍ବା ୫ ତାରିଖରେ କେରଳ ଉପକୂଳ ଛୁଇଁବା ସମ୍ଭାବନା ରହିଛି। ଏହାର ୨ ସପ୍ତାହ ପରେ ଅର୍ଥାତ୍ ଜୁନ୍ ୧୫ରୁ ୧୮ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିପାରେ ବୋଲି ଅନୁମାନ କରାଯାଉଛି ବୋଲି



- ଜୁନ୍ ୧୫ ପରେ ଓଡ଼ିଶା ଛୁଇଁପାରେ
- ଜୁନ୍ ୪ରେ କେରଳ
- ଏଥର କମ୍ ବର୍ଷିବ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି। ତେବେ ଘରୋଇ ଏଜେନ୍ସି ସ୍କାଇମେଟ୍ ଆକଳନ ଅନୁଯାୟୀ ଚଳିତ ବର୍ଷ ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ମେ ୨୨ ତାରିଖ ଓ କେରଳରେ ଜୁନ୍ ୪ରେ ପହଞ୍ଚିବ। ସ୍କାଇମେଟ୍‌ର ସିଇଓ ଜିତନ ସିଂ କହିଛନ୍ତି ଯେ ଚଳିତ ବର୍ଷ ଦେଶର ୪ ଭାଗରେ କମ୍ ବର୍ଷା ହେବ। ପୂର୍ବ, ପୂର୍ବୋତ୍ତର ଓ ମଧ୍ୟ ଭାରତରେ ଉତ୍ତର-ପଶ୍ଚିମ ଭାରତ ଅପେକ୍ଷା କମ୍ ବର୍ଷା ହେବ। ଦେଶରେ ସାମାନ୍ୟରୁ କମ୍ ବର୍ଷା(୯୩%) ହେବ ବୋଲି ସ୍କାଇମେଟ୍ ଅନୁମାନ କରିଛି।

ଏଲନିନୋ ଦୁର୍ବଳ ରହିଥିଲେ ମଧ୍ୟ ଏହାର ପ୍ରଭାବ ମୌସୁମୀ ଉପରେ ପଡ଼ିବା ଆଶଙ୍କା ରହିଛି। ଏଥିଯୋଗୁ ଓଡ଼ିଶା ସମେତ ସମଗ୍ର ଦେଶରେ ବର୍ଷା ପରିମାଣ କମିବା ସମ୍ଭାବନା ରହିଛି। ଗତବର୍ଷ ମୌସୁମୀ ସଅଳ ଅର୍ଥାତ ଜୁନ୍ ୮ରେ ଓଡ଼ିଶାକୁ ପ୍ରବେଶ କରିଥିଲା। ରାଜ୍ୟର ୬୦ ପ୍ରତିଶତ ଅଂଶକୁ ଛୁଇଁ ପାରିଥିଲା। ବଲାଙ୍ଗୀର ଜିଲାର ଟିଟିଲାଗଡ଼କୁ ବାଦ୍ ଦେଲେ ସମ୍ବଲପୁର, ଝାରସୁଗୁଡା, ବରଗଡ଼, ସୋନପୁର, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାକୁ ☞ପୃଷ୍ଠା-୧୨

**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

# ସରିପାରିନି ଯୁକ୍ତ୨ ଖାତାଦେଖା

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳ କେବେ ପ୍ରକାଶ ପାଇବ, ତାହାକୁ ନେଇ ଛାତ୍ରୀଛାତ୍ର ଚିନ୍ତାରେ ପଡ଼ିଛନ୍ତି। କାରଣ ଏ ପର୍ଯ୍ୟନ୍ତ ଖାତାଦେଖା ଶେଷ ହୋଇନାହିଁ। ଦୁଇଟି ପର୍ଯ୍ୟାୟରେ ମୂଲ୍ୟାଙ୍କନ ହେବା ପରେ ମେ ଶେଷ ସପ୍ତାହ ସୁଦ୍ଧା ଫଳାଫଳ ପ୍ରକାଶ ପାଇବ ବୋଲି ଆଶା କରାଯାଉଥିଲା। କିନ୍ତୁ ସବୁକିଛି ଓଲଟପାଲଟ ହୋଇଗଲା। ଗୋଟିଏ ପର୍ଯ୍ୟାୟ ଖାତାଦେଖା ସରିଥିବା ବେଳେ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ଚାଲିଛି। ବାତ୍ୟା 'ଫନୀ' ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖାରେ ବ୍ୟାଘାତ ସୃଷ୍ଟି ହେଲା। ଏପ୍ରିଲ ୨୫ରୁ ମେ ୫ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଗତ ୩ତାରଖରେ ବାତ୍ୟା ହେବାରୁ ରାଜ୍ୟର ଅଧିକାଂଶ ଜିଲାରେ କ୍ଷୟକ୍ଷତି ଘଟିଲା। ବିଦ୍ୟୁତ୍ ସଂଯୋଗ କଟିଗଲା। ☞ପୃଷ୍ଠା-୧୨

**ଫନୀ ପ୍ରଭାବ**

- ଫଳ ପ୍ରକାଶନକୁ ନେଇ ଚିନ୍ତାରେ ଛାତ୍ରୀଛାତ୍ର

## ୨୧ ସୁଦ୍ଧା ମାଟ୍ରିକ ପରୀକ୍ଷାଫଳ

**କଟକ ଅଫିସ,୧୪।୫**

ଚଳିତ ମାସ ୨୧ ତାରିଖ ସୁଦ୍ଧା ପ୍ରକାଶ ପାଇବ ମାଟ୍ରିକ ପରୀକ୍ଷା ଫଳ। ବିଧିବଦ୍ଧ କୌଣସି ତାରିଖ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଆଉ ୭ ଦିନ ଭିତରେ ଫଳ ପ୍ରକାଶ ପାଇବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ସଭାପତି ଡ. ଜହାଁଆରା ବେଗମ୍ ମଙ୍ଗଳବାର କହିଛନ୍ତି। ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇ ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ତ୍ରୁଟିଶୂନ୍ୟ ଫଳ ପ୍ରକାଶ କରାଯିବା ଦିଗରେ ଗୁରୁତ୍ୱ ଦିଆଯାଇଛି ବୋଲି ସଭାପତି ବେଗମ୍ କହିଛନ୍ତି। ଅନ୍ୟପକ୍ଷରେ ତିନୋଟି ପରୀକ୍ଷା କେନ୍ଦ୍ରରେ ଇଂଲଶ ପରୀକ୍ଷା ବାତିଲ ଓ ୧୦୮ ପରୀକ୍ଷାର୍ଥୀଙ୍କ ଉତ୍ତରଖାତା ହଜିବା ଘଟଣା ସମ୍ପର୍କିତ ରିପୋର୍ଟ ପରୀକ୍ଷା କମିଟି ପ୍ରଦାନ କରିସାରିଛି। ତେବେ ଉକ୍ତ ରିପୋର୍ଟରେ ପରୀକ୍ଷା କମିଟି କ'ଣ ଦର୍ଶାଇଛି ତାହା ଗୋପନୀୟ ରହିଛି। ଫଳ ପ୍ରକାଶ ପାଇବା ପରେ କମିଟିର ନିଷ୍ପତ୍ତି ସ୍ପଷ୍ଟ କରାଯିବ ବୋଲି ସେ କହିଛନ୍ତି।

**ଆଜିର ସମ୍ପାଦକୀୟ**

**ଅବିଶ୍ୱସନୀୟ ଦୃଷ୍ଟାନ୍ତ**

**ଆଜିର ମନ୍ତବ୍ୟ**

"ନିର୍ବାଚନ ପରବର୍ତ୍ତୀ ମେଣ୍ଟ ନେଇ ଭାଜପା ସହ ଡିଏମ୍‌କେ ଆଲୋଚନା କରୁଛି ବୋଲି ଚର୍ଚ୍ଚା ହେଉଛି। ଏହା ଯଦି ପ୍ରମାଣିତ ହୁଏ ତେବେ ମୁଁ ରାଜନୀତି ଛାଡ଼ିଦେବି।

-ଏମ.କେ. ଷ୍ଟାଲିନ୍, ଡିଏମ୍‌କେ ସଭାପତି

**କିଛି ତଥ୍ୟ**

୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡରେ ୧୧୪୩ ମାମଲା ବିଚାରାଧୀନ ରହିଛି।

– କ୍ରିସିଲ୍


NECC NATIONAL EGG CO-ORDINATION COMMITTEE | 14.05.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 109 | 170 | 180 |
| CTC | 109 | 170 | 180 |
| DKL | 104 | 163 | 173 |
| BDK | 110 | 171 | 181 |
| BLS | 112 | 174 | 184 |
| ANG | 104 | 163 | 173 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers


# ଲକ୍ଷ୍ମୀ ପ୍ରଥମ ମହିଳା ଆଇସିସି ମ୍ୟାଚ ରେଫରି

**ଦୁବାଇ, ୧୪।୫**

ଭାରତର ଜି.ଏସ. ଲକ୍ଷ୍ମୀ ବିଶ୍ୱର ପ୍ରଥମ ମହିଳା ଭାବେ ଆଇସିସି ମ୍ୟାଚ ରେଫରି ହେବାର ସୌଭାଗ୍ୟଲାଭ କରିଛନ୍ତି। ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରି ତାଲିକାରେ ଏହି ପୂର୍ବତନ ଭାରତୀୟ ମହିଳା କ୍ରିକେଟର୍ ସ୍ଥାନ ପାଇଛନ୍ତି। ଲକ୍ଷ୍ମୀ ବର୍ତ୍ତମାନ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ରେଫରି ଭାବେ ଦାୟିତ୍ୱ ତୁଲାଇବେ ବୋଲି ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିଭଳି ଅଷ୍ଟ୍ରେଲିଆର ଏଲୋଇସେ ସିରିଡାନ ଅଷ୍ଟମ ମହିଳା ଭାବେ ଡେଭଲପ୍‌ମେଣ୍ଟ ପ୍ୟାନେଲ୍ ଅଫ୍ ଅମ୍ପାୟର ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି।

୫୧ ବର୍ଷୀୟା ଲକ୍ଷ୍ମୀ ୨୦୦୮-୦୯ରେ ପ୍ରଥମେ ଘରୋଇ ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ରେଫରି ଭାବେ ପଦାର୍ପଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୩ଟି ଲେଖାଏ ମହିଳା ଦିନିକିଆ ଓ ଟି୨୦ କ୍ରିକେଟ୍ ମ୍ୟାଚ୍‌ରେ ରେଫରି ଦାୟିତ୍ୱ ନିର୍ବାହ କରିସାରିଛନ୍ତି। 'ଆଇସିସିର ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିକୁ ମନୋନୀତ ହେବା ମୋ ପାଇଁ ବହୁତ ବଡ଼ ସମ୍ମାନ ଏବଂ ଏକ ନୂଆ ରାସ୍ତା ଖୋଲିଛି। ଜଣେ କ୍ରିକେଟର ଭାବେ ଭାରତ ପକ୍ଷରୁ ଅନେକ ମ୍ୟାଚ୍ ଖେଳିଛି ଏବଂ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଛି। ମୋର କ୍ରିକେଟ୍ ଓ ମ୍ୟାଚ୍ ଅଫିସିଆଲ ଅଭିଜ୍ଞତାକୁ ଅନ୍ତର୍ଜାତୀୟ ସର୍କିଟ୍‌ରେ ପ୍ରୟୋଗ କରିବି' ବୋଲି ଏକ ସାକ୍ଷାତକାର ଅବସରରେ ଲକ୍ଷ୍ମୀ କହିଛନ୍ତି। 'ଏଭଳି ଏକ ବଡ଼ ସୁଯୋଗ ଦେଇଥିବାରୁ ଆଇସିସି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ଅଫିସିଆଲଙ୍କ ସମେତ କ୍ରିକେଟରେ ମୋ ସିନିୟର ଖେଳାଳି, ପରିବାର ଓ ବନ୍ଧୁଙ୍କୁ ଧନ୍ୟବାଦ ଦେବି' ବୋଲି ଲକ୍ଷ୍ମୀ କହିଛନ୍ତି।



ଜି.ଏସ. ଲକ୍ଷ୍ମୀ

# ବିଜେଡିର ଆକଳନ ୧୦୦ ଆସନ

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ଦେଶରେ ଚାଲିଥିବା ସାଧାରଣ ନିର୍ବାଚନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ମେ' ୧୯ରେ ସପ୍ତମ ପର୍ଯ୍ୟାୟ ଲାଗି ଭୋଟ ଗ୍ରହଣ କରାଯିବ। ଏହାର ଠିକ୍ ୪ ଦିନ ପରେ ଅର୍ଥାତ ୨୩ରେ ଭୋଟ ଗଣତି । ଓଡ଼ିଶାରେ ୨୦୦୦ ମସିହାରୁ ବିଜୁ ଜନତା ଦଳ(ବିଜେଡି) କ୍ଷମତାରେ ରହି ଆସିଛି। ଦଳ ଚଳିତ ନିର୍ବାଚନରେ ପୂର୍ବାପେକ୍ଷା ଶାସକ ବିରୋଧୀ ହାୱାର ସମ୍ମୁଖୀନ ହୋଇଥିବା ସମୀକ୍ଷକମାନେ ମତ ଦେଉଛନ୍ତି। ହେଲେ ସେହି ବିରୋଧୀ ହାୱାର ଫାଇଦା ଅନ୍ୟ ଦଳ କେତେ ନେଇଛନ୍ତି, ତାହା କେବଳ ଫଳାଫଳ ଘୋଷଣା ପରେ ସ୍ପଷ୍ଟ ହେବ। ନିର୍ବାଚନ ପରେ ବିଜେଡି ପକ୍ଷରୁ ବିଭିନ୍ନ ସଂସ୍ଥା ଦ୍ୱାରା ଏକାଧିକ ସର୍ଭେକ୍ଷଣ କରାଯାଇଛି। ଏହାକୁ ନେଇ କେତେକ ନେତା ନାମ ଗୋପନ ରଖି କିଛି ତଥ୍ୟ ଦେଇଛନ୍ତି।

- ୬୫ ବିଧାନସଭା ପ୍ରାର୍ଥୀ ବିରୋଧୀଙ୍କ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛନ୍ତି
- ପୂର୍ବାପେକ୍ଷା ୪ରୁ ୭ ଲୋକ ସଭା ସିଟ୍ ହରାଇବା ଆଶଙ୍କା

ବିଜେଡି ଦ୍ୱାରା କରାଯାଇଥିବା ସର୍ଭେରେ ଦଳ ୬୫ଟି ବିଧାନସଭା ଆସନରେ କଡା ମୁକାବିଲାର ସମ୍ମୁଖୀନ ହୋଇଥିବା କୁହାଯାଇଛି। କୋରାପୁଟ ଲୋକ ସଭା ଅଧୀନ ୬ଟି ବିଧାନସଭା ଆସନରେ ଦଳ କଡା ଟକ୍କରର ସମ୍ମୁଖୀନ ହୋଇଛି। ଏହି ଆସନ ଗୁଡ଼ିକ ହେଉଛି ରାୟଗଡା, ଲକ୍ଷ୍ମୀପୁର, ଜୟପୁର, ପଟ୍ଟାଙ୍ଗୀ, ଗୁଣୁପୁର ଏବଂ ବିଷମ କଟକ। ଏହି ସବୁ ସ୍ଥାନରେ ଦଳକୁ ଭାଜପା, କଂଗ୍ରେସ, ସ୍ୱାଧୀନ ଏବଂ ବିଏସ୍‌ପିକୁ ମୁକାବିଲା କରିବାକୁ ପଡିଛି। ତେଣୁ କୋରାପୁଟ ଲୋକ ସଭା ଆସନକୁ ଜିତିବା ନେଇ ସର୍ଭେରେ ଆଶଙ୍କା ପ୍ରକାଶ ପାଇଛି। ନବରଙ୍ଗପୁର ଲୋକ ସଭାରେ ଦଳ ଅନୁରୂପ ଅବସ୍ଥା ଭୋଗିଛି। ଏହା ଅଧୀନ ଝରିଗାଁ, ମାଲକାନଗିରି, ଚିତ୍ରକୋଣ୍ଡାରେ ଭାଜପା ସହିତ ଏବଂ ଉମରକୋଟ, ଡାବୁଗାଁ ଏବଂ ନବରଙ୍ଗପୁରରେ କଂଗ୍ରେସ ସହ କଡ଼ା ମୁକାବିଲା ହୋଇଛି। ☞ପୃଷ୍ଠା-୧୨






ଭାରତୀୟ ବାୟୁସେନା ଲାଗି ୧୨୬ ରାଫାଲ୍ ଯୁଦ୍ଧ ବିମାନ କିଣାଯିବାକୁ ଯୋଜନା ରହିଥିଲା। ଅର୍ଥାଭାବର ଆଳ ଦେଖାଇ ମାତ୍ର ୩୬ଟି କିଣାଗଲା। କମ ରାଫାଲ୍ ଯୁଦ୍ଧ ବିମାନ କିଣି ମୋଦି ସରକାର ଦେଶର ସୁରକ୍ଷା ସହ ଖେଳିଛନ୍ତି।

ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର



ପାଟନା ସାହିବରେ ରୋଡ୍ ଶୋ ବେଳେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ନଭଜୋତ ସିଂ ସିଦ୍ଧୁ ଓ ସୁନୀଲ ଜାଖର।



ଗୁରୁଦାସପୁରରେ ଭାଜପା ପ୍ରାର୍ଥୀ ସନି ଦେଓଲ ନିଜ ସମର୍ଥକମାନଙ୍କ ସହ ହାତ ମିଳାଉଛନ୍ତି।




ଉତ୍ତର କଶ୍ମୀରରେ ତିନି ବର୍ଷର ଶିଶୁଙ୍କୁ ବଳାତ୍କାର କରାଯିବା ପରେ ମହିଳାମାନେ ପ୍ଲାକାର୍ଡ ଧରି ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଏଲ୍‌ଟିଟିଇ ଉପରେ ଅଧିକ ୫ ବର୍ଷ ପ୍ରତିବନ୍ଧକ ଲାଗିଲା



**ନୂଆଦିଲ୍ଲୀ,୧୪।୫:** କେନ୍ଦ୍ର ସରକାର ମଙ୍ଗଳବାର କଠୋରପନ୍ଥୀ ଗୋଷ୍ଠୀ ଲିବରେଶନ୍ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ଉପରେ ଅଧିକ ୫ ବର୍ଷର ପ୍ରତିବନ୍ଧକ ଲଗାଇଛନ୍ତି। ରାଜୀବ ଗାନ୍ଧୀ ହତ୍ୟା ମାମଲା ପଛରେ ଏହି ଗୋଷ୍ଠୀର ସମ୍ପୃକ୍ତି ଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ୨୦୧୪ରେ ଏହି ଗୋଷ୍ଠୀ ବିରୋଧରେ ୫ ବର୍ଷର ପ୍ରତିବନ୍ଧକ ଲଗାଯାଇଥିଲା। ଶ୍ରୀଲଙ୍କାର ଏହି କଠୋରପନ୍ଥୀ ଗୋଷ୍ଠୀର ଏଜେଣ୍ଟ ଓ ସମର୍ଥକମାନେ ଭାରତରେ ଅଛନ୍ତି। ସ୍ୱତନ୍ତ୍ର ରାଜ୍ୟ ଗଠନ (ତାମିଲ ଇଲମ୍) ଗଠନ ଏମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ; ଯାହାକି ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ଲାଗି ବିପଦ ସୃଷ୍ଟିକରିଛି। ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ କରି ଶାନ୍ତିଭଙ୍ଗ କରିବା ଏମାନଙ୍କର ଉଦ୍ଦେଶ୍ୟ। ୨୦୦୯ରେ ଶ୍ରୀଲଙ୍କାରେ ପରାଜୟବରଣ କରିଥିଲେ ବି ଏମାନେ ନିଜର ଆଭିମୁଖ୍ୟରୁ ହଟିନାହାନ୍ତି। ପୁନଃ ସଙ୍ଗଠିତ ହୋଇ ଏମାନେ ନିଜର ଶକ୍ତି ଓ ସଙ୍ଗଠନ ବୃଦ୍ଧି କରିବାରେ ଲାଗିଛନ୍ତି।

### ■ ର୍‍ୟାଲି ପୂର୍ବରୁ ଭାଜପା ପୋଷ୍ଟର ହଟାଗଲା

# ଶାହଙ୍କ ରୋଡ୍ ଶୋ'ବେଳେ ହିଂସା

କୋଲ୍‌କାତା,୧୪।୫

ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭାଜପା କଡ଼ା ଟକ୍କର ଦେବାଲାଗି ଜୋର୍‌ଦାର ପ୍ରସ୍ତୁତି ଚଳାଇଛି। କୋଲ୍‌କାତାରେ ଭାଜପା ସଭାପତି ଅମିତ୍ ଶାହଙ୍କ ମେଗା ରୋଡ୍ ଶୋ ଓ ଜୟ ଶ୍ରୀରାମ ଉଚ୍ଚାରଣ ଟିଏମ୍‌ସି ଲାଗି ଚ୍ୟାଲେଞ୍ଜ୍ ଆଣିଦେଇଛି। ଭାଜପା କର୍ମକର୍ତ୍ତାଙ୍କ ଉତ୍ସାହ ଏହାଦ୍ୱାରା ବୃଦ୍ଧି ପାଇଥିଲାବେଳେ କେତେକ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିବା



କୋଲ୍‌କାତାରେ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ରୋଡ ଶୋ।



ହିଂସାକାଣ୍ଡ ପରେ ପୋଡାଜଳା।

ଜଣାପଡ଼ିଛି। କୋଲ୍‌କାତାର ବିଧାନ ସରିଣିଠାରେ ଶାହଙ୍କ ଶୋଭାଯାତ୍ରା ଉପରକୁ ଢେଲାମାଡ଼ କରାଯିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେହିଭଳି କଲେଜ୍ ଷ୍ଟ୍ରିଟ୍ ନିକଟରେ ସଂଘର୍ଷ ହେବାରୁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଏହାକୁ ନେଇ ବିଭିନ୍ନ ସ୍ଥାନରେ ପୋଡ଼ାଜଳା କରାଯାଇଥିବା, ଟିଏମ୍‌ସି ଓ ଭାଜପା ସମର୍ଥକମାନେ ଝକାପଞ୍ଝା ଅବସ୍ଥାରେ ଥିବା ଜଣାପଡ଼ିଛି।

ମଙ୍ଗଳବାର କୋଲକାତା ର୍‍ୟାଲି ପୂର୍ବରୁ ରାସ୍ତାରୁ ସମସ୍ତ ଦଳୀୟ

**ର୍‍ୟାଲିବେଳେ ଢେଲାମାଡ଼, ପୋଡ଼ାଜଳା, ଲାଠିଚାର୍ଜ**

ପୋଷ୍ଟର ହଟାଇ ଦିଆଯାଇଥିଲା। ଏହାକୁ ନେଇ ଭାଜପା ପକ୍ଷରୁ ଶାସକ ଟିଏମ୍‌ସିକୁ ଦୋଷାରୋପ କରାଯାଇଛି। ର୍‍ୟାଲି ହେବାକୁ ଥିବା ରାସ୍ତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ସଭାପତି ଅମିତ୍ ଶାହ ପ୍ରମୁଖଙ୍କ ପୋଷ୍ଟର ହଟାଯିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଭାଜପା କର୍ମକର୍ତ୍ତାମାନେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ବିରୋଧ କରି ବିକ୍ଷୋଭ କରିଛନ୍ତି। ରାଜ୍ୟ ନିର୍ବାଚନ କମିଶନ ଓ ରାଜ୍ୟ ପୋଲିସ ଟିଏମ୍‌ସିକୁ ସମର୍ଥନ କରିଆସୁଛନ୍ତି ବୋଲି ଅଭିଯୋଗ କରାଯାଇଛି।

ଶହୀଦ ମିନାର ମଇଦାନରୁ ଶାହଙ୍କ ର୍‍ୟାଲି ବାହାରିବା ପୂର୍ବରୁ ପୋଲିସ ଏଥିଲାଗି ଅନୁମତି ଦେଇ ନ ଥିଲା। ତେଣୁ ଧର୍ମତାଲାରୁ ଶିମ୍‌ଲା ଷ୍ଟ୍ରିଟ୍‌ସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ଘର ପର୍ଯ୍ୟନ୍ତ ଶାହଙ୍କ ରୋଡ୍ ଶୋ କରାଯାଇଥିଲା। ପ୍ରକାଶଥାଉ କି, ର୍‍ୟାଲି ପୂର୍ବରୁ ଶାହ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କୁ ସୋମବାର ଚ୍ୟାଲେଞ୍ଜ ଦେବା ସହ କୋଲ୍‌କାତାରେ ଜୟ ଶ୍ରୀରାମ ଉଚ୍ଚାରଣ କରିବି, ମୋତେ ବାନ୍ଧି ଦେଖ ବୋଲି କହି ଚ୍ୟାଲେଞ୍ଜ୍ ଦେଇଥିଲେ। ମଙ୍ଗଳବାର ମେଗା ର୍‍ୟାଲିରେ ଭାଜପା କର୍ମକର୍ତ୍ତାଙ୍କ ଜୟ ଶ୍ରୀରାମ ଉଚ୍ଚାରଣ ଜନମାନସ ଉପରେ କି ପ୍ରଭାବ ପକାଉଛି ତାହା ସମୟ କହିବ। ପ୍ରକାଶଥାଉ କି, ସପ୍ତମ ତଥା ଶେଷ ପର୍ଯ୍ୟାୟ ଲୋକ ସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ୯ଟି ଆସନରେ ମତଦାନ କରାଯିବ।

## ପାପୁଆ ନ୍ୟୁ ଗିନିରେ ଭୂକମ୍ପ-ସୁନାମି ଆଶଙ୍କା

କାନ୍‌ବେରା,୧୪।୫(ଏପି)




ମଙ୍ଗଳବାର ସନ୍ଧ୍ୟାରେ ପାପୁଆ ନ୍ୟୁ ଗିନିରେ ଶକ୍ତିଶାଳୀ ଭୂକମ୍ପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ସୁନାମି ଆସିବା ଆଶଙ୍କା ଅଛି ବୋଲି ସତର୍କ ସୂଚନା ଦିଆଯାଇଛି। ଏହାଦ୍ୱାରା ନିକଟବର୍ତ୍ତୀ ସୋଲୋମନ ଦ୍ୱୀପସମୂହ ପ୍ରଭାବିତ ହେବ। ଆମେରିକାର ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍)ର ସୂଚନା ଅନୁଯାୟୀ, ରିକ୍ଟର ସ୍କେଲ୍‌ରେ ଭୂକମ୍ପର ମାତ୍ରା ୭.୫ ରେକର୍ଡ କରାଯାଇଛି ଏବଂ ଏହାର କେନ୍ଦ୍ରସ୍ଥଳ କୋକୋପୋଠାରୁ ଉତ୍ତର-ପୂର୍ବକୁ ୪୫ କିଲୋମିଟର ଦୂରରେ ଭୂପୃଷ୍ଠଠାରୁ ୧୦କିଲୋମିଟର ଗଭୀରତାରେ ଠାବ କରାଯାଇଛି। ଭୂକମ୍ପ ଅଧିକ କ୍ଷୟକ୍ଷତି କରିବା ଆଶଙ୍କା ଅଛି। କିନ୍ତୁ ବିକ୍ଷିପ୍ତ ଜନବସତି ପାଇଁ ମୃତାହତ ସଂଖ୍ୟା କମ୍ ହୋଇପାରେ ବୋଲି ୟୁଏସ୍‌ଜିଏସ୍ ପକ୍ଷରୁ ସୂଚନା ଦିଆଯାଇଛି। ଇଣ୍ଡୋନେସିଆର ପୂର୍ବକୁ ନ୍ୟୁ ଗିନିର ପୂର୍ବ ଅର୍ଦ୍ଧାଂଶରେ ପାପୁଆ ନ୍ୟୁ ଗିନି ଅବସ୍ଥିତ। ପ୍ରଶାନ୍ତ ମହାସାଗରର 'ରିଙ୍ଗ୍ ଅଫ୍ ଫାୟାର' ମଧ୍ୟରେ ଏହା ଅବସ୍ଥିତ ଥିବାରୁ ଅଧିକାଂଶ ସମୟରେ ଏଠାରେ ଭୂକମ୍ପ ଓ ଅଗ୍ନି ଉଦ୍‌ଗିରଣ ଘଟିଥାଏ।

୨୦୧୮ ଫେବୃୟାରୀରେ ପାପୁଆ ନ୍ୟୁ ଗିନିର କେନ୍ଦ୍ରଭାଗରେ ୭.୫ ତୀବ୍ରତାର ଭୂକମ୍ପ ହେବା ଯୋଗୁ ୧୨୫ ଜଣଙ୍କ ମୃତ୍ୟୁ ଘଟିବା ସହିତ ୩୫,୦୦୦ ଲୋକ ବାସଚ୍ୟୁତ ହୋଇଥିଲେ।

### ■ ସଂଘୀୟ ମେଣ୍ଟ ଫେରିବା ନେଇ କେସିଆର୍ ଆଶାବାଦୀ

# କେନ୍ଦ୍ରରେ କଂଗ୍ରେସକୁ ଡ୍ରାଇଭର ସିଟ୍ ଦେବୁନି

ନୂଆଦିଲ୍ଲୀ/ହାଇଦ୍ରାବାଦ୍,୧୪।୫



କେନ୍ଦ୍ରରେ ସରକାର ଗଠନ ପ୍ରକ୍ରିୟା ଜୋର୍ ଧରିବାରେ ଲାଗିଛି। କଂଗ୍ରେସ, ଭାଜପା ଓ ସଂଘୀୟ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ବିଜୟୀ ହେବାନେଇ ଆଶାବାନ୍ଧି ବସିଛନ୍ତି। କାହାକୁ ସଂଖ୍ୟାଗରିଷ୍ଠତା ମିଳିବ, କାହା ନେତୃତ୍ୱରେ କେନ୍ଦ୍ର ସରକାର ଗଠନ ହେବ, ସେନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଗଲାଣି। ତେବେ ଆଞ୍ଚଳିକ ଦଳଗୁଡ଼ିକୁ ନେଇ ଗଠିତ ସଂଘୀୟ ମେଣ୍ଟ ବିପୁଳ ବିଜୟ ହାସଲ କରିବ ବୋଲି ତେଲେଙ୍ଗାନା ରାଷ୍ଟ୍ରୀୟ ସମିତି ଅଧ୍ୟକ୍ଷ ତଥା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ(କେସିଆର୍) କହିଛନ୍ତି।

ମ୍ୟାଜିକ୍ ନମ୍ବରଠାରୁ ଆମେ ପଛରେ ରହିଲେ କଂଗ୍ରେସର ସମର୍ଥନ କଥା ବିଚାରକୁ ନେବୁ ବୋଲି ସେ ପ୍ରକାଶ କରିଛନ୍ତି। ଡ୍ରାଇଭର ଆସନ କଂଗ୍ରେସକୁ ଦେବୁ ନାହିଁ ବୋଲି ସେ ମତ ଦେଇଛନ୍ତି। ଅଣଭାଜପା ଓ ଅଣକଂଗ୍ରେସ ସଂଘୀୟ ମେଣ୍ଟ ସପକ୍ଷରେ ସେ ଯୁକ୍ତି ବାଢ଼ିଥିଲାବେଳେ କଂଗ୍ରେସ ବାହାରୁ ସରକାରକୁ ସମର୍ଥନ ଦେଇପାରିବ ବୋଲି କହିଛନ୍ତି। ନିର୍ବାଚନ ଫଳାଫଳ ଆସିବା ପରେ ଆଞ୍ଚଳିକ ଦଳଗୁଡ଼ିକ ଏକାଠି ବସି ସର୍ବସମ୍ମତିକ୍ରମେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବାଛିବେ। ଭାଜପା ସହ ସଂଘୀୟ ମେଣ୍ଟ କରିବାର ପ୍ରଶ୍ନ ଉଠୁନାହିଁ ବୋଲି କେସିଆର୍ କହିଛନ୍ତି। ଏସ୍‌ପି, ବିଏସ୍‌ପି, ୱାଇଏସ୍‌ଆର୍‌ସିପି, ଡିଏମ୍‌କେ ଓ ଟିଆର୍‌ଏସ୍ ଏଥିଲାଗି ପ୍ରସ୍ତୁତ ଥିବା ସେ ପ୍ରକାଶ କରିଛନ୍ତି। ଜେଡିୟୁ ଓ ବାମପନ୍ଥୀଙ୍କ ସହ ଆଲୋଚନା ଚାଲିଥିବା ସେ କହିଛନ୍ତି।

# ସଙ୍କୁଚିତ ହେଉଛନ୍ତି ଜହ୍ନମାମୁ

ୱାଶିଂଟନ,୧୪।୫

ଶହେ ନିୟୁତ ବର୍ଷ ମଧ୍ୟରେ ଚନ୍ଦ୍ରର ଆକାର ସଙ୍କୁଚିତ ହୋଇଛି। ଏହା ସହିତ ଏଥିରେ ବାରମ୍ବାର ଭୂକମ୍ପନ ମଧ୍ୟ ସୃଷ୍ଟି ହେଉଥିବା ନାସା ପକ୍ଷରୁ ସୂଚନା ଦିଆଯାଇଛି। ନାସାର ଲୁନାର ରିକୋନାଇସାନ୍ସ ଅର୍ବିଟର(ଏଲ୍‌ଆର୍‌ଓ) ସ୍ପେସ୍‌କ୍ରାଫ୍ଟ ଦ୍ୱାରା ଉତ୍ତୋଳିତ ୩,୫୦୦ ଫଟୋଚିତ୍ର ମିଳିଛି। କେତେକ ଫଟୋରେ ଭୂସ୍ଖଳନ, ଫାଟ ଓ ପଥରଖଣ୍ଡ ଜମା ହୋଇଥିବା ଭଳି ଚିତ୍ର ସ୍ପଷ୍ଟ ହୋଇଥିବାରୁ ଜହ୍ନମାମୁରେ ଅନେକ ସମୟରେ କମ୍ପନ ସୃଷ୍ଟି ହେଉଥିବା ବୈଜ୍ଞାନିକମାନେ ନିଶ୍ଚିତ ହୋଇଛନ୍ତି। ଇତିମଧ୍ୟରେ ଚନ୍ଦ୍ର ୫୦ ମିଟର ସଙ୍କୁଚିତ ହୋଇଥିବା ଏଥିରେ ଦର୍ଶାଯାଇଛି। ୪୫୦ କୋଟି ବର୍ଷ ତଳେ ଏହାର ଉତ୍ପତ୍ତି ସମୟର ତାପମାତ୍ରା ଏବଂ ବର୍ତ୍ତମାନର ତାପମାତ୍ରା ମଧ୍ୟରେ ଫରକ ଥିବା ଜାଣିବାକୁ ମିଳିଛି। ଚନ୍ଦ୍ରର ତାପମାତ୍ରା କମିବାରୁ ଏହାର ଆୟତନ ସଙ୍କୁଚିତ ହେଉଥିବା ଗବେଷକମାନେ ସୂଚନା ଦେଇଛନ୍ତି। ଏହା ସହିତ ଚନ୍ଦ୍ରରେ ଭୂକମ୍ପନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ୧୯୬୯ରୁ ୧୯୭୭ ମଧ୍ୟରେ ଚନ୍ଦ୍ରରେ ୨୮ଟି ଭୂକମ୍ପନ ହୋଇଥିବା ଗବେଷକମାନେ



ଅଧ୍ୟୟନ କରି ଜାଣିପାରିଛନ୍ତି। ଚନ୍ଦ୍ରରେ ସୃଷ୍ଟି ହେଉଥିବା ଭୂକମ୍ପନର ତୀବ୍ରତା ରିକ୍ଟର ସ୍କେଲରେ ୨ରୁ ୫ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି।

# ଶ୍ରୀଲଙ୍କାରେ ୩ ଉଗ୍ରପନ୍ଥୀ ଗୋଷ୍ଠୀ ନିଷିଦ୍ଧ

କଲମ୍ବୋ,୧୪।୫(ପି.ଟି)

ଶ୍ରୀଲଙ୍କା ସରକାର ନ୍ୟାଶନାଲ ଥୋହିଦ୍ ଜମାତ୍ (ଏନ୍‌ଟିଜେ) ସମେତ ଦୁଇଟି ଇସ୍‌ଲାମିକ୍ ଚରମପନ୍ଥୀ ଗୋଷ୍ଠୀକୁ ନିଷିଦ୍ଧ ଘୋଷଣା କରିଛନ୍ତି। ଏପ୍ରିଲ ୨୧ ଇଷ୍ଟର ପର୍ବରେ ଏନ୍‌ଟିଜେ ଦ୍ୱାରା ଆତଙ୍କବାଦୀ ଆକ୍ରମଣ ଫଳରେ ୨୫୦ରୁ ଊର୍ଦ୍ଧ୍ୱ ଲୋକ ନିହତ ହୋଇଥିଲେ। ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ଏକ ଉଲ୍ଲେଖଯୋଗ୍ୟ ଗ୍ୟାଜେଟ ଜାରି କରି ଏକାଧିକ ଚରମପନ୍ଥୀ ଗୋଷ୍ଠୀକୁ ନିଷିଦ୍ଧ ଘୋଷଣା କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଡ୍ରୋନ୍ ଉଡାଣ ନ କରିବାକୁ ମଧ୍ୟ ନିଷେଧାଜ୍ଞା ଜାରି କରାଯାଇଛି। ଗ୍ୟାଜେଟ ଅନୁଯାୟୀ, ନ୍ୟାଶନାଲ ଥୋହିଦ୍ ଜମାଥ(ଏନ୍‌ଟିଜେ), ଜମାଥି ମିଲାଥେ ଇବ୍ରାହିମ (ଜେଏମ୍‌ଆଇ) ଏବଂ ୱିଲାୟାଥ ଆସ୍ ସେୟଲାନି(ଡବ୍ଲ୍ୟୁଏଏସ୍) ସଂଗଠନଗୁଡିକୁ ନିଷିଦ୍ଧ କରାଯାଇଛି। ଏପ୍ରିଲ ୨୧ରେ ଶ୍ରୀଲଙ୍କାର ୩ଟି ଗୀର୍ଜା ଏବଂ କେତେକ ବିଳାସମୟ ହୋଟେଲରେ ୯ଟି ଆତ୍ମଘାତୀ ଆକ୍ରମଣ କରାଯିବା ଫଳରେ ୨୫୮ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରେ ୪୪ ବିଦେଶୀଙ୍କ ମଧ୍ୟରୁ ୧୦ଜଣ ଭାରତୀୟ ଥିଲେ। ୫୦୦ରୁ ଅଧିକ ଲୋକ ଆହତ ହୋଇଥିଲେ।

ଇସ୍‌ଲାମିକ୍ ଷ୍ଟେଟ୍ ଆତଙ୍କବାଦୀ ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲେ ହେଁ ଶ୍ରୀଲଙ୍କା ସରକାର ସ୍ଥାନୀୟ ଏନ୍‌ଟିଜେକୁ ଦୋଷାରୋପ କରିଆସୁଛନ୍ତି। ଉକ୍ତ ଘଟଣା ପାଇଁ ଏ ପର୍ଯ୍ୟନ୍ତ ୧୦୦୦ରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରାଗଲାଣି।

## ଜେଇଏମ୍ ଆତଙ୍କବାଦୀ ଗିରଫ




**ଶ୍ରୀନଗର,୧୪।୫:** ଜମ୍ମୁ-କଶ୍ମୀରରୁ ଜଣେ ଜୈଶ-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ଅବଦୁଲ୍ ମାଜିଦ୍ ବାବା। ଶ୍ରୀନଗରରୁ ତାଙ୍କୁ ଗିରଫ କରାଯିବା ପରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇଛି। ଫେରାର୍‌ଥିବା ଏହି ଆତଙ୍କବାଦୀଙ୍କୁ ଧରିବା ଲାଗି ଦିଲ୍ଲୀ ପୋଲିସ ପକ୍ଷରୁ ୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଦିଲ୍ଲୀ ପୋଲିସ ଆଣିବ ବୋଲି ଜଣାପଡ଼ିଛି।

### ଇତିହାସର ଆଇନାରେ

## ମେ ୧୫ର ପ୍ରମୁଖ ଘଟଣା

୧୯୭୬ ମେ ୧୫ରେ ଏରୋଫ୍ଲଟ ଫ୍ଲାଇଟ ୧୮୦୨ ଚେର୍ନିଭ ରାୟନ୍‌ର ଭିକ୍ଟୋରୋଭ୍‌କାଠାରେ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ୫୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ବାଣିଜ୍ୟିକ ବିମାନଟି ଭିନ୍ନିସିଆଠାରୁ ମସ୍କୋ ଯାତ୍ରା କରୁଥିଲା। ୫୨ ମୃତଯାତ୍ରୀଙ୍କ ମଧ୍ୟରେ ବିମାନ କର୍ମଚାରୀ ଅନ୍ତର୍ଭୁକ୍ତ ଥିଲେ।

୨୦୦୮ ମେ ୧୫ରେ ଆମେରିକାର କାଲିଫର୍ନିଆ ରାଜ୍ୟରେ ସମଲିଙ୍ଗୀ ବିବାହ ଆଇନସମ୍ମତ ହେଲା। ଦେଶର ସୁପ୍ରିମକୋର୍ଟ ପୂର୍ବ ନିଷେଧାଜ୍ଞାକୁ ଅଣସାମ୍ବିଧାନିକ ଘୋଷଣା ପରେ ୨୦୦୪ରେ ମାସାଚୁସେଟ୍ସ ରାଜ୍ୟରେ ସମଲିଙ୍ଗୀ ବିବାହକୁ ବିଧିସମ୍ମତ କରାଯାଇଥିଲା। ୨୦୦୮ ଜୁନ ୧୬ରେ ପ୍ରଥମକରି କାଲିଫର୍ନିଆରେ ସମଲିଙ୍ଗୀ ଦମ୍ପତିଙ୍କୁ ବିବାହ ଲାଇସେନ୍ସ ଜାରି କରାଯାଇଥିଲା।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୩.୧ |
| ଚାନ୍ଦବାଲି | ୩୯.୦ | ୨୮.୬ |
| କଟକ | ୩୯.୫ | ୨୫.୨ |
| ପାରାଦ୍ୱୀପ | ୩୩.୦ | ୨୮.୨ |
| ଭୁବନେଶ୍ୱର | ୩୯.୪ | ୨୬.୨ |
| ଗୋପାଳପୁର | ୩୩.୫ | ୨୫.୮ |
| ପୁରୀ | --- | ୨୭.୨ |
| ଅନୁଗୋଳ | ୪୦.୧ | ୨୪.୦ |
| ବାରିପଦା | ୩୬.୫ | ୨୪.୬ |
| ଝାରସୁଗୁଡ଼ା | ୪୧.୦ | ୨୫.୮ |
| କେନ୍ଦୁଝର | ୩୫.୨ | ୨୫.୧ |
| ସମ୍ବଲପୁର | ୪୦.୫ | ୨୬.୯ |
| ସୁନ୍ଦରଗଡ଼ | ୩୮.୦ | ୨୨.୦ |
| ହୀରାକୁଦ | ୩୯.୭ | ୨୭.୪ |
| ତାଳଚେର | ୪୨.୫ | ୨୬.୭ |
| ଭବାନୀପାଟଣା | ୩୮.୫ | ୨୨.୫ |
| ବଲାଙ୍ଗୀର | ୪୦.୨ | ୨୫.୩ |
| କୋରାପୁଟ | ୩୩.୬ | ୧୯.୪ |
| ଫୁଲବାଣୀ | ୩୯.୦ | --- |
| ଟିଟିଲାଗଡ଼ | ୪୧.୦ | ୨୩.୫ |
| ମାଲକାନଗିରି | ୩୭.୪ | ୧୮.୪ |
| ସୋନପୁର | ୪୧.୦ | ୨୩.୦ |
| ଦାରିଙ୍ଗିବାଡ଼ି | ୩୪.୫ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍


# ହାସ୍ୟ ଅଭିନୟ କରିବାକୁ ଆଗ୍ରହୀ



ନୀନା ଗୁପ୍ତା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା ହାସ୍ୟ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେ ୧୯୮୫ରେ ପ୍ରଥମକରି ଫିଲ୍ମ ଦୁନିଆରେ ପାଦ ଥାପିଥିଲେ। ତାହା ପରଠୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଅଭିନୟ ପାଇଁ ଅଫର ତାଙ୍କ ପିଛା ଛାଡିନି। ୨୦୧୮ରେ ତାଙ୍କ ଅଭିନୀତ ଫିଲ୍ମ ହେଉଛି 'ବଧାଇ ହୋ'। ୬୦ ବର୍ଷୀୟା ଅଭିନେତ୍ରୀ ବର୍ତ୍ତମାନ ହାସ୍ୟରସାତ୍ମକ ଅଭିନୟ କରିବାକୁ ଉତ୍କଣ୍ଠିତ ଥିବା ପ୍ରକାଶ କରିଛନ୍ତି। 'ପାଙ୍ଗା' ଅଥବା ଅକ୍ଷୟ କୁମାରଙ୍କ ଅଭିନୀତ 'ସୂର୍ଯ୍ୟବଂଶୀ'ରେ ନୀନା ମା' ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। କିନ୍ତୁ ସେ ଏଣିକି କମେଡି ରୋଲ୍‌ରେ ଦୃଶ୍ୟମାନ ହେବାକୁ ଚାହାନ୍ତି। ଏପରି କି ସେ ଅବସ୍ଥା ଓ ପରିସ୍ଥିତିକୁ ଚାହିଁ ଭଲ କମେଡି କରିପାରିବେ ବୋଲି ପ୍ରକାଶ କରିଛନ୍ତି। ଅଭିନୟ ପାଇଁ ତାଙ୍କୁ ଦୁଇଥର ଜାତୀୟ ପୁରସ୍କାର ମିଳିଛି। 'ବଧାଇ ହୋ' ପରେ ନେଟ୍‌ଫ୍ଲିକ୍ସ ଫିଲ୍ମ 'ମ୍ୟୁଜିକ୍ ଟିଚର', ଆମାଜନ୍ ପ୍ରାଇମ ଭିଡିଓ ୱେବ୍ ସିରିଜ୍ 'ମେଡ୍ ଇନ୍ ହେଭେନ' ଏବଂ ଫିଚର ଫିଲ୍ମ 'ଦି ଲାଷ୍ଟ କଲର'ରେ ନୀନାଙ୍କୁ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସେ ବ୍ୟସ୍ତତା ଭିତରେ ରହୁଥିବା ପ୍ରକାଶ କରିଛନ୍ତି।




# ବୁଢ଼ା ନଦୀରେ ବୁଡ଼ି ୨ ମୃତ

ଯାଜପୁର ଟାଉନ,୧୪।୫(ଡି.ଏନ୍.ଏ.)

ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତ ରୁଡିଆ ଆନିକଟ ବୁଢା ନଦୀରେ ମଙ୍ଗଳବାର ୨ଜଣ ଯୁବକ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଅପରାହ୍ନ ୩ଟାରେ ଯାଜପୁର ଟାଉନର ଫେମୁଲ ହୋଦାଙ୍କ ପୁଅ ଅନୱାର ହୁଲ (୨୦) ତାଙ୍କ ସାଙ୍ଗ କୁଆଖିଆ ରାଜେନ୍ଦ୍ରପୁରର ମୋଜସେମ୍(୨୦) ଓ ଅନ୍ୟ ୩ଜଣ ସାଙ୍ଗଙ୍କ ସହ ବୁଢ଼ାନଦୀ ଆନିକଟ ନିକଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବାବେଳେ ଅନୱାରଙ୍କ ଗୋଡ଼ ଖସି ଯିବାରୁ ସେ ନଦୀରେ ବୁଡ଼ିଯାଇ ଥିଲେ। ଏହାଦେଖି ମୋଜାସମ ତାଙ୍କୁ ରକ୍ଷା କରିବାକୁ ଯାଇ ନିଜେ ମଧ୍ୟ ବୁଡ଼ି ଯାଇଥିଲେ। ପରେ ଅନ୍ୟ ୩ଜଣ ସାଙ୍ଗ ଡରି ଯାଇ ଜୋରରେ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଖୋଜାଖୋଜି କରିଥିଲେ। ପ୍ରାୟ ୧ଘଣ୍ଟା ପରେ ଉଭୟଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ହସ୍ପିଟାଲରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ■ ‘ଫନୀ’କୁ ୧୨ ଦିନ ବିତିଲା

# ଏବେ ବି ବିଜୁଳି ଅପହଞ୍ଚ

ଭୁବନେଶ୍ୱର, ୧୪।୫(ବ୍ୟୁରୋ)


- ଆଜି ପୁରୀ, କୋଣାର୍କକୁ ଆସିପାରେ ବିଜୁଳି
- ଆଜିଠୁ ଖୋଲିବ ଆହାର କେନ୍ଦ୍ର
- ସହରାଞ୍ଚଳର କ୍ଷତି ୫୨୪ କୋଟି
- ୨୯୧ କି.ମି. ଡ୍ରେନ୍, ୨୭ ଆହାର କେନ୍ଦ୍ର ନଷ୍ଟ
- ବୈଷୟିକ ଶିକ୍ଷା ବିଭାଗର ୫୧ ଅନୁଷ୍ଠାନ କ୍ଷତିଗ୍ରସ୍ତ
- ବୋଲଗଡ଼ରେ ଝାଡ଼ାବାନ୍ତି

ରାଜ୍ୟରେ ଅସହ୍ୟ ଗରମ ଓ ଗୁଳୁଗୁଳି ଲାଗି ରହିଛି। ବାତ୍ୟା ‘ପନୀ’ ଯିବାର ୧୨ ଦିନ ବିତିଗଲାଣି। ଏପର୍ଯ୍ୟନ୍ତ ପୁରୀ ଓ ଭୁବନେଶ୍ୱର ସହରରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରିନାହିଁ। ପୁରୀ ସହରକୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ପହଞ୍ଚି ନ ଥିବାବେଳେ ଭୁବନେଶ୍ୱର ସହରାଞ୍ଚଳରେ ୯୫ ପ୍ରତିଶତ ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଅଳ୍ପ କେତେକ ଅଞ୍ଚଳକୁ ବାଦ୍ ଦେଲେ ସହରାଞ୍ଚଳର ସମସ୍ତ ଭାଗରେ ବିଦ୍ୟୁତ୍ ପୁନଃସଂଯୋଗ ଦିଆଯାଇଛି। ବୁଧବାର ପୁରୀ ଓ କୋଣାର୍କ ସହରକୁ ବିଦ୍ୟୁତ୍ ଯୋଗାଣ ଆରମ୍ଭ ହେବ ବୋଲି ସରକାର ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପୁରୀକୁ ଯାଇଥିବା ୧୩୨ କେଭି ବିଦ୍ୟୁତ୍ ଖୁଣ୍ଟ ନଷ୍ଟ ହୋଇଥିବାରୁ ଯୋଗାଣରେ ବିଳମ୍ବ ହେଉଛି ବୋଲି ମଙ୍ଗଳବାର ସୂଚନାଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକସମ୍ପର୍କ ସଚିବ ସଞ୍ଜୀୟ ସିଂ କହିଛନ୍ତି। ସେ କହିଛନ୍ତି ଯେ, ଭୁବନେଶ୍ୱରର ବିସିଡିଡି–୧ର ୪୪ଟି ଫିଡ଼ର କାର୍ଯ୍ୟକ୍ଷମ କରାଯାଇ ଏହା ଅଧୀନରେ ଥିବା ସମସ୍ତ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ସେହିପରି ବିସିଡିଡି–୨ରେ ୬୬ଟି ଫିଡ଼ର କାର୍ଯ୍ୟକ୍ଷମ ହୋଇଛି। ଏହି ଡିଭିଜନରେ ଥିବା ୯୭ହଜାର ଉପଭୋକ୍ତାଙ୍କ ମଧ୍ୟରୁ ୯୫ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ବିଇଡ଼ିରେ ୨୬ଟି ଫିଡ଼ର ରହିଛି। ଏଥିରେ ୧୧ଟି ସହରାଞ୍ଚଳରେ ଥିବାବେଳେ ୧୫ଟି ଗ୍ରାମାଞ୍ଚଳରେ ରହିଛି। ଏହି ଡିଭିଜନରେ ଥିବା ୮୭ହଜାର ଉପଭୋକ୍ତାଙ୍କ ମଧ୍ୟରୁ ୮୦ହଜାରଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଉତ୍ତରା, ବାରଙ୍ଗ, କଳିଙ୍ଗନଗର, ଚନ୍ଦକା ଓ କେତେକ ବହୁତଳ ଆପାର୍ଟମେଣ୍ଟକୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଇ ଦିଆଯାଇ ନ ଥିବା ସିଂ ସୂଚନା ଦେଇଛନ୍ତି। ପୁରୀକୁ ଯାଇଥିବା ୨୨୦ କେଭି ଲାଇନର ୭୫ଟି ଟାୱାର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଚନ୍ଦକା ପୁରୀ ଲାଇନ୍‌ର ୧୩୨ କେଭିର ୨୫ଟି ଟାୱାର ନଷ୍ଟ ହୋଇଛି। ଖୋର୍ଦ୍ଧା ଓ ପୁରୀ ୩୨ କେଭି ଲାଇନ୍‌ର ୩୦ଟି ଟାୱାର କ୍ଷତିଗ୍ରସ୍ତ ହୋଇଛି। ନୂଆ ଟାୱାର ଜରିଆରେ ବିଦ୍ୟୁତ୍ ଯୋଗାଣ କରାଯିବ। ଏଥିପାଇଁ ୪୫ଟି ଗ୍ୟାଙ୍ଗ ଦିନରାତି କାମ କରୁଛନ୍ତି।

ବାତ୍ୟା ଯୋଗୁ ସହରାଞ୍ଚଳରେ ହୋଇଥିବା କ୍ଷତି ସମ୍ପର୍କରେ ସୂଚନା ଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ସଚିବ ଜି. ମାଥିଭାଥନନ କହିଛନ୍ତି ଯେ, ବାତ୍ୟାରେ ୧୩ଟି ଜିଲାର ୫୩ଟି ପୌରାଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ପାର୍କ, ଆହାର କେନ୍ଦ୍ର, ଟ୍ରାନ୍‌ଜିଟ୍ ହାଉସ୍, ଷ୍ଟ୍ରିଟ୍‌ଲାଇଟ୍, ଡ୍ରେନ, ରାସ୍ତା, କଲଭର୍ଟ ଆଦି କ୍ଷତିଗ୍ରସ୍ତ ହୋଇଛି। କଟକ, ଭୁବନେଶ୍ୱର ସମେତ ୧୩ଟି ଜିଲାର ୨୨ ପୌରାଞ୍ଚଳରେ ୨୯୧ କିଲୋମିଟର ଡ୍ରେନ୍, ୭୫୦କିମି ରାସ୍ତା, ୨୬୭କିମି କଲଭର୍ଟ, ୨୭ଟି ଆହାର କେନ୍ଦ୍ର ଏବଂ ୨୬,୮୨୧ ଏଲ୍‌ଇଡି ଲାଇଟ୍ ନଷ୍ଟ ହୋଇଛି। ଏସବୁକୁ ହିସାବ କଲେ ୫୩ଟି ପୌରାଞ୍ଚଳର ୫୨୪କୋଟି ଟଙ୍କାର କ୍ଷତି ହୋଇଛି। ବାତ୍ୟା ପରଠାରୁ ବନ୍ଦ ହୋଇଥିବା ଆହାର କେନ୍ଦ୍ର ବୁଧବାରଠାରୁ ଆରମ୍ଭ ହେବ। ପୂର୍ବଭଳି ସକାଳ ୧୧ଟାଠାରୁ କାର୍ଯ୍ୟକ୍ଷମ ହେବ। ବାତ୍ୟାଯୋଗୁ ବଡ଼ ବଡ଼ ପାର୍କ ନଷ୍ଟ ହୋଇଥିଲା। ସେଗୁଡ଼ିକରୁ ଅଧିକାଂଶ ପୁନରୁଦ୍ଧାର କରାଯାଇ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯାଇଛି। ବିଭିନ୍ନ ସ୍ଥାନରୁ କଠିନ ବର୍ଜ୍ୟବସ୍ତୁ ହଟାଇବା ପାଇଁ ୫୦୦୦ ପରିମଳ କର୍ମଚାରୀ, ୬୦୦ ଅଫିସର, ୯୪୩ ଜେସିବି, ଟ୍ରାକ୍ଟର, ଡମ୍ପର ଆଦି କାର୍ଯ୍ୟରେ ଲଗାଯାଇଛି। ବିଏମ୍‌ସିରୁ ଏପର୍ଯ୍ୟନ୍ତ ୪୯୦୦ ଟ୍ରିପ୍ ଏବଂ କଟକରୁ ୧୩୦୦୦ ଟ୍ରିପ୍ ବର୍ଜ୍ୟବସ୍ତୁ ହଟାଯାଇଛି। ପାନୀୟ ଜଳ ସମସ୍ତ ସହରକୁ ସ୍ୱାଭାବିକ କରାଯାଇଛି ବୋଲି ସେ କହିଛନ୍ତି। ଯଦି କୌଣସି ଅଞ୍ଚଳକୁ ପାନୀୟ ଜଳ ପହଞ୍ଚିନାହିଁ ତେବେ ସେମାନେ ୧୯୧୬କୁ ଫୋନ୍ କରି ଅଭିଯୋଗ ଜଣାଇପାରିବେ। ଭୁବନେଶ୍ୱରରେ ଏପର୍ଯ୍ୟନ୍ତ ୨୩୬୪ଟି ଅଧା ଉପୁଡ଼ା ଗଛକୁ ସିଧା କରାଯାଇଛି। ବାତ୍ୟା ଯୋଗୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୫୧ଟି ଅନୁଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ୩୦.୫୭ କୋଟି ଟଙ୍କା କ୍ଷତି ବୋଲି ପ୍ରାଥମିକ ଆକଳନ କରାଯାଇଛି। ଟେଲି ଯୋଗାଯୋଗରେ ସୁଧାର ଆସିଛି। ଖୋର୍ଦ୍ଧାରେ ୯୯ ଟେଲିଫୋନ୍ ଏକ୍ସଚେଞ୍ଜରୁ ୯୨ଟି କାର୍ଯ୍ୟକ୍ଷମ ହୋଇଥିଲାବେଳେ ପୁରୀ ଜିଲାର ୪୧ରୁ ୨୯ ଏବଂ କଟକ ସହରର ସମସ୍ତ ୭୭ଟି କାର୍ଯ୍ୟକ୍ଷମ ହୋଇଥିବା ସଞ୍ଜୀୟ ସିଂ ସୂଚନା ଦେଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲାରେ ୬୫ ପ୍ରତିଶତ ମୋବାଇଲ୍ ଟାୱାର କାର୍ଯ୍ୟକ୍ଷମ ଥିବାବେଳେ ପୁରୀ ୪୨ପ୍ରତିଶତ ଏବଂ କଟକରେ ୮୧ ପ୍ରତିଶତ କାର୍ଯ୍ୟକ୍ଷମ ରହିଛି। ଆସନ୍ତା ୨ଦିନ ମଧ୍ୟରେ ନେଟ୍‌ୱର୍କ ଶତପ୍ରତିଶତ ଆସିପାରେ ବୋଲି ସେ କହିଛନ୍ତି। ପୁରୀ ଓ ଭୁବନେଶ୍ୱରରେ ବାତ୍ୟା ନିରୋଧୀ ଟେଲିକମ୍ ଏବଂ ଶକ୍ତିବିଭାଗର ଭିତ୍ତିଭୂମି ସ୍ଥାପନ କରିବା ପାଇଁ ମଙ୍ଗଳବାର କେନ୍ଦ୍ର ଟେଲିକମ୍ ସଚିବଙ୍କ ସହ ଆଲୋଚନା କରାଯାଇଛି। ଖୋର୍ଦ୍ଧା ଜିଲାର ବୋଲଗଡ଼ରେ ୪ଟି ସାହିରେ ଭୋଜି ଖାଇବା ପରେ ଝାଡ଼ାବାନ୍ତି ହୋଇଥିବା ଖବର ମିଳିବା ପରେ ୩ଟି ମେଡ଼ିକାଲ ଟିମ୍ ସେଠାକୁ ଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛନ୍ତି। ପୁରୀର ଗୋଲା ଏବଂ ଭୋଇସାହିରେ ଏଭଳି ଅଭିଯୋଗ ଆସିବା ପରେ ସେଠାକୁ ମୋବାଇଲ୍ ହେଲ୍‌ଥ ଟିମ୍ ପଠାଯାଇଛି। ରିଲିଫ୍ ଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କ୍ଷତିଗ୍ରସ୍ତ ୫ଟି ଜିଲା ଓ ବିଏମ୍‌ସି ଅଞ୍ଚଳରେ ୧୭,୯୨,୧୨୫ ଉପଭୋକ୍ତାଙ୍କ ମଧ୍ୟରୁ ୧୬, ୧୦, ୯୬୮ଜଣଙ୍କୁ ଆର୍ଥିକ ସହାୟତା ଦିଆଯାଇଥିବାବେଳେ ୧୫, ୪୪, ୦୦୭ଜଣଙ୍କୁ ଚାଉଳ ଏବଂ ୪,୧୪,୩୦୬ ଜଣଙ୍କୁ ପଲିଥିନ୍ ଦିଆଯାଇଛି।

## ଗଛ ପକାଇ ମାଓବାଦୀଙ୍କ ରାସ୍ତା ଅବରୋଧ

**ବାଲିଗୁଡ଼ା,୧୪।୫(ଡି.ଏନ୍.ଏ.):** କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ମାଓବାଦୀମାନେ ପୁଣି ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ସୋମବାର ମଧ ରାତିରେ ବାଲିଗୁଡ଼ା-କନ୍ଧମାଳ ମୁଖ୍ୟରାସ୍ତାର ପରୁଭଙ୍ଗା ଘାଟିରେ ଗଛକାଟି ରାସ୍ତା ଅବରୋଧ କରିଥିଲେ। ସେଠାରେ ପୋଷ୍ଟର ମଧ ଛାଡି ଯାଇଥିଲେ। ମଙ୍ଗଳବାର ସକାଳୁ ଏହା ଜଣାପଡ଼ିଥିଲା। ରାସ୍ତା ଉପରେ ଗଛ ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ବିଭିନ୍ନ ଗାଡ଼ି ଚାଳକ, ଯାତ୍ରୀ ଓ ଆଖପାଖ ଜନସାଧାରଣ ମିଶି ରାସ୍ତାରୁ ଗଛ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ତଥାପି ଲୋକଙ୍କ ମଧରେ ଭୟ ରହିଛି। ରାସ୍ତା ଅବରୋଧସ୍ଥଳରେ କେକେବିଏନ୍ ସଙ୍ଗଠନ ପକ୍ଷରୁ ଲଗା ଯାଇଥିବା ପୋଷ୍ଟରରେ ମେ ୧୩ ତାରିଖକୁ ସୁଡ୍ଡୁକୁମ୍ପା ଶହୀଦ ସାଥୀଙ୍କ ସ୍ମରଣ ଦିନ ଭାବେ ପାଳନ କରିବା ଓ ସୁଡ୍ଡୁକୁମ୍ପା ଶହୀଦ ସାଥୀଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ମେ ୧୫ରେ ୨୪ ଘଣ୍ଟିଆ କେକେବିଏନ୍ ଡିଭିଜନ୍ ବନ୍ଦକୁ ସଫଳ କରିବାକୁ ମାଓବାଦୀମାନେ ଆହ୍ୱାନ ଦେଇଛନ୍ତି। ସୁଡ୍ଡୁକୁମ୍ପା ଶହୀଦ ସାଥୀଙ୍କ ପ୍ରତିଶୋଧ ନେବା ପାଇଁ ପିଏଲ୍‌ଜିଏରେ ଭର୍ତ୍ତିହେବା, ପୋଲିସ୍‌ର ଦମନ ଅତ୍ୟାଚାର ବିରୋଧରେ ଜନତା ସଶସ୍ତ୍ର ସଂଘର୍ଷକୁ ଜୋରଦାର କରିବା ଏବଂ ପୋଲିସ୍ ପାଖରେ ଆତ୍ମସମର୍ପଣ କରିଥିବା ପ୍ରତିବିପ୍ଳବୀ ରଙ୍ଗି ଓ ରାକେଶଙ୍କୁ ଜନତା କ୍ଷମା ନ ଦେବାକୁ ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଷ୍ଟର ଶେଷରେ କେକେବିଏନ୍ ଡିଭିଜନାଲ୍ କମିଟି, ଭାକପା (ମାଓବାଦୀ) ବୋଲି ଉଲ୍ଲେଖ ରହିଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ମାମୁନ
ପରିବାରବର୍ଗ


ରାନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୩ ବର୍ଷର ନାବାଳିକା ୭ ମାସ ଗର୍ଭବତୀ

**ଜୟପୁର, ୧୪।୫(ଡି.ଏନ୍.ଏ.):** ଜଣେ ବିବାହିତ ବ୍ୟକ୍ତି ଜନୈକା ୧୩ବର୍ଷର ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଓ ସମ୍ପୃକ୍ତ ନାବାଳିକା ଏବେ ୭ ମାସର ଗର୍ଭବତୀ ହେବା ଘଟଣା ଏଠାରେ ଆଲୋଚ୍ୟ ବିଷୟ ହୋଇଛି। ଅଭିଯୁକ୍ତ ଜଣକ ଏବେ ବାହାର ରାଜ୍ୟରେ କାମ କରିବାକୁ ଚାଲିଯାଇଛନ୍ତି। କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ତଥା ବି.ସିଙ୍ଗପୁର ଥାନା ଅଧୀନ ଏକ ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅଭିଯୁକ୍ତ ଉଦ୍ଧବ ସରକାରଙ୍କ ନାଁରେ ଏତଲା ଦିଆଯାଇଛି। ଉଦ୍ଧବ ବିବାହିତ ଏବଂ ଘରେ ତାଙ୍କର ୨ଟି ସନ୍ତାନ ମଧ୍ୟ ରହିଥିବା ଜଣାପଡ଼ିଛି।

# ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ଅବତରଣ କଲା ବିମାନ

**ଢେଙ୍କାନାଳ ଅଫିସ, ୧୪।୫**

- ପଶ୍ଚିମବଙ୍ଗ ବାୟୁସେନା ଶାଖା ବ୍ୟବହାର କରିବା ସମ୍ଭାବନା
- ୧୬ରେ ସ୍ଥିତି ପରଖିବେ ଅଧିକାରୀ


ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ବିମାନ ଅବତରଣ କରିଛି।

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ଏୟାରଷ୍ଟ୍ରିପ୍‌କୁ ପଶ୍ଚିମବଙ୍ଗର ଭାରତୀୟ ବାୟୁସେନା ଶାଖା ବ୍ୟବହାର କରିବା ସମ୍ଭାବନା ରହିଛି। ଏହାକୁ ନେଇ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି ପ୍ରକ୍ରିୟା। ମଙ୍ଗଳବାର କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ବିଭାଗ ତାଲିମ ପ୍ରତିଷ୍ଠାନର ଚିଫ୍ ଫ୍ଲାଇଟ୍ ଇନ୍‌ଷ୍ଟ୍ରକ୍ଟର କ୍ୟାପଟେନ୍ ଓ.ବି.କେ. ସିଂଙ୍କ ନେତୃତ୍ୱରେ କ୍ୟାପ୍‌ଟେନ ଓମ୍‌ପ୍ରକାଶ ସୁରୀ, ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ମନୋଜ କୁମାର ରାୟଙ୍କ ସମେତ ୨ଜଣ ପ୍ରଶିକ୍ଷାର୍ଥୀ ଏକ ସ୍ୱତନ୍ତ୍ର ବିମାନରେ ଏୟାରଷ୍ଟ୍ରିପରେ ଅବତରଣ କରିବା ସହ ସ୍ଥିତି ପରଖିଛନ୍ତି। ଆସନ୍ତା ୧୬ ତାରିଖରେ ବାୟୁସେନା ଅଧିକାରୀମାନେ ଏଠାକୁ ଆସି ଭିତ୍ତିଭୂମି ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲାର ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକର ବୀରାଶାଳରେ ୫୦ ଏକର ପରିମିତ ଅଞ୍ଚଳରେ ରହିଛି ପୁରାତନ ଏୟାରଷ୍ଟ୍ରିପ୍। ଏଠାରେ ଇନ୍ଦିରା ଗାନ୍ଧୀ, ବିଜୁ ପଟ୍ଟନାୟକଙ୍କ ଭଳି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିମାନରେ ଅବତରଣ କରିଛନ୍ତି। ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ଏହା ପରିତ୍ୟକ୍ତ ହୋଇପଡ଼ିଥିଲା। ଦୀର୍ଘଦିନ ପରେ ଏହା ଉପରେ ନଜର ପକାଇଥିଲା ବେସାମରିକ ବିମାନ ଚଳାଚଳ ବିଭାଗ। ଏୟାରଷ୍ଟ୍ରିପକୁ ବିମାନ ଉଡାଣ ତାଲିମ କେନ୍ଦ୍ର ପାଇଁ ବ୍ୟବହାର କରିବାକୁ ପ୍ରସ୍ତୁତ କରାଯାଇଥିଲା ବ୍ଲୁପ୍ରିଣ୍ଟ। ୨୦୧୭-୧୮ ଆର୍ଥିକ ବର୍ଷରେ ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୯ କୋଟି ୧୮ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ଏହାର ଭିତ୍ତିଭୂମି ବିକାଶ ଦାୟିତ୍ୱ ନେଇଥିଲା ପୂର୍ତ୍ତ ବିଭାଗ। ଯୁଦ୍ଧକାଳୀନ ଭିତ୍ତିରେ ରନ୍‌ୱେ, ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ କରାଯାଇଥିଲା। ଏଥିସହ ୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ସୁରକ୍ଷା ପାଚେରି। ୨୦୧୮-୧୯ରେ ସମସ୍ତ କାର୍ଯ୍ୟ ଶେଷ ହେବାପରେ ବିମାନ ଉଡାଣ ତାଲିମ ପାଇଁ ଏନ୍‌ଓସି ମଧ୍ୟ ମିଳିସାରିଛି। ଅପରପକ୍ଷେ ଭୁବନେଶ୍ୱରରୁ ତାଲିମ ପାଇଁ ପାଇଲଟମାନେ ଏଠାକୁ ଆସି ବିମାନ ଅବତରଣ କରିବା କୌଶଳ ଶିଖିବେ। ଏଥିସହ ପୁନର୍ବାର ଭୁବନେଶ୍ୱର ଅଭିମୁଖେ ଉଡ଼ାଣ କରିବା ଯୋଜନା ମଧ୍ୟ ରହିଛି। ଦୀର୍ଘଦିନର ପ୍ରତୀକ୍ଷା ପରେ ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ବିମାନ ଅବତରଣ କରିଥିବାରୁ ଜିଲାବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ବୀରାଶାଳ ଏୟାରଷ୍ଟ୍ରିପ୍‌କୁ ବିମାନ ଉଡ଼ାଣ ତାଲିମ ପାଇଁ ବ୍ୟବହାର କରାଯିବାକୁ ଯୋଜନା ରହିଛି। ଆବଶ୍ୟକ ଅନୁଯାୟୀ ଏହାର ଉନ୍ନତୀକରଣ କରାଯାଇଛି। ମଙ୍ଗଳବାର ବେସାମରିକ ବିମାନ ଚଳାଚଳ ବିଭାଗର ଅଧିକାରୀମାନେ ଏୟାରଷ୍ଟ୍ରିପ୍ ପରିଦର୍ଶନ କରି ଫେରିଥିବା ସେ ସୂଚନା ଦେଇଛନ୍ତି।

# ୨୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ରାଜ୍ୟ ସଂଗ୍ରହାଳୟ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟ ସଂଗ୍ରହାଳୟ ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ପୂର୍ବରୁ ୧୫ତାରିଖ ପର୍ଯ୍ୟନ୍ତ ସଂଗ୍ରହାଳୟକୁ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବା ବେଳେ ମରାମତି କାମ ଶେଷ ହୋଇ ନ ଥିବାରୁ ପୁଣିଥରେ ଏହାକୁ ଘୁଞ୍ଚାଇ ଦିଆଯାଇଛି। ସଂଗ୍ରହାଳୟ ଉଦ୍ୟାନ, ସୌନ୍ଦର୍ଯ୍ୟକରଣ, ଝରକା ରେଲିଂ ସହ କେତେକ ଗ୍ୟାଲେରୀର କିଛି ଅଂଶ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିବାରୁ ମରାମତିରେ ବିଳମ୍ବ ହେଉଥିବା କୁହାଯାଇଛି। ସେହିଭଳି ବିଦ୍ୟୁତ୍ ଓ ପାନୀୟ ଜଳଯୋଗାଣ ସ୍ୱାଭାବିକ ହେବାର ଆବଶ୍ୟକତା ରହିଛି। ସଂଗ୍ରହାଳୟର ଅଧିକାଂଶ ଏସି ଖରାପ ହୋଇଯାଇଛି, ଯାହାକି ଏ ପର୍ଯ୍ୟନ୍ତ ସଜଡ଼ା ଯାଇପାରିନାହିଁ। ତେଣୁ ପରିସ୍ଥିତି ସ୍ୱାଭବିକ ନ ହେବା ପର୍ଯ୍ୟନ୍ତ ରାଜ୍ୟ ସଂଗ୍ରହାଳୟକୁ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ ରଖାଯିବ ବୋଲି ଅଧୀକ୍ଷକଙ୍କ ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ ବାତ୍ୟାରେ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ କିନ୍ତୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। 'ଫନୀ' ଦ୍ୱାରା ମ୍ୟୁଜିୟମ୍‌ର ସବୁଜିମା ପରିପୂର୍ଣ୍ଣ କ୍ୟାମ୍ପସ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବେଳେ ଏଠାରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିଲା। ହେଲେ ବାତ୍ୟା ପରଦିନଠାରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇ ସଂଗ୍ରହାଳୟର ୫ ମୁଖ୍ୟ ପ୍ରକୋଷ୍ଠ ଏବେ ଖୋଲାଯାଇଛି। ମାତ୍ର ରାଜ୍ୟ ସଂଗ୍ରହାଳୟର ଆଭ୍ୟନ୍ତରୀଣ ଓ ଗ୍ୟାଲେରୀ ସେଭଳି କ୍ଷତିଗ୍ରସ୍ତ ହୋଇ ନ ଥିଲେ ମଧ୍ୟ କ'ଣ ପାଇଁ ଏତେଦିନ ପର୍ଯ୍ୟନ୍ତ ବନ୍ଦ ରହିଛି, ତାହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଏହାସହ ଗଣମାଧ୍ୟମ ପ୍ରତିନିଧିଙ୍କୁ ସଂଗ୍ରହାଳୟ ଭିତରକୁ ଛଡ଼ା ନ ଯିବା ଆହୁରି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୩୪ ବୁଥ୍‌ରେ ସାନି ମତଦାନ କାହା ସ୍ୱାର୍ଥରେ: ଭାଜପା

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଏକ ଖବରଦାତା ସମ୍ମିଳନୀ କରି ଆସନ୍ତା ୧୯ରେ ୩୪ଟି ବୁଥ୍‌ରେ ସାନି ମତଦାନ ହେବ ବୋଲି ଘୋଷଣା କରିଥିଲେ। ହେଲେ କେନ୍ଦ୍ରୀୟ ମୁଖ୍ୟ ନିର୍ବାଚନ ଆୟୋଗ ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହାନ୍ତି। ତେବେ କାହା ସ୍ୱାର୍ଥରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ସାନି ମତଦାନ କରିବା ପାଇଁ ଯାଉଛନ୍ତି ବୋଲି ଭାଜପା ପ୍ରଶ୍ନ କରିଛି। ଯେଉଁ ବୁଥ୍‌ରେ ଭାଜପା ଭଲ କରିବାର ଥିଲା ବିଜେଡି ସେହିଭଳି ୬୪ଟି ବୁଥ୍‌ରେ ରିଗିଂ ଏବଂ କ୍ୟାପଚରିଂ କରିଛି। ଏହି ସବୁ ବୁଥରେ ଆଉ ଥରେ ମତଦାନ କରିବା ଦାବିରେ ସମସ୍ତ ତଥ୍ୟ ପ୍ରମାଣ ସହ ଭାଜପା ଦାବିକରିଥିଲା। କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। କୌଣସି ରାଜନୈତିକ ଦଳ ସେହି ୩୪ ବୁଥ୍‌ରେ ସାନି ମତଦାନ ପାଇଁ ଦାବି କରିନାହାନ୍ତି। ବେଆଇନ ଭାବେ କେନ୍ଦ୍ରୀୟ ନିର୍ବାଚନ କମିଶନଙ୍କ ବିନା ଅନୁମତି ମୁଖ୍ୟ ନିର୍ବାଚନ ଅଧିକାରୀ ସାନି ନିର୍ବାଚନ ପାଇଁ ନିଷ୍ପତ୍ତି ନେଲେ? ଏହା ବିରୋଧରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସାନି ମତଦାନ ହେବାକୁ ଥିବା ବୁଥ୍‌ରେ ବିଜେଡି ବର୍ତ୍ତମାନ ଟଙ୍କା ଓ ବାହୁବଳରେ ଦେଖାଇ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଛି। ତେଣୁ ଏହି ବୁଥ୍‌ଗୁଡିକରେ ସୁରକ୍ଷା ଦେବା ପାଇଁ ସିସିଟିଭି ମାଧ୍ୟମରେ କଡା ନଜର ରଖିବା ଏବଂ ସଶସ୍ତ୍ର ବଳକୁ ମୁତୟନ କରିବାକୁ ଭାଜପା ପ୍ରତିନିଧି ଦଳ ଦାବି କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କାମଗୁଡ଼ିକୁ ସମ୍ପନ୍ନ କରିବାରେ କିଛି ଅସୁବିଧା ହେବନାହିଁ। ରହିଯାଇଥିବା ଫାଇଲ କାମଟିକୁ ଆଜିହିଁ ଆରମ୍ଭ କରିବାକୁ ମନ ବଳାଇବେ ଓ ଶେଷ ମଧ୍ୟ କରିପାରିବେ। ବନ୍ଧୁମାନଙ୍କ ପରାମର୍ଶ ଅନୁସାରେ ପାରିବାରିକ ଝମେଲା ସମାଧାନ ଆଡ଼କୁ ଗତି କରିବ। କୃଷି, ବ୍ୟବସାୟ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ଘରେ କିମ୍ବା ଅଫିସରେ ଏକ ସାଧାରଣ କଥାରେ ବିତର୍କ ହୋଇପାରେ। ସାଂଗଠନିକ କିମ୍ବା ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ବ୍ୟବସାୟ, ପରିବହନ ଓ ନିର୍ମାଣ, ଜମିଜମା କିମ୍ବା ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ** ପାରିବାରିକ ସମସ୍ୟାର ସମାଧାନ ଘଟିବ, କିନ୍ତୁ ଏଥିପାଇଁ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡିବ। ବନ୍ଧୁମାନଙ୍କ ସହ ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କଥାକୁ କେନ୍ଦ୍ର କରି ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ।

**କର୍କଟ** ଆଜିର କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବ୍ୟବସାୟରେ ପ୍ରଚୁର ଲାଭରୁ ମନ ଖୁସି ରହିବ। ଅଫିସ୍ କାମର ବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କଚେରି ମାମଲା ମନ୍ଥର ହୋଇପାରେ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ସିଂହ** ବନ୍ଧୁଙ୍କ ସାହାଯ୍ୟ ଆଜି ଆପଣଙ୍କ କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଅର୍ଥର ଅଭାବ ଲାଗି ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନିଜକୁ ଖାପ ଖୁଆଇ ଚଳିବା ଭଲ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ।

**କନ୍ୟା** ସମସ୍ୟା ଜଡିତ ହେଲେ ମଧ୍ୟ ପ୍ରତ୍ୟେକ କାମକୁ କୌଶଳରେ ହାସଲ କରିପାରିବେ। ଯାନବାହନରେ ଲାଭ, ଦୋକାନ ବାଡିରେ ଉନ୍ନତି, ଅଚାନକ ଗୃହ ଭୂମି ଲାଭ ଯୋଗ ରହିଛି। କିନ୍ତୁ ଆଳସ୍ୟ ଓ ଅବହେଳିତ କାମରୁ ନିରାଶ ହେବାକୁ ପଡ଼ିପାରେ। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ତୁଳା** ସକାଳୁ ସକାଳୁ କୌଣସି ଖବର ପାଇ ମନ ଖୁସି ହୋଇଯିବ। କଳା, ସଙ୍ଗୀତ ଆସର, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ବହୁତ ଅନୁନୟ ବିନୟ ପରେ ଧାର ସୂତ୍ରରେ ଅର୍ଥ ପାଇବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜି କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। ଅନ୍ୟମାନଙ୍କ କ୍ଷେତ୍ରରେ ପାରିବାରିକ ସମ୍ପର୍କ ମଧୁର ରହିବ।

**ଧନୁ** ଆଜି ଦିନଟିରେ ଆପଣଙ୍କୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବୃଥା ଭାବନାରେ ଭାସିଯାଇ ମାନସିକ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଖୁସି ରହିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମକର** ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଏବଂ ଆଜି ଯାହାକୁ ଯାହା ମାଗିବେ ସେହି ବ୍ୟକ୍ତି କଦାପି ମନା କରିବେ ନାହିଁ। ଅବଶ୍ୟ ପରିବାରର ଲୋକମାନେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଭୁଲ୍ ବୁଝିବେ। କର୍ମକ୍ଷେତ୍ରରେ ପରସ୍ପର ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅଭାବ ଭିତରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**କୁମ୍ଭ** ଚାହୁଁଥିବା କାମଟି ଠିକ୍ ସମୟରେ ନ ହୋଇପାରିବା କାରଣରୁ ମନ ଭଲ ଲାଗିବ ନାହିଁ। ପିଲାମାନଙ୍କ ବୈବାହିକ କର୍ମ ପାଇଁ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିର କରିବା ସକାଶେ ଚିନ୍ତା କରିପାରନ୍ତି। କେତେକ ସାଧାରଣ ଅସୁବିଧା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବ୍ୟବସାୟ ଓ ପରିବହନ ପାଇଁ କୌଣସି ଅସୁବିଧା ହେବନାହିଁ।

**ମୀନ** ସାମାଜିକ ସ୍ତରରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ସଭାସମିତିରେ ସଫଳତା ହାସଲ କରିବେ। ସ୍ୱାସ୍ଥ୍ୟଗତ କାରଣରୁ କୌଣସି କାମ ଅଟକି ଯାଇପାରେ।

ଆଜି ବୃଷମାସ ବିଷ୍ଣୁପଦୀ ସଂକ୍ରାନ୍ତି, ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ମୋହିନୀ ଏକାଦଶୀ ବୁଧବାର, ମେ ୧୫ ତାରିଖ, ବିଶ୍ୱ ପରିବାର ଦିବସ, କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, କର୍କଟ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଏକାଦଶୀର ବ୍ରତ, ଉପବାସ, ଦିବା ଘ୬।୫୧ମି. ଗତେ ଘ୮।୨୬ମି.ମଧ୍ୟେ ଅମୃତବେଳା। ଦିବା ଘ୧୦।୦୫ମି. ଗତେ ଘ୧୧।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୪୩ମି. ଗତେ ଘ୧।୨୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**


Divorcee groom JE 40, Engineer 43, Clerk 39 (caste-no-bar). 7873374269. D-66452

କୌଣସି ଜାତିର ଛାଡ଼ପତ୍ର ବା ସ୍ୱାମୀ ନଥିବା ପାତ୍ରୀ ସରକାରି ଚାକିରି କରିଥିବା କନ୍ୟାପାତ୍ରୀ ଆବଶ୍ୟକ। 38+, 8260793228, 8280507228. D-12477

Kumbhara boy 30, B.Tech (NIT) MBA (IIM) Engineer MNC: 9437555525. D-58083

**GROOM WANTED**

43 ବୟସ୍କା ସରକାରୀ ଚାକିରିଆ ଅବିବାହିତା ଗୁଡ଼ିଆ ଝିଅଙ୍କ ପାଇଁ ଯେକୌଣସି ଜାତି ବିବାହିତ/ଅବିବାହିତ ପୁଅ ଦରକାର। 7381460017. D-60833




**SALE**

Hyundai I10 sportz model 2010 run 22,000k.m. in excellent condition. 7008129593. D-12485




**SALE**

Jupiter Science back side, Per sqft. 300/- possession plot. 9777544478. D-56642

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Fully furnished 700sqft flat for sale at 2nd floor, Daru brahma apartment, Laxmi Talkies road, Ramachandi sahi, Puri. 09674665535, 9861032518. D-64769

New 1BR flat 597sqft. furnished with 4 wheeler garage near ITER, Khandagiri for sale. Contact: 9439331053. D-66522

Now Matrimonial ads. only on Wednesday & Sunday Book 1 Get 1 FREE

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366




Ground floor 2BHK, 2 wheeler potico, Bomikhal, Santoshi Kalyan Mandap, Bhubaneswar. 7978730629. D-12454

25,000 sqft of land near Dhauli on rent for any commercial use/marriage/function/events etc. For long term lease basis. Contact: 8917576258. D-12462

17'x10', 25'x21', 50'x21' shops, fully furnished, mainroad, Sahidnagar, Bhubaneswar, 9438344444. D-12482

Independent fully furnished house. 3BHK 1st floor parking, Kalpana family or Job Bachelors. Rent 18,000/- 9348888914. D-12486

Shop at NH-16, 260 sqft., Rasulgarh, Bhubaneswar. Phone: 9861031002, 8480830749. D-12489




Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66517

Experience full body massage with us (expert). Call: 7377048581, 0674-2597822. D-66518

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754. D-66520

Summer special mesmerizing offer expert therapeutic refreshing massage appointment. 9668374480. D-66521

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

It is notified for the information that my original qualifying examination certificate of senior secondary examination of year 2017 and roll no. 6601014 issued by CBSE has been actually destroyed. Name of the candidate Samar Sekher Pattanayak full address:- At/Po-Azimabad Balasore 756001, phone No. 8637211379. D-12490

By virtue of an affidavit before the Notary Public Purushottampur (Ganjam), I Nirupama Nahak, D/o- Purushottam Nahak. I have married to one Gangadhara Pradhan. That after my marriage the surname has been changed from Nahak to Pradhan. I shall be known as Nirupama Pradhan for all purpose. D-12491

**EDUCATION**

MBBS (Clinical Medicine in English) at Kunming Medical University, China, Contact: School of Chinese Language, Kolkata. 7596011781-5, Dr. Dash-8249817936. D-12499

**ଜନ୍ମଦିନ ଶୁଭେଚ୍ଛା**


(ରାନି)

**ଅର୍ଚ୍ଚିତା ପ୍ରିୟଦର୍ଶିନୀ**
ଝାରପଡ଼ା, ଭୁବନେଶ୍ୱର

ଆଜି ତୋର ୧୩ତମ ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଦୀର୍ଘାୟୁ କାମନା କରୁଛୁ। ତୋର ଚଲାପଥ କୁସୁମିତ ହେଉ, ଏହାହିଁ କାମନା।

ଶୁଭେଚ୍ଛା ସହ
ବାବା, ମାମା, ବାବୁ, ବବୁଲୁ, ମାନସ, ଚିକୁନୁ, ବିକାଶ, ଲିଜା, ଲିନା, ଲକି, ପିଙ୍କି, ରିଙ୍କି, ସୋନି, ଲୋନି, ସ୍ନେହା, ନେହା, ଅଂଶୁ, ଗୁଲୁ
ଧ-୧୨୪୮୪

**ଜନ୍ମଦିନ ଶୁଭେଚ୍ଛା**



**ତ୍ରିଷ୍ଣା ତଲିନା (ମାମୁନ)**
କଣ୍ଟି, ଗୋପ, ପୁରୀ

ଆଜି ତୋର ଦଶମ ଜନ୍ମବାର୍ଷିକ ଅବସରରେ ମା' ତାରିଣୀଙ୍କ ପଦାରବିନ୍ଦରେ ବିନମ୍ର ନିବେଦନ ତୋର ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁ ସଦା ସୁଖୀ ଓ ଦୀର୍ଘ ନିରାମୟ ଜୀବନଯାପନ କର ସର୍ବଦା ଖୁସି ରୁହ।

ଶୁଭେଚ୍ଛା ସହ: ଜେଜେ ବାପା, ଜେଜେ ମା, ସବୁ ଅଙ୍କଲ ଆଣ୍ଟି, ଭାଇ, ଅଜା, ଆଈ, ମାମୁ, ମାଇଁ, ଲିକି, ଲକି, ଗୁଡୁ, ବିଶ୍ଣୁ, ଟ୍ୱିଙ୍କିଲ, ବାବା, ମାମା, ଏବଂ ସମସ୍ତ ପରିବାରବର୍ଗ। ଧ-୬୪୦୫୯

**୧୩ତମ ଜନ୍ମଦିନ ଶୁଭେଚ୍ଛା**



**କାହ୍ନୁଚରଣ ଦାସ (କାହ୍ନା)**
ମା ଭଗବତୀ ବସ୍ତି, ଭୁବନେଶ୍ୱର-୨

ଆଜି ତୁମର ୧୩ତମ ଜନ୍ମବାର୍ଷିକ ଅବସରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭେ ପ୍ରାର୍ଥନା କରୁଛୁ କି ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଦୀର୍ଘାୟୁ କରନ୍ତୁ ଏବଂ ସର୍ବଦା ବିଦ୍ୟା ବୁଦ୍ଧି ପ୍ରଦାନ କରନ୍ତୁ।

ଶୁଭେଚ୍ଛା ସହ
ଅଜା, ଆଈ, ମାମୁ, ମାଇଁ, ମୁନ୍ନା, ବୋଉ, ବିନୋଦ, ଗୁରୁଜନ, ବନ୍ଧୁ ଓ ପରିବାରବର୍ଗ। ଧ-୧୨୪୮୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

# ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଉପକ୍ରମ)

**କ୍ଷେତ୍ରୀୟ କାର୍ଯ୍ୟାଳୟ:** ବି/୨ ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ଫୋନ୍ : ୦୬୭୪-୨୫୪୦୦୩୨, ୨୫୪୫୧୭୦, ୨୫୪୨୭୧୧, ଇ-ମେଲ: 0815ro@iobnet.co.in & 0815law@iob.in

**ମଣ୍ଡଳ କାର୍ଯ୍ୟାଳୟ:** କୋଲ୍‌କାତା, ୧୧୯, ହ୍ୱାଇଟ୍ ହାଉସ୍ ପାର୍କ ଷ୍ଟ୍ରିଟ୍, କୋଲ୍‌କାତା-୭୦୦୦୧୬

## ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

### ସ୍ଥାବର/ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି

(ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସର ରୁଲ୍ ୮(୬) ଓ ୯(୧) ଅନୁଯାୟୀ)

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬) ଓ ୯(୧)ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟକୁ ଅସୁଲ କରିବା ନିମନ୍ତେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ସୁରକ୍ଷିତ ଋଣଦାତା) ର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଗଠନମୂଳକ ଦଖଲ ନେଇ **"ଯାହାବି ସେଠାରେ ଅଛି"**, **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି । ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା, ସମ୍ପତ୍ତି ବିବରଣୀ ଏବଂ ଅନ୍ୟାନ୍ୟ ବିବରଣୀ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ | ଶାଖାର ନାମ/ ଋଣଗ୍ରହୀତା/ ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ |
|---|---|---|
| ୧. | **ଯୋବ୍ରା ଶାଖା, ଫୋନ୍: ୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ଋଣଗ୍ରହୀତା: ମେସର୍ସ ମହାଲକ୍ଷ୍ମୀ ପେଟ୍ ଇଣ୍ଡଷ୍ଟ୍ରିଜ୍, ସତ୍ତ୍ୱାଧିକାରୀ: ଶ୍ରୀ ବିଶ୍ୱଜିତ୍ ପରିଡ଼ା, ପିତା-କ୍ଷେତ୍ରମୋହନ ପରିଡ଼ା, ସା:ଏସ୍-୩/୫, ନିଉ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଜଗତପୁର, କଟକ-୭୫୪୦୨୧, ବାସସ୍ଥାନ ଠିକଣା: ସା-ଗୋପାଳ ସାହି, ମଙ୍ଗଳାବାଗ, ଜିଲ୍ଲା-କଟକ, ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ପ୍ରମୋଦ ଚନ୍ଦ୍ର ମହାନ୍ତି, ପିତା-ଚନ୍ଦ୍ରମଣୀ ମହାନ୍ତି, ସା-ଗୋପାଳ ଜିଉ ଲେନ୍, ମଠ ସାହି, ତେଲେଙ୍ଗା ବଜାର, ଜିଲ୍ଲା: କଟକ-୭୫୩୦୦୯ । | **ଶ୍ରୀ ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କ** ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ଯାହା ପ୍ଲଟ ନଂ.୧୧୨୪, ଖାତା ନଂ.୮୭୦/୭, ମୌଜା-କଟକ ସହର, ୟୁନିଟ୍-୧୪, ଏରିଆ-୦.୦୨୭ ଡିସିମିଲି, ଗୃହ ଏରିଆ-୯୨୫ ବର୍ଗଫୁଟ, ଘର ନଂ.-୩୮୯, ଗୋପାଳ ଜିଉ ଲେନ, ମଠ ସାହି, ଜିଲ୍ଲା-କଟକ, ଓଡ଼ିଶାରେ ଅବସ୍ଥିତ । ଚଉହଦି: ଉତ୍ତର-ରତ୍ନାକର ଘଡେଇ, ପୂର୍ବ-ରାସ୍ତା, ପଶ୍ଚିମ-ବଂଶୀଧର ସ୍ୱାଇଁ, ଦକ୍ଷିଣ-ରମେଶ ଚନ୍ଦ୍ର ମହାନ୍ତି । |
| ୨. | **ଯୋବ୍ରା ଶାଖା, ଫୋନ୍: ୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ଋଣଗ୍ରହୀତା: ମେସର୍ସ ଶ୍ରୀ ବାଲାଜି ଏଜେନ୍ସିସ୍, ସତ୍ତ୍ୱାଧିକାରୀ:ଶ୍ରୀମତୀ ସୁଧା ତିବ୍ରେୱାଲ, ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ମନୋଜ କୁମାର ତିବ୍ରେୱାଲ, ପ୍ଲଟ ନଂ.: ୧୦୯୬, ରାଜେନ୍ଦ୍ର ନଗର, ପୋ-ମଧୁପାଟଣା, କଟକ-୭୫୩୦୧୦, ବାସସ୍ଥାନ ଠିକଣା: ପ୍ଲଟ ନଂ.୧୨୨୮, ମହାନଦୀ ବିହାର, କଟକ-୭୫୩୦୦୪ । | **ଶ୍ରୀ ମନୋଜ କୁମାର ତିବ୍ରେୱାଲଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହା ଫ୍ଲାଟ ନଂ.୧୮୩ ଏବଂ ୧୮୪, ୩ୟ ମହଲା, ଷ୍ଟେଡିୟମ କମ୍ପ୍ଲେକ୍ସ, ଅନୁରୂପ ରେଭିନ୍ୟୁ ପ୍ଲଟ ନଂ.-୨୮୨, ଖାତା ନଂ.-୪୧, ମୌଜା-ଫଇଜ୍ ନଗର, ଥାନା-ମଙ୍ଗଳାବାଗ, ତହସିଲି-କଟକ ସଦର, ଏରିଆ-୨୦୦୦ ବର୍ଗଫୁଟ, ଜିଲ୍ଲା-କଟକରେ ଅବସ୍ଥିତ । ଚଉହଦି: ଉତ୍ତର-ଜୟ ନଟିଆ, ପୂର୍ବ-ଭେଣ୍ଡର, ପଶ୍ଚିମ-ବକ୍ସିବାଟି ରୋଡ, ଦକ୍ଷିଣ-ରାସ୍ତା । |
| ୩. | **ଯୋବ୍ରା ଶାଖା, ଫୋନ୍:୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ଋଣଗ୍ରହୀତା: ମେସର୍ସ ଜୀବଦାନୀ ଏଣ୍ଟରପ୍ରାଇଜେସ୍, ସତ୍ତ୍ୱାଧିକାରୀ: ସତ୍ୟଜିତ ପରିଡ଼ା, ପିତା-କ୍ଷେତ୍ରମୋହନ ପରିଡ଼ା, ଜାମିନ୍‌ଦାରମାନେ: (୧)ପୁଷ୍ପଲତା କବି, (୨)ସୁଲୋଚନା କବି/ପରିଡ଼ା, ଉଭୟଙ୍କ ବାସଗୃହ ଠିକଣା: ସା-ଗୋପାଳ ସାହି, ମଙ୍ଗଳାବାଗ୍, କଟକ । | **ସୁଲୋଚନା କବି ଏବଂ ପୁଷ୍ପଲତା କବିଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା- କଟକ ସହର, ୟୁନିଟ୍ ନଂ.-୨୨, ମିରକମଲ ପାଟଣା, ତହସିଲ୍ ନଂ.-୫, ଖାତା ନଂ.-୧୦୬୮/୪୩, ପ୍ଲଟ ନଂ.-୧୦୧୭, ଏରିଆ-ଏକର୦.୪୨ ଡିସିମିଲି, ଏହାର ଚଉହଦି: ପୂର୍ବ-ରାସ୍ତା, ପଶ୍ଚିମ-କୈଳାସ କବି (ଏସି ଷ୍ଟ୍ରିଟ୍), ଉତ୍ତର- ରାଜେଶ କବି, ଦକ୍ଷିଣ- ନର୍ସିଂ ହୋମ୍ । |
| ୪. | **ବାରବାଟି ଷ୍ଟାଡିଅମ୍ ଶାଖା, ଫୋନ୍: ୦୬୭୧-୨୩୦୦୨୭୦, ମୋ-୯୯୬୭୯୧୩୯୨୫** ଋଣଗ୍ରହୀତା: ମେସର୍ସ ସାର୍କ ଫାର୍ମାସ୍ୟୁଟିକାଲ୍ସ, ସତ୍ତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ପାତ୍ର, ପିତା-ନନ୍ଦ କିଶୋର ପାତ୍ର, ସା-ସାଇଲୋ ଝାରପଡ଼ା, ଝାରପଡ଼ା, କଟକ-୭୫୪୦୦୩, ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଚିତ୍ତରଞ୍ଜନ ସିଂହ, ସା-ମହିଦାସ ବଜାର, ଚାନ୍ଦିନୀ ଚୌକ, ଜିଲ୍ଲା-କଟକ, ଓଡ଼ିଶା-୭୫୩୦୦୨ । | **ଶ୍ରୀ ଚିତ୍ତରଞ୍ଜନ ସିଂହଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହା ମୌଜା ନଂ.-୫, କଟକ ସହର ୟୁନିଟ୍ ନଂ.-୩୭, ବାଦାମବାଡ଼ି, ଥାନା-ମଧୁପାଟଣା, ଜିଲ୍ଲା-କଟକ, ଖାତା ନଂ.-୧୬୦, ପ୍ଲଟ ନଂ.-୩୧୯/୭୯୬, ହାଲ/ସାବକ ଖାତା ନଂ.-୩୯୧, ପ୍ଲଟ ନଂ.-୧୨୦୭, ୧୨୦୮, ଏରିଆ- ଏକର ୦.୦୫୧ ଡିସିମିଲିରେ ଅବସ୍ଥିତ । ଚଉହଦି: ଉତ୍ତର- ପ୍ଲଟ ନଂ.୩୨୦, ପୂର୍ବ-ରାସ୍ତା, ପଶ୍ଚିମ- ପ୍ଲଟ ନଂ.୨୯୧, ଦକ୍ଷିଣ-୭୯୭ (କ୍ରିମେସନ୍ ପଡ଼ିଆ) । |
| ୫. | **ବାରବାଟି ଷ୍ଟାଡିଅମ୍ ଶାଖା, ଫୋନ୍: ୦୬୭୧-୨୩୦୦୨୭୦, ମୋ-୯୯୬୭୯୧୩୯୨୫** ଋଣଗ୍ରହୀତା: ମେସର୍ସ ଭାରତ ଫ୍ଲାଏ ଆଶ ବ୍ରିକ୍ସ, ସତ୍ତ୍ୱାଧିକାରୀ: (୧)ଶ୍ରୀମତୀ ଝରଣା ରାଉତ, ସ୍ୱାମୀ: ଶ୍ରୀ ପ୍ରଶାନ୍ତ ରାଉତ, ସା-ମେଟ୍ରୋ ଗାର୍ଡେନ ଇଷ୍ଟେଟ୍, ପୋ-ତେଲେଙ୍ଗା ବଜାର, ଥାନା-ପୁରୀ ଘାଟ, କଟକ, (୨)ମହମ୍ମଦ ରଫିକ୍, ପିତା-ହାଜି ମହମ୍ମଦ ସୋହେବ, ସା-ତୁଳସୀପୁର (ଗୋରା କବର), ପୋ-ବକ୍ସି ବଜାର, ଥାନା-ବିଡ଼ାନାସୀ, କଟକ-୭୫୩୦୦୧ । | **ଶ୍ରୀ ପ୍ରଶାନ୍ତ କୁମାର ରାଉତ ଏବଂ ମହମ୍ମଦ ରଫିକ୍‌ଙ୍କ** ନାମରେ ଥିବା ଜମି ଏବଂ ଛୋଟ ଗୃହ ସହିତ କାରଖାନା ଗୃହ ଯାହାର ମୌଜା- ଅଡୁଡ଼ା, ଥାନା/ତହସିଲି- ସାଲେପୁର, ଜିଲ୍ଲା-କଟକ, ପ୍ଲଟ ନଂ.-୩୫୫୭, ଖାତା ନଂ.-୫୫୩, ଏରିଆ-ଏକର୧.୫୨୯ ଡିସିମିଲି, ଏହାର ଚଉହଦି: ପୂର୍ବ- ପ୍ଲଟ ନଂ.-୩୫୬୬, ୩୫୬୭, ୩୫୬୮, ୩୫୬୯, ପଶ୍ଚିମ- ପ୍ଲଟ ନଂ.୩୬୫୨, ୩୫୫୬, ଉତ୍ତର- ସରକାରୀ ଜଳସେଚିତ ଜମି, ଦକ୍ଷିଣ- ପ୍ଲଟ ନଂ.୩୬୫୨ । |
| ୬. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ଷ୍ଟାଇଲୋ କ୍ରେସେସ୍, ଦୋକାନ ନଂ.-୩୪, ଆଳି ମାର୍କେଟ କମ୍ପ୍ଲେକ୍ସ, ସତ୍ତ୍ୱାଧିକାରୀ - ଶ୍ରୀ ସୁରେନ୍ଦ୍ର ସେନ୍, ପିତା-କୈଳାସ ସେନ୍, ଜାମିନ୍‌ଦାର: ଶ୍ରୀମତୀ ବାସନ୍ତୀ ସେନ୍, ଉଭୟଙ୍କ ବାସସ୍ଥାନ ଠିକଣା: ପ୍ଲଟ ନଂ.-୩୫୬/୩୭୪୬ ଏବଂ ୩୫୬/୩୪୦୪, ପୁରୁଣା ରାଉସପାଟଣା, ପୋ-ବକ୍ସିବଜାର, ଥାନା-ପୁରୀଘାଟ, ଜିଲ୍ଲା-କଟକ, ଓଡ଼ିଶା । | **ଶ୍ରୀ ସୁରେନ୍ଦ୍ର ସେନ୍ ଙ୍କ** ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ପ୍ଲଟ ନଂ.-୩୫୬/୩୭୪୬ ଏବଂ ୩୫୬/୩୪୦୪, ଖାତା ନଂ.-୧୨୦୫/୮୮୩ ଏବଂ ୧୨୦୫/୫୩୪, ମୌଜା-ସାମନ୍ତ ସାହି, (ୟୁନିଟ୍-୨୩), ଥାନା-ପୁରୀଘାଟ, ତହସିଲି-କଟକ ସଦର, ଜିଲ୍ଲା-କଟକ, ଓଡ଼ିଶା, ପ୍ଲଟ ନଂ. ୩୫୬/୩୭୪୬ ର ଏରିଆ-ଏକର ୦.୦୦୭.୫ ଡିସିମିଲି ଏବଂ ପ୍ଲଟ ନଂ. ୩୫୬/୩୪୦୪ ର ଏରିଆ- ଏକର ୦.୦୧୫ ଡିସିମିଲି, ସମୁଦାୟ ଏରିଆ-ଏକର୦.୦୨୨.୫ ଡିସିମିଲିରେ ଅବସ୍ଥିତ । ଚଉହଦି: ଉତ୍ତର- ରାସ୍ତା, ପୂର୍ବ- ନାଗିନ୍ ସେନ୍, ପଶ୍ଚିମ-ସାଧାରଣ ଗଳି ରାସ୍ତା, ଦକ୍ଷିଣ- ଉପେନ୍ଦ୍ର ସେନ୍ । |
| ୭. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା: ମେସର୍ସ ଗୁରୁକୃପା ବୋରୱେଲ, ସତ୍ତ୍ୱାଧିକାରୀ: ଶ୍ରୀ ବୈକୁଣ୍ଠ ବିହାରୀ ମୁଦୁଲୀ, ଜାମିନ୍‌ଦାର/ବନ୍ଧକଦାତା: ସଂଯୁକ୍ତା ମୁଦୁଲି, ସ୍ୱାମୀ-ବସନ୍ତ ମୁଦୁଲି, ଉଭୟଙ୍କ ଠିକଣା: ସା-ପ୍ଲଟ ନଂ.୩୯୬/୧୬୯୨, ଆଦିତ୍ୟ ନଗର, ପୋ-ନୂଆ ବଜାର, ଥାନା-ଚାଉଳିଆଗଞ୍ଜ, ଜିଲ୍ଲା-କଟକ, ଓଡ଼ିଶା । | **ସଂଯୁକ୍ତା ମୁଦୁଲିଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୬୫୦/୪୪, ପ୍ଲଟ ନଂ.-୩୯୬/୧୬୯୨, ଏରିଆ-ଏକର୦.୦୪୦ ଡିସିମିଲି, ମୌଜା-ପଇସା (ୟୁନିଟ୍-୨୮), ଥାନା-ଚାଉଳିଆଗଞ୍ଜ, ତହସିଲି-କଟକ ସଦର, ଜିଲ୍ଲା-କଟକ, ଓଡ଼ିଶା, ଚଉହଦି: ଉତ୍ତର-ପଙ୍କଜିନୀ ମିଶ୍ର (ପ୍ଲଟ ନଂ.-୩୯୬/୧୧୭୬), ଦକ୍ଷିଣ-ରାସ୍ତା, ପୂର୍ବ-ଉର୍ମିଳା ସାହୁ (ପ୍ଲଟ ନଂ.-୩୯୬/୧୧୭୫), ପଶ୍ଚିମ- ପଙ୍କଜିନୀ ମିଶ୍ର (ପ୍ଲଟ ନଂ.-୩୯୬/୧୧୭୭)। |
| ୮. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା: ମେସର୍ସ ବ୍ଲୁ ଇଞ୍ଜିନିୟର୍ସ ପ୍ରା.ଲିଃ, ପରିଚାଳନା ନିର୍ଦ୍ଦେଶକ: ବିଶ୍ୱଜିତ୍ ପୃଷ୍ଟି, ପ୍ଲଟ ନଂ.-୪୮, ଶକ୍ତି ନଗର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ଓଡ଼ିଶା, ନିର୍ଦ୍ଦେଶକ: ମିନା ମଲ୍ଲିକ, ପ୍ଲଟ ନଂ.-୪୭, ଶକ୍ତି ନଗର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ଓଡ଼ିଶା । | ଯନ୍ତ୍ରପାତିର ସମସ୍ତ ଅଂଶବିଶେଷ ଯାହାର ସିଏନ୍‌ସି ଲେନ୍, ପ୍ଲାଜମା କଟିଂ, ମ୍ୟାଗ୍ନେଟିକ୍ ଡ୍ରିଲିଂ, ଅଟୋମେଟିକ୍ ୱେଲ୍ଡିଂ ସିଷ୍ଟମ, ହେବି ଡ୍ରେଲିଂ ମେସିନ୍, ପ୍ଲେଟ ରୁଲର, ଡିଜେଲ ଜେନେରେଟର, ଅଟୋମେଟକ୍ କଟିଂ ସେଟ୍, ମେକରିଂ ଇନ୍‌ଷ୍ଟ୍ରୁମେଣ୍ଟସ୍, ହାଇଡ୍ରୋଲିକ୍ ଏବଂ ସ୍କ୍ରିଉ ଜ୍ୟାକ୍, ଲିଫ୍ଟିଂ ଟୁଲ୍ସ, ରେଡିଓଗ୍ରାଫି ସେଟ୍ କମ୍ପ୍ରେସର, ବ୍ଲାଷ୍ଟିଂ ମେସିନ୍, ପେଣ୍ଟି ଗନ୍ ସହିତ ମିକ୍ସଚର, ଇଲେକ୍ଟ୍ରିକାଲ୍ ଟେଷ୍ଟିଂ କିଟ୍ ଏବଂ ଆପାରେଟର୍ସ, ୬୩ କେଡବ୍ଲୁ ଟ୍ରାନ୍ସଫର୍ମର, ହାଇଡ୍ରୋଲିକ୍ ପ୍ରେସ୍ ବ୍ରେକ୍ ଗଜ ସହିତ ଡିଆରଓ, ଇଞ୍ଜିନ୍‌କଟ ସିଏନ୍‌ସି ପ୍ଲାଜମା ପ୍ରୋଫାଇଲ୍ କଟିଂ ସିଷ୍ଟମ୍ । ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ହରିପୁର ରୋଡ୍ ଶାଖାରେ ବନ୍ଧକପ୍ରାପ୍ତ । |
| ୯. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ମାମା ଏଜେନ୍ସି, ସତ୍ତ୍ୱାଧିକାରୀ: ଶ୍ରୀ ବୃନ୍ଦାବନ ପ୍ରଧାନ, [illegible] | (କ)ଶ୍ରୀମତୀ ସଞ୍ଜିବନୀ ସୁଧା ଷଡଙ୍ଗୀଙ୍କ ନାମରେ ଥିବା ସରକାରୀ ଜମିର ସମସ୍ତ ଅଂଶବିଶେଷ ଯାହର ମୌଜା-ବାସୁଘାଇ, ଥାନା-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୩୯୦/୨୧୬, ପ୍ଲଟ ନଂ.-୨୫୧/୯୩୪, ଏରିଆ- ଏକର ୦.୦୩୦ ଡିସିମିଲି, ଏହର [illegible] (ଖ) ଶ୍ରୀ ବୃନ୍ଦାବନ ପ୍ରଧାନଙ୍କ ନାମରେ ଥିବା [illegible] |
| ୧୦. | **ନନ୍ଦପୁର ଶାଖା, ଫୋନ୍: [illegible], ମୋ-[illegible]** [illegible] | ଶ୍ରୀ ରାମଚନ୍ଦ୍ର ମହାପାତ୍ରଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ [illegible] |
| ୧୧. | **ନୟାଗଡ଼ ଶାଖା, ଫୋନ୍: [illegible]** [illegible] | [illegible] |
| ୧୨. | **ଦଶରଥପୁର ଶାଖା, ଫୋନ୍: [illegible], ମୋ-[illegible]** [illegible] | [illegible] |
| ୧୩. | **ଦଶରଥପୁର ଶାଖା, ଫୋନ୍: [illegible], ମୋ-[illegible]** [illegible] | ଶ୍ରୀ ଦୁର୍ଯ୍ୟୋଧନ ଜେନାଙ୍କ ନାମରେ ଥିବା [illegible] |
| ୧୪. | **ଦଶରଥପୁର ଶାଖା, ଫୋନ୍: [illegible], ମୋ-[illegible]** [illegible] | ଶ୍ରୀ ଅରୁଣ କୁମାର ମହାପାତ୍ରଙ୍କ ନାମରେ ଥିବା [illegible] |
| ୧୫. | **ଦଶରଥପୁର ଶାଖା, ଫୋନ୍: [illegible], ମୋ-[illegible]** [illegible] | [illegible] |
| ୧୬. | **ଦଶରଥପୁର ଶାଖା, ଫୋନ୍: [illegible], ମୋ-[illegible]** [illegible] | [illegible] |
| ୧୭. | **[illegible] ଶାଖା, ଫୋନ୍: [illegible], ମୋ-୯୯୨୮୫୩୦୭୭୦** ଋଣଗ୍ରହୀତା: ମେସର୍ସ କେ.ଆର୍. ମୋଟର୍ସ, ପାର୍ଟନରମାନେ: (୧)ଶ୍ରୀ ରଶ୍ମୀ ରଞ୍ଜନ ସୁଆର, ପିତା-୰ନୃସିଂହ ଚରଣ ସୁଆର, ସା-ଶ୍ୟାମଗୁଡିଆ, ପୋ-ବଗଡା, (ଏନ୍‌ଏଚ୍ ୫ଏ ନିକଟ), ଜିଲ୍ଲା-କେନ୍ଦ୍ରାପଡା, ପିନ୍-୭୫୪୨୧୨, (୨)କୁମୁଦ ରଞ୍ଜନ ସୁଆର, ପିତା-୰ନୃସିଂହ ଚରଣ ସୁଆର, (୩)କମଳା ସୁଆର, ସ୍ୱାମୀ:୰ନୃସିଂହ ଚରଣ ସୁଆର, ସା-ବଡବାରଙ୍ଗ, ପୋ-ବଳଦେବ ଜିଉ, ଜିଲ୍ଲା-କେନ୍ଦ୍ରପଡା, ପିନ୍-୭୫୪୨୧୧ । | [illegible] ନଂ.-୧୮୭୭, ପ୍ଲଟ ନଂ.-୮୨୭, ଏରିଆ-ଏ୦.୧୯୦ ଡିସିମିଲି, ଏବଂ ଖାତା ନଂ.-୧୦୮୬, ପ୍ଲଟ ନଂ.-୮୨୯, ଏରିଆ-ଏ୦.୬୪୫ ଡିସିମିଲି ଏବଂ ଶ୍ରୀ କୁମୁଦ ରଞ୍ଜନ ସୁଆରଙ୍କ ନାମର ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୯୮୭, ପ୍ଲଟ ନଂ.-୮୩୦, ଚକ ନଂ.-୭୮, ଏରିଆ-ଏ୦.୩୨୦ ଡିସିମିଲି, ଉଭୟ ସମ୍ପତ୍ତିର ମୌଜା-ସାମଗୁଡିଆ, ଥାନା/ଜିଲ୍ଲା-କେନ୍ଦ୍ରାପଡା । |
| ୧୮. | **ଭୁବନେଶ୍ୱର ଶାଖା, ଫୋନ୍: ୦୬୭୪-୨୫୩୪୨୩୪/୫୪୩/୨୪୯** ଋଣଗ୍ରହୀତା: ମେସର୍ସ ଆଶା ଏଣ୍ଟରପ୍ରାଇଜେସ୍, ସତ୍ତ୍ୱାଧିକାରୀ: ଶ୍ରୀ ଜ୍ୟୋତିପ୍ରକାଶ ନାୟକ, ପ୍ଲଟ ନଂ.-୧୩୨୪/୩୭୧୪, ଲିଙ୍ଗିପୁର, ପ୍ରଥମ ମହଲା, ଶ୍ରୀ ଶ୍ରୀ ବରଦା ହସ୍ପିଟାଲ ନିକଟ, ଭୁବନେଶ୍ୱର-୭୫୧୦୦୨, ଜାମିନ୍‌ଦାରମାନେ: (୧)ଶ୍ରୀମତୀ ସରସ୍ୱତୀ ପଟ୍ଟନାୟକ, ସ୍ୱାମୀ-ଜ୍ୟୋତିପ୍ରକାଶ ପଟ୍ଟନାୟକ, ପ୍ଲଟ ନଂ.-୧୩୨୪/୩୭୧୪, ଲିଙ୍ଗିପୁର, ପ୍ରଥମ ମହଲା, ଶ୍ରୀ ଶ୍ରୀ ବରଦା ହସ୍ପିଟାଲ ନିକଟ, ଭୁବନେଶ୍ୱର-୭୫୧୦୦୨, (୨)ବରେନ୍ଦ୍ର କୁମାର ନାୟକ, ପ୍ଲଟ ନଂ.-୦୧, ତଳ ମହଲା, ଗୋଲଖ ବିହାରି ପ୍ୟାଲେସ୍, ପ୍ଲଟ ନଂ.-୯୦, ଭୋଇ ନଗର, ଭୁବନେଶ୍ୱର, ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: (୧)ଶ୍ରୀ ଜ୍ୟୋତି ପ୍ରକାଶ ନାୟକ, ପ୍ଲଟ ନଂ.-୧୩୨୪/୩୭୧୪, ଲିଙ୍ଗିପୁର, ପ୍ରଥମ ମହଲା, ଶ୍ରୀ ଶ୍ରୀ ବରଦା ହସ୍ପିଟାଲ ନିକଟ, ଭୁବନେଶ୍ୱର-୭୫୧୦୦୨, ୨)ବରେନ୍ଦ୍ର କୁମାର ନାୟକ, ପ୍ଲଟ ନଂ.-୦୧, ତଳ ମହଲା, ଗୋଲଖ ବିହାରି ପ୍ୟାଲେସ୍, ପ୍ଲଟ ନଂ.-୯୦, ଭୋଇ ନଗର, ଭୁବନେଶ୍ୱର । | (କ)ଶ୍ରୀ ଜ୍ୟୋତିପ୍ରକାଶ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-ବୁଦ୍ଧିପଡା, ଥାନା-ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୪୯୦/୧୦୦, ପ୍ଲଟ ନଂ.-୫୦୯, ଏରିଆ-ଏ୦.୧୦୦ ଡିସିମିଲି, (ଖ)ଶ୍ରୀ ଜ୍ୟୋତିପ୍ରକାଶ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-ଝିଁଇଟିଶାସନ, ଥାନା-ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୧୫୩୦/୪୭୦, ପ୍ଲଟ ନଂ.-୫୪୪, ଏରିଆ-୦.୨୦ ଡିସିମିଲି । |
| ୧୯. | **ବାଲୁଗାଁ ଶାଖା, ଫୋନ୍: ୦୬୭୫୬-୨୫୧୧୭୪, ମୋ-୯୯୩୭୩୩୫୨୨୩** ଋଣଗ୍ରହୀତା/ବନ୍ଧକଦାତା: କେ.କେ ସାହୁ ଆଣ୍ଡ କୋ. ପାର୍ଟନରସିପ୍ ଫାର୍ମ, ସତ୍ତ୍ୱାଧିକାରୀ: ଶ୍ରୀ କେଦାର କୁମାର ସାହୁ, ପିତା-ପଦ୍ମ ଚରଣ ସାହୁ, ଜାମିନ୍‌ଦାରମାନେ: (୧)ଶ୍ରୀ ଲଳିତ ଚରଣ ସାହୁ, ପିତା-ପଦ୍ମ ଚରଣ ସାହୁ, (୨)ଶ୍ରୀମତୀ ରଚନୀ ସାହୁ, ସ୍ୱାମୀ-ପଦ୍ମ ଚରଣ ସାହୁ, ସମସ୍ତଙ୍କ ଠିକଣା: ସା-ଡାଙ୍ଗମାଳ (ନାଭାଲ ସ୍କୋୟାର ନିକଟ), ପୋ-ଆଇଏନ୍‌ଏସ୍ ଚିଲିକା, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୭ । | **ଶ୍ରୀ କେଦାର କୁମାର ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-ଡୁଙ୍ଗାମାଳ, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୨୯୭, ପ୍ଲଟ ନଂ.-୫୪/୧୧୪୨, ଏରିଆ-ଏକର୦.୧୦୦ ଡିସିମିଲି, ଏହାର ଚଉହଦି: ପୂର୍ବ-ବିକ୍ରେତା, ପଶ୍ଚିମ-ରାସ୍ତା, ଉତ୍ତର-କାଳା ସାହୁ, ଦକ୍ଷିଣ-ଲଳିତ ସାହୁ । |
| ୨୦. | **ମଙ୍ଗଳପୁର ଶାଖା, ମୋ-୯୪୩୭୩୪୮୭୭୩** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସତ୍ୟ ନାରାୟଣ ମଲ୍ଲିକ, ସା/ପୋ-ଆମପୋଲାବ, ଭାୟା-ସୁକିନ୍ଦା, ଥାନା-ସୁକିନ୍ଦା, ଜିଲ୍ଲା-ଯାଜପୁର, ଓଡ଼ିଶା-୭୫୫୦୧୮ । | **ଶ୍ରୀ ସତ୍ୟ ନାରାୟଣ ମଲ୍ଲିକ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-ଆମପୋଲାବ, ଥାନା-ସୁକିନ୍ଦା, ପୋ-ଆମପୋଲାବ, ଜିଲ୍ଲା-ଯାଜପୁର, ଖାତା ନଂ.-୬୫, ପ୍ଲଟ ନଂ.-୨୫, ଏରିଆ-ଏକର୦.୨୦ ଡିସିମିଲି, ଏହାର ଚଉହଦି: ପୂର୍ବ-ଚୈତନ୍ୟ ଦାସ, ପଶ୍ଚିମ- ରବିନ୍ଦ୍ର ସାହୁ, ଉତ୍ତର- ଚୈତନ୍ୟ ଦାସ, ଦକ୍ଷିଣ-ରାସ୍ତା । |
| ୨୧. | **ଯାଜପୁର ରୋଡ ଶାଖା, ଫୋନ୍:୦୬୭୨୬-୨୨୦୮୧୦, ମୋ-୭୯୭୮୭୫୧୫୮୪** ଋଣଗ୍ରହୀତା: ମେସର୍ସ ଶର୍ମିଷ୍ଠା ଇଣ୍ଡଷ୍ଟ୍ରିଜ୍, ସତ୍ତ୍ୱାଧିକାରୀ: ଶ୍ରୀମତୀ ଶର୍ମିଷ୍ଠା ମଞ୍ଜରୀ ଖଣ୍ଡେଇ, ସ୍ୱାମୀ:ଶ୍ରୀ ମହେଶ୍ୱର ମହାପାତ୍ର, ସା-ବଜରପଡା (ସତିପୁର), ପୋ-ରୁଡ଼ିଆ, ଥାନା-ପାଣିକୋଇଲି, ଜିଲ୍ଲା-ଯାଜପୁର-୭୫୫୦୩୩ । | **ଶ୍ରୀମତୀ ଶର୍ମିଷ୍ଠା ମଞ୍ଜରୀ ଖଣ୍ଡେଇଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାକି ମୌଜା-ବଜରପଡା, ଖାତା ନଂ.-୧୦୩, ପ୍ଲଟ ନଂ.-୨୨, ଏରିଆ-ଏକର୦.୦୮ ଡିସିମିଲି, ଅନୁରୂପ ମ୍ୟୁଟେସନ ଖାତା ନଂ.-୨୫୦/୧୩, ପ୍ଲଟ ନଂ.-୨୨/୧୭୪୪, ଥାନା-ପାଣିକୋଇଲି, ଜିଲ୍ଲା-ଯାଜପୁରରେ ଅବସ୍ଥିତ, ଏହାର ଚଉହଦି: ପୂର୍ବ-ଶ୍ରୀ ମହେଶ୍ୱର ମହାପାତ୍ର, ପଶ୍ଚିମ/ଦକ୍ଷିଣ-ଶ୍ରୀ ରାଜୁ ବାରିକ, ଉତ୍ତର-ଗୋଚର । |
| ୨୨. | **ଯାଜପୁର ରୋଡ ଶାଖା, ଫୋନ୍:୦୬୭୨୬-୨୨୦୮୧୦, ମୋ-୭୯୭୮୭୫୧୫୮୪** ଋଣଗ୍ରହୀତା: ଶ୍ରୀ ଧରଣୀଧର ମଲ୍ଲିକ, ପିତା-୰ବାଞ୍ଛୁ ମଲ୍ଲିକ, ଜାମିନ୍‌ଦାରମାନେ: (୧)ଶ୍ରୀ କରୁଣାକର ମଲ୍ଲିକ, ପିତା-୰ବାଞ୍ଛୁ ମଲ୍ଲିକ, (୨)ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ-ଶ୍ରୀ ଧରଣୀଧର ମଲ୍ଲିକ, ସମସ୍ତଙ୍କ ଠିକଣା: ଗ୍ରାମ-ବଡପାତୁଳୀ, ପୋ-ପାତୁଳୀ, ଜିଲ୍ଲା: ଯାଜପୁର-୭୫୫୦୧୯ । | (୧)ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ମୌଜା-ବଡପାତୁଳୀ, ଖାତା ନଂ.-୧୬୧, ପ୍ଲଟ ନଂ.-୫୩୪, ୫୩୫, ପରିମିତ କ୍ଷେତ୍ର-ଏକର୦.୧୨ ଡିସିମିଲି, ଜିଲ୍ଲା-ଯାଜପୁର, ଏହାର ଚଉହଦି: ପୂର୍ବ-ନିଲେଇ ମଲ୍ଲିକ, ପଶ୍ଚିମ-ରାସ୍ତା, ଉତ୍ତର/ଦକ୍ଷିଣ- ଶ୍ରୀ ଧରଣୀଧର ମଲ୍ଲିକ ଏବଂ ଶ୍ରୀ କରୁଣାକର ମଲ୍ଲିକ । (୨)ଶ୍ରୀ ଧରଣୀଧର ମଲ୍ଲିକ, ଶ୍ରୀ କରୁଣାକର ମଲ୍ଲିକ ଏବଂ ଶ୍ରୀମତୀ ବାସନ୍ତୀ ମଲ୍ଲିକଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା- ବଡପାତୁଳୀ, ଖାତା ନଂ.-୨୬, ପ୍ଲଟ ନଂ.-୧୨୫ (ଅଂଶ), ପରିମିତ କ୍ଷେତ୍ର-ଏକର୦.୧୯ଡିସିମିଲି, ଖାତା ନଂ.-୨୮୬, ପ୍ଲଟ ନଂ.-୪୯୨, ୪୯୩, ଏରିଆ-ଏକର୦.୧୨ଡିସିମିଲି, ଖାତା ନଂ.-୪୨୬, ପ୍ଲଟ ନଂ.-୪୪୯, ଏରିଆ-ଏକର୦.୧୧ଡିସିମିଲି, ଖାତା ନଂ.୧୦୪, ପ୍ଲଟ ନଂ.୧୮୨ (ଅଂଶ), ଏରିଆ-ଏକର୦.୩୭ ଡିସିମିଲି, ଖାତା ନଂ.୨୭୩, ପ୍ଲଟ ନଂ.୧୮୨(ଅଂଶ), ଏରିଆ-ଏକର୦.୩୭ ଡିସିମିଲି, ଖାତା ନଂ.୨୭୩, ପ୍ଲଟ ନଂ.୪୬୯, ୪୭୦, ୪୭୧, ଏରିଆ-ଏକର୦.୭୯ ଡିସିମିଲି, ଖାତା ନଂ.୧୪୬, ପ୍ଲଟ ନଂ.୬୨୨, ଏରିଆ-ଏକର୦.୩୧ ଡିସିମିଲି, ଖାତା ନଂ.୧୬୧, ପ୍ଲଟ ନଂ.୧୧୩୯, ପ୍ଲଟ ନଂ.-୫୬୪, ୫୩୩, ୫୧୮/୧୧୭୬, ଏରିଆ-ଏକର୦.୬୨ ଡିସିମିଲି, ଜିଲ୍ଲା-ଯାଜପୁରରେ ଅବସ୍ଥିତ । *** ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛିକି କେବଳ ଏସ୍‌ସି (ଅନୁସୂଚିତ ଜାତି)ଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯିବ ।** |
| ୨୩. | **ବାରିପଦା ଶାଖା, ଫୋନ୍: ୦୬୭୯୨-୨୫୭୭୯୭, ମୋ-୮୮୯୫୨୩୩୨୯୦** ଋଣଗ୍ରହୀତା/ବନ୍ଧକଦାତା: ଗୋପିନାଥ ହେମ୍ବ୍ରମ, ସା/ପୋ-କଖାରୁ ସୋଲ, ଭାୟା/ଥାନା-ଚାନ୍ଦୁଆ, ଜିଲ୍ଲା-ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୧୪ । | **ଗୋପିନାଥ ହେମ୍ବ୍ରମଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୨୬୬/୧୦୩, ପ୍ଲଟ ନଂ.-୧୫୫୫/୧୮୮୫, ଏରିଆ-ଏକର୦.୧୫୦ଡିସିମିଲି, କିସମ-ଘରବାରୀ, ମୌଜା-ଚାନ୍ଦୁଆ, ଥାନା-ଚାନ୍ଦୁଆ, ଜିଲ୍ଲା-ମୟୂରଭଞ୍ଜ, ଏହାର ଚଉହଦି: ପୂର୍ବ/ଉତ୍ତର-ଖୋଲା ଥିବା ଜମି, ପଶ୍ଚିମ-ରାସ୍ତା, ଦକ୍ଷିଣ-ରାସ୍ତା ଏବଂ ନଗେନ୍ଦ୍ର ନାଥ ମହନ୍ତ, *ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି କେବଳ ଏସ୍‌ଟି (ଅନୁସୂଚିତ ଜନଜାତି)ଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯିବ । |
| ୨୪. | **ଢେଙ୍କାନାଳ ଶାଖା, ଫୋନ୍: ୦୬୭୬୨-୨୨୬୪୩୬, ମୋ-୯୪୩୭୦୮୧୪୭୭** ଋଣଗ୍ରହୀତା: ମେସର୍ସ ମେଟ୍ରୋ ଗାର୍ଡେନ, ସତ୍ତ୍ୱାଧିକାରୀ-ଶ୍ରୀ ସରୋଜ କୁମାର ସାହୁ, ପିତା-ଶ୍ରୀ ମାୟାଧର ସାହୁ, ସା-ରତନପ୍ରଭା (ପୋଡପଡା, ପୋ-ହିନ୍ଦୋଳ ରୋଡ, ଥାନା-ମୋଟଙ୍ଗା, ଜିଲ୍ଲା-ଢେଙ୍କାନାଳ, ପିନ୍-୭୫୯୦୧୯ । | **ଶ୍ରୀ ସରୋଜ କୁମାର ସାହୁଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୧୮୮/୪୯୪୨, ଖାତା ନଂ.-୨୭୨/୧୩୬, ଏରିଆ-ଏକର୦.୨୯ ଡିସିମିଲି, ଥାନା-ମୋଟଙ୍ଗା, ଜିଲ୍ଲା-ଢେଙ୍କାନାଳ, ଏହାର ଚଉହଦି: ପୂର୍ବ-ଶ୍ରୀ ଜଗା ନାୟକ, ପଶ୍ଚିମ-ଶ୍ରୀ ପ୍ରହ୍ଲାଦ ବାରିକ, ଉତ୍ତର-ରେଙ୍ଗାଲି ରାଇଟ କେନାଲ, ଦକ୍ଷିଣ-ଏନ୍‌ଏଚ୍-୪୨ । |
| ୨୫. | **ଧୁରୁକୁଡିଆ ଶାଖା, ମୋ-୭୮୯୮୭୬୩୧୩୯, ୭୩୫୪୧୬୨୨୨୪** ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା: ମେସର୍ସ ସର୍ପେଶ୍ୱର ଡାଲ୍ ମିଲ୍, ସତ୍ତ୍ୱାଧିକାରୀ-ଶ୍ରୀ ବିଜୟ କୁମାର ସ୍ୱାଇଁ, ସା-ଶ୍ରୀରଙ୍ଗାପୁର, ପୋ-ଧୁରୁଶିଆ, ଥାନା-ଖୁଣ୍ଟୁଣି, ଜିଲ୍ଲା-କଟକ-୭୫୪୦୨୭, ଓଡ଼ିଶା । | **ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ ନଂ.୦୧, ଖାତା ନଂ.୦୧, ମୌଜା-ଶ୍ରୀରଙ୍ଗାପୁର, ଥାନା-ଗୁରୁଡିଝାଟିଆ, ପୋ-ଧୁରୁଶିଆ, ଏରିଆ-ଏକର୦.୮୩ ଡିସିମିଲି (୩୬୧୫୪ ବର୍ଗଫୁଟ), ଜିଲ୍ଲା-କଟକ, ପିନ୍-୭୫୪୦୨୭, ଓଡ଼ିଶା, ଏହାର ଚଉହଦି: ଉତ୍ତର-ପ୍ଲଟ ନଂ.୦୨, ପୂର୍ବ-ରାସ୍ତା, ପଶ୍ଚିମ-ପ୍ଲଟ ନଂ.୦୨, ଦକ୍ଷିଣ-ପ୍ଲଟ ନଂ.୦୧, ଏବଂ ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ ନାମରେ ଥିବା କଳକବଜା ଏବଂ ଯନ୍ତ୍ରପାତି (କଳକବଜା ଏବଂ ଯନ୍ତ୍ରପାତି ବିବରଣୀ: ଫଟକା, ଡ୍ରମ୍, ପୋକୁଲାର ମେସିନ୍ ସହିତ ମେସିନ୍, ପୋକୁଲାର କନେକ୍ଟ ଏଲିମିଟର, ଷ୍ଟୋନର, ଡ୍ରାୟର ସେକ୍ସନ, ଏଲିମିଟର ୫ଟି, ବ୍ରଫଲର, ବ୍ଲୋଓର, ରୋଜା ସହିତ ମୋଟର (୧୦ ଏଚ୍‌ପି)ଥ୍ରୁକାର ଚଲା ସହିତ ମୋଟର, ୪ଟି ଚଲା ସହିତ ମୋଟର)ଯାହାକି ପ୍ଲଟ ନଂ.୦୧, ଖାତା ନଂ.୦୧, ମୌଜା-ଶ୍ରୀରଙ୍ଗାପୁର, ଥାନା-ଗୁରୁଡିଝାଟିଆ, ପୋ-ଧୁରୁଶିଆ, ଜିଲ୍ଲା-କଟକ, ଓଡ଼ିଶା-୭୫୪୦୨୭ରେ ଅବସ୍ଥିତ । |

| କ୍ର. ନଂ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ/ ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତଅଧିକାରୀ/ ସେବା ପ୍ରଦାନକାରୀଙ୍କ ନିକଟରେ ବିଡ୍ /ଅମାନତ ଜମାର ପ୍ରମାଣ ଏବଂ କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ/ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡାକ କରିଥାନ୍ତି ତେବେ ୫ ମିନିଟ୍ ଅସୀମିତ ସମୟ ସ୍ୱତଃ ବର୍ଦ୍ଧିତ ହେବ ।) |
|---|---|---|---|---|---|---|---|
| ୧. | ଟ.୩୦,୯୫,୦୦୦/- | ଟ.୩,୦୯,୫୦୦/- | ଟ.୫୨,୪୬,୧୬୦/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୫.୦୪.୨୦୧୭ / ୦୫.୦୯.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨. | ଟ.୪୨,୫୪,୦୦୦/- | ଟ.୪,୨୫,୪୦୦/- | ଟ.୩୭,୦୧,୬୨୭/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୭.୦୪.୨୦୧୭ / ୧୯.୦୭.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୩. | ଟ.୫୯,୧୨,୨୦୦/- | ଟ.୫,୯୧,୨୨୦/- | ଟ.୩୫,୩୩,୪୭୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୩.୧୨.୨୦୧୬ / ୨୨.୦୩.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୪. | ଟ.୪୫,୯୦,୦୦୦/- | ଟ.୪,୫୯,୦୦୦/- | ଟ.୨୯,୫୧,୨୩୭.୫୬ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୫.୦୭.୨୦୧୭ / ୦୯.୧୦.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୫. | ଟ.୪୯,୮୯,୦୦୦/- | ଟ.୪,୮୯,୯୦୦/- | ଟ.୪୪,୭୬,୪୫୫/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୯.୦୬.୨୦୧୫ / ୧୦.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୬. | ଟ.୩୭,୪୫,୦୦୦/- | ଟ.୩,୭୪,୫୦୦/- | ଟ.୨୧,୧୫,୬୯୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୫.୦୭.୨୦୧୭ / ୨୦.୧୧.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୭. | ଟ.୨୯,୮୦,୦୦୦/- | ଟ.୨,୯୮,୦୦୦/- | ଟ.୪୨,୫୫,୭୫୭.୩୮ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୪.୦୪.୨୦୧୭ / ୧୧.୧୦.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୮. | ଟ.୧୧,୭୪,୦୦୦/- | ଟ.୧,୧୭,୪୦୦/- | ଟ.୧,୦୯,୭୭,୪୬୯.୭୪ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୨.୧୨.୨୦୧୭ / ୨୧.୦୮.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୯ (କ). | ଟ.୧୦,୭୫,୦୦୦/- | ଟ.୧,୦୭,୫୦୦/- | ଟ.୩୨,୮୭,୦୨୫.୩୩ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୦.୧୦.୨୦୧୮ / ୦୭.୦୨.୨୦୧୯ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୯ (ଖ). | ଟ.୧୨,୬୦,୦୦୦/- | ଟ.୧,୨୬,୦୦୦/- | | | | | |
| ୧୦. | ଟ.୩୪,୮୦,୦୦୦/- | ଟ.୩,୪୮,୦୦୦/- | ଟ.୯,୧୫,୨୮୪.୦୮ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୦.୦୭.୨୦୧୮ / ୨୦.୧୧.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୧. | ଟ.୨୮,୦୦,୦୦୦/- | ଟ.୨,୮୦,୦୦୦/- | ଟ.୨୦,୨୮,୯୮୫.୦୬ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୯.୦୧.୨୦୧୮ / ୦୪.୦୫.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୨. | ଟ.୬,୦୦,୦୦୦/- | ଟ.୬୦,୦୦୦/- | ଟ.୭,୫୦,୭୧୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୧.୦୩.୨୦୧୬ / ୦୮.୦୬.୨୦୧୬ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୩. | ଟ.୮,୦୦,୦୦୦/- | ଟ.୮୦,୦୦୦/- | ଟ.୪,୪୩,୪୬୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୫.୦୫.୨୦୧୬ / ୨୬.୦୭.୨୦୧୬ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୪. | ଟ.୫,୦୦,୦୦୦/- | ଟ.୫୦,୦୦୦/- | ଟ.୬,୪୫,୭୭୭/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୭.୦୬.୨୦୧୫ / ୧୧.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୫. | ଟ.୫,୦୦,୦୦୦/- | ଟ.୫୦,୦୦୦/- | ଟ.୫,୩୮,୫୯୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୭.୦୬.୨୦୧୫ / ୧୧.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୬. | ଟ.୭,୦୦,୦୦୦/- | ଟ.୭୦,୦୦୦/- | ଟ.୫,୨୫,୩୩୪/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୭.୦୬.୨୦୧୫ / ୧୧.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୭. | ଟ.୧,୮୭,୮୦,୦୦୦/- | ଟ.୧୮,୭୮,୦୦୦/- | ଟ.୧,୮୮,୭୮,୯୦୩.୫୫ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୨.୦୬.୨୦୧୨ / ୨୫.୦୮.୨୦୧୨ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୮ (କ). | ଟ.୬୧,୬୧,୭୦୦/- | ଟ.୬,୨୦,୦୦୦/- | ଟ.୧,୩୩,୨୯,୭୯୧.୮୭ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୧.୦୪.୨୦୧୭ / ୧୮.୦୭.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୮ (ଖ). | ଟ.୧୬,୦୦,୦୦୦/- | ଟ.୧,୬୦,୦୦୦/- | | | | | |
| ୧୯. | ଟ.୩୪,୫୫,୦୦୦/- | ଟ.୩,୪୫,୫୦୦/- | ଟ.୯,୬୨,୭୨୨/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୧୮ / ୨୦.୧୧.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨୦. | ଟ.୯,୪୦,୦୦୦/- | ଟ.୯୪,୦୦୦/- | ଟ.୬,୩୮,୩୦୧/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୩୦.୧୦.୨୦୧୮ / ୦୫.୦୨.୨୦୧୯ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨୧. | ଟ.୭,୩୦,୦୦୦/- | ଟ.୭୩,୦୦୦/- | ଟ.୮,୬୬,୮୭୧/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୩୦.୦୧.୨୦୧୪ / ୩୦.୦୭.୨୦୧୪ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨୨ (କ). | ଟ.୬,୮୫,୦୦୦/- | ଟ.୬୮,୫୦୦/- | ଟ.୫,୫୧,୮୦୪/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୪.୦୫.୨୦୧୪ / ୩୦.୦୭.୨୦୧୪ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨୨ (ଖ). | ଟ.୬,୪୦,୦୦୦/- | ଟ.୬୪,୦୦୦/- | | | | | |
| ୨୩. | ଟ.୧୨,୯୦,୦୦୦/- | ଟ.୧,୨୯,୦୦୦/- | ଟ.୧୧,୪୦,୨୫୫/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୬.୦୨.୨୦୧୭ / ୨୬.୦୪.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨୪. | ଟ.୧,୨୧,୨୧,୩୦୦/- | ଟ.୧୨,୧୨,୧୩୦/- | ଟ.୧,୧୫,୫୦,୪୪୩/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୭.୦୬.୨୦୧୬ / ୧୯.୦୨.୨୦୧୬ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨୫. | ଟ.୫୨,୭୮,୦୦୦/- | ଟ.୫,୨୭,୮୦୦/- | ଟ.୩୩,୨୮,୧୫୪.୫୭ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୮.୦୬.୨୦୧୭ / ୦୫.୦୯.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |

**ନିୟମ ଏବଂ ସର୍ତ୍ତାବଳୀ:**

(୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ: **M/s. e-Procurement Technologies Ltd. (Auction Tiger)** ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ (୨) ଇ-ନିଲାମ ବିଡ୍ ଫାର୍ମ, ଘୋଷଣାନାମା, ଅନ୍‌ଲାଇନ୍ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବ ପୋର୍ଟାଲ **https://iob.auctiontiger.net** ରେ ଉପଲବ୍ଧ । (୩)ଇଚ୍ଛୁକ ନିଲାମଧାରୀମାନେ ଏକ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟ୍‌ରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜୀକରଣ କରିବା ଦରକାର । ସେମାନଙ୍କୁ ସେବାପ୍ରଦାନକାରୀ ୟୁଜର ଆଇଡ଼ି ଏବଂ ପାସ୍‌ୱାର୍ଡ଼ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରିପାରିବେ । (୪)ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ୍" ମାଧ୍ୟମରେ ପୋର୍ଟାଲ **https://iob.auctiontiger.net** କିମ୍ବା ବ୍ୟାଙ୍କର ମେଲ୍ ଆଇଡ଼ି **0815ro@iobnet.co.in & 0815law@iob.in** ରେ ଅମାନତ ରାଶି (**UTR** ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱଦସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡ଼ି କାର୍ଡ଼/ଡ୍ରାଇଭିଂ ଲାଇସେନ୍ସ/ପାସ୍‌ପୋର୍ଟ/ପ୍ୟାନ କାର୍ଡ଼/ଆଧାର କାର୍ଡ଼ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତପ୍ରାପ୍ତ ଅଧିକାରୀଙ୍କଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରେ ବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ । (୫)ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡ଼ିକି **EFT/NEFT/RTGS** ମାଧ୍ୟମରେ **"IOB E-Auction EMD Account" ସହୀଦ ନଗର ଶାଖା, ଭୁବନେଶ୍ୱର** ଆକାଉଣ୍ଟ ନଂ. **087302000001058, (IFSC Code- IOBA0000873)** ସପକ୍ଷରେ ପଇଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ । ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ । (୬) ଅମାନତ ରାଶି ବିନା ପ୍ରସ୍ତାବଗୁଡ଼ିକ ବାତିଲ କରାଯିବ (୭) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡ଼ାକ ଦ୍ୱାରା ସମ୍ପନ୍ନ ହେବ । ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ ନଂ.୧୯ରେ ଦର୍ଶିତ "ବିଡ୍ ବୃଦ୍ଧି ପରିମାଣ" ଅନୁସାରେ ବୃଦ୍ଧି କରିପାରିବେ । ଇ-ନିଲାମ ବନ୍ଦ ହେବାର ପୂର୍ବ ୫ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ମିନିଟ୍ ବୃଦ୍ଧି ପାଇବ । (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ । କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବାପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତି କାର୍ଯ୍ୟ ଦିବସ ପରେ କିନ୍ତୁ ନୁହେଁ । ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥରାଶି ନିଲାମ ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ । ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପଇଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ । (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ/ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ ପ୍ରଦାନ କରାଯିବ । (୧୦) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା: ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଜୁର୍ଯ୍ୟ ତାହା ବହନ କରିବେ । (୧୧) କ୍ଷମତାପ୍ରାପ୍ତ ଅଧୀକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି । (୧୨) ସମ୍ପତ୍ତିଗୁଡ଼ିକ **"ଯାହାବି ସେଠାରେ ଅଛି"**, **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତିରେ ବିକ୍ରୟ କରାଯିବ । ବ୍ୟାଙ୍କ ସମସ୍ତ ଜ୍ଞାତ ଏନକମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱକି ସେ ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ । (୧୩) ଉପର ଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧୀକାର ଦିଆଯିବ । ଏହାବ୍ୟତିତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟୀତ୍ୱ ରହିବ ନାହିଁ । (୧୪) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ । (୧୫) ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କର ଇ-ମେଲ ଆଇଡ଼ି ମାଧ୍ୟମରେ ଜଣାଇଦିଆଯିବ । (୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ । କ୍ଷମତାପ୍ରାପ୍ତ ଅଧୀକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବୀ/ଅଧୀକାର/ଦେୟ ନିମନ୍ତେ ଦାୟୀ ରହିବେ ନାହିଁ । (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ ନମ୍ବରରେ ଜମା କରାଯିବ । ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ । (୧୮) ଇ-ନିଲାମ/ ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସମ୍ପୃକ୍ତ ଶାଖା ପ୍ରବନ୍ଧକ କିମ୍ବା **Authorized officer, Sri Lingaraj Gouda, Mob.: 9437141805, 7978370113,& Sri Siba Prasad Rath, Mob.: 8758623041, Indian Overseas Bank, Regional Office, Bhubaneswar, Phone No.: 0674-2540032, mail ID- 0815ro@iobnet.co.in & 0815law@iob.in** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ: **M/s. e-Procurement Technologies Ltd. (Auction Tiger), Contact Person- Ram Sharma - 08000023297, Rakesh Nayak - 9937220319, Land Line No. 079- 40230821/823/824/826/827/816/806, Toll free no. 18001035342, E-mail ID: orissa.auctiontiger.net, ramprasad@auctiontiger.net & support@auctiontiger.net, Website: https://iob.auctiontiger.net** . (୧୯) ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି : **ଟ.୩୦,୦୦୦/-** ରଖାଯାଇଛି । (୨୦) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ଉପରେ ବର୍ଣ୍ଣିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ **୧୫ ଦିନିଆ** ନୋଟିସ୍ ଅଟେ ।

ସ୍ଥାନ-ଭୁବନେଶ୍ୱର
ତାରିଖ- ୧୩.୦୫.୨୦୧୯

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

"ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି।
–ଶ୍ରୀଅରବିନ୍ଦ

# ଅବିଶ୍ୱସନୀୟ ଦୃଷ୍ଟାନ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଏକ ହିନ୍ଦୀ ଟେଲିଭିଜନ ଚ୍ୟାନେଲକୁ ସାକ୍ଷାତ୍କାର ଦେଇ କହିଛନ୍ତି, ୧୯୮୭-୮୮ରେ ସେ ଡିଜିଟାଲ କ୍ୟାମେରା ବ୍ୟବହାର କରୁଥିଲେ। ଏପରି କି ଗୁଜରାଟର ବିରାମଗାମରେ ଏକ ସାଧାରଣ ସଭାରେ ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡ୍‌ଭାନୀଙ୍କ ରଙ୍ଗିନ ଡିଜିଟାଲ ଫଟୋ ଉଠାଇ ସେ ଦିଲ୍ଲୀକୁ ପଠାଇଥିଲେ। ପରଦିନ ଖବରକାଗଜରେ ରଙ୍ଗିନ ଫଟୋ ଦେଖି ଆଡ୍‌ଭାନୀ ଆଶ୍ଚର୍ଯ୍ୟ ହୋଇ ଏହା କିଭଳି ଆସିଲା ବୋଲି ପଚାରିଥିଲେ। ଏହି ସାକ୍ଷାତ୍କାର ପ୍ରସାରଣ ହେବା ପରେ ମୋଦିଙ୍କ ଦାବିକୁ ସମାଲୋଚନା କରାଯାଇଛି। ବିରୋଧୀ ତାଙ୍କୁ ମିଛର ଆଶ୍ରୟ ନେଉଥିବା ଜଣେ ନେତା କହୁଥିବା ବେଳେ ବୁଦ୍ଧିଜୀବୀ ଭାରତରେ ଯେତେବେଳେ ଡିଜିଟାଲ ବୈଷୟିକ ଜ୍ଞାନ ଆସି ନ ଥିଲା, ସେତେବେଳେ ସେ ଡିଜିଟାଲ ଫଟୋ କିଭଳି ଉଠାଇଲେ ବୋଲି ପ୍ରଶ୍ନ ଉଠାଇଛନ୍ତି।

ଇତିହାସ ଦେଖିଲେ, ଡିଜିଟାଲ କ୍ୟାମେରା ଚିନ୍ତା ୧୯୭୫ରେ ବୈଷୟିକବିତ୍‌ଙ୍କ ମୁଣ୍ଡକୁ ଜୁଟିଥିଲା। ଜାପାନର ଫୁଜି କମ୍ପାନୀ ପ୍ରଥମେ ୧୯୮୯ରେ ଡିଜିଟାଲ କ୍ୟାମେରା ବିକ୍ରି କରିଥିଲା। ତେଣୁ ମୋଦି କିଭଳି ଏଭଳି ଅତ୍ୟାଧୁନିକ କ୍ୟାମେରା ୧୯୮୭-୮୮ରେ ବ୍ୟବହାର କଲେ, ଏହା ଅଦ୍ଭୁତ ଲାଗିବା ସ୍ୱାଭାବିକ ଏବଂ ତାହା କେଉଁ କମ୍ପାନୀ ଦ୍ୱାରା ନିର୍ମିତ ଚିନ୍ତା କରିବା କଷ୍ଟକର। ଅନୁରୂପ ଭାବେ ପ୍ରଥମେ ଆମେରିକାର ପ୍ରତିରକ୍ଷା ବିଭାଗ ଆଡଭାନ୍ସଡ୍ ରିସର୍ଚ୍ଚ ପ୍ରୋଜେକ୍ଟସ୍ ଏଜେନ୍ସି ନେଟ୍‌ୱର୍କ (ଅର୍ପାନେଟ୍) ୧୯୭୩ରେ ଇ-ମେଲ୍ ବ୍ୟବହାର କରିଥିଲା। ଭାରତରେ ଏଜୁକେଶନାଲ ରିସର୍ଚ୍ଚ ନେଟ୍‌ୱର୍କ (ଇର୍‌ନେଟ୍) ୧୯୮୬ରେ ଇଣ୍ଟରନେଟ୍ ବ୍ୟବହାର କରିଥିଲା। କିନ୍ତୁ ଜନସାଧାରଣଙ୍କ ନିକଟରେ ଏହି ସୁବିଧା ଉପଲବ୍ଧ ଲାଗି ଏକ ଦଶନ୍ଧି ଲାଗିଯାଇଥିଲା। ଅର୍ଥାତ୍ ପ୍ରାୟ ୧୯୯୬ ମସିହା ବେଳକୁ ଭାରତୀୟମାନେ ଏହାର ଉପଯୋଗ ଲାଗି ସୁଯୋଗ ପାଇଥିଲେ। ହେଲେ ପ୍ରଧାନମନ୍ତ୍ରୀ ମୋଦି ଦାବି କରୁଛନ୍ତି ଯେ, ୧୯୮୭-୮୮ରେ ସେ ଆଡ୍‌ଭାନୀଙ୍କ ଫଟୋ ଗୁଜରାଟରୁ ଦିଲ୍ଲୀକୁ ଇ-ମେଲ୍ କରିଥିଲେ। ଉଭୟ କଥାର ସମୟଖଣ୍ଡକୁ ତୁଳନା କଲେ ମୋଦିଙ୍କ ମନ୍ତବ୍ୟ ଅସତ୍ୟ ମନେହେଉଛି। ସୋସିଆଲ ମିଡିଆରେ ତାଙ୍କ ଉକ୍ତିକୁ ବହୁଳ ଭାବେ ଟ୍ରୋଲ (ନିନ୍ଦା) କରାଯାଉଛି। କଂଗ୍ରେସ ନେତା ତେହସିନ ପୁନାୱାଲା ଟୁଇଟ୍ କରି କହିଛନ୍ତି ଯେ, ଡିଜିଟାଲ କ୍ୟାମେରା କିମ୍ବା ଇ-ମେଲ୍‌କୁ ନେଇ ମୋଦିଙ୍କୁ ତାଚ୍ଛଲ୍ୟ କରିବେ ନାହିଁ। ଯଦି ୧୯୮୭-୮୮ରେ ଜଣେ ଗରିବ ଚା ବାଲା ନିଜ ବିଳାସ ପାଇଁ ଏସବୁ କିଣିପାରିଛନ୍ତି, ତେବେ ରାଜୀବ ଗାନ୍ଧୀ କିଭଳି ବିକାଶ ଆଣିଥିଲେ ତାହା ଏଥିରୁ ଚିନ୍ତା କରାଯାଉ। ଏଥିରୁ ବୁଝିବାକୁ ହେବ ଯେ, ମୋଦି ଏବେ ଯେଉଁ ବିକାଶ କଥା କହୁଛନ୍ତି, ଯଥେଷ୍ଟ ପୂର୍ବରୁ ସମ୍ଭବତଃ ଏ ଦେଶ ପ୍ରଯୁକ୍ତିବିଦ୍ୟାରେ ବହୁ ଆଗରେ ରହିଥିଲା। ତେବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ନେଇ ମୋଦିଙ୍କ ଏବର ଦାବି ନୂଆ ନୁହେଁ ବୋଲି କୁହାଯାଇପାରିବ। କେନ୍ଦ୍ରରେ କ୍ଷମତାସୀନ ହେବା ପରେ ମୋଦି କହିଥିଲେ, ଭାରତୀୟଙ୍କୁ ଆବହମାନ କାଳରୁ ପ୍ଲାଷ୍ଟିକ୍ ସର୍ଜରି ଜଣାଥିଲା। ଏହାର ଦୃଷ୍ଟାନ୍ତ ଦେବାକୁ ଯାଇ ଗଣେଶଙ୍କ କାନ୍ଧରେ ହାତୀ ମୁଣ୍ଡ ଲଗାଯିବା ବିଷୟ ଅବତାରଣା କରିଥିଲେ।

ଆଜିର ଅତ୍ୟାଧୁନିକ ବିଜ୍ଞାନଯୁଗରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଗବେଷଣା ଓ ବାସ୍ତବ ଅନୁଧ୍ୟାନ କରି ନୂତନ ଉଦ୍ଭାବନ କରିବାରେ ବ୍ୟସ୍ତ ଥିବା ବେଳେ ଆମ ଦେଶର ରାଜନୈତିକ ନେତୃତ୍ୱ ଅବାସ୍ତବ ଓ ମନଗଢ଼ା କାହାଣୀକୁ ବିଜ୍ଞାନସମ୍ମତ କରିବାକୁ ଚାହୁଁଥିବା ଆଦୌ ଗ୍ରହଣୀୟ ହେଉନାହିଁ। ଏହାଦ୍ୱାରା ଅନ୍ଧବିଶ୍ୱାସ ପ୍ରସାରଲାଭ କରିବା ସହ ଦେଶବାସୀଙ୍କୁ ପଛକୁ ନେଇଯିବାର ପ୍ରୟାସ କରାଯାଉଛି ବୋଲି କୁହାଯାଇପାରେ। ଯେଉଁ ଜାତି ବୈଜ୍ଞାନିକ ମିଜାଜ୍ ନେଇ ଆଗକୁ ବଢ଼ିବ ନାହିଁ, ତାହା ବିଶ୍ୱ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବ ନାହିଁ। ଗୋଟିଏ ପଟେ ପୌରାଣିକ ଚିନ୍ତାଧାରା ଉପରେ ବିଶ୍ୱାସ କରିବାକୁ କୁହାଯାଉଥିବା ବେଳେ ଅନ୍ୟପଟେ ସୁପରପାୱାର ହେବାର ସ୍ୱପ୍ନ ଦେଖାଇବା ବିରୋଧାଭାସ ସ୍ଥିତି ସୃଷ୍ଟି କରୁଛି। ଏଭଳି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେଉଥିବା ବ୍ୟକ୍ତି ବାସ୍ତବଧର୍ମୀ ହେବା ସହ ସତ୍ୟବାଦୀ ହେବା ବାଞ୍ଛନୀୟ।

## ଚିରନ୍ତନୀ

ପାହାଡ କଟିରେ ଉଡଇ ବିହଗ ଦୁଇ
ନ ପାରଇ ତା'ର ତୁଙ୍ଗ ଶିଖର ଛୁଇଁ।
ପ୍ରତୀଚୀ ଗଗନେ ବୁଲାଏ ପଥିକ ଆଖି
ଆଉ ବେଳ କେତେ ରହିଚି ତା' ପାଇଁ ବାକି?
ମାନସେ ନାଚଇ ପାହାଡ ସେପାଖ ଛବି
କେଉଁ ଘରବାଡେ ହସୁଥିବ ଏହି ରବି!
କେଉଁ ଗ୍ରାମପଥେ କୁଟିର ଆଠ କି ଦଶ
ଡାହାଣିଆ ଖରା ହସୁଥିବ ଶେଷ ହସ।

(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | D | 1 | | | A | | 3 | | |
| 6 | | | | 0 | 2 | | E | | 9 | | | | | 1 |
| 2 | 9 | | | | B | | | | | | E | | | 5 |
| | | D | | | 1 | | | B | | | | 7 | 0 | 2 |
| | | | | | | 9 | | 2 | | 4 | | | C | |
| 9 | 5 | | 8 | | 6 | | 3 | | | B | 2 | | | |
| | | 4 | 1 | A | 9 | | | | | E | | | B | |
| | 3 | 8 | | | 7 | A | 5 | | 0 | | | | 6 | |
| C | | | | | | 8 | | | | | | | | A |
| | | | | 3 | | 2 | | | | 9 | | | | D |
| A | | 3 | 2 | | | 7 | | | 6 | | | | | |
| | 4 | 0 | C | | | 6 | A | 3 | | | | 8 | 5 | |
| | | | | 4 | A | | 0 | | | 8 | 1 | | | C |
| | | 6 | | 5 | 8 | | | 4 | | D | | 9 | | |
| | | 9 | B | 6 | D | | 2 | | E | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | C | D | 4 | 8 | B | 1 | 7 | 6 | 0 | 9 | E | A | 2 | 3 |
| 3 | 6 | 8 | 5 | E | A | D | 4 | 2 | B | C | 1 | 0 | 9 | 7 |
| 2 | 1 | 9 | 0 | 7 | D | 5 | A | C | 3 | 4 | 6 | 8 | E | B |
| 4 | 0 | A | 2 | 9 | 6 | 3 | E | B | 5 | 7 | 8 | D | C | 1 |
| 7 | E | B | 3 | C | 1 | 9 | 8 | 0 | A | 2 | D | 4 | 6 | 5 |
| E | A | 2 | 1 | 3 | 0 | C | B | 7 | 6 | D | 4 | 5 | 8 | 9 |
| 1 | 8 | 7 | E | 5 | C | 6 | 9 | 4 | 2 | A | 3 | B | 0 | D |
| 6 | B | C | 7 | A | 2 | 0 | 5 | D | E | 8 | 9 | 3 | 1 | 4 |
| 0 | D | 4 | 8 | B | 9 | E | 2 | 3 | 7 | 1 | 5 | C | A | 6 |
| 9 | 5 | 3 | D | 6 | 4 | A | 1 | 8 | C | B | 0 | 2 | 7 | E |
| A | 4 | E | B | 1 | 3 | 7 | D | 9 | 8 | 0 | C | 6 | 5 | 2 |
| 8 | 9 | 6 | A | D | E | 2 | 0 | 5 | 4 | 3 | 7 | 1 | B | C |
| B | 7 | 5 | C | 0 | 8 | 4 | 3 | E | 1 | 6 | 2 | 9 | D | A |
| C | 2 | 1 | 9 | 4 | 5 | 8 | 6 | A | D | E | B | 7 | 3 | 0 |
| D | 3 | 0 | 6 | 2 | 7 | B | C | 1 | 9 | 5 | A | E | 4 | 8 |

ଗତକାଲିର ଉତ୍ତର

# ସଜ ସମ୍ପତ୍ତି – ବାସି ସମ୍ପତ୍ତି



ନାରାୟଣ ପଣ୍ଡା

କୌଣସି ଏକ ଜନପଦରେ ଜନୈକ ଧନୀ ବ୍ୟବସାୟୀ ବାସକରୁଥିଲେ। ଅଚଳାଚଳ ସମ୍ପତ୍ତିର ମାଲିକ ଥିବା ବ୍ୟବସାୟୀଙ୍କର ନିକଟବର୍ତ୍ତୀ ଗ୍ରାମପୁଞ୍ଜରେ ଥିଲା ଯଥେଷ୍ଟ ସମ୍ମାନ ଓ ପ୍ରତିଷ୍ଠା। ଘରେ ତାଙ୍କର ସ୍ତ୍ରୀ ଓ ଏକମାତ୍ର ପୁତ୍ର। ଦାସଦାସୀ ତଥା ବନ୍ଧୁ ଓ କୁଟୁମ୍ବଙ୍କ ସହିତ ସୁଖଶାନ୍ତିରେ ଅତିବାହିତ ହେଉଥିଲା ତାଙ୍କ ଜୀବନ। ସବୁଦିନ ସମାନ ଯାଏନାହିଁ। ଏକ ଭୟଙ୍କର ରୋଗରେ ପୀଡିତ ହୋଇ ସେ ସଂସାର ତ୍ୟାଗକରନ୍ତି। ତାଙ୍କ ବିଧବା ସ୍ତ୍ରୀ ଓ ପୁତ୍ର ଅତି ଆଡମ୍ବର ସହକାରେ ଧନିକଙ୍କର ଅନ୍ତ୍ୟେଷ୍ଟି ଓ ଦଶାହକ୍ରିୟା ସମ୍ପାଦନ କଲେ। କିଛିଦିନ ପରେ ଗୃହପତ୍ନୀ ଜଣେ ସୁନ୍ଦରୀ ଓ ଉଚ୍ଚକୁଳସମ୍ଭୂତା କନ୍ୟା ସହିତ ପୁତ୍ରର ବିବାହ ସମ୍ପାଦନ କରାଇଲେ। ନବବଧୂର ଆଗମନରେ ପୂରିଉଠିଲା ଗୃହାଙ୍ଗନ। କିନ୍ତୁ ପୁତ୍ରଜଣକ ପିତାଙ୍କର ବ୍ୟବସାୟରେ ମନୋଯୋଗୀ ନ ହେବା ଓ ଭୂସମ୍ପତ୍ତିର ରକ୍ଷଣାବେକ୍ଷଣରେ ଉଦାସୀନ ହେବା ଲକ୍ଷ୍ୟକରି ଦୁଃଖୀତା ହେଲେ ମା'। ଅବଶ୍ୟ ତାଙ୍କର ସ୍ୱାମୀ ଯେତେ ସମ୍ପତ୍ତି ସଞ୍ଚୟ କରିଯାଇଥିଲେ ତାହା ତାଙ୍କର ଆଗାମୀ ଦୁଇତିନିପୁରୁଷ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ। ତଥାପି ରୋଜଗାର କରିବା ବୟସରେ ତାଙ୍କର ଏକମାତ୍ର ଯୁବକ ପୁତ୍ର ବ୍ୟବସାୟରେ ଧ୍ୟାନ ନ ଦେଇ ଆଳସ୍ୟରେ ସମୟ ଅତିବାହିତ କରିବା ଯୋଗୁ ମା' ଚିନ୍ତିତା ହୋଇପଡିଲେ। କିନ୍ତୁ ପୁତ୍ରଙ୍କ ପ୍ରତି ତାଙ୍କର ବ୍ୟବହାରରେ କୌଣସି ବ୍ୟତିକ୍ରମ ପରିଲକ୍ଷିତ ହେଲାନାହିଁ। ପୂର୍ବରୁ ପୁତ୍ରଙ୍କୁ ଯେଭଳି ଭଲପାଉଥିଲେ, ଆନନ୍ଦରେ ଖୁଆଉଥିଲେ– ସେଥିରୁ ସାମାନ୍ୟ ବିଚ୍ୟୁତ ମଧ୍ୟ ହେଲେନାହିଁ ସେ। ପ୍ରତିଦିନ ଖାଇବା ସମୟ ହେଲେ ଆଦରରେ ପୁଅକୁ ଡାକନ୍ତି,– ''ବାବୁ, ଖାଇବା ସମୟ ହେଲାଣି, ବାସି ଗଣ୍ଡିଏ ଖାଇଦେଇଯାଅ।'' କିନ୍ତୁ ପ୍ରକୃତରେ ପୁଅକୁ ସେ କୌଣସି ବାସି ଖାଦ୍ୟ ପରଷୁ ନ ଥିଲେ। ପୂର୍ବପରି ଦୁଧଘିଅ, ଖିରିପିଠା, ତଥା ସୁସ୍ୱାଦୁ ଅନ୍ନବ୍ୟଞ୍ଜନ ଖୁଆଇବାରେ ମା'ଙ୍କର ଆଦୌ ହେଳା ନ ଥିଲା। ମାତ୍ର ପ୍ରତିଦିନ 'ବାସି ଗଣ୍ଡେ ଖାଇଦିଅ' କହିବାକୁ ଭୁଲୁ ନ ଥିଲେ ସେ। ପୁଅ ବେଳେବେଳେ ଭାବନ୍ତି, ମା' ପୂର୍ବପରି ଉତ୍ତମ ଖାଦ୍ୟ ପ୍ରସ୍ତୁତ କରୁଥିବା ବେଳେ 'ବାସି' ଶବ୍ଦଟି କାହିଁକି ବ୍ୟବହାର କରନ୍ତି। ଥରେ କୌଣସି କାରଣବଶତଃ ଦୂର ଗାଁର ବନ୍ଧୁଙ୍କ ଘରକୁ ଯିବାକୁ ପଡିଲା ମା'ଙ୍କୁ। ଯିବା ପୂର୍ବରୁ ପୁଅର ଉପଯୁକ୍ତ ଯତ୍ନନେବାକୁ ଓ ତାହାର ଖାଇବା ସମୟରେ 'ବାସି ଗଣ୍ଡେ ଖାଇନିଅ' କହିବାକୁ ନ ଭୁଲିବାପାଇଁ ନିର୍ଦ୍ଦେଶ ଦେଇଗଲେ। ଶାଶୁଙ୍କର ପ୍ରବାସ ଆରମ୍ଭ ହେଲା। ଏଣେ ଘରେ ଖାଇବା ସମୟ ହେଲେ ଗୃହବଧୂ 'ବାସି ଗଣ୍ଡେ ଖାଇନିଅ' କହି ସ୍ୱାମୀଙ୍କୁ ଭୋଜନ ପାଇଁ ଆହ୍ୱାନ କରନ୍ତି। ମା'ଙ୍କ ଭାଷା ସ୍ତ୍ରୀଙ୍କ ମୁଖରୁ ଶୁଣି ଆଶ୍ଚର୍ଯ୍ୟଚକିତ ପୁଅଙ୍କ ମୁଖମଣ୍ଡଳରେ ବିରକ୍ତିର ରେଖା ପ୍ରକାଶ ପାଇଲା। ସଜ ଓ ସୁସ୍ୱାଦୁ ଖାଦ୍ୟ ଦେଇ ମା'ଙ୍କ ପରି ବାସି ବୋଲି କହିବା ପଛରେ କି ରହସ୍ୟ ଅଛି ବୋଲି ଜିଜ୍ଞାସା କଲେ ଯୁବକ। ଏପରି କହିବାକୁ ଶାଶୁଙ୍କର ନିର୍ଦ୍ଦେଶ ରହିଥିବା ସ୍ତ୍ରୀ ବିନମ୍ର ଭାବେ ପ୍ରକାଶକଲେ। ପୁଅ ଏହି ଉତ୍ତରରେ ସନ୍ତୁଷ୍ଟ ନ ହୋଇ ମା' ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସ୍ଥିରକଲେ। ନିର୍ଦ୍ଧାରିତ ଦିନରେ ଫେରିଆସିଲେ ମା', ପୁନଶ୍ଚ, 'ବାସି ଗଣ୍ଡେ' ଖାଇବା ପାଇଁ ପୁଅକୁ ସ୍ନେହରେ ଡାକିଲେ। ପୂର୍ବରୁ କୌଣସି ପ୍ରଶ୍ନ ନ କରି ଖାଉଥିବା ପୁତ୍ର ଆଜି କିନ୍ତୁ ଅତି ନମ୍ରତାର ସହିତ ପଚାରିଲେ– ମା', ସବୁଦିନ ମୋତେ ତୁମେ ସୁସ୍ୱାଦୁ ଓ ସଦ୍ୟ ପ୍ରସ୍ତୁତ ଖାଦ୍ୟ ଦେଇ, ଏହାକୁ ବାସି ବୋଲି କାହିଁକି କହୁଛ? ମା'ଙ୍କ ମୁହଁରେ ସ୍ମିତହାସ୍ୟଟିଏ ଉଙ୍କିମାରିଲା। ସତେଯେପରି ଦୀର୍ଘଦିନ ଧରି ଏହି ପ୍ରଶ୍ନଟି ଶୁଣିବା ପାଇଁ ସେ ଆତୁରତାର ସହିତ ଅପେକ୍ଷା କରିଥିଲେ। ବର୍ତ୍ତମାନ ସେହି ମାହେନ୍ଦ୍ର ମୁହୂର୍ତ୍ତ ଉପସ୍ଥିତ। ଧୀର କଣ୍ଠରେ ସେ କହିଲେ,– ବାବୁ, ତୋ ପିତାଙ୍କ ନିଧନ ପରଠାରୁ ମୁଁ ଏହି ବାସି ଶବ୍ଦଟି ବ୍ୟବହାର କରିଆସୁଛି। ତୁମେ ଜାଣ, ଯାହା ସଦ୍ୟ ନୁହେଁ ତାହା ହିଁ ବାସି। ଯାହା ସଦ୍ୟ ପ୍ରସ୍ତୁତ ତାହା ସଜ। ଖାଇବାରେ ଯେପରି ସଜ ଓ ବାସିର ପ୍ରଶ୍ନ ରହିଛି, ସମ୍ପତ୍ତି ଉପଭୋଗରେ ମଧ୍ୟ ଏହି ଉକ୍ତିର ପ୍ରାସଙ୍ଗିକତା ନିହିତ। ଆମେ ଯେଉଁ ସମ୍ପତ୍ତି ବର୍ତ୍ତମାନ ଭୋଗକରୁଛେ, ତାହା ତୁମ ପିତାଙ୍କଦ୍ୱାରା ଅର୍ଜିତ। ତୁମେ ନିଜେ ଆଜି ପର୍ଯ୍ୟନ୍ତ କୌଣସି ଧନ ଅର୍ଜନ କରି ପିତାଙ୍କ ସମ୍ପତ୍ତିରେ ଯୋଗ କରିନାହିଁ। କିନ୍ତୁ ତାଙ୍କ ସମ୍ପତ୍ତି ଭୋଗ କରିଚାଲିଛ, ଯାହାକି ବାସ୍ତବରେ 'ବାସି' ସମ୍ପତ୍ତି। ତୁମେ ତୁମ ସାମର୍ଥ୍ୟ ଓ ପୁରୁଷାକାରର ଉପଯୋଗ କରି ପିତାଙ୍କ ସମ୍ପତ୍ତିର ଅଭିବୃଦ୍ଧି ସାଧନ କରିପାରିଲେ, ତାହା 'ସଜ' ସମ୍ପତ୍ତି ତୁଲ୍ୟ ହେବ। ପୁରୁଷଟିଏ ପାଇଁ ତାହାର ସମୟ ଓ ସାମର୍ଥ୍ୟର ଉପଯୋଗ କରିବାର ପ୍ରକୃଷ୍ଟ ସମୟ ହିଁ ଯୌବନକାଳ। ଆମ ସଂସ୍କୃତିରେ ଗୃହସ୍ଥର ଚତୁରାଶ୍ରମ ଗୁରୁଗୃହ ବାସ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ– ମଧ୍ୟରେ ଉକ୍ତ ଗୃହସ୍ଥାଶ୍ରମ ହିଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ଜୀବନର ସେଇ ସମୟଟି ତା'ର ସମସ୍ତ ପ୍ରଗତିର ଆଧାରଶିଳା। ଉକ୍ତ ସମୟର ସଦୁପଯୋଗ ନ ହେଲେ ମଣିଷଜୀବନ ଦିଗହରା ହୋଇଥାଏ। ପୁଅ ବର୍ତ୍ତମାନ 'ବାସି' ର ଯଥାର୍ଥ ଅର୍ଥ ବୁଝିପାରି ଏକ ନବଚେତନାର ଉତ୍ତରଣ ଅନୁଭବକଲା, ଦେହମନପ୍ରାଣକୁ ଆଚ୍ଛନ୍ନକଲା ଏକ ନୂତନ ଭାବନା। ଏହା ଏକ ଗଳ୍ପ ହୋଇପାରେ, କିନ୍ତୁ ଏହାର ଅନ୍ତରାଳରେ ସମାଜ ପାଇଁ ଉତ୍ତମ 'ମଣିଷ' ସୃଷ୍ଟି କରିବାକୁ ଯଥେଷ୍ଟ ସନ୍ଦେଶ ରହିଛି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ପିତା ଯେତେ ଧନୀ ହେଲେ ମଧ୍ୟ ଉପାର୍ଜନ କରିବାର ସମୟ ଉପଗତ ହେଲେ ପୁତ୍ରକନ୍ୟାମାନେ ନିଶ୍ଚୟ ନିଯୁକ୍ତି ସନ୍ଧାନରେ ରହିଥାନ୍ତି। ଏପରି କି ସେମାନେ ନିଜ ପିତାଙ୍କ କମ୍ପାନୀରେ କର୍ମଚାରୀରୂପେ ଯୋଗଦେବାକୁ କୁଣ୍ଠା ପ୍ରକାଶକରି ନ ଥାନ୍ତି। ବର୍ତ୍ତମାନ ଆମ ସମାଜରେ ଏହାର ଘୋର ବ୍ୟତିକ୍ରମ ଦେଖାଯାଇଛି। ବିତ୍ତଶାଳୀ ଗୃହସ୍ଥଙ୍କ ସନ୍ତାନମାନେ ନିଜେ ନିଯୁକ୍ତିରହିତ ଥାଇ ବିଳାସବ୍ୟସନରେ ପିତାଙ୍କର ସମ୍ପତ୍ତିକୁ ଯୌବନର ଉନ୍ମାଦନାରେ ଅକାତରେ ବ୍ୟୟ କରିଚାଲିଥିବା ଦୃଶ୍ୟ ବିରଳ ନୁହେଁ। ଏହି ପରାଙ୍ଗପୁଷ୍ଟ ସନ୍ତାନମାନଙ୍କ ପାଇଁ ଗୌରବ ମଧ୍ୟ ଅନୁଭବ କରିଥାନ୍ତି ମାତାପିତା। ପରିଶେଷରେ ଏହା ବିଷମୟଫଳ ପ୍ରସବ କରିଥାଏ। ମାତାପିତାଙ୍କର ରୋଜଗାର ଓ ଉତ୍ପାଦନ କରିବା କ୍ଷମତା ସମୟକ୍ରମେ ନିଃଶେଷ ହୋଇଯାଏ। ଅସମର୍ଥ ସନ୍ତାନମାନେ ସଞ୍ଚିତ ସମ୍ପତ୍ତି ବ୍ୟୟ କରିସାରି ''କ'ଣ କରିବି'' ପଞ୍ଚାକ୍ଷର ଜପକରିବା ସହିତ ବୋଝ ହୋଇପଡନ୍ତି ମାତାପିତାଙ୍କ ଉପରେ। କାହାରି କାହାରି ଜୀବନରେ ଅପରାଧର ପଙ୍କିଳ ରାସ୍ତାକୁ ଆପଣେଇବାକୁ ପଡିଥାଏ। ସୁତରାଂ ସନ୍ତାନମାନଙ୍କର ଉତ୍ତର ଜୀବନ ପ୍ରତି ମାତାପିତା ଯେତିକି ଧ୍ୟାନଶୀଳ ହେବେ, ସନ୍ତାନମାନେ ମଧ୍ୟ ଅନୁରୂପ ଭାବେ ନିଜ ଉତ୍ତର ଜୀବନ ପ୍ରତି ଯତ୍ନଶୀଳ ହୋଇ ଜୀବନକୁ ସ୍ୱଚ୍ଛଳ ଓ ପୁଷ୍କଳ କରିବା ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରିବେ। ସନ୍ତାନମାନଙ୍କ ଜୀବନର ପ୍ରଥମାର୍ଦ୍ଧରେ ସେମାନଙ୍କ ଚରିତ୍ର ଗଠନପ୍ରତି ଅମନଯୋଗୀ ହୋଇ ପରିଣତ ବୟସରେ ନୀରବରେ ଅଶ୍ରୁମୋଚନ କରୁଥିବା ମାତାପିତା ଆଜି ଆମ ସମାଜରେ ବହୁ ସଂଖ୍ୟାରେ ଅଛନ୍ତି। କୁହାଯାଏ, ବିବାହ ଉପଯୋଗୀ କନ୍ୟା ଓ ରୋଜଗାର କରୁ ନ ଥିବା ପୁତ୍ର ଘରେ ରହିଲେ ଗୃହସ୍ଥଙ୍କ ପ୍ରତି ଅଭିଶାପ ସାବ୍ୟସ୍ତ ହୁଅନ୍ତି। ସନ୍ତାନମାନଙ୍କୁ ଯୋଗ୍ୟ କରିବା ମାତାପିତାଙ୍କର ସର୍ବୋଚ୍ଚ ଦାୟିତ୍ୱ। ପିଲାମାନଙ୍କୁ ଉପଯୁକ୍ତ ଭାବେ ନ ଗଢି ସେମାନଙ୍କୁ ସଂସାରଭାର ଅର୍ପଣକରିବା ଅବା ନିଜର ଆର୍ଥିକ ଓ ବ୍ୟବସାୟିକ ସାମ୍ରାଜ୍ୟକୁ ତାଙ୍କ ହାତରେ ଟେକିଦେବା, ନିଜର ଦୁର୍ଭାଗ୍ୟକୁ ନିମନ୍ତ୍ରଣ କରିବା ସହିତ ସମାନ। ବର୍ତ୍ତମାନ ରାଜନୀତି କ୍ଷେତ୍ରରେ ମଧ୍ୟ ଏହି ପରମ୍ପରା କେଉଁଠି କେଉଁଠି ଦୃଷ୍ଟିଗୋଚର ହୋଇଥାଏ। ବୟସ ଓ ସ୍ୱାସ୍ଥ୍ୟ ଦୃଷ୍ଟିରୁ ପ୍ରତିକୂଳ ଅବସ୍ଥାରେ ଗତିକରୁଥିବା ରାଜନୈତିକ ବ୍ୟକ୍ତିମାନେ ନିଜର ରାଜନୀତି ଅନଭିଜ୍ଞ ସନ୍ତାନମାନଙ୍କୁ ଉତ୍ତରାଧିକାରୀରୂପେ ଘୋଷଣା କରିଥାନ୍ତି। ନିଜର କର୍ମସକାଶେ ସମାଜରେ କଳଙ୍କିତ ଓ ଲଜ୍ଜିତ ଭାବମୂର୍ତ୍ତି ରଖୁଥିବା କେତେକ ରାଜପୁରୁଷ କ୍ଷମତାକୁ ପୁରୁଷାନୁକ୍ରମେ ଉପଭୋଗ କରିବାର ଆଶା ରଖି, ନିଜେ ପରଦା ଅନ୍ତରାଳରେ ରହି, ସମାଜ ପାଇଁ ବିଶେଷ ଅବଦାନ ରଖି ନ ଥିବା ସନ୍ତାନମାନଙ୍କୁ ନିର୍ବାଚନ ରଣକ୍ଷେତ୍ରରେ ଯୋଦ୍ଧାରୂପେ ଅବତୀର୍ଣ୍ଣ କରାଇଥାନ୍ତି। ସନ୍ତାନମାନଙ୍କୁ ସବୁଦିନେ 'ସଜ' ଖୋଇବାର ନିଶା ସେମାନଙ୍କୁ ପ୍ରଲୁବ୍ଧକରେ। ଏମାନଙ୍କ ମଧ୍ୟରୁ କେହିକେହି ଜୀବନଯୁଦ୍ଧରେ ବିଜୟଲାଭ କରନ୍ତି, କେତେକ ପରାଜୟର ଅନ୍ଧକାରରେ ନିଶ୍ଚିହ୍ନ ହୋଇ ଗଚ୍ଛିତଥିବା 'ବାସି' ଖାଦ୍ୟରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ ହୁଅନ୍ତି।

ନୂଆବନ୍ଧସାହି, ନବରଙ୍ଗପୁର,
ମୋ– ୯୪୩୭୦୧୮୯୬୨

# ଅଧାଗଢ଼ା ଡଙ୍ଗରିଆ



ଦ୍ୟୁତୀ ଚନ୍ଦ୍ର ସାହୁ

ବିରାଟକାୟ କାନ୍ଥ ଭଳି ଠିଆହୋଇଛି ନିୟମଗିରି ପାହାଡ଼। ତା'ରି ପାଦଦେଶରେ ଡଙ୍ଗରିଆ ଗାଁ ରାଇଲିମା। ବିନା ଦ୍ୱିଧାରେ ଗାଁରେ ପହଞ୍ଚିବା ଲାଗି ଆମନ୍ତ୍ରଣ ମୁଦ୍ରାରେ ରାସ୍ତାଟିଏ ଲମ୍ବିଛି ଆଗକୁ। ଦି'କଡ଼ରେ ଥିବା ଜଙ୍ଗଲ ସରି ସରି ଆସୁଛି ଅଧା ଚନ୍ଦାମୁଣ୍ଡ ପରି। ହାତଗଣତି କେତୋଟି ଗଛ ନିଜର ସ୍ଥିତି ଜାହିର କରୁଛନ୍ତି। କିଛି ଦୂର ଗଲାପରେ ଆଉ ସେଇ ରାସ୍ତା ଦେଇ ଗାଡି ଯିବା ସମ୍ଭବ ହେଲାନାହିଁ। ରାସ୍ତା ମଝିରେ ବର୍ଷାଜଳ ଯାଇ ଆଁ ହୋଇଯାଇଛି ଠିକ୍ ମୁହଁରେ ଥିବା ଅଳିଭା କଟାଦାଗ ପରି। ଆବୁ ଭଳି ସ୍ଥାନେ ସ୍ଥାନେ ମୁଣ୍ଡିଆ ପାହାଡ଼ର କିଛି ଅଂଶ ରାସ୍ତା ଦଖଲ କରି ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ରାସ୍ତାଟି ନିଜର ସ୍ଥିତି ଜାହିର କରୁଛି ଅଥଚ ଉପର ଦେଇ ଗାଡ଼ି ଯିବା ଲାଗି ମନା କରୁଛି ଯେମିତି। ଗାଡ଼ି ରଖି ସେଇଠୁ ଚାଲି ଚାଲି ଆଗକୁ ବଢ଼ିଲୁ। ମାଓବାଦୀ ଇଲାକା ଭାବେ ପରିଚିତ ସେଇ ଅଞ୍ଚଳ ସାଧାରଣ ଅପରିଚିତ ଲୋକଙ୍କ ପାଇଁ ଆଦୌ ସୁରକ୍ଷିତ ନୁହେଁ, ଏ କଥା ବହୁପୂର୍ବରୁ ବୁଝି ସାରିଥିଲୁ। କିନ୍ତୁ ଆଦିବାସୀଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସକୁ ନେଇ ଏକ ପ୍ରାମାଣିକ ଚିତ୍ର ପ୍ରସ୍ତୁତ ପାଇଁ ସ୍ଥିତି ଅନୁଧ୍ୟାନ ଲାଗି ଗାଁକୁ ଯିବା ଥିଲା ଆମ ଉଦ୍ଦେଶ୍ୟ। ତୀଖ ରାସ୍ତାରେ ଉପରକୁ ଉଠି ଉଠି ଗାଁରେ ପହଞ୍ଚିଲାବେଳକୁ ସରି ଆସୁଥିଲା ସମସ୍ତ ଶକ୍ତି। ଗାଁର ପ୍ରବେଶପଥ କଡ଼ର ପଣସ ଗଛ ମୂଳେ ଥିବା ପଥର ମୂଳେ ଲଥିକରି ବସିପଡ଼ିଲୁ। ପହିଲି ଖରାର ପ୍ରକୋପ ସେତେ ନ ଥିଲେ ବି ଅସହ୍ୟ ଗୁଳୁଗୁଳି ହେତୁ ଦେହରେ ଝାଳ ଭର୍ତ୍ତି ହୋଇସାରିଥିଲା। ରେଳ ଲାଇନ ଭଳି ଦୁଇଟି ଧାଡିରେ ଥିବା ଘରଗୁଡ଼ିକ ଗାଁର ଚିତ୍ରକୁ ଉପସ୍ଥାପିତ କରୁଥିଲା। ପାରମ୍ପରିକ ଘର ସ୍ଥାନରେ ଥିଲା ଟିଣଘର– ସରକାରଙ୍କ ବିକାଶର ଚିହ୍ନ।

କଦର୍ଯ୍ୟ ଦିଶୁଥିବା ବସନ୍ତମୁହଁ ପରି ଗାଁ ମୁଣ୍ଡ ପ୍ରବେଶ ପଥରୁ ସାହି ଭିତରକୁ ଲମ୍ବିଥିଲା ମଝିରେ ମଝିରେ ଉଠିଯାଇଥିବା ସିସି ରୋଡ। ସାହିର ଦାଣ୍ଡରେ ବିରାଟ ପଣସ ଗଛରେ ବସିଥିଲେ ଗାଁ ଲୋକେ। ପାରମ୍ପରିକ ଡଙ୍ଗରିଆ ପୋଷାକରେ କିଛି ବୟସ୍କ ଲୋକ ନିଜ ଗାଁରେ ପରଦେଶୀ ଭଳି ଲାଗୁଥିଲେ। ଯୁବକମାନଙ୍କ ନିକଟରେ ବିରଳ ଜନଜାତିର କୌଣସି ଚିହ୍ନବର୍ଣ୍ଣ ବାରି ହେଉ ନ ଥିଲା ତାଙ୍କ ବେଶଭୂଷାରୁ। କେତେକ ଲୁଙ୍ଗି, ଗଞ୍ଜି ଓ ଗାମୁଛା ଭିତରେ ସୀମିତ ଥିଲେ। ଆଉ କିଛି ଗଜା ଭେଣ୍ଡିଆ ପ୍ୟାଣ୍ଟ ଓ ଶାର୍ଟ ପିନ୍ଧି ଶିକ୍ଷିତ ହୋଇଥିବାର ସୂଚନା ଦେଉଥିଲେ ଯେମିତି। କେଶବିନ୍ୟାସ ବି ବଦଳିଯାଇଥିଲା। ମୁଣ୍ଡରେ ପାରମ୍ପରିକ ଖୋସା ନ ଥିଲା। ନାକରେ ଫାଶା ବି ପିନ୍ଧିନ ଥିଲେ। ଡଙ୍ଗରିଆଙ୍କ ବିକାଶର ଏଇ ଚିତ୍ର କିଛି ମାତ୍ରାରେ ଆମୋଦିତ କଲା। କିଛି ଘର ସାମ୍ନାରେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଥିବା ଡଙ୍ଗରିଆ ରମଣୀମାନେ ତଥାପି ପାରମ୍ପରିକ ବେଶଭୂଷାରେ ଶୋଭା ପାଉଥିଲେ। ସାଥିରେ ଥିବା ସ୍ଥାନୀୟ ଯୁବକ ଆସିବାର ଉଦ୍ଦେଶ୍ୟ ଜଣାଇଲେ। ବୟସ୍କ ଡଙ୍ଗରିଆ ନିଜ ଭାଷାରେ କ'ଣ କହିଲେ। ଅନ୍ୟମାନେ ହସିଲେ ଜୋରରେ। ପଚାରିବା ପୂର୍ବରୁ ସ୍ଥାନୀୟ ଯୁବକ କହିଲା, ମୁଖିଆଙ୍କ ଅଭିପ୍ରାୟ– ''ସେମିତି ଖାଲିରେ ସିନେମା କରିଦେବୁ କି! ହବନି। ଆମକୁ କିଛି ପଇସା ଦେବାକୁ ପଡ଼ିବ।'' ଯୁବକ ଜଣକ କହିଲା– ''ସିନେମା ଶୁଟିଂ ବେଳେ ଭୋଜି କରି ଖାଇବା।'' ସମସ୍ତେ ଖୁସି ହୋଇଯାଇଥିଲେ।

ଡଙ୍ଗରିଆଙ୍କ ଭିତରେ ଏମିତି ପ୍ରବଣତା ବଢ଼ାଇ ଦିଆଯାଇଛି। ପର୍ଯ୍ୟଟକଙ୍କୁ ଧରି ଆସୁଥିବା ଗାଇଡ୍‌ମାନେ ଚିତ୍ର ଉତ୍ତୋଳନ ଲାଗି ଅନିଚ୍ଛୁକ ଡଙ୍ଗରିଆ ରମଣୀମାନଙ୍କ ହାତରେ କିଛି ପଇସା ଗୁଞ୍ଜି ନିଜ ପସନ୍ଦ ମୁତାବକ ଚିତ୍ର ଉତ୍ତୋଳନ କରି ନିଅନ୍ତି। ପରବର୍ତ୍ତୀ ସମୟରେ ଦେଶ ବିଦେଶରେ ଘୂରି ବୁଲେ ଆମ ଡଙ୍ଗରିଆଙ୍କ ଚିତ୍ର ସହ ଅନେକ ମନଗଢ଼ା ଅଜବ କାହାଣୀ ବଖାଣନ୍ତି। ଏହା ଅନେକ ସମୟରେ ସମସ୍ୟା ସୃଷ୍ଟି କରି ଆସିଛି। ଡଙ୍ଗରିଆ ବସ୍ତ୍ର କାପାଡା ଗଣ୍ଡି, ହାତରେ ଓ ବେକରେ ପିନ୍ଧୁଥିବା ଅଳଙ୍କାରର ଚାହିଦା ସ୍ଥାନୀୟ ହାଟରେ ଢେର ଅଧିକ। ଡଙ୍ଗରିଆଙ୍କ ନାମରେ ଡୋକ୍ରା କଳାର ସାମଗ୍ରୀ ବେଶ୍ ଆଗ୍ରହର ସହ କିଣି ନିଅନ୍ତି ଦେଶୀ ବିଦେଶୀ ପର୍ଯ୍ୟଟକ।

କିଛି ଯୁବକମାନଙ୍କ ହାତରେ ଦେଖିଲି ମୋବାଇଲ। ନିଜ ମୋବାଇଲର ସିଗ୍‌ନାଲକୁ ପରଖିଲି ଓ ବୁଝିଗଲି ତୁରନ୍ତ। ପଚାରିଲି ମୋବାଇଲରେ କ'ଣ କରୁଛ? ଯୁବକ ଜଣକ ହସି ଉତ୍ତର ଦେଲା– ବେଶି ସମୟ ଗୀତ ଶୁଣୁଛୁ ଆଜ୍ଞା! କେବେ କେବେ ବାହାରକୁ ଗଲେ ଫୋନ୍ ବ୍ୟବହାର କରୁଛୁ। ତା' କଥା ନ ସରୁଣୁ ଜଣେ ମଧ୍ୟବୟସ୍କ ଡଙ୍ଗରିଆ ସିମିରି ଜାକସିକା କହିଲା– ଏ ମୋବାଇଲ ଏମାନଙ୍କୁ ନଷ୍ଟ କରିଦେଲା ଆଜ୍ଞା! ଦିନରାତି ଏଥିରେ ମାତିଲେ। କାମଧନ୍ଦା ନାହିଁ। ପାଠଶାଠ ତ ପଢ଼ିଲେ ନାହିଁ। ନା ଆମ ଡଙ୍ଗର କାମକୁ ପାରିଲେ ନା ଚାକିରିବାକିରି କଲେ। କଥାଟା ତୀର ଭଳି ହୃଦୟକୁ ଛୁଇଁଗଲା। ଏହା ବିକାଶର ଅନ୍ୟ ଦିଗକୁ ଜଣାଇଦେଲା। ଅଧିକ ଆଲୋଚନା କଲି। ଯାହା ନିଷ୍କର୍ଷ ତାହା ବାସ୍ତବିକ ସାଂଘାତିକ। ଡଙ୍ଗରିଆ ଗାଁରେ ଥିବା 'ଅଧାଗଢା ମୂର୍ତ୍ତି'ଗୁଡ଼ିକ ଏବେ ସେମାନଙ୍କ ପରିବାର ପାଇଁ ପାଲଟିଛନ୍ତି ବୋଝ। ଅଧିକାଂଶ ଡଙ୍ଗରିଆ ପିଲା ମାଟ୍ରିକ୍ ଛୁଇଁ ପାରୁନାହାନ୍ତି। ଅଧାରୁ ପାଠ ଛାଡି ଗାଁରେ ଆସ୍ଥାନ ଜମାଉଛନ୍ତି। ପାଠପଢ଼ା ବେଳେ ସେମାନଙ୍କ ଭିତରେ ବୃଦ୍ଧି ପାଇଥିବା ମାନସିକତା ପାରମ୍ପରିକ ଚାଷ ପ୍ରତି ବିମୁଖ କରୁଛି। ଅଧାପଢୁଆ ହେତୁ କିଛି କାମରେ ଆସୁନି ଏମିତି ଅଲୋଡା ପାଠ। ନା ଏ କୂଳର ହୋଇପାରୁଛନ୍ତି ନା ସେ କୂଳର। ମଝିରେ ରହି ନିଜେ ଦହଗଞ୍ଜ ହେବା ସହ ପରିବାର ପାଇଁ ବୋଝ ହୋଇପଡୁଛନ୍ତି। ସୀମିତ ପାରିବାରିକ ଆୟ ଭିତରେ ଏ ଅର୍ଦ୍ଧଶିକ୍ଷିତ ଯୁବକମାନଙ୍କ ଆଧୁନିକ ଆବଶ୍ୟକତା ମେଣ୍ଟାଇବା ଭାରି କଷ୍ଟକର ହୋଇପଡୁଛି ପରିବାରକୁ। ଏଇ କାରଣରୁ ସେମାନେ ଭିନ୍ନ ମାର୍ଗକୁ ଆପଣେଇବାକୁ ଏକରକମ ବାଧ୍ୟ ହେଉଛନ୍ତି। ବିଭିନ୍ନ ଯୋଜନା ଜରିଆରେ ଡଙ୍ଗରିଆଙ୍କ ବିକାଶ ଦିଗରେ ସରକାରୀ ଉଦ୍ୟମ ଜାରି ରହିଥିଲେ ମଧ୍ୟ ଦିନତମାମ ମୋବାଇଲ ଭିତରେ ବୁଡ଼ିରହି କର୍ମକୁଣ୍ଠ ହେବା ଚିନ୍ତାର କାରଣ। ମିଳିଗଲା ପ୍ରାମାଣିକ ଚିତ୍ର ପାଇଁ ଭଲ ମସଲା। ମନେ ମନେ ସ୍ଥିର ହୋଇଯାଇଥିଲା ଚିତ୍ର, ଚରିତ୍ର ଓ କଥାବସ୍ତୁ। ଫେରିବାକୁ ଉଦ୍ୟମ କଲି। କିନ୍ତୁ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଲା। ଦରସିଝା ଖାଦ୍ୟ, ଦରଗଢ଼ା ଘର, ଅଧାଗଢ଼ା ମୂର୍ତ୍ତି ଯେପରି ନିଜର ଅସ୍ତିତ୍ୱକୁ ସମ୍ପୂର୍ଣ୍ଣ ରୂପେ ଜାହିର କରିପାରେନା, ଲାଗିଲା ଅଧାଗଢ଼ା ଏଇ ଯୁବ ଡଙ୍ଗରିଆଙ୍କ ଭବିଷ୍ୟତ ମଧ୍ୟ ଠିକ୍ ଅଧାପନ୍ତରିଆ ଓ ଲକ୍ଷ୍ୟଚ୍ୟୁତ ଦୋ ଛକିରେ ଥିବା ମଣିଷ ପରି ଅସ୍ଥିର। ପୂର୍ଣ୍ଣାଙ୍ଗ ମୂର୍ତ୍ତି ଗଢ଼ିବା ଏବେକାର ସମୟର ଆହ୍ୱାନ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା,
ମୋ–୯୫୫୬୨୮୭୭୭୫

## ଏଇ ଭାରତରେ

ଦାନକଲେ ପୁଣ୍ୟ ଅର୍ଜନ ହୋଇଥାଏ। ଅର୍ଥଦାନ, ଅନ୍ନଦାନ, କନ୍ୟାଦାନ, ଗୋ-ଦାନ ଏବଂ ଭୂମିଦାନ ଆଦି ଅନେକ ପ୍ରକାର ଦାନ କରାଯାଉଥିବା ବେଳେ କେଶଦାନ କରିବା ନୂଆ ନିଶ୍ଚୟ। ଉତ୍ତରାଖଣ୍ଡର ରୁର୍କୀ ଅଞ୍ଚଳର ଜଣେ ମହିଳା କ୍ୟାନ୍‌ସର ପୀଡ଼ିତଙ୍କ ସହାୟତା ଲାଗି ନିଜର ସୁନ୍ଦର କେଶ ଦାନ କରିଛନ୍ତି। ସ୍ଥାନୀୟ ରାମନଗରର ସୋନମ୍ ଭଟେଜା ଏଭଳି କରି ଏକ ନିଆରା ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। କ୍ୟାନ୍‌ସର ରୋଗୀଙ୍କୁ ସହାୟତା ନିମନ୍ତେ କେଶ ଦାନ ସମ୍ପର୍କରେ ସେ ମୁମ୍ବାଇର 'ମଦଦ' ନାମକ ଏକ ସଂସ୍ଥାର ୱେବସାଇଟ୍‌ରୁ ଜାଣିବାକୁ ପାଇଥିଲେ। ତେବେ ଏଥିପାଇଁ ୧୨ରୁ ୧୩ ଇଞ୍ଚ ଲମ୍ବ କେଶର ଆବଶ୍ୟକତା ଥିବା ୱେବ୍‌ସାଇଟ୍‌ରେ ସୂଚନା ଦିଆଯାଇଥିଲା। ଏହାପରେ ସୋନମ୍ ଯତ୍ନର ସହିତ କେଶ ବଢ଼ାଇ ସମ୍ପୃକ୍ତ ୱେବ୍‌ସାଇଟ୍‌କୁ ସୂଚନା ଦେଇଥିଲେ। ୱେବ୍‌ସାଇଟ୍ କର୍ମଚାରୀ ଏକ ବିୟୁଟି ପାର୍ଲରରେ ସୋନମ୍‌ଙ୍କ କେଶ କଟାଇଥିଲେ। କ୍ୟାନ୍‌ସର ରୋଗୀଙ୍କର କେମୋଥେରାପି ଚିକିତ୍ସା ସମୟରେ ମୁଣ୍ଡର କେଶ ଉପୁଡ଼ି ଯାଇଥାଏ। ୱେବ୍‌ସାଇଟ୍ ଦ୍ୱାରା ସଂଗୃହୀତ କେଶରେ ୱିଗ୍ ପ୍ରସ୍ତୁତ କରାଯାଇ ରୋଗୀଙ୍କୁ ଯୋଗାଇଦେବାର ବ୍ୟବସ୍ଥା ରହିଛି। କ୍ୟାନ୍‌ସର ରୋଗୀଙ୍କ ନିମନ୍ତେ ସୋନମ୍‌ଙ୍କ କେଶଦାନ ଅନ୍ୟମାନଙ୍କ ପାଇଁ ଉଦାହରଣ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ମେ ୧୯୯୪**

- ସର୍ବିୟା ଓ ମୋଣ୍ଟେନେଗ୍ରୋ ଉପରୁ ରୁଷିଆ ତା'ର କଟକଣା ଉଠାଇନେଇ ପୁଣି ଦୁଇଦେଶ ସହିତ ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ତଥା କୂଟନୈତିକ ସମ୍ପର୍କ ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛି।
- ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ୭ ଦିନିଆ ଆମେରିକା ଗସ୍ତରେ ଯାତ୍ରାରମ୍ଭ କଲେ।
- ଓଡ଼ିଶାର ୩ଟି ଯାକ ମେଡିକାଲ କଲେଜ ଡାକ୍ତରଖାନାରେ ବିଭିନ୍ନ ବିଭାଗର ପ୍ରଫେସର ଓ ଅନ୍ୟ ଉଚ୍ଚ ପଦବୀରେ ଡାକ୍ତରମାନେ ଦିନରେ କରୁଥିବା ଚିକିତ୍ସା କାର୍ଯ୍ୟ ସହିତ ରାତିରେ ଘଣ୍ଟାକ ପାଇଁ ବାଧ୍ୟତାମୂଳକ ଭାବେ ଇନଡୋର ରୋଗୀମାନଙ୍କ ଚିକିତ୍ସା କରିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ।

## ପାଠକ ଶ୍ରେଷ୍ଠ ବିଚାରକ

### ବିନା ଡାକ୍ତରରେ ମାଗଣା ସ୍ୱାସ୍ଥ୍ୟସେବା

ମହାଶୟ,

ଜଣେ ରୋଗୀକୁ ଆବଶ୍ୟକ ହେଲେ ମାଗଣା ଚିକିତ୍ସା ପାଇଁ ଓଡ଼ିଶା ସରକାର ବାର୍ଷିକ ସାତଲକ୍ଷ ଟଙ୍କା ଦେବେ ବୋଲି ଘୋଷଣା କରିଛନ୍ତି। ଅପରପକ୍ଷରେ ଡାକ୍ତରଖାନାଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଡାକ୍ତର ନାହାନ୍ତି। ଅନେକ ଡାକ୍ତରଖାନାରେ କମ୍ପାଉଣ୍ଡର ଓ ନର୍ସମାନେ ରୋଗୀ ଚିକିତ୍ସା କରୁଛନ୍ତି। ସବୁ ଔଷଧ ମାଗଣାରେ ରୋଗୀଙ୍କୁ ଦିଆଯିବ ବୋଲି କୁହାଯାଉଥିବାବେଳେ ବାସ୍ତବ କ୍ଷେତ୍ରରେ ତାହା ଦେଖିବାକୁ ମିଳୁନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଅସ୍ତ୍ରୋପଚାର ପାଇଁ ସବୁ ବ୍ୟବସ୍ଥା ଥିଲେ ମଧ୍ୟ ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନା କିମ୍ବା ନର୍ସିଂହୋମ୍‌କୁ ପଠାଇ ଦିଆଯାଉଛି। ନର୍ସିଂହୋମ୍‌ଗୁଡ଼ିକରେ ରୋଗୀ ଶୋଷଣର ଶିକାର ହେଉଛନ୍ତି। ଏହାର ବାସ୍ତବିକତା ଜାଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ବଡ଼ପଣ୍ଡାମାନେ ଓ ଖୋଦ୍ ମନ୍ତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଯାଇ ତନଖି କରିବା ଦରକାର। ତାହା ନ ହେଲେ ଏହା ପ୍ରହସନରେ ପରିଣତ ହେବ।

ଡା. ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### ସଙ୍କଟରେ ଭାଇ ସାହା

ଏରିକମ୍ କମ୍ପାନୀର ବକେୟା ବାବଦକୁ ସାନ ଭାଇ ଅନିଲ ଅମ୍ବାନୀଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସି ବଡ଼ଭାଇ ମୁକେଶ ଅମ୍ବାନୀ ୫୫୮ କୋଟି ଟଙ୍କା ସୁଧମୂଳ ଫେରସ୍ତ କରିବା ଖବର ପ୍ରକାଶ ପାଇଛି। ମୁକେଶ ଅମ୍ବାନୀ ପୃଥିବୀର ସର୍ବୋଚ୍ଚ ଧନିକ ମଧ୍ୟରେ ସପ୍ତମ ସ୍ଥାନରେ ରହିଥିବା ବେଳେ ସାନଭାଇ ବକେୟା ପରିଶୋଧ କରି ନ ପାରି ଜେଲ ଯାଇଥିଲେ ମୁକେଶଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଥାନ୍ତା। ତେଣୁ ସାନଭାଇର ଏପରି ବିପର୍ଯ୍ୟୟରେ ବଡ଼ଭାଇ ସହାୟତାର ହାତ ବଢ଼ାଇ କିଛି ବଡ଼ କାମ କରିନାହାନ୍ତି। ଏହାଦ୍ୱାରା ସେ ନିଜକୁ ବଦନାମରୁ ରକ୍ଷା କରିଛନ୍ତି। ନ ହେଲେ ଲୋକେ କ'ଣ କହିଥାନ୍ତେ?

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନିଟ୍ ପାଇଁ ପୁଣି ଘୁଞ୍ଚିଲା ବିପିୟୁଟି ପରୀକ୍ଷା

ଭୁବନେଶ୍ୱର,୧୪।୫(ବ୍ୟୁରୋ): ବିଜୁ ପଟ୍ଟନାୟକ ୟୁନିର୍ଭସିଟି ଅଫ୍ ଟେକ୍ନୋଲୋଜି(ବିପିୟୁଟି)ର ସେମିଷ୍ଟର ପରୀକ୍ଷାକୁ ପୁଣିଥରେ ସ୍ଥଗିତ ରଖାଯାଇଛି। ଏହି ପରୀକ୍ଷା ମେ ୨୦ରୁ ଆରମ୍ଭ ହେବାର ଥିଲା। କିନ୍ତୁ ୨୦ତାରିଖରେ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ଥିବାରୁ ବିପିୟୁଟି ତା'ର ପରୀକ୍ଷା ତାରିଖକୁ ଘୁଞ୍ଚାଇଦେଇଛି। ଜୁନ୍ ୧୩ରୁ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ ବୋଲି ବିପିୟୁଟି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଥାଉ କି, ପୂର୍ବରୁ ମେ ୫ରୁ ସେମିଷ୍ଟର ପରୀକ୍ଷା କରିବାକୁ ବିପିୟୁଟି ଘୋଷଣା କରିଥିଲା। ହେଲେ ବାତ୍ୟା 'ଫନୀ'ରେ ବ୍ୟାପକ କ୍ଷୟକ୍ଷତି ଯୋଗୁ ପରୀକ୍ଷା ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା।

### ବରୀ ବ୍ଲକ ବିଜେଡି ସଭାପତି ନିଲମ୍ବିତ

ଭୁବନେଶ୍ୱର,୧୪।୫(ବ୍ୟୁରୋ): ଦଳ ବିରୋଧୀ କାର୍ଯ୍ୟ ପାଇଁ ଯାଜପୁର ଜିଲା ବରୀ ବ୍ଲକ ବିଜେଡି ସଭାପତି ଏସ୍.କେ. ସଫିଙ୍କୁଦ୍ଦିନ୍ (ଟାଲି)ଙ୍କୁ ଦଳ ନିଲମ୍ବନ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଟାଲିଙ୍କୁ ନିଲମ୍ବନ କରାଯାଇଛି। ବରୀ ବିଧାନସଭାରେ ଦଳୀୟ ପ୍ରାର୍ଥୀ ହୋଇଥିବା ସୁନନ୍ଦା ଦାସଙ୍କ ବିରୋଧରେ ସେ ପ୍ରଚାର କରୁଥିବା ଅଭିଯୋଗ ମିଳିଥିଲା। ଏହା ଦ୍ୱାରା ସ୍ଥାନୀୟ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଫାଇଦା ହୋଇଥିଲା। ତେଣୁ ଟାଲିଙ୍କ ଉପରେ କାର୍ଯ୍ୟାନୁଷ୍ଠାନର ଯଥାର୍ଥତା ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

### କୋରାପୁଟ ଶ୍ମଶାନରେ ପୋତାଗଲା ୨ ମାଓବାଦୀଙ୍କ ମୃତଦେହ

କୋରାପୁଟ,୧୪।୫(ସ୍ୱ.ପ୍ର.): କୋରାପୁଟ ଜିଲା କୁତୁବା ଜଙ୍ଗଲରେ ଗତ ୮ ତାରିଖ ହୋଇଥିବା ଏନକାଉଣ୍ଟରରେ ନିହତ ହୋଇଥିଲେ ୫ ମାଓବାଦୀ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ଗତ ୧୦ ତାରିଖରେ ସେମାନଙ୍କ ପରିବାର ଲୋକେ ନେଇଛନ୍ତି। କିନ୍ତୁ ଅନ୍ୟ ୨ ମାଓବାଦୀ ବିଡିକା ଲକ୍ଷ୍ମୀ ଓ ଜି. ସତିବାବୁ ଓରଫ ଦାସୁଙ୍କ ମୃତଦେହ ନେବା ପାଇଁ ଏଯାବତ୍ ସେମାନଙ୍କର ପରିବାରରୁ କେହି ଆସିଲେ ନାହିଁ। ଫଳରେ ବାଧହୋଇ ମଙ୍ଗଳବାର ଜିଲା ପୋଲିସ କୋରାପୁଟ ଶଶ୍ମାନରେ ସେମାନଙ୍କ ମୃତଦେହ ପୋତିଦେଇଛି। ଏସ୍‌ଡିପିଓ ଟି. ଜଗନ୍ନାଥ ରେଡ୍ଡିଙ୍କ ଉପସ୍ଥିତିରେ କୋରାପୁଟ ଶବ ବ୍ୟବଚ୍ଛେଦ କେନ୍ଦ୍ରରୁ ଏକ ଗାଡ଼ିରେ ୨ ମାଓବାଦୀଙ୍କ ମୃତଦେହ ନିଆଯାଇ ଅଶୋକନଗରସ୍ଥିତ ଶ୍ମଶାନରେ ପୋତାଯାଇଥିଲା।

### ନବରଙ୍ଗପୁର ଜିଲା ଡିଓ, ଆରଓଙ୍କ ବିରୋଧରେ ଭାଜପା ଆଣିଲା ଗୁରୁତର ଅଭିଯୋଗ

ଭୁବନେଶ୍ୱର,୧୪।୫(ବ୍ୟୁରୋ): ନବରଙ୍ଗପୁର ଲୋକ ସଭା ନିର୍ବାଚନମଣ୍ଡଳୀର ସମସ୍ତ ପୋଲିସ ଅଧିକାରୀ ସେମାନଙ୍କ ପୋଷ୍ଟାଲ ବାଲଟ ପାଇଁ ଉଦ୍ଦିଷ୍ଟ ଥିବା ଫର୍ମକୁ ନିୟମ ଅନୁସାରେ ପୋଷ୍ଟାଲ ସର୍କଲ ଏବଂ ଗୋଇନ୍ଦା ବିଭାଗର ନିର୍ଦ୍ଦେଶକଙ୍କ ଜରିଆରେ ଡିଓ, ଆରଓଙ୍କୁ ଦେଇଥିଲେ। ହେଲେ ଡିଓ ଏବଂ ଆରଓମାନେ ଭିତିରି ଉଦ୍ଦେଶ୍ୟ ରଖି ୮ଶହ ଜଣ ପୋଲିସ ଅଧିକାରୀ ଫର୍ମକୁ ଚପାଇ ଦେଇଛନ୍ତି। ଏହାଦ୍ୱାରା ସେମାନଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଇଛି। ଭାଜପାର କଟକ ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଉକ୍ତ ଷଡ଼ଯନ୍ତ୍ରରେ ସାମିଲ ଥିବା ଡିଓ ଏବଂ ଆରଓ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି । ନବରଙ୍ଗପୁର ବିଧାନସଭା ଭାଜପା ପ୍ରାର୍ଥୀ ଗୌରୀ ମାଝୀଙ୍କ ସପକ୍ଷରେ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଆସିବାର ସମ୍ଭାବନା ଥିବାରୁ ଜାଣିଶୁଣି ଡିଓ ଏବଂ ଆରଓମାନେ ଏହି ଷଡ଼ଯନ୍ତ୍ର କରିଥିବା ପ୍ରକାଶ ଅଭିଯୋଗ କରିଛନ୍ତି। ଯାହାଦ୍ୱାରା ସମସ୍ତ ପୋଲିସ ଅଧିକାରୀମାନେ ସେମାନଙ୍କ ଭୋଟ ଦେବାରୁ ବଞ୍ଚିତ ହେଲେ ବୋଲି ସେ କହିଛନ୍ତି । ଏହି ଘଟଣାର ତୁରନ୍ତ ତଦନ୍ତ କରିବା ସହ ଷଡ଼ଯନ୍ତ୍ରରେ ସାମିଲ ଥିବା ଅଫିସରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଭାଜପାର ଏକ ପ୍ରତିନିଧି ଦଳ ଦାବି କରିଛନ୍ତି।

## ଗରମ ପାଣି ଫିଙ୍ଗିଲେ ସହାୟିକା

# ଅଙ୍ଗନୱାଡି ଶିଶୁ ଗୁରୁତର

ସୋନପୁର/ବୀରମହାରାଜପୁର, ୧୪।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟିଆପାଲି ଅଙ୍ଗନୱାଡି କେନ୍ଦ୍ରରେ ମଙ୍ଗଳବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି। କେନ୍ଦ୍ରର ସହାୟିକା ବେଦମତୀ ମହାକୁର ଶିଶୁକନ୍ୟା ପ୍ରୀତିମୟୀ ମହାକୁର(୩)ଙ୍କ ଉପରକୁ ଗରମ ପାଣି ଫିଙ୍ଗି ଦେବାରୁ ତାଙ୍କ ଶରୀରର ୬୦ ପ୍ରତିଶତ ପୋଡିଯାଇଛି। ପେଟ ଓ ଛାତିରେ ଚମଡା ଉଠିଯାଇଛି। ପରିବାର ଲୋକେ ଶିଶୁକନ୍ୟାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଳୟରେ ପୋଡା ଘା ଚିକିତ୍ସା ପାଇଁ ସ୍ୱତନ୍ତ୍ର କକ୍ଷ ନଥିବାରୁ ପ୍ରାଥମିକ ଚିକିତ୍ସା ପରେ ଶଲ୍ୟ ବିଶେଷଜ୍ଞ ଡାକ୍ତର ଦୁର୍ଗାଦତ୍ତ ଦାଶଙ୍କ ପରାମର୍ଶକ୍ରମେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସୂଚନା ପାଇ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଏବଂ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁକନ୍ୟାକୁ ଭେଟିଥିଲେ। ଅତିରିକ୍ତ ଜିଲାପାଳ ଚିକିତ୍ସା ପାଇଁ ରେଡ୍‌କ୍ରସ୍‌ରୁ ୩୦ ହଜାର ଟଙ୍କା ମଞ୍ଜୁର କରିବା ସହିତ ବୁର୍ଲାରେ ଶିଶୁର ଚିକିତ୍ସା ପାଇଁ ଦାୟିତ୍ୱରେ



ଆହତ ଶିଶୁ କନ୍ୟା ପ୍ରୀତିମୟୀ ମହାକୁର।

**ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ**

ଥିବା ଡାକ୍ତରଙ୍କ ସହିତ ଫୋନରେ କଥା ହୋଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଜିଲାପାଳ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସନ୍ଧ୍ୟାରେ ଜଟିଆପାଲିରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଅଙ୍ଗନୱାଡି ସୁପରଭାଇଜର ମମତାମୟୀ ପଧାନ ତାଙ୍କର ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ବୀରମହାରାଜପୁର ଉପଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିଥିବା ରିପୋର୍ଟରେ ପ୍ରୀତିମୟୀ ପରିଶ୍ରା ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ଅଙ୍ଗନୱାଡି କେନ୍ଦ୍ରର ସହାୟିକା ବେଦମତୀ ଅଣ୍ଡା ସିଝା ହୋଇ ରହିଥିବା ଗରମ ପାଣିକୁ ରୋଷେଇ ଘର ଝରକା ଦେଇ ଶିଶୁ ଉପରକୁ ଫିଙ୍ଗି ଦେଇଥିବା ଉଲ୍ଲେଖ କରିଛନ୍ତି। ତେବେ ମାନବିକତା ଦୃଷ୍ଟିରୁ କେନ୍ଦ୍ରର କର୍ମୀ ଓ ସହାୟିକା ଶିଶୁକନ୍ୟାର ଚିକିତ୍ସା ପାଇଁ ଉଦ୍ୟମ କରି ନ ଥିବା ଶିଶୁକନ୍ୟାର ମା ପ୍ରିୟଦର୍ଶିନୀ ଓ ବାପା ପଞ୍ଚାନନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅପ୍ରେରିଆ କର୍କେଟା କୁହନ୍ତି, ପ୍ରାଥମିକ ତଦନ୍ତରୁ ଉଭୟ ଅଙ୍ଗନୱାଡି କର୍ମୀ ମମତା ମୁନା ଓ ସହାୟିକା ମହାକୁରଙ୍କ ଗୁରୁତର ତ୍ରୁଟି ଥିବା ପରିଲକ୍ଷିତ ହେଉଛି। କର୍ତ୍ତବ୍ୟରେ ଅବହେଳା ଯୋଗୁଁ ଉଭୟଙ୍କୁ ଚାକିରିରୁ ଅନ୍ତର କରାଯିବ। ଅତିରିକ୍ତ ଜିଲାପାଳ ପଣ୍ଡା କହିଥିଲେ ଆମେ ପ୍ରଥମେ ଶିଶୁର ଚିକିତ୍ସା କଥା ଚିନ୍ତା କରୁଛୁ। ସେ ଶୀଘ୍ର ଭଲ ହୋଇ ଫେରି ଆସୁ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ସିଡିପିଓଙ୍କ ତଦନ୍ତ ରିପୋର୍ଟ ଆଧାରରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କେନ୍ଦ୍ରକୁ ଓଡ଼ିଶାର ଅନୁରୋଧ

# ଏଫ୍‌ସିଆରଏ ମଞ୍ଜୁରୀ ତ୍ୱରାନ୍ୱିତ କର

ନୂଆଦିଲ୍ଲୀ,୧୪।୫

ବାତ୍ୟା ଫନୀ ଯୋଗୁ ଓଡ଼ିଶାର ନାହିଁ ନ ଥିବା କ୍ଷତି ହୋଇଛି। ରାଜ୍ୟରେ ଥଇଥାନ ଓ ପୁନରୁଦ୍ଧାର ଲାଗି ଦେଶର ବିଭିନ୍ନ ପ୍ରାନ୍ତରରୁ ସହାୟତା ମିଳିବାରେ ଲାଗିଛି। ତେବେ ବିଦେଶୀ ସହାୟତା ପାଇବା ଲାଗି ଫରେନ୍ କଣ୍ଟ୍ରିବ୍ୟୁଶନ ରେଗୁଲେଶନ ଆକ୍ଟ(ଏଫ୍‌ସିଆର୍‌ଏ) ଅନୁଯାୟୀ ଅନୁମତି ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି।

ନୂଆଦିଲ୍ଲୀସ୍ଥିତ ରେସିଡେଣ୍ଟ କମିଶନର ସଞ୍ଜୀବ କୁମାର ମିଶ୍ର କହିଛନ୍ତି ଯେ, ଓଡ଼ିଶାର ପୁନରୁଦ୍ଧାର କାର୍ଯ୍ୟରେ ସହାୟତା ଲାଗି ବିଦେଶରେ ଥିବା ଓଡ଼ିଆଙ୍କ ପକ୍ଷରୁ ପ୍ରସ୍ତାବ ଆସୁଛି। ସେମାନେ ଏ ସମ୍ପର୍କରେ ପଚାରି ବୁଝୁଛନ୍ତି। କିନ୍ତୁ ଏଥିପାଇଁ ଉକ୍ତ ଆଇନ ବାଧକ ସାଜିଛି। ତାଙ୍କର କହିବାନୁଯାୟୀ, ଏଫ୍‌ସିଆର୍‌ଏ ଅନୁମୋଦନ ପ୍ରଦାନ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସାଧାରଣତଃ ୨ ମାସରୁ ଅଧିକ ସମୟ ନେଇଥାଏ। କିନ୍ତୁ ଓଡ଼ିଶା ପାଇଁ ୨ରୁ ୩ଦିନ ମଧ୍ୟରେ ଅନୁମୋଦନ ମିଳିଯିବ ବୋଲି ଆଶା କରାଯାଉଛି। ସୂଚନାଥାଉ କି, ରାଷ୍ଟ୍ରହିତରେ ଉକ୍ତ ଆଇନ ଲାଗୁ କରାଯାଇଛି। ଫଳରେ ବିଦେଶରୁ କୌଣସି ବ୍ୟକ୍ତି, ସଂଗଠନ, କମ୍ପାନୀ ଦେଶକୁ ସିଧାସଳଖ ଅର୍ଥ ପଠାଇପାରିବେ ନାହିଁ। ଏଥିଲାଗି ଉକ୍ତ ମନ୍ତ୍ରଣାଳୟର ପ୍ରାକ୍ ମଞ୍ଜୁରୀ ନେବାକୁ ପଡିଥାଏ। ରେଜିଡେଣ୍ଟ କମିଶନର ମିଶ୍ର କହିଛନ୍ତି ଯେ, ବାତ୍ୟା ଫନୀ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟର ସଡ଼କ ତଥା ଭିତ୍ତିଭୂମିର ନିର୍ମାଣ ଲାଗି କମ୍ପାନୀ ସାମାଜିକ ଦାୟିତ୍ୱବୋଧ(ସିଏସ୍‌ଆର୍) ଅଧୀନରେ ଆସୁଥିବା ଅର୍ଥକୁ ସିଧାସଳଖ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟକୁ କେନ୍ଦ୍ର ସରକାର ପଠାନ୍ତୁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ଇତିମଧ୍ୟରେ ନୂଆଦିଲ୍ଲୀରୁ ୭୦ ଟନ୍ ଔଷଧ ଓଡ଼ିଶାକୁ ପଠାଯାଇଛି ଏବଂ ଆଗାମୀ ଦିନରେ ଆହୁରି ପଠାଯିବ ବୋଲି ସେ କହିଛନ୍ତି। ସେ କହିଛନ୍ତି, ନ୍ୟାଶନାଲ କ୍ରାଇସିସ୍ ମ୍ୟାନେଜମେଣ୍ଟ କମିଟିର ୧୦ ଥର ବୈଠକ ବସିଥିବା ବେଳେ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଏଥିରେ ଯୋଗ ଦେଇ ଆସୁଛନ୍ତି। ସେମାନେ କେନ୍ଦ୍ର ସରକାରଙ୍କ ଅଧୀନ ସମସ୍ତ ବିଭାଗ ସହ ନିରନ୍ତର ସମ୍ପର୍କରେ ରହିଛନ୍ତି ବୋଲି ମିଶ୍ର ପ୍ରକାଶ କରିଛନ୍ତି।

## ୧୯ରେ ୩୪ ବୁଥରେ ସାନି ମତଦାନ

# ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଗତ ନିର୍ବାଚନ ସମୟରେ ତୃତୀୟ (ଏପ୍ରିଲ୍ ୨୩) ଓ ଚତୁର୍ଥ (ଏପ୍ରିଲ୍ ୨୯) ପର୍ଯ୍ୟାୟରେ ମନୁଷ୍ୟାକୃତ ତ୍ରୁଟି ଏବଂ ଅନିୟମିତତା ଯୋଗୁ ସ୍ଥଗିତ ରହିଥିବା ୩୪ଟି ବୁଥ୍‌ରେ ଆସନ୍ତା ୧୯ ତାରିଖରେ ପୁନଃ ମତଦାନ ହେବ। ଏ ନେଇ ମଙ୍ଗଳବାର କଟକ, ଦେବଗଡ, ପୁରୀ, ଅନୁଗୋଳ, କେନ୍ଦୁଝର, ଖୋର୍ଦ୍ଧା, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ ଏବଂ ଜଗତ୍‌ସିଂହପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଚିଠି ଲେଖି ଜଣାଇଛନ୍ତି। । ସାନି ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ କରିବା ସହ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଓ ସେମାନଙ୍କର ଏଜେଣ୍ଟମାନଙ୍କୁ ନିର୍ବାଚନର ତାରିଖ, ସମୟ ଓ ସ୍ଥାନ ବିଷୟରେ ଜଣାଇବାକୁ କୁହାଯାଇଛି। ଏନେଇ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ସମ୍ପୃକ୍ତ ଅଞ୍ଚଳରେ ମତଦାନ ତାରିଖ ଓ ସମୟ ବିଷୟରେ ମତଦାତାଙ୍କୁ ଜଣାଇବା ପାଇଁ ସମସ୍ତ ପଦକ୍ଷେପ ନେବାକୁ କୁହାଯାଇଛି। ଏଥିସହିତ ସେହି ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫିସର ଏବଂ ଅବଜରଭରମାନଙ୍କୁ ସୂଚନା ଦେବା ସହ ତୁରନ୍ତ ଏ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ସାନି ନିର୍ବାଚନ ପରେ ଇଭିଏମ୍ ଓ ଭିଭିପିଏଟି ଷ୍ଟ୍ରଙ୍ଗ ରୁମ୍‌ରେ ରଖିବା ବେଳେ ଉପସ୍ଥିତ ରହିବା ପାଇଁ ପ୍ରାର୍ଥୀମାନଙ୍କୁ ଅବଗତ କରାବାକୁ ରିଟର୍ନିଂ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ପାଇଁ ସମସ୍ତ ସୁରକ୍ଷା ବନ୍ଦୋବସ୍ତ କରିବାକୁ ଜିଲାପାଳଙ୍କୁ ସିଇଓ ନିର୍ଦ୍ଦେଶ ଦେଇଛନ୍ତି। ମକ୍‌ପୋଲ, ମତଦାନ ଏବଂ ଅନ୍ୟାନ୍ୟ ବିଷୟରେ ମେସେଜ ଜରିଆରେ ସିଇଓଙ୍କ କାର୍ଯ୍ୟାଳୟକୁ ଅବଗତ କରିବାକୁ କୁହାଯାଇଛି।

ଆସନ୍ତା ୧୯ ତାରିଖରେ ତୃତୀୟ ପର୍ଯ୍ୟାୟର ୧୨ଟି ଓ ଚତୁର୍ଥ ପର୍ଯ୍ୟାୟର ୨୨ଟି ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ବଡ଼ମ୍ବା ବିଧାନ ସଭା ନିର୍ବାଚନ ମଣ୍ଡଳୀର ୧୯୬, ଦେବଗଡ଼ ନିର୍ବାଚନ ମଣ୍ଡଳୀର ୧୮୩, ବ୍ରହ୍ମଗିରିର ୨୨୨ ଓ ୬୨, ସତ୍ୟବାଦୀର ୭୮, ତାଳଚେରର ୮୫, ଆଠଗଡ଼ର ୯୦, ୧୦୦, ୧୩୭ ଓ ୧୩୮, ଘସିପୁରା ୧୭୧, ଭୁବନେଶ୍ୱର ମଧ୍ୟ ୧୨୭, ବିଞ୍ଝାରପୁର ୧୩୫ ଓ ୧୯୧ ଏବଂ ବରୀ ବିଧାନସଭା ନିର୍ବାଚନମଣ୍ଡଳୀର ୮୨, ୧୮୫, ୧୬୨, ୧୬୩ ଓ ୧୯୪ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ସେହିପରି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୧୪୮, ସୁକିନ୍ଦା ୧୯୬, ଜଳେଶ୍ୱର ୧୮୭ ଓ ୧୮୯, ବାଙ୍ଗିରିପୋଷି ୧୦୪, ବାରିପଦା ୧୬, ୧୯, ୧୬୬ ଓ ୨୪୮, ମାହାଙ୍ଗାର ୫୭, ୫୮, ୧୪୪ ଓ ୧୫୭, ସାଲେପୁର ୮୭, ୩୯ ଏବଂ ପାରାଦୀପ ବିଧାନସଭାର ୩୯ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହେବ। ଏହି ବୁଥ୍‌ଗୁଡ଼ିକର ଫଳାଫଳ ମଧ୍ୟ ଆସନ୍ତା ୨୩ ତାରିଖରେ ପ୍ରକାଶ ପାଇବ ବୋଲି ସେ କହିଛନ୍ତି।

### ପ୍ରେମିକାଙ୍କ ତଣ୍ଟିକାଟି ପ୍ରେମିକଙ୍କ ଆତ୍ମହତ୍ୟା ଉଦ୍ୟମ

ବଲାଙ୍ଗୀର ଅଫିସ, ୧୪।୫

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅଧୀନ ଗୋଟିଏ ଗାଁରେ ଜଣେ ଯୁବକ ତାଙ୍କ ନାବାଳିକା ପ୍ରେମିକାଙ୍କ ତଣ୍ଟିକାଟି ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଦୁହେଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ସମ୍ପର୍କୀୟ ଭାଇ ଓ ଭଉଣୀ ପ୍ରେମରେ ପଡିବା ଜଣାପଡିବାରୁ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ । ଏଥିଯୋଗୁ ଯୁବକ ଜଣକ ନାବାଳିକା ପ୍ରେମିକାଙ୍କ ତଣ୍ଟିକାଟି ଦେଇ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

### ଡିପ୍ଲୋମା ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ ଅଧୀନରେ ଆସନ୍ତା ୨୦ତାରିଖରେ ହେବାକୁ ଥିବା ସମସ୍ତ ଡିପ୍ଲୋମା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। କେବେ ଓ କେଉଁ ସମୟରେ ପରୀକ୍ଷା ହେବ, ସେ ନେଇ ଖୁବ୍‌ଶୀଘ୍ର ସୂଚନା ଦିଆଯିବ। ଏ ନେଇ ମଙ୍ଗଳବାର ପରିଷଦ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ତେବେ ୨୧ତାରିଖରୁ ହେବାକୁ ଥିବା ପରୀକ୍ଷାଗୁଡ଼ିକ ହେବ ବୋଲି କୁହାଯାଇଛି।

**ମଦ ନିଶା ନେଲା ଜୀବନ**

# ଯୁବକଙ୍କୁ ପଥରରେ ଛେଚି ହତ୍ୟା

ନୂଆଗାଁ,୧୪।୫ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ବଡଧୋଡା ତ୍ରିନାଥ ମଣ୍ଡପଠାରେ ସୋମବାର ରାତିରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ କୋରଡା ଗ୍ରାମ ମଠସାହିର ଜିତୁ ନାହକ (୩୫)। ଜିତୁଙ୍କ ସ୍ତ୍ରୀ ତୁଳସୀ ନାହକଙ୍କ କହିବା ମୁତାବକ ଝିଅପୁଅ ସହ ଆମେ ତିନିଦିନ ହେଲା ବାପଘର ଖାଲମଡାରେ ରହୁଥିଲୁ। ଜିତୁ ଜଣେ ଦିନମଜୁରିଆ ହୋଇଥିବାରୁ ସେଠାରୁ ସେ କାମକୁ ଯାଉଥିଲେ। ସୋମବାର କାମରୁ ଫେରିବା ପରେ ସନ୍ଧ୍ୟାରେ କୋରଡା ଗ୍ରାମର ଗଙ୍ଗା ସେଠୀ ଓ ବାବୁଲା ପ୍ରଧାନ ଫୋନ କରି ଜିତୁଙ୍କୁ ନୂଆଗାଁ ଆସିବା ପାଇଁ କହିଥିଲେ। ତେଣୁ ସେ ନିଜ ବାଇକ୍‌ରେ ନୂଆଗାଁ ଯାଇଥିଲେ। ହେଲେ ରାତିରେ ଆଉ ଘରକୁ ଫେରି ନ ଥିଲେ। ଫୋନ ଲଗାଇବାରୁ ସୁଇଚ୍ ଅଫ୍ ଥିଲା। ସକାଳୁ ସ୍ଥାନୀୟ ଲୋକେ ତ୍ରିନାଥ ମଣ୍ଡପରେ ଏକ ମୃତଦେହ ରକ୍ତାକ୍ତ ଅବସ୍ଥାରେ ପଡିଥିବାବେଳେ ନିକଟରେ ବଡ ପଥର ପଡିଥିବା ଦେଖି ଥାନାକୁ ଖବର ଦେଇଥିଲେ। ଥାନା ଆଇଆଇସି ମନୋରମା ମଲିକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ସ୍ଥାନୀୟ ଲୋକେ ମୃତ ଯୁବକ କୋରଡା ଗ୍ରାମର ବୋଲି କହିବା ପରେ ପରିବାର ଲୋକେ ଆସି ଜିତୁଙ୍କୁ ଚିହ୍ନିଥିଲେ। ତୁଳସୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ. ୩୭/୧୯) ରୁଜୁ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଗଙ୍ଗାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ବେଳେ ବାବୁଲା ଫେରାର ଥିବାରୁ ତାଙ୍କ ବାପା ମାଟିଆ ପ୍ରଧାନଙ୍କୁ ଅଟକ ରଖିଛି। କିନ୍ତୁ ଜିତୁଙ୍କୁ ସେ ତିନିଦିନ ହେଲା ଦେଖି ନାହାନ୍ତି, ତାଙ୍କ ନାମରେ ମିଥ୍ୟା ଅଭିଯୋଗ ହୋଇଥିବା କହିଛନ୍ତି ଗଙ୍ଗା। ଜିତୁଙ୍କ ବାଇକ୍‌ଟିକୁ ପୋଲିସ ଜବତ କରିଛି। ଘଟଣାସ୍ଥଳରେ ନୟାଗଡ଼ ଏସଡିପିଓ ନିରଞ୍ଜନ ପାଢୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ନିଶା ସେବନ ପରେ ଜିତୁଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି। ହତ୍ୟାର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା କହିଛନ୍ତି ଆଇଆଇସି ମଲିକ।



ଶୋକାକୁଳ ପରିବାରବର୍ଗ।

# ସ୍ୱାସ୍ଥ୍ୟ ସଂକ୍ରାନ୍ତ ସୂଚନା ମିଳିଲେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ଗଣମାଧ୍ୟମରେ ପ୍ରକାଶିତ ଯେକୌଣସି ଖବରକୁ ଗୁରୁତ୍ୱ ଦେଇ ସମନ୍ୱିତ ରୋଗ ସର୍ବେକ୍ଷଣ ସେଲ୍ ସେ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶିତ ଖବର ଉପରେ ଅନୁଧ୍ୟାନ କରି ରୋଗର କାରଣ ଏବଂ ନିରାକରଣ ଲାଗି ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ତୁରନ୍ତ ଜଣାଇବାକୁ କୁହାଯାଇଛି। ଏହା ଯେଭଳି ମହାମାରୀର ରୂପ ନ ନିଏ, ସେ ଦିଗରେ ଦୃଷ୍ଟି ଦେବାକୁ ସଚିବ କହିଛନ୍ତି। ମଙ୍ଗଳବାର ରାଜ୍ୟ ସଚିବାଳୟଠାରେ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତ ଆଲୋଚନା ସମୟରେ ସେ ଏହି ନିର୍ଦ୍ଦେଶ ଦେଇଛନ୍ତି।

ବାତ୍ୟା ପରେ ପରେ ସାଧାରଣତଃ କେତେକ ସ୍ଥାନରେ ମ୍ୟାଲେରିଆ, ଝାଡ଼ାବାନ୍ତି, ଅଣ୍ଡାଜ୍ୱର ଭଳି ରୋଗ ଦେଖିବାକୁ ମିଳିଥାଏ। ବିଭିନ୍ନ ସ୍ଥାନରୁ ଏ ସଂକ୍ରାନ୍ତ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥାଏ। ଏସବୁ ଖବର ବିଷୟରେ ଜାଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ସମନ୍ୱିତ ରୋଗ ସର୍ବେକ୍ଷଣ ସେଲ୍ ସଜାଗ ରହିବା ଆବଶ୍ୟକ। କେବଳ ଗଣମାଧ୍ୟମ ନୁହେଁ, ଅନ୍ୟ ଯେକୌଣସି ସୂତ୍ରରୁ ଖବର ପାଇବା ମାତ୍ରେ ଏହି ସେଲ୍ ତାହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ସଚିବ କହିଛନ୍ତି। କେଉଁ ଅଞ୍ଚଳରେ କି ପ୍ରକାର ରୋଗ କେଉଁ ପରିସ୍ଥିତିରେ ଦେଖାଦେଇଛି ଓ ତାହାର ନିରାକରଣ ଲାଗି କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି, ତୁରନ୍ତ ତାହାର ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ପାଇବା ପରେ ବିଭାଗ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ରୋଗଠାରୁ ଦୂରେଇ ରହିବା ଲାଗି ବାତ୍ୟାଞ୍ଚଳଗୁଡ଼ିକରେ ଲୋକେ କିଭଳି ପରିଷ୍କାର ପରିଚ୍ଛନ୍ନ ରହୁଛନ୍ତି, ବିଶେଷକରି ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ଭଲ ଭାବେ ହାତକୁ ପରିଷ୍କାର କରିବା, ବିଶୁଦ୍ଧ ପାନୀୟଜଳ ବ୍ୟବହାର କରିବା, ବିଶୋଧିତ ଜଳରେ ସ୍ନାନ କରିବା, ମଶାଙ୍କଠାରୁ ଦୂରେଇ ରହିବା, ତଟକା ଖାଦ୍ୟ ଖାଇବା ଆଦି ଉପରେ ସେମାନଙ୍କୁ ସଚେତନ କରିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ବାତ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ପାନୀୟଜଳ ବିଶୋଧନ ପାଇଁ ଲୋକଙ୍କୁ ପ୍ରଚୁର ପରିମାଣରେ ହାଲୋଜିନ୍ ଓ କ୍ଲୋରିନ ବଟିକା ବଣ୍ଟନ କରାଯାଉଛି। ଗାଁ କଲ୍ୟାଣ ସମିତି ସହଯୋଗରେ ସଫେଇ କାର୍ଯ୍ୟ ଜାରି ରହିଛି। ଏଥିସହିତ ମୁକ୍ତ ଜଳାଶୟଗୁଡ଼ିକୁ ମଧ୍ୟ ବିଶୋଧନ କରାଯାଉଛି। ଗାଁ ଗହଳରେ ମଶାବଂଶ ନିୟନ୍ତ୍ରଣ ଲାଗି ସ୍ଥାନୀୟ ସାମାଜିକ କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଆଲୋଚନାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ସ୍ୱତନ୍ତ୍ର ସଚିବ ଶରତ ଚନ୍ଦ୍ର ମିଶ୍ର, ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ଯୁଗ୍ମ ସଚିବ ଯାମିନୀ ଷଡ଼ଙ୍ଗୀ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଟେଣ୍ଡର ସୂଚନା ସଂ. 02/ET/SBP/ENGG/ 2019-20, ତା. :. 06.05.2019ରିଖ
(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.06-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଖରିଆର-ରହେନବଟା ସେକ୍ସନରେ କ୍ଷତିଗ୍ରସ୍ତ ସାଇଡ୍ ଡ୍ରେନ୍‌ଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 2,59,10,832.55, EMD : 2,79,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 10,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 12 ମାସ।
(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.07-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଲାଖୋଲି (Ex)-ଖରିଆର ରୋଡ୍ ସେକ୍ସନରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକଠାରେ ସେସ୍ (Cess) ଏବଂ କ୍ଷତିଗ୍ରସ୍ତ ଡ୍ରେନ୍‌ଗୁଡ଼ିକର ମରାମତି ତଥା ପ୍ରଶସ୍ତୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,17,91,120.01, EMD: 2,09,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 08 ମାସ।
(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.08-eT-SDENW-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ଲାଖୋଲି (Ex)-ରହେନବଟା (In) ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,61,76,989.08, EMD: 2,30,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।
(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.09-eT-SDENW-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ରହେନବଟା(Ex)-ଥେରୁବାଲି (In) ଏବଂ ଲାଞ୍ଜିଗଡ଼(Ex)-ଜୁନାଗଡ଼ ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,81,97,635.70, EMD: 2,41,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।
(5)ଇ-ଟେଣ୍ଡର ବିଜ୍ଞପ୍ତି ସଂ.04-eT-DENC-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା (Ex)-ବରଗଡ଼ ରୋଡ୍ (In) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ(ପୋଲ ମରାମତି କାର୍ଯ୍ୟ ନିମନ୍ତେ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 88,73,031.42, EMD: 1,77,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।
(6)ଇ-ଟେଣ୍ଡର ବିଜ୍ଞପ୍ତି ସଂ.05-eT-DENC-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ସମ୍ବଲପୁର ରୋଡ୍ (In)- ସମ୍ବଲପୁର (In) ସେକ୍ସନ ବ୍ୟତୀତ ଝାରସୁଗୁଡ଼ା (Ex)-ବରଗଡ଼ ରୋଡ୍ (In) ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,65,66,189.71, EMD: 2,32,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।
(7)ଇ-ଟେଣ୍ଡର ବିଜ୍ଞପ୍ତି ସଂ.06-eT-DENC-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ (ସେଟେଲମେଣ୍ଟ)/ସମ୍ବଲପୁର ପରିସୀମା ଅଧୀନସ୍ଥ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ, ଷ୍ଟେସନ ବିଲ୍ଡିଙ୍ଗ୍ କମ୍ପ୍ଲେକ୍ସ, ORC, ଅଧିକାରୀ ବିଶ୍ରାମ ଗୃହ (ORH), ଅଧସ୍ତନ ବିଶ୍ରାମ ଗୃହ(SRH), DRH, ରେଳବାଇ ମିନି ଷ୍ଟାଡିୟମ ଇତ୍ୟାଦି ସହିତ ସମସ୍ତ ସର୍ଭିସ ବିଲ୍ଡିଙ୍ଗ୍‌ଗୁଡ଼ିକ ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,29,11,777.18, EMD: 2,14,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।
(8)ଇ-ଟେଣ୍ଡର ବିଜ୍ଞପ୍ତି ସଂ.07-eT-DENC-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ସମ୍ବଲପୁର ପରିସୀମା ଅଧୀନସ୍ଥ ସମ୍ବଲପୁର ଠାରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଆବାସିକ ବିଲ୍ଡିଙ୍ଗ୍‌ଗୁଡ଼ିକ ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,30,74,761.70, EMD: 2,15,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।
(9)ଇ-ଟେଣ୍ଡର ବିଜ୍ଞପ୍ତି ସଂ.03-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନସ୍ଥ ବରଗଡ଼ ରୋଡ୍(Ex)-ଟିଟିଲାଗଡ଼(Ex) ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,14,39,030.14, EMD: 2,07,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।
(10)ଇ-ଟେଣ୍ଡର ବିଜ୍ଞପ୍ତି ସଂ.04-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ସମ୍ବଲପୁର(Ex)-ଅନୁଗୁଳ(Ex) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,39,79,042.58, EMD: 2,19,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।
(11)ଇ-ଟେଣ୍ଡର ବିଜ୍ଞପ୍ତି ସଂ.05-eT-SDENE-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ସମ୍ବଲପୁର(Ex)-ଅନୁଗୁଳ(Ex) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ବ୍ରିଜ୍ ମରାମତି କାର୍ଯ୍ୟଗୁଡ଼ିକ ପାଇଁ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 69,86,125.20, EMD: 1,39,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।
(12)ଇ-ଟେଣ୍ଡର ବିଜ୍ଞପ୍ତି ସଂ.06-eT-SDENE-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ବରଗଡ଼ ରୋଡ୍ (Ex)-ଟିଟିଲାଗଡ଼ (Ex) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ବ୍ରିଜ୍ ମରାମତି କାର୍ଯ୍ୟଗୁଡ଼ିକ ପାଇଁ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 40,42,325.59, EMD: 80,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 3,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।
(13)ଇ-ଟେଣ୍ଡର ବିଜ୍ଞପ୍ତି ସଂ.01-eT-BRIDGE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ଏବଂ ସମ୍ବଲପୁର ରୋଡ୍ ଷ୍ଟେସନଗୁଡ଼ିକ ମଧ୍ୟରେ କି.ମି.561/15-16 ଠାରେ ଅନୁମୋଦିତ ଡ୍ରଇଂ (ଡ୍ରଇଂ ନଂ.RDSO/B-16014/RI) ଅନୁଯାୟୀ ନୂଆ ୱେଲ୍ଡେଡ୍ ଟାଇପ ବ୍ରିଜ୍ ଗର୍ଡ଼ର (12.2m) ସହିତ କ୍ଷତିଗ୍ରସ୍ତ ଗର୍ଡ଼ରଗୁଡ଼ିକର ରିଗର୍ଡ଼ରିଙ୍ଗ୍ ଦ୍ୱାରା ବ୍ରିଜ୍ ନଂ.67(L-1)1X12.2mର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 24,61,338.38, EMD: 49,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 3,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ।।
(14)ଇ-ଟେଣ୍ଡର ବିଜ୍ଞପ୍ତି ସଂ.02-eT-BRIDGE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର/ବ୍ରିଜ୍/ ସମ୍ବଲପୁର ପରିସୀମା ଅଧୀନରେ ବର୍ଷ 2019-20 ନିମନ୍ତେ ବଳକା ଥିବା ନିମ୍ନ ବର୍ଣ୍ଣିତ ବ୍ରିଜ୍‌ଗୁଡ଼ିକର T/R, M/R, ସିଢ଼ୀ ଏବଂ କ୍ରସ୍ ଗାର୍ଡ(67,L-1 ଠାରୁ L-5 ପର୍ଯ୍ୟନ୍ତ) ସହିତ ସମ୍ବଲପୁର ରୋଡ୍-ସମ୍ବଲପୁର ମଧ୍ୟରେ କି.ମି.561/15-16 ଠାରେ ବ୍ରିଜ୍ ନଂ.67(1X12.20m ପ୍ରତ୍ୟେକ L-1 ଠାରୁ L-5 ପର୍ଯ୍ୟନ୍ତ), ସମ୍ବଲପୁର-ହୀରାକୁଦ ଷ୍ଟେସନ ମଧ୍ୟରେ କି.ମି.567/1-568/1 ଠାରେ ବ୍ରିଜ୍ ନଂ.76(25X30.5m), ସମ୍ବଲପୁର-ହୀରାକୁଦ ଷ୍ଟେସନ ମଧ୍ୟରେ କି.ମି.568/7-8 ଠାରେ ବ୍ରିଜ୍ ନଂ.77(2X45.72m) ଏବଂ ଅତାବିରା-ବରଗଡ଼ ରୋଡ୍ ଷ୍ଟେସନ ମଧ୍ୟରେ କି.ମି.598/1-3 ଠାରେ ବ୍ରିଜ୍ ନଂ.160 (2X18.30m+6X24.38m) ର ଥ୍ରୁ ମେଟାଲାଇଜିଙ୍ଗ୍ ଏବଂ ପେଣ୍ଟିଙ୍ଗ୍।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,69,35,556.72, EMD: 2,34,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 10 ମାସ।।
(15)ଇ-ଟେଣ୍ଡର ବିଜ୍ଞପ୍ତି ସଂ.03-eT-BRIDGE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର, ବ୍ରିଜ୍/ଟିଟିଲାଗଡ଼ ଅଧୀନସ୍ଥ ବ୍ରିଜ୍‌ଗୁଡ଼ିକ ପାଇଁ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 58,57,024.80, EMD: 1,17,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।
(16)ଇ-ଟେଣ୍ଡର ବିଜ୍ଞପ୍ତି ସଂ.05-eT-BRIDGE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର(ବ୍ରିଜ୍)/ସମ୍ବଲପୁର ଅଧୀନସ୍ଥ ବ୍ରିଜ୍‌ଗୁଡ଼ିକ ପାଇଁ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 74,73,932.51, EMD: 1,49,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.30.05.2018ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ) ସମ୍ବଲପୁର
PR-75/K/19-20

## ସଂକ୍ଷେପରେ

### କାଳବୈଶାଖୀ ତାଣ୍ଡବ

କୁଆମରା,୧୪।୫(ଡି.ଏନ.ଏ.): ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ମଙ୍ଗଳବାର ଅପରାହ୍ନ ୨ଟା ସମୟରେ କାଳ ବୈଶାଖୀର ତାଣ୍ଡବ ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ସ୍ଥାନରେ ଛାରଖାର କରି ଦେଇଛି। ପ୍ରବଳ ବେଗରେ ପବନ ବହିବାରୁ ପୁରୁଣା ବାରିପଦା, ସାଇଁକୁଳା, କୁଆମରା, ଜୟପୁର, କୁଶଳଦା ପ୍ରଭୃତି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବ୍ୟାପକ କ୍ଷତି ଘଟିଛି। କେତେକ ସ୍ଥାନରେ ରାସ୍ତାରେ ଗଛ ପଡି ଯାତାୟତ ବାଧାପ୍ରାପ୍ତ ହୋଇଛି। ବହୁ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଉପୁଡିବା ଓ ତାର ଛିଣ୍ଡିବା ଯୋଗୁଁ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି। କେତେକ ସ୍ଥାନରେ ଟେଲିଫୋନ ସେବା ମଧ ଠପ ହୋଇ ଯାଇଛି। ବିଦ୍ୟୁତ ସେବା ବନ୍ଦ ହେବା ଯୋଗୁଁ ପାନୀୟ ଜଳର ସମସ୍ୟା ଲୋକମାନଙ୍କୁ ଚିନ୍ତାରେ ପକାଇଛି। ପୁରୁଣା ବାରିପଦା ପଞ୍ଚାୟତ ଚତୁରୀ ଗ୍ରାମର ବାଇଧର ସିଂ, ସାନ୍ଦିଆ ସିଂ, ଶୁକ୍ରା ସିଂ, ବିଶନାଥ ସିଂଙ୍କ ଘର ଛପର ଉଡିଯାଇଛି। ପୁରୁଣା ବାରିପଦା ଗ୍ରାମର ଗଜେନ୍ଦ୍ର ବେହେରାଙ୍କ ଘର ଉପରେ ଗଛ ପଡି ବ୍ୟାପକ କ୍ଷତି ଘଟିଛି। ସେହିପରି କୁଶଳଦା ପଞ୍ଚାୟତର ପଥୁରୀକଟା, ସିମିଳାବନ୍ଧ, ବଣକାଟା, ତରଡାଶୁଳ ଗାଁର ୧୫ରୁ ଅଧିକ ଘର ଛପର ଉଡିଯାଇଛି। ସାଇଁକୁଳା ପଞ୍ଚାୟତରେ ୩୦ରୁ ଅଧିକ ଘର ଭାଙ୍ଗି ଥିବା ବେଳେ କୁଣ୍ଡପଡା ଗ୍ରାମର କମଳାକାନ୍ତ ସାହୁଙ୍କ ଘର ବିଶେଷ କ୍ଷତିଗ୍ରସ୍ତ ହୋଇଛି। ସେହିପରି କୁଆମରା ବଜାରରେ ମଧ ଦୁଇଟି ଦୋକାନ ଘର ସମେତ ଗାଁର ୩/୪ ଜଣଙ୍କ ଘର ଛପର ଉଡିଯାଇଛି। ସ୍ଥାନୀୟ ଜଙ୍ଗଲରେ ମଧ ଶାଳ, ଆକାଶିଆ ଗଛ ଧରାଶାୟୀ ହୋଇଯାଇଛି। ଧାନ ଚାଷ ସମେତ ବିଭିନ୍ନ ଫଳ ଓ ପନିପରିବା ଫସଲ ମଧ ନଷ୍ଟ ହୋଇଥିବା ଜଣାପଡିଛି।

### ଉଦଳାରେ ବର୍ଷା

ଉଦଳା,୧୪।୫(ଡି.ଏନ.ଏ.):ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳରେ ମଙ୍ଗଳବାର ମଧାହ୍ନରେ କାଳବୈଶାଖୀ ପ୍ରଭାବରେ ଘଡଘଡି ସହ ବର୍ଷା ହୋଇଛି। ବଜ୍ରପାତ ଯୋଗୁ ଉଦଳା ସହରାଞ୍ଚଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିବା ବେଳେ କୌଣସି ଧନଜୀବନ କ୍ଷୟକ୍ଷତି ହୋଇନାହିଁ। ଅଧଘଣ୍ଟା ଧରି ଅଞ୍ଚଳରେ ବର୍ଷା ହୋଇଥିବାରୁ ଅସହ୍ୟ ଗ୍ରୀଷ୍ମ ତାତିରୁ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଖୁବଶୀଘ୍ର ବିଦ୍ୟୁତ ସେବା ଯୋଗାଇ ଦିଆଯିବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୂଚନା ଦେଇଛନ୍ତି।

### ୧୬୦ଲିଟର ଦେଶୀ ମଦ ଜବତ,୩ ଗିରଫ

ବଡସାହି,୧୪।୫(ସ୍ୱ.ପ୍ର.): ବଡ଼ସାହି ଥାନା ଅଧୀନ ଛେଲିଆ(କ) ଗ୍ରାମ ନିକଟରୁ ୧୬୦ଲିଟର ଦେଶୀ ମଦ ସୋମବାର ପୋଲିସ ଜବତ କରିଛି। ଏହି ଘଟଣାରେ ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲା ରେମୁଣା ଥାନା ଅଞ୍ଚଳର ଗୌତମ ଦାସ ଓ ବଡ଼ସାହି ଦେଶୀ ମଦଭାଟିର ଦୁଇ ସେଲ୍ସମ୍ୟାନ ପ୍ରବୀଣ କୁମାର ସିଂ ଓ ଚନ୍ଦନ କୁମାର ସିଂ। ଗୌତମ ଏକ ସ୍କୁଟର (ନମ୍ବର ଏଏସ୍୦୧ସି-୪୨୫୬)ରେ ମଦ ନେଇ ଯାଉଥିବା ସମୟରେ ଛେଲିଆ ଗ୍ରାମବାସୀ ତାଙ୍କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମଦ ବଡ଼ସାହିଠାରେ ଥିବା ଦେଶୀଭାଟିରୁ ସେ ଆଣିଥିବା ବେଳେ ବିକ୍ରି ସମ୍ପର୍କିତ କୌଣସି କାଗଜପତ୍ର ତାଙ୍କ ପାଖରେ ନ ଥିଲା। ପୋଲିସ ଅଧିକ ତଦନ୍ତ ଚଳାଇ ମଦଭାଟିର ଦୁଇ ସେଲ୍ସମ୍ୟାନ ପ୍ରବୀଣ ଓ ଚନ୍ଦନଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା (ନମ୍ବର ୭୫/୧୯) ରୁଜୁ କରି ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି।

### ରାଇରଙ୍ଗପୁରରେ କୁଆପଥର ମାଡ଼

ରାଇରଙ୍ଗପୁର,୧୪।୫(ଡି.ଏନ.ଏ.): କାଳବୈଶାଖୀ ଯୋଗୁ ରାଇରଙ୍ଗପୁର ଅଞ୍ଚଳରେ ମଙ୍ଗଳବାର ପ୍ରବଳ ପବନ ସାଙ୍ଗକୁ କୁଆପଥର ବର୍ଷା ହୋଇଛି। ପବନ ଯୋଗୁ ଅଞ୍ଚଳରେ ବହୁ ଗଛ ଓ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିଛି। ବହୁ ଝୁମ୍ପୁଡି ଘର ଛପର ଉଡି ଯାଇଛି। ଟେଲିଫୋନ ଓ ବିଦ୍ୟୁତ ସେବା ମଧ ବ୍ୟାହତ ହୋଇଛି। ସୋମବାର ମଧ ଅଞ୍ଚଳରେ କାଳବୈଶାଖୀ ବର୍ଷା ହୋଇଥିଲା। ତେବେ ବର୍ଷା ଯୋଗୁ ଅସହ୍ୟ ଗରମରୁ ଲୋକେ ଆସ୍ୱସ୍ତୀ ପ୍ରକାଶ କରିଛନ୍ତି।

## ■ ଝଡ଼ତୋଫାନରେ ବ୍ୟାପକ କ୍ଷତି

# ଭାଙ୍ଗିଲା ମୋବାଇଲ ଟାୱାର, ଉପୁଡ଼ିଲା ଗଛ



କୁଚେଇରେ ମୋବାଇଲ ଟାୱାର ଭାଙ୍ଗି ପଡ଼ିଛି।



ମଧୁବନ-ବାରୁଣି ରୋଡରେ ଏକ ବଡ ଗଛ ଉପୁଡ଼ି ପଡ଼ିଛି।

**ବାରିପଦା ଅଫିସ,୧୪।୫**

ମୟୂରଭଞ୍ଜ ଜିଲା ବାରିପଦା ସହର ତଥା ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୩ ଟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ଘଡଘଡି ସହିତ ବର୍ଷା ଓ ପବନ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରାୟ ଏକ ଘଣ୍ଟା ଧରି ପ୍ରବଳ ବେଗରେ ପବନ ବହିବା ଯୋଗୁ ସହର ଉପକଣ୍ଠ କୁଚେଇଠାରେ ଥିବା ଏକ ଘରୋଇ ମୋବାଇଲ କମ୍ପାନୀ ଟାୱାର ଭାଙ୍ଗି ପଡ଼ିଛି। ବାରୁଣୀ ରୋଡ, ଏମକେସି ରୋଡ୍, ବାଘଡା ରୋଡ୍, କୋର୍ଟ ପରିସର, ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଛୋଟ ବଡ ଗଛ ଉପୁଡ଼ି ପଡ଼ିବା ସହ ଡାଳ ଭାଙ୍ଗି ରାସ୍ତାରେ ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ସ୍ଥାନରେ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ବିଦ୍ୟୁତ ସରବରାହ ମଧ ବ୍ୟାହତ ହୋଇଛି।

## ■୫ ବୁଥ୍‌ରେ ସାନି ମତଦାନ ନେଇ ରାଜନୀତି ଜୋର

# ଭାଜପା ଚାହୁଁନି, ପ୍ରଚାର ଆରମ୍ଭ କଲାଣି ବିଜେଡି

**ବାରିପଦା ଅଫିସ,୧୪।୫**

ମୟୂରଭଞ୍ଜ ଜିଲାର ୫ ଟି ବୁଥରେ ଗତ ୨୯ ତାରିଖ ମତଦାନ ବେଳେ ତ୍ରୁଟି ପରିଲକ୍ଷିତ ହୋଇଥିବାରୁ ସାନି ମତଦାନ ହୋଇପାରେ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିନିତ ଭରଦ୍ୱାଜ ଗତ ଶୁକ୍ରବାର ସୂଚନା ଦେଇଥିଲେ। ଏହି ସାନି ମତଦାନ ପ୍ରକ୍ରିୟାକୁ ଭାଜପା ବିରୋଧ କରୁଥିବା ବେଳେ ନିର୍ବାଚନ ହେବାକୁ ଥିବା ଅଞ୍ଚଳରେ ବିଜେଡି ଘନ ଘନ ବୈଠକ କରି ଏକ ପ୍ରକାର ପ୍ରଚାର ଆରମ୍ଭ କରିଛି। ଏହାକୁ ନେଇ ଜିଲା ରାଜନୀତି ଚଳଚଞ୍ଚଳ ହୋଇପଡିଛି।

ବାରିପଦା ନିର୍ବାଚନ ମଣ୍ଡଳୀର ୧୬ନଂ.-ଭୁଗୁଡାକଟା,୧୯-ପୂର୍ଣ୍ଣଚନ୍ଦ୍ରପୁର, ୧୬୬-ଖାନୁଆ-୨, ୨୪୮-ଆଠପଡା ନମ୍ବର ବୁଥ ଏବଂ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ୧୦୪-କଖାରୁଆଶୋଳ ବୁଥରେ ଭୋଟ ଗ୍ରହଣ ବେଳେ ତ୍ରୁଟି ପରିଲକ୍ଷିତ ହୋଇଥିବା ଏବଂ ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପ୍ରଶାସନ ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏହି ରିପୋର୍ଟକୁ ଜିଲା ନିର୍ବାଚନ ଅଧିକାରୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇବା ପାର ଏହି ବୁଥଗୁଡିକରେ ସାନି ମତଦାନ ହେବା ନେଇ ଜଣାପଡିଛି। ତେବେ ଭାଜପା ପକ୍ଷରୁ ସାନି ନିର୍ବାଚନକୁ ବିରୋଧ କରାଯାଇଛି। ଭାଜପା ପକ୍ଷରୁ କୁହାଯାଇଛି ଯେ, ବୁଥ ଗୁଡିକରେ କୌଣସି ତ୍ରୁଟି ହୋଇ ନ ଥିବା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଫିସରମାନେ ଲିଖିତ ଭାବେ ଜଣାଇଛନ୍ତି। ତେଣୁ ସାନି ନିର୍ବାଚନ କରିବାର ଆବଶ୍ୟକତା ନାହିଁ ବୋଲି ମଙ୍ଗଳବାର ଜିଲା ମୁଖପାତ୍ର କବି ବିଷ୍ଣୁ ଶତପଥୀଙ୍କ ନେତୃତ୍ୱରେ ଭାଜପା ଲୋକସଭା ପ୍ରାର୍ଥୀ ଇଂ ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରାର୍ଥୀ ପ୍ରକାଶ ସୋରେନ, ବାରିପଦା ନଗର ସଭାପତି ବିଜୟ କୁମାର ଦାସ ପ୍ରମୁଖଙ୍କ ସମେତ ଆଗଧାଡିର ନେତୃମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ ଉପରୋକ୍ତ ବୁଥ ଅଞ୍ଚଳରେ ବୈଠକମାନ ଆୟୋଜନ କରିଛନ୍ତି। ବାରିପଦା ବିଧାୟକ ପ୍ରାର୍ଥୀ ସରୋଜାନି ହେମ୍ବ୍ରମ ଓ ଲୋକସଭା ପ୍ରାର୍ଥୀ ଡା.ଦେବାଶିଷ ମାରାଣ୍ଡି ପ୍ରମୁଖ ସୋମବାର ଭୁଗୁଡାକଟା ଓ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର ୪ଟି ସ୍ଥାନ ଓ ମଙ୍ଗଳବାର ଖାନୁଆ ଓ ଆଠପଡାରେ ବୈଠକ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମା ଖୋଜେ ପେଟ,**
**ମାଇପ ଖୋଜେ କରାଟ ।**

ମା' ସ୍ନେହମୟୀ, ମମତାମୟୀ । ସବୁବେଳେ ପିଲାର ଭଲ ଚାହେଁ। ପିଲାଟି ଖାଇଛି କି ନାହିଁ ବୁଝେ। ପେଟ ଦେଖି ପିଲାର ମନ କଥା ବେଶ୍ ଭଲ ଭାବେ ଜାଣିପାରେ। ଟଙ୍କା ପଇସା ଅପେକ୍ଷା ପିଲାର ଦେହ ପା' ତା' ପାଇଁ ବେଶି ଗୁରୁତ୍ୱ ରଖିଥାଏ। ପରନ୍ତୁ ସ୍ତ୍ରୀ ସ୍ୱାମୀର ରୋଜଗାରକୁ ବେଶି ପ୍ରାଧାନ୍ୟ ଦେଇଥାଏ। ସ୍ୱାମୀଠାରୁ ତା'ର ଟଙ୍କା ପଇସାରେ ବେଶି ଲୋଭ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଲ୍ଲୀଫୁଲ ମଉଳିଲା,**
**କେଉଁ ରସିକକୁ ଅନେଇଥିଲୁ,**
**ଓଦାଲୁଗା ଶୁଖିଗଲା ।**

ମନର ମଣିଷ ସହ ଭେଟ ନ ହୋଇପାରିଲେ ପ୍ରେମୀ ମନ ଭାଙ୍ଗିଯାଏ। ମନ ଊଣା ହେବାସହ ରାଗ ରୋଷ ବଢ଼ିଯାଏ। ପ୍ରେମରେ ପ୍ରତୀକ୍ଷା ସାଧାରଣତଃ ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ମନର ମଣିଷ ସହ ଭେଟ ହେବା ନେଇ ମନରେ ଅଫୁରନ୍ତି ଆଶା କିନ୍ତୁ ତାହା ଫଳପ୍ରସୂ ହୋଇ ନ ପାରିବା ଯୋଗୁ ପ୍ରେମୀ ହତାଶ ହୋଇପଡ଼ିଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପାଣି ପାଇଁ ରାସ୍ତାରୋକୋ

**ବାରିପଦା ଅଫିସ,୧୪।୫**

ଜନସ୍ୱାସ୍ଥ୍ୟ ବିଭାଗର ଅପାରଗତା ଯୋଗୁ ବାରିପଦା ସହରରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ପିଇବା ପାଣି ପାଇଁ ଡହଳବିକଳ ୱାର୍ଡ ନଂ.୨୫ ଅଞ୍ଚଳର ବାସିନ୍ଦା ମଙ୍ଗଳବାର ବାରିପଦା-ଚିତ୍ରଡା ରାସ୍ତାକୁ ୩ ଘଣ୍ଟା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସକାଳ ୯ ଟା ବେଳେ ଏହି ୱାର୍ଡର ମହିଳାମାନେ ପାଲବଣି ନିକଟରେ ଚିତ୍ରଡାକୁ ସଂଯୋଗ କରୁଥିବା ରାସ୍ତାରେ ବାଲଟି ଓ ଗରା ଧରି ରାସ୍ତା ଅବରୋଧ କରିଥିଲେ। ନିର୍ବାଚନ ପୂର୍ବରୁ ସମସ୍ୟାର ସମାଧାନ କରିବାକୁ ୱାର୍ଡବାସୀ ଦାବି କରିଥିଲେ। ସେତେବେଳେ କିଛି ଦିନ ଠିକ୍‌ଠାକ୍ ପାଣି ଆସିଥିଲା। ହେଲେ ନିର୍ବାଚନ ପରେ ପାଣି ବନ୍ଦ ହୋଇ ଯାଇଛି। ପାଣି ମୁନ୍ଦାଏ ପାଇଁ ୱାର୍ଡବାସୀ ଡହଳବିକଳ ହେଉଛନ୍ତି । ତୁରନ୍ତ ପାଣି ଯୋଗାଣ ପାଇଁ ଆନ୍ଦୋଳନରତ ମହିଳାମାନେ ଅଡ଼ି ବସିଥିବା ବେଳେ ପୋଲିସ ଅଧିକାରୀ ଓ ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଆନ୍ଦୋଳନସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।


CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

ASTROLOGY ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS BUSINESS

Dharitri : 15, 16, 17, 18, 19, 20 & 21 May 2019
SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

EDUCATION EDUCATION

She made earth her home, for whom heaven was too small. Savitri 11 – Sri Aurobindo.
SRI AUROBINDO INTEGRAL SCHOOL
Managed by Sri Aurobindo Mission Trust, Matrupuram, Ashram (A public Charitable Trust) Matrupuram, Markona At-Bhagia, Po-Markona, Via/PS-Simulia, Dist-Balasore-756126, Mob-9438412353, ESTD.– 1980, Regd. No.-03/2005(Sub-Register, Simulia)
Ref/Letter No RTE Act-2009 Date – 30.03.2019
ADMISSION NOTICE FOR THE EDUCATION YEAR – 2019-2020
(Ref : COR for Academic Session-2017-18 to 2021-22) Letter No-4150/Pvt- Dated 29.03.19, DEO, Balasore
- There is no Admission Fees for school admission for all
- There is no Tuition Fees also.
- The School will take on admission of students belonging to weaker sections and disadvantageous group against 25% quota under RTE Act. 2009 as required under Section -12.I.C. of RTE Act.
(Ku. Manjulata Nayak)
PRINCIPAL


### ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଟ୍ରେନ୍ ଆଗକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ସୋର, ୧୪।୫(ଡି.ଏନ.ଏ.): ସୋର ଥାନା ସବିରା ଷ୍ଟେସନଠାରେ ଜଣେ ଯୁବତୀ ଟ୍ରେନ୍ ସମ୍ମୁଖକୁ ଡେଇଁ ମଙ୍ଗଳବାର ମଧ୍ୟାହ୍ନରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ନିଆଯାଇଛି। ସୋର ଥାନା ଅଧୀନ ସବିରା ଗ୍ରାମର ଭାସ୍କର ଜେନାଙ୍କ କନ୍ୟା ଘନବତୀ (୨୨) କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ସବିରା ଷ୍ଟେଶନଠାରେ ଗୁରୁଦେବ ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍ ସମ୍ମୁଖକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ କଟକ ନେଇ ଯାଇଥିବା ଜଣାପଡ଼ିଛି। ଯୁବତୀଙ୍କର ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଆତ୍ମହତ୍ୟା ଉଦ୍ୟମର କାରଣ ଜଣାପଡ଼ି ନାହିଁ।

### ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଯୁବ ସ୍ୱାଭିମାନ ମଞ୍ଚର ସହାୟତା

ଖଇରା,୧୪।୫(ଡି.ଏନ.ଏ.): ଫନିରେ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଜିଲାର ଅଧିବାସୀଙ୍କୁ ସହାୟତାର ହାତ ବଢାଇଛନ୍ତି ଖଇରା ବ୍ଲକର ଯୁବ ସ୍ୱାଭିମାନ ମଞ୍ଚ। ବ୍ଲକର ଗଣ୍ଡିବେଡରେ ମୁଣ୍ଡ ଟେକିଥିବା ଏହି ସଙ୍ଗଠନର ଏହି ମଞ୍ଚ ୧୧ତାରିଖ ରାତିରେ ପୁରୀ ଗସ୍ତ କରି ବାଲୁଖଣ୍ଡ ସାତକେଶ୍ୱର ଗ୍ରାମରେ ପହଞ୍ଚି କ୍ଷତିଗ୍ରସ୍ତଙ୍କ ସହ ବାତ୍ୟାଦିନର ଅନୁଭୂତି ସମ୍ପର୍କରେ ପଚାରି ବୁଝିଥିଲେ। ୧୮୫ ପରିବାରକୁ ରିଲିଫ ସାମଗ୍ରୀ ବଣ୍ଟନ କରିବା ଅବସରରେ ରିଲିଫ ନେଉଥିବା ବ୍ୟକ୍ତିମାନେ ଭାବବିହ୍ୱଳ ହୋଇପଡିଥିଲେ। ମଞ୍ଚର ସଭାପତି କୈଳାସ ସାହୁଙ୍କ ନେତୃତ୍ୱରେ ଲକ୍ଷ୍ମୀକାନ୍ତ ଶଙ୍ଖୁଆ, ସୁଶାନ୍ତ କୁମାର ମହାପାତ୍ର, ଗୌତମ ପାତ୍ର, ସୁବାସ ଚନ୍ଦ୍ର ସାହୁ, ପର୍ଶୁରାମ ମହାନ୍ତି, ଭରତ ମହାରଣା, କୁନା ରାଉଳ, ଶମ୍ଭୁନାଥ ଜେନା ଓ ଗଜେନ୍ଦ୍ର ପରିଡା ପ୍ରମୁଖ ସାମିଲ ଥିଲେ।

### ୨ ଚୋରା ମଦ ବେପାରୀ ଗିରଫ

ସୋର, ୧୪।୫(ଡି.ଏନ.ଏ.): ସୋର ଅବକାରୀ ଥାନା ପକ୍ଷରୁ ସୋର ଓ ସିମୁଳିଆ ଥାନା ଅଞ୍ଚଳରୁ ବିପୁଳ ପରିମାଣର ମଦ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସୋର ଥାନା ମାଟିଆପଲା ଛକଠାରେ ଦୀର୍ଘଦିନ ଧରି ମଦ ବିକ୍ରୟ କରୁଥିବା ଚନ୍ଦୁର ସିଂଙ୍କଠାରୁ ୫୦ଲିଟର ଦେଶୀ ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ସେହିପରି ସିମୁଳିଆ ଥାନା ବରଦା ଗ୍ରାମର ଶାନ୍ତିଲତା ପାଢ଼ୀଙ୍କ ଠାରୁ ୪୫୦ ବୋତଲ ଦେଶୀ ମଦ ଜବତ କରାଯାଇ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ପୂର୍ବରୁ ସ୍ୱାମୀ ରବୀନ୍ଦ୍ର ପାଢ଼ୀ ଏବଂ ପୁତ୍ର ଜଗନ୍ନାଥ ଗିରଫ ହୋଇ ଜେଲରେ ଅଛନ୍ତି।

### ମା' ସର୍ବ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ

ବାହାନଗା, ୧୪।୫(ଡି.ଏନ.ଏ.): ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ମହାରାଜପୁର ପଞ୍ଚାୟତର ବୋଇତା ଗ୍ରାମର ନାଇକ ସାହିରେ ଥିବା ମା' ସର୍ବ ମଙ୍ଗଳାଙ୍କ ବର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଛି। ଏହି ଉତ୍ସବରେ କର୍ତ୍ତା ଓ କର୍ତ୍ତ୍ରୀ ଭାବେ ଭାରତୀ ଆଚାର୍ଯ୍ୟ-ଦୟାନିଧି ଆଚାର୍ଯ୍ୟ ପୂଜା କାର୍ଯ୍ୟ ତୁଲାଇଥିଲେ। ଏଥିରେ ଗ୍ରାମର ଥିବା ବାବା ବୈଦ୍ୟନାଥ ମହାଦେବ ମନ୍ଦିର ପରିସରରେ ଥିବା ପୋଖରୀରୁ ଘଟୋ ଉତ୍ତୋଳନ ପରେ ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚି ଥିଲେ। ପୂଜାରେ ୩ଜଣ ବ୍ରାହ୍ମଣ ମା'ଙ୍କ ସେବା କରିଥିଲେ। ଆଚାର୍ଯ୍ୟ ଭାବେ ଅରୁଣ କୁମାର ଆଚାର୍ଯ୍ୟ ସମେତ ବ୍ରାହ୍ମଣ ଭାବେ ଅନୁଜ କୁମାର ଆଚାର୍ଯ୍ୟ, ଅଲେଖ କୁମାର ଆଚାର୍ଯ୍ୟ ମା'ଙ୍କ ପୂଜାରେ ସହାୟତା କରିଥିଲେ। ସକାଳେ ପ୍ରଥମେ ଘଟ ଉତ୍ତୋଳନ ପରେ ମା'ଙ୍କ ମାର୍ଜଣା ଓ ମା'ଙ୍କ ସ୍ନାନ ଆଦି କାର୍ଯ୍ୟକ୍ରମ ସରିବା ପରେ ମା'ଙ୍କ ପୂଜା ଯଜ୍ଞ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଅପରାହ୍ନରେ ମା' ସର୍ବମଙ୍ଗଳାଙ୍କ ପୂଜାରେ ହେଉଥିବା ଯଜ୍ଞର ପୂର୍ଣ୍ଣାହୂତି ପ୍ରଦାନ କରାଯାଇଥିଲା। ପୂଜାର ସହଯୋଗୀ ଭାବେ ଅଞ୍ଜନ କୁମାର ଲେଙ୍କା, ଶଶିକାନ୍ତ ମୁଦୁଲି, ଲକ୍ଷ୍ମୀଧର ଯେନା, କରୁଣା କର ମୁଦୁଲି, ଆନନ୍ଦ ମୋହନ ପାଣିଗ୍ରାହୀ, ସାମାଜିକ କର୍ମୀ ମନୋଜ କୁମାର ଲେଙ୍କା, ଲମ୍ବୋଧର ରାଉତ, ସୁରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଗ୍ରାମବାସୀ ମାନେ କାର୍ଯ୍ୟ ତୁଲାଇଥିଲେ।

# ବାଲେଶ୍ୱରରେ କାଳବୈଶାଖୀ

## ୧୩୦କି.ମି. ବେଗରେ ପବନ ବହିଲା

ବାଲେଶ୍ୱର ଅଫିସ,୧୪।୫


ବାଲେଶ୍ୱର ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟା ୫୬ମିନିଟ୍‌ରେ ହଠାତ୍ କାଳବୈଶାଖୀ ମାଡ଼ି ଆସିଥିଲା। ୧୨୦ରୁ ୧୩୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ପବନରେ ନୂଆବଜାରରେ ଏକ ବିରାଟ ଗଛ ଭାଙ୍ଗିଯିବା ଫଳରେ ଗଛ ତଳେ ଥିବା ଗୋଟିଏ ଘର ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିରାଟ ଗଛ ଗଡ଼ିପଡ଼ିଛି। ଖବରପାଇ ଏନ୍‌ଡ଼ିଆର୍‌ଏଫ୍ ଟିମ୍ ଘର ଉପରେ ପଡ଼ିଥିବା ଗଛକୁ କାଟି ସଫା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପଡ଼ିଥିବା ଗଛକୁ ଏ ପର୍ଯ୍ୟନ୍ତ ସଫା କରାଯାଇନାହିଁ। ଅନ୍ୟପକ୍ଷରେ କୌଣସି ଧନଜୀବନ ନଷ୍ଟ ହୋଇଥିବା ଖବର ମିଳିନାହିଁ।


କାଳବୈଶାଖୀ ପ୍ରଭାବରେ ପବନ ଓ ବର୍ଷା।

## ରାସ୍ତା ଉପରେ ପଡ଼ିଲା ଗଛ

ବସ୍ତା,୧୪।୫(ସ୍ୱ.ପ୍ର.)

ବସ୍ତା ଓ ଏହାର ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ୩୦ମିନିଟ୍‌ରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। ହଠାତ୍ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ଓ ପବନ ୧ ଘଣ୍ଟା ଧରି ଚାଲୁ ରହିଥିଲା। ଏହାର ପ୍ରଭାବରେ ବସ୍ତା ବାଲିଆପାଳ ମୁଖ୍ୟ ରାସ୍ତାର ପୁଟୁରା ଛକ ନିକଟରେ ଏକ ବିରାଟ ଗଛ ରାସ୍ତା ଉପରକୁ ପଡିଯାଇଛି। ଫଳରେ ବସ୍ତା ବାଲିଆପାଳ ମୁଖ୍ୟ ରାସ୍ତା ଖବର ଲେଖା ହେବା ପର୍ଯ୍ୟନ୍ତ ବିଚ୍ଛିନ୍ନ ହୋଇ ପଡିଛି। ସ୍ଥାନୀୟ ଲୋକେ ଗଛ କାଟିବାରେ ଲାଗିଛନ୍ତି। ରସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଛି।


ପୁଟୁରା ଛକ ନିକଟରେ ରାସ୍ତା ଉପରେ ପଡ଼ିଥିବା ଗଛ


ଜଳେଶ୍ୱରଠାରେ ଏକ ଘର ଉପରେ ଗଛ ଉପୁଡ଼ି ପଡିଛି।

## ୩୫ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା, ଛପର ଉଡ଼ିଲା

ଜଳେଶ୍ୱର,୧୪।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେସ୍ୱର ବ୍ଲକ ଅଧୀନ କୋଟସାହି ପଞ୍ଚାୟତ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୪ଟା ସମୟରେ କାଳବୈଶାଖୀ ତାଣ୍ଡବ ରଚିଛି। ଫଳରେ କୋଟସାହି ଗ୍ରାମର ମଣ୍ଟୁ ଦାସମହାପାତ୍ର, ନିତ୍ୟାନନ୍ଦ ସେଣ, ରତନ ବେହେରା, ଅରବିନ୍ଦ ବେହେରାଙ୍କ ଘର ଉପରେ ପୁରାତନ ଗଛ ଉପୁଡ଼ି ପଡ଼ିଥିଲା। ସେମାନଙ୍କ ପରିବାର ଲୋକେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏଥିସହିତ ଗ୍ରାମରେ ଥିବା ୩୫ ଊର୍ଦ୍ଧ୍ୱ ବିଦ୍ୟୁତଖୁଣ୍ଟ ଭାଙ୍ଗିଯିବା ସହ ଅନେକ ଲୋକଙ୍କ ଘର ଛପର ଉଡ଼ିଯାଇଛି। ଗ୍ରାମର ଅଧିକାଂଶ ରାସ୍ତା ଉପରେ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ହୋଇଛି। କାଳବୈଶାଖୀ ଫଳରେ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପଞ୍ଚାୟତର ଭାଜପା ନେତା ଅଶୋକ କୁମାର ପରିଡ଼ା କ୍ଷତିଗ୍ରସ୍ତ ଲୋକଙ୍କୁ ଯଥାଶୀଘ୍ର କ୍ଷତିପୂରଣ ସହିତ ସରକାରୀ ସାହାଯ୍ୟ ଦେବା ପାଇଁ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଜିଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଜଳେଶ୍ୱର, ୧୪।୫(ଡି.ଏନ.ଏ.)

ଜଳେଶ୍ୱର ସହର ନୂଆବଜାରସ୍ଥିତ ଜଳେଶ୍ୱର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ୧୦ ଦିନ ବ୍ୟାପି ଚାଲିବାକୁ ଥିବା ଜିଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ବିଜୟ କୁମାର ନାଥଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶଶିକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଏବିଇଓ ସୁଶାନ୍ତ କୁମାର ଜେନା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଈଶ୍ୱରଚନ୍ଦ୍ର ଜେନା, ନୋଡ଼ାଲ ଅଫିସର ମୂରଲୀମୋହନ ପ୍ରଧାନ, କମଳ ଚକ୍ରବର୍ତ୍ତୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଶିକ୍ଷାବିତ୍ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହରେକୃଷ୍ଣ ଜେନା, ପୂର୍ଣ୍ଣଚନ୍ଦ୍ର ଭୂୟାଁ, ଶ୍ରୀକାନ୍ତ ଦାସ, ରାଜେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଶିକ୍ଷକ ଉଦ୍‌ଘାଟନ ଉତ୍ସବକୁ ସଫଳ ଭାବେ ପରିଚାଳନା କରିଥିଲେ। ପ୍ରଶିକ୍ଷଣ ଶିବିରରେ ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ବ୍ଲକରୁ ମୋଟ୍ ୨୦୨ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିବା ବେଳେ ୮ ଜଣ ପ୍ରଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଓଡ଼ିଆ ସାହିତ୍ୟରେ ୫୦, ଇଂରାଜୀରେ ୫୦, ଗଣିତରେ ୫୦ ଓ ଭୌତିକ ବିଜ୍ଞାନରେ ୬୦ ପ୍ରଶିକ୍ଷାର୍ଥୀ ଓ ପ୍ରଶିକ୍ଷକ ଅଂଶଗ୍ରହଣ କରିଛନ୍ତି।


ଜିଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ପ୍ରଶିକ୍ଷକ।

## ବାଲି ବୋଝେଇ ଟ୍ରକ୍ ନେବା ବେଳେ ବିଦ୍ୟୁତ୍ ତାର ଛିଣ୍ଡିଲା, ଉତ୍ତେଜନା

ସୋର, ୧୪।୫(ଡି.ଏନ.ଏ.)

ସୋର ଥାନା ଅଧୀନସ୍ଥ ପାଖର ଫାଣ୍ଡି ଅନ୍ତର୍ଗତ ପାଖର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରକୁ ବାଲି ବୋଝେଇ ଟ୍ରକ୍ ଯିବା ବେଳେ ବିଦ୍ୟୁତ୍ ତାର ଲାଖିଯାଇ ଛିଣ୍ଡି ପଡ଼ିଥିଲା। ଏହା ଜାଣିବା ପରେ ବିଦ୍ୟୁତ୍ ବିଭାଗ ତରଫରୁ ଲାଇନ୍ କାଟି ଦିଆଯାଇଥିଲା। ଉକ୍ତ ଘଟଣାକୁ କେନ୍ଦ୍ର କରି ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଟ୍ରକକୁ ସୋମବାର ରାତିରୁ ଅଟକ ରଖିଥିଲେ। ଅନ୍ୟପକ୍ଷରେ ବିଦ୍ୟୁତ୍ ନ ଥିବାରୁ ଅଞ୍ଚଳବାସୀ ଗରମରେ ତହଲବିକଳ ହୋଇ ପଡ଼ିଥିଲେ। ଫଳରେ ଗ୍ରାମରେ ଦୀର୍ଘ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ତାର ଯୋଡ଼ାଯାଇ ବିଦ୍ୟୁତ୍ ସଂଯୋଗ ଦିଆଯିବା ପରେ ସ୍ଥାନୀୟ ବାସିନ୍ଦା ଆଶ୍ୱସ୍ତ ହୋଇଥିଲେ। ପାଖର ଗ୍ରାମର ସନ୍ତୋଷ ପ୍ରଧାନ ନିଜ ଘରକୁ ଏକ ବାଲି ବୋଝେଇ ଟ୍ରକ୍ ନେବା ବେଳେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳକୁ ସୋର ପୋଲିସ ଓ ଅନନ୍ତପୁର ଫାଣ୍ଡି ପୋଲିସ ପହଞ୍ଚି ସ୍ଥାନୀୟ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଥିଲେ। ଆଉ ଟ୍ରକକୁ ଗ୍ରାମ ଭିତରକୁ ପ୍ରବେଶ ନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ଭୋଟ ଗଣତି ପାଇଁ ରିଟର୍ନିଂ ଅଫିସରଙ୍କୁ ପ୍ରଶିକ୍ଷଣ


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ।

ବାଲେଶ୍ୱର ଅଫିସ, ୧୪।୫

### ୧୮ ପର୍ଯ୍ୟନ୍ତ କାଉଣ୍ଟିଂ ସୁପରଭାଇଜରଙ୍କୁ ତାଲିମ

ଆସନ୍ତା ୨୩ତାରିଖରେ ସାଧାରଣ ନିର୍ବାଚନର ଭୋଟ ଗଣତି ହେବ। ଏଥିପାଇଁ ମଙ୍ଗଳବାର ଅପରାହ୍ନ ୩ଟା ସମୟରୁ ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲା ରିଟର୍ନିଂ ଅଫିସରଙ୍କୁ ରାତି ୮ଟା ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯାଇଛି। ଶିବିରରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିବା ବେଳେ ସହକାରୀ ନିର୍ବାଚନ ଅଧିକାରୀ ମନୋଜ ସେନାପତି, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ବିଶାଲ ସିଂ, ଅତିରିକ୍ତ ଉପଜିଲାପାଳ ଆଶୁତୋଷ ସାମଲ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିଲେ। ଜିଲାର ସମସ୍ତ ରିଟର୍ନିଂ ଅଫିସର ତଥା ସହକାରୀ ରିଟର୍ନିଂ ଅଫିସର, ବିଡ଼ିଓ, ତହସିଲଦାର, ଅତିରିକ୍ତ ତହସିଲଦାରଙ୍କୁ ଗଣତିର ଅବ୍ୟବହିତ ପୂର୍ବରୁ ଗଣତି ପାଇଁ ଭାରତ ନିର୍ବାଚନ କମିଶନଙ୍କ ନିୟମାବଳୀ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିପାଇଁ ଥିବା ପ୍ରକ୍ରିୟା ନିୟମାବଳୀ ପାଳନ ଉପରେ ଗୁରୁତ୍ୱ ଦେଇଥିଲେ। ରିଟର୍ନିଂ ଅଫିସରମାନଙ୍କୁ ଇଭିଏମ୍ ଓ ଭିଭିପାଟ୍ ମେସିନରେ ଥିବା ଗଣତି ପ୍ରକ୍ରିୟା ଓ ଏହାର ବିଭିନ୍ନ ଦିଗ ସମ୍ପର୍କରେ ତାଲିମ ଦିଆଯାଇଛି। ସହକାରୀ ନିର୍ବାଚନ ଅଧିକାରୀଙ୍କ କହିବାନୁସାରେ ଜିଲାରେ ଗୋଟିଏ ଲୋକସଭା ଓ ୮ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଥିବା ୬ଶହରୁ ଊର୍ଦ୍ଧ୍ୱ କାଉଣ୍ଟିଂ ଏଜେଣ୍ଟ, ସୁପରଭାଇଜର ଓ ମାଇକ୍ରୋ ଓବଜରଭର ବୁଧବାରଠାରୁ ୧୮ତାରିଖ ପର୍ଯ୍ୟନ୍ତ ଉକ୍ତ ବିଷୟରେ ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ତାଲିମ ଦିଆଯିବ। ଏଥିପାଇଁ ସ୍ୱତନ୍ତ୍ର ମଡ଼େଲ ଗଣତି ପ୍ରକ୍ରିୟା କରାଯାଇ ସେମାନଙ୍କୁ ଗଣତି ପାଇଁ ପ୍ରସ୍ତୁତ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ସ୍ୱର୍ଣ୍ଣ ଜିତିଲେ ପ୍ରିୟଙ୍କା

ଖଇରା, ୧୪।୫(ଡି.ଏନ.ଏ.)

ଖଇରା କଲେଜ ଯୁକ୍ତ ୩ କଳାର ଦ୍ୱିତୀୟବର୍ଷ ଛାତ୍ରୀ ପ୍ରିୟଙ୍କା ପାତ୍ର ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ୫୦କେଜି ବର୍ଗରେ ଚାମ୍ପିୟନ ହୋଇ ସ୍ୱର୍ଣ୍ଣପଦକ ଲାଭ କରି ସମଗ୍ର ଖଇରା ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ଅବସରରେ ମଙ୍ଗଳବାର ଖଇରା କଲେଜ ପରିସରରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅଧ୍ୟାପକ ତଥା ଏନସିସି ପ୍ରଶିକ୍ଷକ ଉଦୟ ରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଥନୀତି ବିଭାଗର ଅଧ୍ୟାପକ ଡଃ ଗୋପବନ୍ଧୁ ମହାପାତ୍ର, ମୁଖ୍ୟ କିରାଣି ବିଭୂତି ଭୂଷଣ ନାୟକ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଲକ୍ଷ୍ନୌରେ ଜୁନ ମାସରେ ହେବାକୁ ଥିବା ଜାତୀୟ ଚାମ୍ପିୟନଶିପରେ ଭଲ ପ୍ରଦର୍ଶନ କରିବେ ବୋଲି ଅତିଥିମାନେ ଆଶା ପ୍ରକଟ କରି ଉତ୍ସାହିତ କରିଥିଲେ।

ରବିବାର ଭଦ୍ରକଠାରେ ଆୟୋଜିତ ଏହି ରାଜ୍ୟ ଚାମ୍ପିୟନଶିପରେ ଖଇରା କଲେଜର ଏହି ଏନସିସି କ୍ୟାଡେଟ ପ୍ରିୟଙ୍କା ଏହି ସ୍ୱର୍ଣ୍ଣପଦକ ଲାଭ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ପ୍ରିୟଙ୍କାଙ୍କ ଘର ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଶାଳପଡା ଗ୍ରାମରେ। ଏ ସମ୍ପର୍କରେ ଚାମ୍ପିୟନ ପ୍ରିୟଙ୍କାଙ୍କୁ ଯୋଗାଯୋଗ କରିବାରେ ସେ ତାଙ୍କର ଶ୍ରେୟ ପ୍ରଶିକ୍ଷିକା ଆଦ୍ୟାଶା ଦାସ, ଏନସିସି ପ୍ରଶିକ୍ଷକ ଉଦୟ ଦାସଙ୍କୁ ପ୍ରଦାନ କରିଥିଲେ। ସେ ଭବିଷ୍ୟତରେ ଦେଶର ସେବା କରିବା ପାଇଁ ପ୍ରତିରକ୍ଷା ବିଭାଗରେ ଯୋଗ ଦେବାକୁ ଲକ୍ଷ୍ୟ ରଖିଥିବାର ଉଲ୍ଲେଖ କରିଛନ୍ତି।


କଲେଜ କ୍ୟାମ୍ପସରେ ଛାତ୍ରୀ ପ୍ରିୟଙ୍କା ପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ନର୍ସଙ୍କ କାର୍ଯ୍ୟବନ୍ଦ: ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

ବାଲେଶ୍ୱର ଅଫିସ,୧୪।୫

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ନର୍ସମାନେ ମଙ୍ଗଳବାର ପୂର୍ବାହ୍ନ ସାଢେ ୮ଟା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାରୁ ୱାର୍ଡ଼ରେ ଥିବା ରୋଗୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ୱାର୍ଡ଼ରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କୁ ନିୟମିତ ଔଷଧ, ଇଞ୍ଜେକଶନ୍ ଏବଂ ସାଲାଇନ୍ ଦିଆ ନ ଯିବାରୁ ଡାକ୍ତରମାନେ ଏକାକୀ ୱାର୍ଡ଼ ପରିକ୍ରମା କରି ରୋଗୀଙ୍କୁ ଚିକିତ୍ସା କରିଥିଲେ। ଡାକ୍ତର ଲେଖିଥିବା ଔଷଧ ଓ ଇଞ୍ଜେକଶନ ଦୀର୍ଘ ୬ଘଣ୍ଟା ଧରି ଦିଆଯାଇ ପାରି ନ ଥିଲା। ଫଳରେ ରୋଗୀଙ୍କ ସମ୍ପର୍କୀୟମାନେ ବାରମ୍ବାର ନର୍ସ ରୁମ୍‌କୁ ଯାଇଥିଲେ। ହେଲେ ସେଠାରେ କାହାରିକୁ ନ ପାଇବାରୁ ଡାକ୍ତର ଏବଂ ଜିଲା ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ପାଢ଼ୀଙ୍କୁ ଭେଟି ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ନର୍ସମାନେ ୬ଘଣ୍ଟା ଧରି କାର୍ଯ୍ୟ ବନ୍ଦ କରି ଦାବି ପୂରଣ ପାଇଁ ଅଡ଼ି ଧରି ବସିଥିଲେ।

ଗତ ୧୦ତାରିଖରେ ପ୍ରସୂତି ବିଭାଗରେ ଜଣେ ନର୍ସ ରୋଗୀଙ୍କୁ ଟଙ୍କା ମାଗିବା ଅଭିଯୋଗରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଲୋକଙ୍କ ମାଡ଼ରେ ନର୍ସ ଜଣକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହୋଇଥିଲେ। ଏନେଇ ଉଭୟଙ୍କ ପକ୍ଷରୁ ଡାକ୍ତରଖାନା ଫାଣ୍ଡିରେ ମାମଲା ରୁଜୁ ହୋଇଛି। ଏହାର ପ୍ରତିବାଦରେ ଗଣ୍ଡଗୋଳକାରୀଙ୍କୁ ଗିରଫ କରିବା ଏବଂ ସୁରକ୍ଷା ଦାବିରେ ନର୍ସମାନେ କାର୍ଯ୍ୟ ବନ୍ଦ କରି ଜିଲା ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଅନ୍ୟପକ୍ଷରେ ବିଭିନ୍ନ ୱାର୍ଡ଼ରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କର ଔଷଧ ବିତରଣ, ସାଲାଇନ୍ ଦେବା, ଇଞ୍ଜେକଶନ ଦେବାରେ ବ୍ୟାଘାତ ହୋଇଛି। ଡାକ୍ତର ମଧ୍ୟ ୱାର୍ଡ଼ରେ ରୋଗୀ ଦେଖିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶରେ ଉପ-ଜିଲାପାଳ ନୀଲୁ ମହାପାତ୍ର ଏବଂ ଡିଏସ୍‌ପି ଉମେଶ ପଣ୍ଡା ପହଞ୍ଚି ନର୍ସମାନେ ସର୍ଭିସ କୋଡ୍ ନିୟମ ଅନୁସାରେ ସେମାନେ କୌଣସି ପ୍ରକାର ଆନ୍ଦୋଳନରେ ଭାଗନେଇ ରୋଗୀମାନଙ୍କ ସେବାରେ ବ୍ୟାଘାତ କରିପାରିବେ ନାହିଁ ବୋଲି ଅବଗତ କରାଇଥିଲେ। ବିନା ସର୍ତ୍ତରେ ସର୍ବପ୍ରଥମେ ଆନ୍ଦୋଳନରୁ ଓହରି ରୋଗୀଙ୍କ ସେବାରେ ଯୋଗଦେବା ପାଇଁ କହିଥିଲେ। ଗଣ୍ଡଗୋଳ ସମ୍ପର୍କରେ ପୋଲିସ ତଦନ୍ତ କରୁଥିବା ବାଧା ନ ଉପୁଜାଇବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ନର୍ସମାନେ ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗଦେଇଥିବା ଜଣାପଡ଼ିଛି। ୨ଦିନ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ନର୍ସମାନେ ସାମୂହିକ ଭାବରେ କାର୍ଯ୍ୟଛାଡ଼ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।


ଜିଲା ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ନର୍ସ।

- ୱାର୍ଡ ବୁଲିଲେ ଏକୁଟିଆ ଡାକ୍ତର
- ୬ ଘଣ୍ଟା ମିଳିଲାନି ଇଞ୍ଜେକଶନ୍, ସାଲାଇନ

## ସଂକ୍ଷେପରେ

### ତୁରନ୍ତ କ୍ଷୟକ୍ଷତି ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ

ଭଣ୍ଡାରିପୋଖରୀ, ୧୪।୫(ଡି.ଏନ୍.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟଠାରେ ମଙ୍ଗଳବାର ବିଡିଓ ବନମାଳୀ ତରାଇଙ୍କ ଅଧକ୍ଷତାରେ ଗ୍ରାମ ରୋଜଗାର ସେବକ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଘରଗୁଡିକୁ ଆକଳନ କରି ତୁରନ୍ତ ରିପୋର୍ଟ ଦେବାକୁ କୁହାଯାଇଥିଲା। ପାନୀୟ ଜଳ ଯୋଗାଣ ପ୍ରତି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଲାଗି ରହିଥିବାରୁ ବୟସ୍କ, ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମମାନେ ଯେପରି ଭତ୍ତା ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ବିଡିଓ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଆବଶ୍ୟକ ସ୍ଥଳେ ଅତ୍ୟଧିକ ବୟସ୍କ ଓ ଶଯ୍ୟାଶାୟୀ ବ୍ୟକ୍ତିଙ୍କ ଘରକୁ ଯାଇ ଭତ୍ତା ଦେବାକୁ ସେ କହିଥିଲେ। ବୈଠକରେ ବ୍ଲକର ୨୩ ଟି ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ଗ୍ରାମ ରୋଜଗାର ସେବକ ଓ ବ୍ଲକ ପ୍ରଶାସନର ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଅସୁରକ୍ଷିତ ଶୈଶବ, ବଢୁଛି ଉତ୍ପୀଡ଼ନ ମାମଲା

(ବିଭୁ ପ୍ରସାଦ ବେହେରା)
ଭଦ୍ରକ ଅଫିସ,୧୪।୫

- ଥାନାରେ ମହିଳା ଓ ଶିଶୁ ଡେସ୍କ ଥାଇ ନ ଥିଲା ପରି
- ସଚେତନତା ସୃଷ୍ଟି ନାଁ ରେ ଅର୍ଥ ଅପବ୍ୟୟ ସାର ହେଉଛି

ଭଦ୍ରକ ଜିଲାରେ ଦିନକୁ ଦିନ ବାଳ ଅପରାଧ ଏବଂ ଶିଶୁ ଯୌନ ଉତ୍ପୀଡନ ମାମଲା ବଢି ଚାଲିଛି। ସବୁଠି ଶିଶୁମାନେ ଅସୁରକ୍ଷିତ ହୋଇ ରହୁଥିବା ସଚେତନ ନାଗରିକମାନେ ଅଭିଯୋଗ କରୁଛନ୍ତି। ଏ ଦିଗରେ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ସ୍ତରରେ ସଚେତନତା ସୃଷ୍ଟି କରିବା ସକାଶେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡୁନାହିଁ ।

ଭଦ୍ରକ ଜିଲାରେ ୨୦୧୩ରେ ୪୫ଟି ଏଭଳି ଯୌନ ଉତ୍ପୀଡନ ମାମଲା ଘଟିଥିଲା। ୨୦୧୪ରେ ୫୧, ୨୦୧୫ରେ ୭୬, ୨୦୧୬ରେ ୯୨, ୨୦୧୭ ରେ ୧୨୨, ୨୦୧୮ ରେ ୧୧୭ ଏବଂ ୨୦୧୯ ଏପ୍ରିଲ ସୁଦ୍ଧା ୩୬ଟି ମାମଲା ଘଟିଥିବା ପଦାକୁ ଆସିଛି। କେତେକ କ୍ଷେତ୍ରରେ ପରିବାର ଭିତରେ ଶିଶୁମାନେ ଯୌନ ଶୋଷଣର ଶିକାର ହେଉଥିବା ବେଳେ ଆଉ କେଉଁଠି ପରିବାର ବାହାରେ ଦୁର୍ବୃତ୍ତ ଓ ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ନାବାଳିକା ଅପହରଣ ଓ ବଳାତ୍କାର ମାମଲା ବଢୁଛି । ପ୍ରତି ଥାନାରେ ଏଭଳି ଅପରାଧ ନିୟନ୍ତ୍ରଣ ଲାଗି ମହିଳା ଓ ଶିଶୁ ଡେସ୍କ ଖୋଲାଯାଇଥିଲେ ବି ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନି । ଜିଲାର ଅଧିକାଂଶ ଥାନାରେ ମହିଳା ପୋଲିସ ଅଧିକାରୀ ପଦବୀ ଫାଙ୍କା ପଡିଛି । ଏଣୁ ମହିଳା ଓ ଶିଶୁ ଡେସ୍କରେ ପୁରୁଷ ଅଧିକାରୀମାନେ କାମ ଚଳାଉଛନ୍ତି ।

କୌଣସି ଅଞ୍ଚଳରେ ନାବାଳିକା ବଳାତ୍କାରର ଶିକାର ହେଲେ ମହିଳା ଅଧିକାରୀ ନ ଥିବାରୁ ସେମାନଙ୍କୁ ଦୀର୍ଘ ୭୦ରୁ ୮୦ କିମି ଦୂର ଥାନାକୁ ନିଆଯାଇ ମହିଳା ଅଧିକାରୀଙ୍କ ନିକଟରେ ବୟାନ ରେକର୍ଡ କରାଯାଉଛି। ଅନୁରୂପ ଡାକ୍ତରଖାନାରେ ମହିଳା ଡାକ୍ତର ନ ଥିବା ପୀଡିତାକୁ ଅଧିକ ପୀଡା ଦେଉଛି । ଜଣେ ପୀଡିତାଙ୍କୁ ବାରମ୍ବାର ଅଦାଲତରେ ହାଜର କରିବା, ସାକ୍ଷ୍ୟ ଗ୍ରହଣ କରିବା ଯୋଗୁ ଏହା ସେମାନଙ୍କର ମର୍ଯ୍ୟାଦା ହାନି କରୁଛି । ଥାନା, ପଞ୍ଚାୟତ ଓ ବିଦ୍ୟାଳୟ ସ୍ତରରେ ଶିଶୁମାନଙ୍କ ପାଇଁ ଯୌନ ଉତ୍ପୀଡନ ନିରାକରଣ ପ୍ରକୋଷ୍ଠ(ହାରାଶମେଣ୍ଟ ସେଲ)ଗଠନ କରି ସଚେତନତା କରାଯିବା ସକାଶେ ଗୁରୁତ୍ୱ ଦିଆଗଲେ ମାମଲା ସଂଖ୍ୟା ନିୟନ୍ତ୍ରଣ ହୋଇପାରିବ ବୋଲି ଶିଶୁ ସୁରକ୍ଷା ୟୁନିଟର ପ୍ରୋବେଶନ ଅଧିକାରୀ ସୁବ୍ରତ ଦାସ ମତ ବ୍ୟକ୍ତ କରିଛନ୍ତି। ଏଥିପାଇଁ ପ୍ରାଥମିକ ସ୍କୁଲ ସ୍ତରରୁ କଲେଜ ପର୍ଯ୍ୟନ୍ତ, ସରକାରୀ ହେଉ ବା ବେସରକାରୀ ସ୍ତରରେ ସମସ୍ତଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି ପୂର୍ବତନ ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ କମଳାକାନ୍ତ ସ୍ୱାଇଁ କହିଛନ୍ତି । ସରକାରୀ ସ୍ତରରେ ଶିଶୁ ସୁରକ୍ଷା ବିଭାଗ, ଚାଇଲ୍ଡ ଲାଇନ, ଆଇନସେବା ପ୍ରାଧିକରଣ, ମହିଳା ଓ ଶିଶୁ ବିକାଶ, ପ୍ରାଥମିକ ଶିକ୍ଷା ବିଭାଗ ଏବଂ ପୋଲିସ ପ୍ରଶାସନ ସହଯୋଗର ହାତ ବଢାଇଲେ ଏଭଳି ଅପରାଧକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ପୂର୍ବତନ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଦ୍ମନ ରାୟ କହିଛନ୍ତି। ବାଳ ଅପରାଧୀଙ୍କ ବୟସ ସୀମା କୋହଳ ହେବା ପରେ ଅପରାଧ ସଂଖ୍ୟା କମିବ ବୋଲି ଆଶା କରାଯାଉଥିଲା । କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି । ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା ଦେବା ଲାଗି ୨୦୧୨ରେ ପ୍ରଣୀତ ହୋଇଥିବା ପକ୍ସୋ ଆକ୍ଟ ଠିକ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ ବୋଲି କହିଛନ୍ତି ଆଇନଜୀବୀ ଗଦାଧର ବଳ। ଏହି ପରିପ୍ରେକ୍ଷୀରେ ମହିଳା ଓ ଶିଶୁ ଡେସ୍କରେ ଆବଶ୍ୟକ ମହିଳା ପୋଲିସ କର୍ମଚାରୀ ତୁରନ୍ତ ନିଯୁକ୍ତି ଦେବା ସକାଶେ ସଚେତନ ନାଗରିକମାନେ ଦାବି ଜଣାଇଛନ୍ତି।



ସାଳନ୍ଦୀ ନର୍ସିଂ ସ୍କୁଲରେ ଆୟୋଜିତ ବିଶ୍ୱ ନର୍ସିଂ ଦିବସରେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

# ‘ସେବା, ମାନବିକତା ଉଚ୍ଚତମ ଆଦର୍ଶ’

ଭଦ୍ରକ ଅଫିସ, ୧୪।୫

ସେବା, ମାନବିକତା ମଣିଷପଣିଆର ଏକ ଉଚ୍ଚତମ ଆଦର୍ଶ । ସେବା କାର୍ଯ୍ୟ କରି ଫ୍ଲୋରେନ୍ସ ନାଇଟିଙ୍ଗଲଙ୍କ ଭଳି ଅନେକ ବ୍ୟକ୍ତି ସ୍ମରଣୀୟ ହୋଇ ରହିଛନ୍ତି। ଶିକ୍ଷାର୍ଥୀମାନେ ସେମାନଙ୍କ କାର୍ଯ୍ୟାବଳୀକୁ ଅନୁସରଣ କରିବା ଉଚିତ ବୋଲି ସାଳନ୍ଦୀ ନର୍ସିଂ ସ୍କୁଲରେ ଆୟୋଜିତ ବିଶ୍ୱ ନର୍ସିଂ ଦିବସ ଓ ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପାଳନ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସାଳନ୍ଦୀ ହସ୍ପିଟାଲ ପରିସରରେ ଆୟୋଜିତ ଉତ୍ସବ ଉପଲକ୍ଷେ ୧୧ ଓ ୧୨ ତାରିଖରେ ସ୍କୁଲର ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, କୁଇଜ୍, ରଙ୍ଗୋଲି, ନୃତ୍ୟ, ଚିତ୍ରାଙ୍କନ, ମ୍ୟୁଜିକ୍ ଚେୟାର, ଲେମନ ରେସ୍, ଜିଲାପି ରେସ୍, ଅଖା ଦୌଡ଼, ବକେଟବଲ, ପୁଚି, ସ୍କିପିଂ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଡା. ଦୁର୍ଯ୍ୟୋଧନ ଦାସ ପ୍ରଥମ ଦିନ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ। ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସ୍କୁଲର ନିର୍ଦ୍ଦେଶକ ଡା. ପ୍ରଭାସ କୁମାର ମହାନ୍ତି, ସ୍କୁଲର ଅଧକ୍ଷା ଉର୍ମିଳା କୁମାରୀ ପାତ୍ର, ରମେଶ ଚନ୍ଦ୍ର ଦାସ ଏବଂ ଶିକ୍ଷୟିତ୍ରୀମାନେ ଏଥିରେ ଯୋଗଦାନ କରିଥିଲେ । ଶେଷ ଦିନ ସନ୍ଧ୍ୟାରେ ବିଶ୍ୱ ନର୍ସିଂ ଦିବସ ଉପଲକ୍ଷେ ସାଳନ୍ଦୀ ହସ୍ପିଟାଲ ପରିସରରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ବାଲେଶ୍ୱର ନର୍ସିଂ ସ୍କୁଲର ଅବସରପ୍ରାପ୍ତ ଅଧକ୍ଷା ଉଷାମଣି ପତି ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ସମସ୍ତ ଛାତ୍ରୀ ଭବିଷ୍ୟତରେ ଫ୍ଲୋରେନ୍ସ ନାଇଟିଙ୍ଗଲଙ୍କ ଭଳି ସେବାର ପ୍ରତୀକ ହେବା ଲକ୍ଷ୍ୟରେ କାର୍ଯ୍ୟ କରିବାଲାଗି ଆଗଭର ହେବାକୁ ଅତିରିକ୍ତ ଜିଲାପାଳ ମିଶ୍ର ପରାମର୍ଶ ଦେଇଥିଲେ। ଏହି ଅବସରରେ ଚାମ୍ପିୟାନ ଦ୍ୱିତୀୟ ବର୍ଷର ଜିଏନ୍ଏମ୍ ଛାତ୍ରୀ ସୋନାଲୀ ଦାସ ମହାପାତ୍ର ଏବଂ ଶ୍ରେଷ୍ଠ ଛାତ୍ରୀ ତୃତୀୟ ବର୍ଷର ଛାତ୍ରୀ ରଞ୍ଜିତା ପଣ୍ଡାଙ୍କ ସମେତ ଅନ୍ୟ କୃତି କ୍ରୀଡ଼ାବିତ୍‌ଙ୍କୁ ଅତିରିକ୍ତ ଜିଲାପାଳ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ବର୍ଷର ଛାତ୍ର ଅଭିଷେକ ନାୟକଙ୍କ ଦ୍ୱାରା ପ୍ରସ୍ତୁତ ସ୍କୁଲର ବର୍ଷସାରା ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କିତ ଏକ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା। ଟ୍ୟୁଟର ମାହେଶ୍ୱରୀ ଦେ, ମମତା ବେହେରା, ରଶ୍ମିରେଖା ବେହେରା, ଗୀତା ମଞ୍ଜରୀ ସାମଲ, ମଧୁମିତା ବେହେରା, ରମେଶ ଚନ୍ଦ୍ର ଦାସ ଏବଂ ବନମାଳୀ ଜେନାଙ୍କ ସମେତ ସାଳନ୍ଦୀ ହସ୍ପିଟାଲ ଓ ସାଳନ୍ଦୀ ନର୍ସିଂ ସ୍କୁଲର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନର କାର୍ଯ୍ୟକାରିଣୀ

ଭଦ୍ରକ ଅଫିସ, ୧୪।୫

ଭଦ୍ରକରେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନର ୨ୟ କାର୍ଯ୍ୟକାରିଣୀ ବୈଠକ ବାର୍ କନଫରେନ୍ସ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଚିତ୍ର କୁମାର ବଡଜେନା ସଭାପତିତ୍ୱ କରିଥିଲେ। ବିଭିନ୍ନ ଜିଲାରୁ ଆସିଥିବା ଶତାଧିକ କର୍ମକର୍ତ୍ତା ବୈଠକରେ ଅଂଶଗ୍ରହଣ କରିଥିଲେ। ସାଧାରଣ ସମ୍ପାଦକ ସତ୍ୟଜିତ୍ ସାହୁ, ଭଦ୍ରକ ଓକିଲ ସଂଘ ସଭାପତି ଦିଲୀପ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର ଓ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଆଇନଜୀବୀଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋକପାତ କରିଥିଲେ।




ବୈଠକରେ ଉପସ୍ଥିତ ଅତିଥି।

ଭଦ୍ରକରେ ଏକ ଅଫିସ ଗୃହ ନିର୍ମାଣ କରାଯିବା ସକାଶେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ସ୍ଥିର ହୋଇଥିଲା। ଆଇନଜୀବୀଙ୍କ ଯାତାୟାତ ପାଇଁ ଟୋଲ୍ ଫି ଛାଡ଼, କଲ୍ୟାଣ ପାଣ୍ଠି ବୃଦ୍ଧି, ମେଡିକାଲ ସୁବିଧା ଓ ସୁରକ୍ଷା ଯୋଗାଇ ଦେବା ଆଦି ଦାବି ଆଲୋଚନାରେ ସ୍ଥାନ ପାଇଥିଲା। ଆସନ୍ତା ଅଗଷ୍ଟରେ ବାରିପଦାଠାରେ ୩ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁରର ପ୍ରଦୀପ କୁମାର ପଣ୍ଡା, କଟକର ଅଜୟ କୁମାର ପତି, ଦିଗପହଣ୍ଡିର ସୂର୍ଯ୍ୟନାରାୟଣ ସାହୁ, ବ୍ରହ୍ମପୁରର ଗୋପାଳକ୍ରିଷ୍ଣ ପଣ୍ଡା, ବାଲେଶ୍ୱରର ଗୋବର୍ଦ୍ଧନ ସାହୁ, ବାରିପଦାର ଜ୍ୟୋତିପ୍ରକାଶ ରଥ, ବ୍ରହ୍ମପୁରର ଶିଶିର କୁମାର ପାଢୀ, ନିରଞ୍ଜନ ପ୍ରସାଦ ନାୟକ, ସମ୍ବଲପୁରର ସତ୍ୟନାରାୟଣ ପଣ୍ଡା, ଖୋର୍ଦ୍ଧାର ହରିନାରାୟଣ ସ୍ୱାଇଁ, ଅନୁଗୋଳର ଭବାନୀ ଶଙ୍କର ପ୍ରଧାନ ଓ ବିଭୁପ୍ରସାଦ ମହାପାତ୍ରଙ୍କ ସମେତ ଭଦ୍ରକ ବାର୍‌ର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ

ଆରଡ଼ି, ୧୪।୫ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପଞ୍ଚାୟତସ୍ଥିତ ଦୋହରାପାଟଣାଠାରେ ମହାବୀର ହନୁମାନ ମହାପ୍ରଭୁଙ୍କର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅଧିବାସ ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଶନିବାର ପ୍ରଭାତରେ ଗ୍ରାମର ମହିଳାମାନେ ଶୋଭାଯାତ୍ରାରେ ଯାଇ ବୈତରଣୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପରେ ଯଜ୍ଞ ପ୍ରାଣ ପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରବିବାର ସୂର୍ଯ୍ୟପୂଜା, ଯଜ୍ଞ ସହ ଠାକୁରଙ୍କ ପ୍ରାଣପ୍ରତିଷ୍ଠା କରାଯାଇଥିଲା । ସନ୍ଧ୍ୟାରେ ପ୍ରବଚନ ସହ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା । ସୋମବାର ଅନ୍ତିମ ଦିବସରେ ଠାକୁରଙ୍କ ନବଯୌବନ ଦର୍ଶନ ସହ ଯଜ୍ଞରେ ପୂର୍ଣ୍ଣାହୁତି ପଡିଥିଲା। ପୁରୋହିତ ପଣ୍ଡିତ ବସନ୍ତ କୁମାର ଶତପଥୀ, ସୁଧାକର ଦାଶ, ସମୀର କୁମାର ଦାଶ, ସନାତନ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ପଣ୍ଡା, ରମାକାନ୍ତ ପଣ୍ଡା, ବିଚିତ୍ରାନନ୍ଦ ପଣ୍ଡା, କାଳିପ୍ରସାଦ ଶତପଥୀ, ବିଭୁଦତ୍ତ ଶତପଥୀ ପ୍ରମୁଖ ପୂଜାକାର୍ଯ୍ୟରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଗ୍ରାମବାସୀଙ୍କ ପକ୍ଷରୁ ଭଜନ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଗ୍ରାମର ପ୍ରଶାନ୍ତ ନାୟକ ଓ ତାଙ୍କ ଧର୍ମପତ୍ନୀ ଶୈଳବାଳା ନାୟକ ଏବଂ ଶ୍ରୀଧର ଧ୍ରୁବ ଓ ତାଙ୍କ ଧର୍ମପତ୍ନୀ ରାଜଶ୍ରୀ ପଲାଇ ପୂଜାରେ ସଂକଳ୍ପ କରିଥିଲେ।

# ଆରଡ଼ି ବସଷ୍ଟାଣ୍ଡରେ ଜଳକଷ୍ଟ

ଆରଡି, ୧୪।୫, (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ନାନ୍ଦପୁର ପଞ୍ଚାୟତ ସ୍ଥିତ ଆରଡି ବସଷ୍ଟାଣ୍ଡରେ ଥିବା ଏକମାତ୍ର ନଳକୂପ ୧୫ ଦିନରୁ ଅଧିକ ହେବ ଅଚଳ ହୋଇଯାଇଛି। ମରାମତି ପାଇଁ କେହି ତତ୍ପରତା ପ୍ରକାଶ କରୁ ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ପହଣା ଉପ୍ରା ବିଦ୍ୟାଳୟକୁ ଲାଗି ରହିଥିବା ଏହି ନଳକୂପ ଉପରେ ଆଖଣ୍ଡଳମଣିଙ୍କ ପୀଠକୁ ଆସୁଥିବା ଶହଶହ ଭକ୍ତ ନିର୍ଭର କରିଥାନ୍ତି। ବସଷ୍ଟାଣ୍ଡର ବ୍ୟବସାୟୀମାନେ ମଧ୍ୟ ଏହି ନଳକୂପ ଜଳ ବ୍ୟବହାର କରିଥାନ୍ତି । ଉକ୍ତ ନଳକୂପ ବ୍ୟତୀତ ଏଠାରେ ଅନ୍ୟ କୌଣସି ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା ହୋଇନାହିଁ। ଏବେ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାରୁ ନଳକୂପ ମରାମତି ନ ହେବା ଘଟଣା ନେଇ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପଞ୍ଚାୟତ ଉପରେ ମରାମତି ଦାୟିତ୍ୱ ନ୍ୟସ୍ତ ଥିବାରୁ ପ୍ରଶାସନ କୌଣସି ଦାୟିତ୍ୱ ନେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ପଞ୍ଚାୟତରେ ନଳକୂପ ମରାମତି ଲାଗି ପାର୍ଟସ ମହଜୁଦ ନ ଥିବାରୁ ଏହାକୁ କିଣିବା ଲାଗି ଅର୍ଥରାଶି ବ୍ଲକରେ ଜମା କରାଯାଇଛି ଏବଂ ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ନାନ୍ଦପୁର ସରପଞ୍ଚଙ୍କ ପ୍ରତିନିଧି ଗଣେଶ ବିଶ୍ୱାଳ କହିଛନ୍ତି।



ଅଚଳ ହୋଇପଡିଥିବା ନଳକୂପ ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

WALK-IN-INTERVIEW
HTO 1. Marketing Executive (4 Persons), 2. Stewards (4 Persons-Male)3. Captain (1 Person), 4. Reception (4 Persons), 5. House Keeping (4 Persons)
All candidates are requested keep your complete CV towards Educational Certificates, Hospitality Experience Certificate, 2 Nos. of Passport Photo. Salary best in Industry.
Date of Interview : 20.05.2019 (Monday) from 11 AM to 5 PM
Contact : HOTEL TAZZ ODISHA, 126/A, Ashok Nagar, Bhubaneswar-751009
Mob : 9040698560, 7978982455

REQUIRED
LADY BEAUTICIAN FOR M/S PUJA LADY PARLOUR
AT- BAPUJI NAGAR, BBSR
CONTACT- 7205846924 6371332743

Contact: 9938414918
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

URGENT REQUIRED
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। ଦରମା: 27,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୦୦୦/- ରୁ ୩୫୦୦୦/-
7894509327

REQUIRED A leading distribution house of Bhubaneswar requires.
1. Sales Manager : Graduate with 5 to 7 years of experience in Sales & Marketing having leadership quality.
2. Sales Executive : Graduate with 2 to 3 years of experience in Sales & Marketing under a distributor.
3. Account Executive : B.Com with 2 to 3 years of experience in Accounts having knowledge of Tally.
Salary : Negotiable
Interested candidates can mail their resume with fresh photograph to
E-mail : hr.rctpl@gmail.com or
Mob.: 9437329938, 9853399288 (10 A.M. to 8 P.M.)

DIRECT JOINING
Customer Service (A-D2H), Data Entry, Back Office, Receptionist (ଓଡିଆ)
Salary : Rs.8000 To Rs.15000
9090658710, 6372928855

ଆବଶ୍ୟକ
ଭୁବନେଶ୍ୱରରେ ଥିବା ହୋଟେଲ ପାଇଁ ହେଲପର ଓ ସପ୍ଲାୟର ଆବଶ୍ୟକ
ଯୋଗାଯୋଗ
9040566755
9437353936

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
M : 8895725158, 6370827728

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ଆବଶ୍ୟକ
ହୋଟେଲ୍ ତାଜ୍ ପ୍ୟାଲେସ୍, ଭୁବନେଶ୍ୱରରେ ରୁମ୍ ବଏ ଏବଂ ସୁଇପର ଆବଶ୍ୟକ। ସମୟ :- ସକାଳ ୧୦.୦୦ଟା ରୁ ରାତି ୮.୦୦ଟା ରହିବା ଓ ଖାଇବା ସୁବିଧା ଅଛି।
ଯୋଗାଯୋଗ
୯୪୩୮୧୪୩୨୦୮

OFFICE OF THE DISTRICT JUDGE, RAYAGADA
150 YEARS OF CELEBRATING THE MAHATMA
Advt No.01/15.05.2019
Applications in the prescribed format are invited from intending candidates for recruitment of various base level vacant posts of Junior Clerk/Copyist, Junior Typist, Stenographer Grade-III and Salaried Amin in Group- ‘C’ cadre of Rayagada Judgeship for the year, 2019 is hereby notified for general information as follows:

| Name of Post | Scale of Pay | Scheduled Tribe | Scheduled Caste | S.E.B.C | UR | Total |
|---|---|---|---|---|---|---|
| Junior Clerk/ Copyist | As per level-04 in pay Matrix (First Schedule) of ORSP Rules, 2017 with usual D.A. and other allowances as admissible from time to time | 2 (2-Female) | 2 (1-Female) | -- | -- | 4 |
| Junior Typist | | 1 (1-Female) | -- | -- | -- | 1 |
| Stenographer Grade-III | As per level-07 in pay Matrix (First Schedule) of ORSP Rules, 2017 with usual D.A. and other allowances as admissible from time to time | -- | 1 | -- | -- | 1 |
| Salaried Amin | As per level-05 in pay Matrix (First Schedule) of ORSP Rules, 2017 with usual D.A. and other allowances as admissible from time to time | -- | -- | -- | 1 | 1 |
| Grand Total | | 3 | 3 | -- | 1 | 7 |

Reservation and age relaxation in respect of reserved categories of candidates shall be in accordance with the provisions of the Acts, Rules, Orders or Instructions for the time being in force, for the respective reserved categories. Last date of receipt of application form is 15.06.2019, 5.00 P.M.
For details please visit: https://districts.ecourts.gov.in/rayagada
BY ORDER OF THE DISTRICT JUDGE
Sd./- Registrar, Civil Courts, Rayagada

URGENT REQUIREMENT
For Male HELPERS to work in Hyderabad and Visakhapatnam
Good Salary and Accommodation.
Ph: 6305484850

କାର ଡ୍ରାଇଭର
ଜଗତପୁର ଅଫିସ ପାଇଁ ଆବଶ୍ୟକ
ଯୋଗାଯୋଗ
Mob No.- 7381075901 9437496020

See Career Appointment on every Wednesday & Saturday

A Leading Consultancy Group requires the following personnel urgently

| Sl | Name of the post | Qualification & Experience |
|---|---|---|
| 1 | Manager – HR | MBA (HR) with 8 - 12 yrs or above experience, preference will be given to candidates having experience in hotel industry |
| 2 | Asst. Mgr. – HR | MBA (HR) with 5-7 yrs or above experience, preference will be given to candidates having experience in hotel industry |
| 3 | HR Executive | MBA (HR) with 3 - 5 yrs or above experience, preference will be given to candidates having experience in hotel industry |
| 4 | Sales Mgr. | MBA Mkt g / Hotel Mgmt with More than 7 yrs of experience |

Candidates having experience in Hotel Industry will be given preference. The posting will be within Odisha.
Salary will commensurate with Qualification, Experience & Efficiency
Candidates may apply within seven days to Email:cservicesbbsr@gmail.com

WANTED
ଧରିତ୍ରୀ DHARITRI Oriya daily
is looking for
SENIOR ACCOUNTS EXECUTIVES
- The candidate should have at least 5 years+ experience in the field of Accounts.
- Experience includes day to day accounting, preparation of all statutory reports and returns like VAT, Excise, Internal Audit, MIS, Service Tax return submission, verification of Bills.
- Proficiency in MS Excel, MS Word & Tally is a must.

SENIOR OFFICE EXECUTIVES (ADVERTISEMENT)
- Graduates with 5 years+ experience in back office work.
- Responsibility will include maintaining data, billing and schedule of advertisements.
- Candidates should be well equipped with Excel, MS Office & should have basic knowledge of Tally.

Apply immediately to : recruitment@dharitri.com
Attractive salary commensurate with experience

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

■ ଏମ୍‌ପିସି ଅଟୋନୋମସ କଲେଜ

# ମୋବାଇଲ ଟର୍ଚ୍ଚରେ ଯୁକ୍ତ ଦୁଇ ଖାତାଦେଖା

ବାରିପଦା ଅଫିସ,୧୪।୫

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଅଟୋନମସ କଲେଜ (ଏମପିସି )ରେ ମଙ୍ଗଳବାର ମୋବାଇଲ ଟର୍ଚ୍ଚରେ ଯୁକ୍ତ ଦୁଇ ଖାତା ଦେଖା ହୋଇଛି। ବାରିପଦା ସହର ଓ ତା'ର ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୩ ଟା ବେଳେ କାଳବୈଶାଖୀ ଯୋଗୁ ପ୍ରବଳ ଝଡ ତୋଫାନ ସହ ବର୍ଷା ହୋଇଥିଲା। ସହରରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ, ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡିବାରୁ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଥିଲା।

**କାଳବୈଶାଖୀ ପ୍ରଭାବ**

ଏମପିସି ଅଟୋନୋମସ କଲେଜରେ ଏହି ସମୟରେ ଯୁକ୍ତ ଦୁଇ ଖାତା ଦେଖା ଚାଲିଥିଲା। ମୋବାଇଲର ଟର୍ଚ୍ଚ ଜାଳି ଅଧ୍ୟାପକମାନେ ଖାତା ଦେଖିଥିଲେ। କଲେଜ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା କରି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କେତେ ଜଣ ଅଧ୍ୟାପକ କହିଛନ୍ତି। ଏ ନେଇ କଲେଜ ଅଧ୍ୟକ୍ଷ ଦୁର୍ଗାଚରଣ ପାତ୍ରଙ୍କୁ ପଚାରିବାରୁ ପ୍ରବଳ ବର୍ଷା ଓ ଝଡ଼ ତୋଫାନ ହେବାରୁ କଲେଜର କର୍ମଚାରୀମାନଙ୍କ ଦ୍ୱାରା ଜେନେରେଟର ଚଳାଇବା ସମ୍ଭବ ହୋଇ ନ ଥିଲା। ମୋବାଇଲ ଟର୍ଚ୍ଚରେ ଖାତାଦେଖା ଅଳ୍ପ ସମୟ ପାଇଁ ହୋଇଥିଲା। ପରେ ଖାତା ଦେଖା ବନ୍ଦ କରିଦିଆଯାଇଥିଲା ବୋଲି ସେ କହିଛନ୍ତି।

## PARADIP PORT TRUST

**CORRIGENDUM TO E-TENDER CALL NOTICE NO. EM/MM/P/FIRE/02/2019/532,DT. 23.04.2019 FOR SUPPLY OF AQUEOUS FILM FORMING FOAM (AFFF)**

The price in BOQ should be quoted on FOR Paradip basis including packing & forwarding charges, freight, insurance and excluding GST as per clause no. 14 under Annexure-V of the e-tender.
**(1). Last Date of submission of tender up to 5.30 PM of Dt. 22.05.2019. (2). Opening of Technical Bid at 3.30 PM of Dt. 24.05.2019.** However, all other terms and conditions of the e-tender remained unchanged.

**Sr. Dy. Materials Manager**
**PPT/PR/51/2019-20, Dt.14.05.2019**

## PARADIP PORT TRUST

**CORRIGENDUM TO TENDER CALL NOTICE NO. EM/MM/P/STEEL/07/2018 (Pt)/1904TDR71. DT. 11/04/2019 FOR SUPPLY OF STEEL MATERIALS**

The due date of submission of Tender & opening of Technical Bid is hereby further extended as below.
1. Last Date of submission of tender up to 13.30 hour of **Dt. 21/05/2019.** 2. Opening of Technical Bid at 15.30 hour of **Dt. 21/05/2019.** All other terms and conditions in the original tender remained unaltered. For details of the tender interested bidders may log on to our website www.paradipport.gov.in or contact the office of the undersigned.

**Sr. Dy. Materials Manager**
**Paradip Port Trust**
PPT/PR/45/19-20 Dt. 14/05/2019

## PARADIP PORT TRUST

**e-Tendering Notice**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from bidders for supply of **Different type of nut & bolt.** The last date and time of submission of the tender is **17.15 hrs. on 04.06.2019.** For details, log on to website : **https:// eprocure.gov.in/eprocure/app**

**Sr. Dy. Materials Manager**
PPT/PR/56/19-20 Dt : 14.05.19

## PARADIP PORT TRUST

**CORRIGENDUM-III TO E-TENDER CALL NOTICE NO. EM/MM/PE/04/ 2018/1902TDR41, DT. 28.02.2019 FOR SUPPLY OF ELECTRICAL ITEMS**

The due date of submission of Tender & opening of EMD Bid is hereby further extended as below: **1.** Last Date of submission of tender up to **5.00 PM** of **Dt. 22.05.2019. 2.** Opening of EMD Bid at **3.30 PM** of **Dt. 24.05.2019.** All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned.

**Sr. Dy. Materials Manager**
PPT/PR/49/2019-20, Dt. 14.05.2019

## SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI

**No. 1249 /** **NOTIFICATION** **Date: 14.05.19**

It is for the information of all concerned that Shikshashastri Entrance Test (S.S.E.T), 2019 conducted by this Vishvavidyalaya which was scheduled to be held on 05.05.2019 has been rescheduled to be held on 26.05.2019 from 10.00 AM to 12.00 Noon in the centres as notified earlier.

By order of Vice-Chancellor
**Sd./-**
**Controller of Examinations**

## Indian Red Cross Society

**(District Branch, Cuttack)**

**Notice No.1123/RC.** **Dt: 09.05.2019**

Sealed tender from intending bidders are initiated for procurement and installation of HBOT machine at City Hospital, Cuttack. Tenderers may visit District Website- www.cuttack.nic.in for DTCN.

Sd./- Honorary Secretary IRCS,
District Red Cross Branch, Cuttack

## ODISHA ADARSHA VIDYALAYA SANGATHANA

No.05-n

**N-1/9, NAYAPALLI, PO.- SAINIK SCHOOL, BHUBANESWAR-751005**

**Recruitment of Principals and Teachers in Odisha Adarsha Vidyalayas (OAVs) in Odisha, 2019.**

**Announcement for Computer Based Test (CBT)- Revised schedule for CBT**

Due to administrative reasons, the timing & shift of examination date has been changed only for 2nd shift of 21.05.2019 (Tuesday) of three teaching posts i.e. PGT (Physics), TGT (English) and Computer Teacher. Now Computer based test/examination for these posts will be conducted in 1st shift on 22.05.2019 (Wednesday). However, computer based test/ examination for the remaining posts remain unchanged.

There is no change in examination centre as allotted to the candidates earlier. The candidates for the post of PGT physics, TGT English & Computer Teacher have been intimated through sms and e-mail and they are required to download new admit card for 22.05.2019. The admit card downloaded for 21.05.2019 will not be valid.

All candidates are advised to visit OAVS website i.e. www.oavs.in regularly to know the updates.

Sd./- 14.05.2019
State Project Director
OAVS

27029/11/0002/1920

## SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI

**No. 1245 /** **NOTIFICATION** **Date: 14.05.19**

In continuation to this office Notice No. 1221 dated 01.05.2019, it is hereby notified that the Shikshashastri Ist Year and IInd Year Examinations, 2019 are rescheduled as follows.

PROGRAMME

| Shikshashastri Ist Year | | Shikshashastri IInd Year | |
|---|---|---|---|
| 22.05.2019 | Paper-I | 23.05.2019 | Paper-VII |
| 24.05.2019 | Paper-II | 25.05.2019 | Paper-VIII |
| 27.05.2019 | Paper-III | 28.05.2019 | Paper-IX |
| 29.05.2019 | Paper-IV | 30.05.2019 | Paper-X |
| 31.05.2019 | Paper-V | | |

By order of Vice-Chancellor
**Sd./-**
**Controller of Examinations**

## MCL MAHANADI COALFIELDS LIMITED

(A Subsidiary of Coal India Limited)
JAGRUTI VIHAR, BURLA-768020, DIST : SAMBALPUR (ODISHA)
Tel. Phone (EPABX) : 0663-2542461 to 469, Website : www.mahanadicoal.in

**GENERAL TENDER NOTICE FOR e-PROCUREMENT**

**Mahanadi Coalfields Limited (MCL)** is inviting its Tenders having estimated value of ₹ 2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL **(https://coalindiatenders.nic.in)** as well as on the Central Public Procurement portal of Govt. of India **(http://eprocure.gov.in)**. Bids are to be submitted ONLINE on the above e-Procurement portal of CIL by enrolled Bidders. EMD can also be submitted online. Enrollment of Bidders on the e-Procurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders.**[Contact details: Tel.-0663-2542264/2542695** (available during office hours only); **email- hlp-eproc.mcl@nic.in]** **R-4908**

*Give a missed call on toll free number 1800 200 3004 to get our apps.*

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

# ପାଠ୍ୟପୁସ୍ତକ ବିକ୍ରୟ ବିଜ୍ଞାପନ (ଶିକ୍ଷାବର୍ଷ: ୨୦୧୯-୨୦)

**No. 06-n:-** ଏତଦ୍ୱାରା ରାଜ୍ୟର ବିଭିନ୍ନ ଅଣଅନୁଦାନପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ତଥା ଅଭିଭାବକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ପ୍ରଚଳିତ ସମସ୍ତ ଜାତୀୟକରଣ ପାଠ୍ୟପୁସ୍ତକ ନିର୍ଦ୍ଧାରିତ ମୂଲ୍ୟରେ ପ୍ରତ୍ୟେକ ଜିଲ୍ଲାର ନିମ୍ନଲିଖିତ ସ୍ଥାନମାନଙ୍କରେ ବିକ୍ରୟ କରାଯାଉଛି। ବହି କିଣିବା ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ସହି ମୋହର ପରଖି ବହିକୁ ଉଚିତ ମୂଲ୍ୟରେ କିଣନ୍ତୁ। ବହିଗୁଡ଼ିକର ମୂଲ୍ୟସୂଚୀ ଏଥିସହିତ ଜଣାଇ ଦିଆଯାଉଅଛି। ଏହାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଅଛି।

### ବିକ୍ରୟ କେନ୍ଦ୍ରର ନାମ

| କ୍ର.ନଂ. | ଜିଲ୍ଲାର ନାମ | ବିକ୍ରୟ କେନ୍ଦ୍ର ସଂ. | ବିକ୍ରୟ କେନ୍ଦ୍ରର ନାମ |
|---|---|---|---|
| ୧ | ଅନୁଗୁଳ | ୨ | ବି.ଆର.ସି. କାର୍ଯ୍ୟାଳୟ, ଅନୁଗୁଳ<br>ବି.ଆର.ସି. କାର୍ଯ୍ୟାଳୟ, ତାଳଚେର |
| ୨ | ବାଲେଶ୍ୱର | ୨ | ବି.ଆର.ସି. କାର୍ଯ୍ୟାଳୟ, ସଦର ବାଲେଶ୍ୱର<br>ବି.ଆର.ସି. କାର୍ଯ୍ୟାଳୟ, ବାଲିଆପାଳ |
| ୩ | ବରଗଡ଼ | ୨ | ବି.ଆର.ସି. କାର୍ଯ୍ୟାଳୟ, ବରଗଡ଼<br>ବି.ଆର.ସି. କାର୍ଯ୍ୟାଳୟ, ପଦ୍ମପୁର |
| ୪ | ଭଦ୍ରକ | ୩ | ପୋପଜିଙ୍ଗ ପ୍ରାଇମେରୀ ସ୍କୁଲ, ଜଗନ୍ନାଥପୁର ବ୍ରହ୍ମପୁର<br>ନୋଡ଼ାଲ ଉପ୍ରା ସ୍କୁଲ, ବ୍ରହ୍ମପୁର<br>ବି.ଆର.ସି. କାର୍ଯ୍ୟାଳୟ,ଚାନ୍ଦବାଲି |
| ୫ | ବଲାଙ୍ଗୀର | ୨ | ଡି.ପି.ଓ., ଏସ୍.ଏସ୍.ଏ., ବଲାଙ୍ଗୀର<br>ବି.ଆର.ସି. କାର୍ଯ୍ୟାଳୟ,ଟିଟିଲାଗଡ଼ |
| ୬ | ବୌଦ୍ଧ | ୧ | ଡି.ପି.ଓ., ଏସ୍.ଏସ୍.ଏ., ବୌଦ୍ଧ |
| ୭ | କଟକ | ୩ | ୟୁ.ଆର.ସି. ମର୍କତନଗର ପ୍ରାଇମେରୀ ସ୍କୁଲ, ସେକ୍ଟର-୭<br>ବି.ଆର.ସି. କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି<br>ବି.ଆର.ସି. କାର୍ଯ୍ୟାଳୟ, କଟକ ସଦର |
| ୮ | ଦେଓଗଡ଼ | ୧ | ବାଳକ ପ୍ରାଇମେରୀ ସ୍କୁଲ, ଦେଓଗଡ଼ |
| ୯ | ଢେଙ୍କାନାଳ | ୨ | ମୁଖ୍ୟ କାର୍ଯ୍ୟାଳୟ, ଜର୍ଜ ଉପ୍ରା ସ୍କୁଲ, ଢେଙ୍କାନାଳ<br>ବି.ଆର.ସି. କାର୍ଯ୍ୟାଳୟ, କାମାକ୍ଷାନଗର |
| ୧୦ | ଗଜପତି | ୨ | ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି<br>ଚନ୍ଦ୍ରଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି |
| ୧୧ | ଗଞ୍ଜାମ | ୩ | ବି.ଆର.ସି. କାର୍ଯ୍ୟାଳୟ, ଛତ୍ରପୁର<br>ବି.ଆର.ସି. କାର୍ଯ୍ୟାଳୟ, ଆସିକା<br>ବି.ଆର.ସି. କାର୍ଯ୍ୟାଳୟ, ଭଞ୍ଜନଗର |
| ୧୨ | ଜଗତ୍‌ସିଂହପୁର | ୨ | ମୁଖ୍ୟ କାର୍ଯ୍ୟାଳୟ, ବଡ଼ବାଗ କୋ. ଅପରେଟିଭ ଉପ୍ରା ସ୍କୁଲ, ଜଗତ୍‌ସିଂହପୁର<br>ବି.ଆର.ସି. କାର୍ଯ୍ୟାଳୟ, ତିର୍ତ୍ତୋଲ ବ୍ଲକ୍ |
| ୧୩ | ଯାଜପୁର | ୨ | ବି.ଆର.ସି. କାର୍ଯ୍ୟାଳୟ, ଯାଜପୁର<br>ବି.ଆର.ସି. କାର୍ଯ୍ୟାଳୟ, ଯାଜପୁର ରୋଡ଼ (ବ୍ୟାସନଗର) |
| ୧୪ | ଝାରସୁଗୁଡ଼ା | ୧ | ଗଣ୍ଡଘୋରା ଏନ.ୟୁ.ପି.ସି., ଝାରସୁଗୁଡ଼ା |
| ୧୫ | କଳାହାଣ୍ଡି | ୩ | ବି.ଆର.ସି. କାର୍ଯ୍ୟାଳୟ, ଭବାନୀପାଟଣା<br>ବି.ଆର.ସି. କାର୍ଯ୍ୟାଳୟ, ଜୁନାଗଡ଼<br>ବି.ଆର.ସି. କାର୍ଯ୍ୟାଳୟ, କେସିଙ୍ଗା |
| ୧୬ | କନ୍ଧମାଳ | ୧ | ବି.ଆର.ସି. କାର୍ଯ୍ୟାଳୟ, ଫୁଲବାଣୀ |
| ୧୭ | କେନ୍ଦ୍ରାପଡ଼ା | ୨ | ବି.ଆର.ସି. କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ<br>ବି.ଆର.ସି. କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା |
| ୧୮ | କେନ୍ଦୁଝର | ୩ | ବି.ଆର.ସି. କାର୍ଯ୍ୟାଳୟ, ସଦର ବ୍ଲକ୍, କେନ୍ଦୁଝର<br>ବି.ଆର.ସି. କାର୍ଯ୍ୟାଳୟ, ଯୋଡ଼ା<br>ବି.ଆର.ସି. କାର୍ଯ୍ୟାଳୟ, ଆନନ୍ଦପୁର |
| ୧୯ | ଖୋର୍ଦ୍ଧା | ୫ | ବି.ଆର.ସି. କାର୍ଯ୍ୟାଳୟ, ଖୋର୍ଦ୍ଧା<br>ବି.ଆର.ସି. କାର୍ଯ୍ୟାଳୟ, ଖଣ୍ଡଗିରି ନୋଡ଼ାଲ ଉପ୍ରା ବିଦ୍ୟାଳୟ, ଭୁବନେଶ୍ୱର<br>ବି.ଆର.ସି. କାର୍ଯ୍ୟାଳୟ, ବାଣପୁର<br>ସରକାରୀ ପ୍ରାଥମିକ ବିଦ୍ୟାଳୟ, ୟୁନିଟ୍-୨, ଭୁବନେଶ୍ୱର<br>ଚନ୍ଦ୍ରଶେଖରପୁର, ଏଚ୍.ବି.ସି. ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରଶେଖରପୁର, ଫେଜ୍-୧, ଭୁବନେଶ୍ୱର |
| ୨୦ | କୋରାପୁଟ | ୩ | ପୋଲିସ ପ୍ରାଇମେରୀ ସ୍କୁଲ<br>ସି.ଆର.ସି.ସି. କାର୍ଯ୍ୟାଳୟ, କୋରାପୁଟ<br>ବି.ଆର.ସି. କାର୍ଯ୍ୟାଳୟ, ସିମିଳିଗୁଡ଼ା<br>ଜୟପୁର ବି.ଆର.ସି. କାର୍ଯ୍ୟାଳୟ, ଜୟପୁର, କୋରାପୁଟ |
| ୨୧ | ମାଲକାନଗିରି | ୧ | ଡି.ପି.ଓ., ଏସ୍.ଏସ୍.ଏ., ମାଲକାନଗିରି |
| ୨୨ | ମୟୂରଭଞ୍ଜ | ୩ | ବି.ଆର.ସି. କାର୍ଯ୍ୟାଳୟ, ବାରିପଦା<br>ବି.ଆର.ସି. କାର୍ଯ୍ୟାଳୟ, ରାଇରଙ୍ଗପୁର<br>ବି.ଆର.ସି. କାର୍ଯ୍ୟାଳୟ, କରଞ୍ଜିଆ |
| ୨୩ | ନବରଙ୍ଗପୁର | ୨ | ବି.ଆର.ସି. କାର୍ଯ୍ୟାଳୟ, ଉମରକୋଟ<br>ବି.ଆର.ସି. କାର୍ଯ୍ୟାଳୟ, ନବରଙ୍ଗପୁର |
| ୨୪ | ନୟାଗଡ଼ | ୨ | ବି.ଆର.ସି. କାର୍ଯ୍ୟାଳୟ, ନୟାଗଡ଼ ବ୍ଲକ୍<br>ବି.ଆର.ସି. କାର୍ଯ୍ୟାଳୟ, ଦଶପଲ୍ଲା ବ୍ଲକ୍ |
| ୨୫ | ନୂଆପଡ଼ା | ୨ | ବି.ଆର.ସି. କାର୍ଯ୍ୟାଳୟ, ନୂଆପଡ଼ା<br>ବି.ଆର.ସି. କାର୍ଯ୍ୟାଳୟ, ଖରିଆର |
| ୨୬ | ପୁରୀ | ୨ | ଏଲ.ଆଇ.ସି. କଲୋନୀ, ୟୁ.ଜି.ୟୁ.ପି, ସ୍କୁଲ, ପୁରୀ<br>ବି.ଆର.ସି. କାର୍ଯ୍ୟାଳୟ, ନିମାପଡ଼ା |
| ୨୭ | ରାୟଗଡ଼ା | ୨ | ବି.ଆର.ସି. କାର୍ଯ୍ୟାଳୟ, ରାୟଗଡ଼ା<br>ବି.ଆର.ସି. କାର୍ଯ୍ୟାଳୟ, ଗୁଣୁପୁର |
| ୨୮ | ସମ୍ବଲପୁର | ୨ | ଆଶାପଲ୍ଲୀ ନୋଡ଼ାଲ ଉପ୍ରା ସ୍କୁଲ, ସମ୍ବଲପୁର<br>ବି.ଆର.ସି. କାର୍ଯ୍ୟାଳୟ, କୁଚିଣ୍ଡା |
| ୨୯ | ସୋନପୁର | ୧ | ଡି.ପି.ଓ., ଏସ୍.ଏସ୍.ଏ., ସୋନପୁର |
| ୩୦ | ସୁନ୍ଦରଗଡ଼ | ୨ | ଡି.ପି.ଓ., ଏସ୍.ଏସ୍.ଏ., ସୁନ୍ଦରଗଡ଼<br>ଜିଲ୍ଲା ନିରୀକ୍ଷକଙ୍କ କାର୍ଯ୍ୟାଳୟ, ରାଉରକେଲା |

### ପାଠ୍ୟପୁସ୍ତକଗୁଡ଼ିକର ମୂଲ୍ୟସୂଚୀ

| କ୍ର.ନଂ. | ବହିର ନାମ | ମୂଲ୍ୟ |
|---|---|---|
| | **ପ୍ରଥମ ଶ୍ରେଣୀ** | |
| ୧ | ହସଖେଳ ଭାଗ-୧ | ଟ.୧୧.୦୦ |
| ୨ | ହସଖେଳ ଭାଗ-୨ | ଟ.୧୨.୦୦ |
| | **ଦ୍ୱିତୀୟ ଶ୍ରେଣୀ** | |
| ୩ | ଗଣିତ ଖେଳ | ଟ.୧୬.୦୦ |
| ୪ | ହସଖୁସି | ଟ.୧୯.୦୦ |
| | **ତୃତୀୟ ଶ୍ରେଣୀ** | |
| ୫ | ଗଣିତ ମଜା | ଟ.୧୬.୦୦ |
| ୬ | ଆମଭାଷା ଆମ ସାହିତ୍ୟ | ଟ.୧୨.୦୦ |
| ୭ | ଜଣା ଅଜଣା | ଟ.୧୬.୦୦ |
| ୮ | ମାଇଁ ଇଂରାଜୀ ବୁକ୍ | ଟ.୨୦.୦୦ |
| | **ଚତୁର୍ଥ ଶ୍ରେଣୀ** | |
| ୯ | ଗଣିତ କୁହୁକ | ଟ.୨୨.୦୦ |
| ୧୦ | ସାହିତ୍ୟ କଳିକା | ଟ.୧୨.୦୦ |
| ୧୧ | ଆମେ ଓ ଆମ ପରିବେଶ | ଟ.୨୨.୦୦ |
| ୧୨ | ମାଇଁ ଇଂରାଜୀ ବୁକ୍ | ଟ.୧୪.୦୦ |
| | **ପଞ୍ଚମ ଶ୍ରେଣୀ** | |
| ୧୩ | ମାଇଁ ଇଂରାଜୀ ରିଡର | ଟ.୧୪.୦୦ |
| ୧୪ | ଗଣିତ ଧାରା | ଟ.୨୨.୦୦ |
| ୧୫ | ସାହିତ୍ୟ କୁସୁମ | ଟ.୧୫.୦୦ |
| ୧୬ | ପରିବେଶ ଓ ବିଜ୍ଞାନ | ଟ.୨୨.୦୦ |
| | **ଷଷ୍ଠ ଶ୍ରେଣୀ** | |
| ୧୭ | ଭାଷା କଳିକା | ଟ.୧୪.୦୦ |
| | | |
| ୧୮ | ଗଣିତ | ଟ.୨୩.୦୦ |
| ୧୯ | ବିଜ୍ଞାନ | ଟ.୧୧.୦୦ |
| ୨୦ | ଆମ ସାହିତ୍ୟ | ଟ.୧୨.୦୦ |
| ୨୧ | ମାଇଁ ଇଂରାଜୀ | ଟ.୧୫.୦୦ |
| ୨୨ | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୪.୦୦ |
| ୨୩ | ଭୂଗୋଳ | ଟ.୧୧.୦୦ |
| ୨୪ | ମେରି ହିନ୍ଦୀ କିତାବ | ଟ.୦୮.୦୦ |

| କ୍ର.ନଂ. | ବହିର ନାମ | ମୂଲ୍ୟ |
|---|---|---|
| | **ସପ୍ତମ ଶ୍ରେଣୀ** | |
| ୨୫ | ଗଣିତ | ଟ.୨୩.୦୦ |
| ୨୬ | ଇଂରାଜୀ ରିଡର | ଟ.୧୪.୦୦ |
| ୨୭ | ସାହିତ୍ୟ ସୌରଭ | ଟ.୧୬.୦୦ |
| ୨୮ | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୪.୦୦ |
| ୨୯ | ଭୂଗୋଳ | ଟ.୧୩.୦୦ |
| ୩୦ | ବିଜ୍ଞାନ | ଟ.୨୩.୦୦ |
| ୩୧ | ମେରି ହିନ୍ଦୀ ପୁସ୍ତକ | ଟ.୦୯.୦୦ |
| ୩୨ | ଭାଷା କଳିକା ଭାଗ-୨ | ଟ.୧୧.୦୦ |
| | **ଅଷ୍ଟମ ଶ୍ରେଣୀ** | |
| ୩୩ | ସାହିତ୍ୟିକା | ଟ.୧୩.୦୦ |
| ୩୪ | ଆମ ବ୍ୟାକରଣ | ଟ.୧୩.୦୦ |
| ୩୫ | ହିନ୍ଦୀ ପାଠ ୮ (ମାତୃଭାଷା) | ଟ.୧୨.୦୦ |
| ୩୬ | ଏ ନିଉ ଆପ୍ରୋଚ ଟୁ ଇଂଲିସ୍ | ଟ.୧୬.୦୦ |
| ୩୭ | ଷ୍ଟୋରିଜ୍ ପାଷ୍ଟ ଆଣ୍ଡ ପ୍ରେଜେଣ୍ଟ | ଟ.୧୦.୦୦ |
| ୩୮ | ସରଳ ସାହିତ୍ୟ | ଟ.୦୯.୦୦ |
| ୩୯ | ନଇ ହିନ୍ଦୀ ଭାରତୀ | ଟ.୦୭.୦୦ |
| | | |
| ୪୦ | ଭାଷା ସୌରଭମ୍ | ଟ.୧୫.୦୦ |
| ୪୧ | ବିଜ୍ଞାନ | ଟ.୨୨.୦୦ |
| ୪୨ | ସରଳ ଗଣିତ (ବୀଜଗଣିତ) | ଟ.୧୮.୦୦ |
| ୪୩ | ସରଳ ଗଣିତ (ଜ୍ୟାମିତି) | ଟ.୧୨.୦୦ |
| | | |
| ୪୪ | ସରଳ ହିନ୍ଦୀ ବ୍ୟାକରଣ | ଟ.୦୬.୦୦ |
| ୪୫ | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୨.୦୦ |
| ୪୬ | ଭୂଗୋଳ | ଟ.୦୮.୦୦ |
| ୪୭ | ଶମା ଏ ଉର୍ଦ୍ଦୁ | ଟ.୦୯.୦୦ |
| ୪୮ | ଆଶାନ ଉର୍ଦ୍ଦୁ | ଟ.୧୪.୦୦ |

ଯଦି କୌଣସି ବ୍ୟକ୍ତି ସ୍ଥିରୀକୃତ ବିକ୍ରୟ କେନ୍ଦ୍ରଗୁଡ଼ିକ ବାହାରେ ଏବଂ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ପାଠ୍ୟପୁସ୍ତକ ବିକ୍ରୟ କରୁଥାଏ, ତେବେ ଏହି ତଥ୍ୟ ନିର୍ଦ୍ଦେଶକ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱରଙ୍କ-୭୫୧୦୦୧ ନିମ୍ନଲିଖିତ ଫୋନ୍ ନମ୍ବରଗୁଡ଼ିକରେ ନିଶ୍ଚିତ ଜଣାନ୍ତୁ। ଏହା ଉପରେ ଆମେ ଅତିଶୀଘ୍ର ଉପଯୁକ୍ତ ପଦକ୍ଷେପ ନେବୁ। ଅନ୍ୟ କୌଣସି ବିଷୟରେ ସନ୍ଦେହ ଥିଲେ ଏହାର ସ୍ପଷ୍ଟୀକରଣ ପାଇଁ ଆମକୁ ଜଣାନ୍ତୁ। ପ୍ରତ୍ୟେକ ଇଚ୍ଛୁକ ଶିକ୍ଷାର୍ଥୀ/ଅଭିଭାବକ କେବଳ ୦୧ ଗୋଟି ସେଟ୍ ପୁସ୍ତକ କ୍ରୟ କରିପାରିବେ। ପିଲାମାନଙ୍କୁ ଠିକ୍ ସମୟରେ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଆପଣଙ୍କ ସହଯୋଗ କାମନା କରୁଅଛୁ। Tel. No. ୦୬୭୪-୨୩୮୦୮୭୧, Tel. No. ୦୬୭୪-୨୩୮୦୮୭୨।
Email ID: **directortbpmodisha@gmail.com**

ନିର୍ଦ୍ଦେଶକ
ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର-୧

27005/11/0001/1920

# କୃଷି ବନୀକରଣରେ ଅନ୍ତଃ ଫସଲ



ଗୟାଧର ଶିଅଳ

ଏକକାଳୀନ ବା ସମକାଳୀନ ଭାବେ ଦୁଇ ବା ତହିଁରୁ ଊର୍ଦ୍ଧ୍ୱ ଫସଲକୁ ଗୋଟାଏ ଜମିରେ ଜଙ୍ଗଲୀ ଗଛ ମଝିରେ ଥିବା ଶୂନ୍ୟସ୍ଥାନରେ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଚାଷ କରିବା ଫସଲକୁ ଅନ୍ତଃ ଫସଲ କହନ୍ତି। ଚାଷୀ ଭାଇମାନଙ୍କର ଯେତିକି ଜମି ଅଛି, ସେଥିରୁ କିଭଳି ସର୍ବାଧିକ ଲାଭ ହେବ, ସେଥିପ୍ରତି ସଜାଗ ରହିବା ଓ ଯୋଜନା ପ୍ରସ୍ତୁତ କରି ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି କରିବା।

**ଅନ୍ତଃ ଫସଲର ଗୁଣବତ୍ତା:** ଅନ୍ତଃ ଫସଲ ଦୀର୍ଘସ୍ଥାୟୀ ଫଳ କିମ୍ବା ଜଙ୍ଗଲୀ ବୃକ୍ଷ ମଧ୍ୟରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥାଏ।

- ମୁଖ୍ୟ ଫସଲଠାରୁ ଅଧିକ ଉଚ୍ଚା ହୋଇ ନ ଥିବ।
- ଗଛଠାରୁ ୧୨୦ ସେମି ଦୂରରେ ଅନ୍ତଃ ଫସଲ ଚାଷ କରିବା ଆବଶ୍ୟକ।
- ଯେଉଁ ଅନ୍ତଃ ଫସଲଗୁଡ଼ିକ ଅଧିକ ଖାଦ୍ୟ ସାର, ପାଣି ଆଦି ଆବଶ୍ୟକ କରୁଥିବ, ସେଗୁଡ଼ିକ ନିରୁତ୍ସାହିତ କରିବା ଜରୁରୀ। କାରଣ ସେଗୁଡ଼ିକ ମୁଖ୍ୟ ଫସଲର ଅଭିବୃଦ୍ଧିରେ ବିଘ୍ନ ଘଟାଇଥାଏ।
- ଦୀର୍ଘସ୍ଥାୟୀ ଓ ଅଧିକ ଖାଦ୍ୟ ସାର ଗ୍ରହଣ କରୁଥିବା ଅନ୍ତଃ ଫସଲ ଚାଷ କରିବା ଅନୁଚିତ। ଉଦାହରଣ ଆଖୁ, ମକା, ବାଜରା ଆଦି।
- ଅନ୍ତଃ ଫସଲର ଫୁଲ ଫୁଟୁଥିବା ଅବସ୍ଥାରେ ମୁଖ୍ୟ ଫସଲରୁ ପତ୍ରଝଡ଼ା ଦେଉ ନ ଥିବ।
- ଅନ୍ତଃ ଫସଲ ମାଟିରୁ ଯବକ୍ଷାରଜାନ ଜାତୀୟ ସାର ସଂଗ୍ରହ କରି ମାଟିରେ ବିବନ୍ଧନ କରିପାରୁଥିବ।
- ମାଟି ଏବଂ ଜଳବାୟୁ ଉପରେ କୁ ପ୍ରଭାବ ପକାଉ ନ ଥିବ।

**ଉପାଦେୟତା :** ଅନ୍ତଃ ଫସଲ ଚାଷ ଦ୍ୱାରା ଜମିର ଉପଯୁକ୍ତ ବ୍ୟବହାର ହୋଇଥାଏ।

- ରୋଗ ଓ ପୋକର ପ୍ରାଦୁର୍ଭାବ କରାଏ।
- ପରଭୋଜୀ କୀଟର ସଂଖ୍ୟା ବଢ଼ାଏ।
- ଜମିର ଉତ୍ପାଦନ କ୍ଷମତା ଓ ଉତ୍ପାଦନ ବଢ଼ାଏ।
- ଘାସ ଦମନ କରାଏ।
- ମାଟିର ଅଣୁଜୀବ ସଂଖ୍ୟା ବଢ଼ାଏ।
- ଗଛର ବିବିଧତା ଫସଲ ଉତ୍ପାଦନ କୃଷି ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିଥାଏ।
- ମୃତ୍ତିକାର ଦୀର୍ଘସ୍ଥାୟୀ ବ୍ୟବହାର କରେ।
- ଅନିଷ୍ଟକାରୀ କୀଟ ପାଇଁ ଯନ୍ତା ଫସଲ ରୂପେ କାର୍ଯ୍ୟ କରେ।
- ମାଟିର ଭୌତିକ ଗୁଣ ବୃଦ୍ଧି ଘଟାଏ।
- ଅନ୍ତଃ ଫସଲ ମୁଖ୍ୟ ଫସଲ ବୃଦ୍ଧିର ସହାୟକ ହୋଇଥାଏ।
- ଅବ୍ୟବହୃତ ଜମିର ସୁବିନିଯୋଗ ହୁଏ।
- ଅନ୍ତଃ ଫସଲ ଏକ ଇନ୍‌ସୁରାନ୍ସ ଭଳି କାମ କରେ।
- ମୃତ୍ତିକାକ୍ଷୟ ମୁଖ୍ୟତଃ ଗଡ଼ାଣିଆ ଅଞ୍ଚଳରେ ରୋକେ।
- ଉପକାରୀ କୀଟଙ୍କୁ ଆକର୍ଷଣ କରେ, ଯେତେବେଳେ କି ମକରନ୍ଦ ସୃଷ୍ଟିକାରୀ ଫସଲ ଚାଷ କରାଯାଏ।
- ଗୋଟାଏ ଫସଲ ଅନ୍ୟ ଫସଲକୁ ଆଶ୍ରୟ ଯୋଗାଏ।
- ଅଳ୍ପ ସମ୍ବଳ ଥିବା କ୍ଷୁଦ୍ର ନାମମାତ୍ର ଚାଷୀ ଅଧିକ ଲାଭବାନ ହୁଅନ୍ତି।

**କୃଷି ବନୀକରଣରୁ ଲାଭ ପାଇଁ ଏହାର ଅନ୍ତଃ ଫସଲ ଚାଷ ସମ୍ପର୍କରେ ଜାଣନ୍ତୁ କେତୋଟି କଥା...**



**ଅନ୍ତଃ ଫସଲ ଚୟନ ବେଳେ କେଉଁ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...**

ଅନ୍ତଃ ଫସଲ ଚୟନ କଲାବେଳେ ଫସଲର ବୃଦ୍ଧି, ଚେର ବଢ଼ିବା, ଫସଲ ଅବଧି ଏବଂ ଉଦ୍ଭିଦର ବଂଶ ପ୍ରତି ଦୃଷ୍ଟି ଦେବା ବିଧେୟ।

- ଅଧିକ ଉଚ୍ଚା ଫସଲ ସହିତ ସ୍ୱଳ୍ପତା ଫସଲ।
- ବୁଦାଳିଆ ଫସଲ ସହିତ ସଳଖତା ଫସଲ।
- ଶୀଘ୍ର ବଢୁଥିବା ଫସଲ ସହିତ ଧିର ବଢୁଥିବା ଫସଲ।
- ଗଭୀର ଚେରଯୁକ୍ତ ଫସଲ ସହିତ ଅଗଭୀର ଚେରଯୁକ୍ତ ଫସଲ।
- ଅଳ୍ପ ଅବଧି ଫସଲ ସହିତ ଦୀର୍ଘ ଅବଧି ଫସଲ।
- ଡାଲି ଜାତୀୟ ଫସଲ ସହିତ ଅଣ ଡାଲିଯୁକ୍ତ ଫସଲ।
- ଫସଲକୁ ବିଭିନ୍ନ ରୋଗ ପୋକ ଦାଉରୁ ରକ୍ଷା କରିବା ପାଇଁ ବିଭିନ୍ନ ବଂଶ ଓ ପ୍ରଜାତିର ଫସଲ ରୋପଣ କରାଯାଇଥାଏ।

**ଅନ୍ତଃ ଫସଲର ପ୍ରକାର :** ମୁଖ୍ୟତଃ ଚାରି ପ୍ରକାରର ଅନ୍ତଃ ଫସଲ ଥାଏ। ଯଥା: ଧାଡ଼ିକିଆ ଅନ୍ତଃ ଫସଲ, ଚକଡ଼ା ଅନ୍ତଃ ଫସଲ, ପଟି ଅନ୍ତଃ ଫସଲ ଓ ପୁନଃଚାଷ ଅନ୍ତଃ ଫସଲ।

**ଧାଡ଼ିକିଆ ଅନ୍ତଃ ଫସଲ କ'ଣ?**

ଜମିରେ ଏକକାଳୀନ ଦୁଇ ବା ଅଧିକ ଫସଲର ଚାଷ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ହୋଇଥାଏ। ଯେଉଁଥିରେ ଅତିକମ୍‌ରେ ଗୋଟାଏ ଫସଲ ଧାଡ଼ିରେ ଚାଷ ହୋଇଥିବ।

**ଉଦାହରଣ:** ଶସ୍ୟ ଜାତୀୟ ଫସଲ, ସପୁରି। ପ୍ରଥମ ଦୁଇବର୍ଷ ଜମି ଅନୁସାରେ ମାଣ୍ଡିଆ, ବିରି, ମୁଗ, ହରଡ଼, ରାଶି, ଚିନାବାଦାମ ଆଦି ଫସଲ ଲଗାଯାଏ। ଯେଉଁଠି ପାଣିର ସୁବିଧା ଅଛି ବିଲାତି, ବାଇଗଣ, କଲରା, ଶାଗ ଆଦି ଲଗାଯାଏ। ତୃତୀୟ/ଚତୁର୍ଥ ବର୍ଷ ପରେ ଗଛ ଛାଇରେ ଅଦା, ହଳଦୀ, ପାଳୁଅ ଆଦି ଲଗାଯାଏ।

**ଚକଡ଼ା ଅନ୍ତଃ ଫସଲ** — ବିଭିନ୍ନ ପ୍ରକାରର ଅନ୍ତଃ ଫସଲ ଭିନ୍ନ ଭିନ୍ନ ଚକଡ଼ାରେ ହୋଇଥାଏ।

**ପଟିଅନ୍ତଃ ଫସଲ** — ବିଭିନ୍ନ ପ୍ରକାର ଅନ୍ତଃ ଫସଲ ଭିନ୍ନ ଭିନ୍ନ ପଟିରେ ଅର୍ଥାତ୍ ଭିନ୍ନ ପ୍ରକାରର ଲମ୍ବ ଓ ଓସାରର ଚାଷ କରାଯାଇଥାଏ।

**ଉଦାହରଣ:** ବିନ୍ସର ଗୋଟାଏ ପଟି ଏବଂ ୧ଫୁଟ-୨ଫୁଟ ବ୍ୟବଧାନରେ ମକାର ପଟି।

*-ବନବିଜ୍ଞାନ ବିଭାଗ, ଓୟୁଏଟି, ଭୁବନେଶ୍ୱର, ମୋ: ୯୪୩୭୦୩୧୨୦୯*

# ନଡ଼ିଆ ଫସଲରେ ଇରିଓ ଫାଇଡ୍ କୀଟ ପରିଚାଳନା



ଡ.ବିଷ୍ଣୁ ଚରଣ ଜେନା

ନଡ଼ିଆ ଚାଷ ଏକ ଅର୍ଥକରି ଫସଲ। ପୃଥିବୀର ପ୍ରାୟ ୯୩ଟି ଦେଶରେ ଏହି ଚାଷ ୧୧.୮ ନିୟୁତ ହେକ୍ଟର ଜମିରେ ହେଉଛି। ନଡ଼ିଆ ଉତ୍ପାଦନରେ ଭାରତ ପୃଥିବୀର ତୃତୀୟ ସ୍ଥାନରେ ପହଞ୍ଚିଛି। ଭାରତରେ ପ୍ରସ୍ତୁତ ହେଉଥିବା ୫୦ ପ୍ରକାରର ନଡ଼ିଆଜାତ ପଦାର୍ଥ ବିଶ୍ୱ ବଜାରରେ ଆଦୃତ ହେଉଛି।

ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଯାଜପୁର ଜିଲାଗୁଡ଼ିକରେ ଏହି ଚାଷ ବହୁ ପରିମାଣରେ ହୋଇଥାଏ। ବର୍ତ୍ତମାନ ସାମୁଦ୍ରିକ ବାତ୍ୟା ଫନୀ ପ୍ରଭାବରେ ଉପରୋକ୍ତ ଜିଲାରେ ଅସଂଖ୍ୟ ନଡ଼ିଆ ଗଛ ଭାଙ୍ଗିଯାଇଛି। ତେବେ ଯେଉଁସବୁ ଗଛ ରହିଯାଇଛି ତାହାର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ । ଅବଶ୍ୟ ନଡ଼ିଆ ଫସଲ ମନୁଷ୍ୟଙ୍କୁ ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଅନେକ ପ୍ରକାର ରୋଗ, ପୋକ ଏବଂ ସୂକ୍ଷ୍ମ ଜୀବମାନଙ୍କୁ ମଧ୍ୟ ଆକର୍ଷଣ କରିଥାଏ। ତନ୍ମଧ୍ୟରୁ ଇରିଓ ଫାଇଡ୍ ନାମକ ଚତୁଷ୍ପଦୀ କୀଟ ଅତ୍ୟନ୍ତ ମାରାତ୍ମକ, ଏହାର ଆବଶ୍ୟକ ପରିଚାଳନା ସମ୍ପର୍କରେ ସୂଚିତ କରାଯାଉଛି।

**ଚତୁଷ୍ପଦୀ କୀଟର ଉପସ୍ଥିତି:** ଏହି କୀଟ ପ୍ରଥମେ ମେକ୍ସିକୋରେ ଦେଖାଦେଲା, କ୍ରମେ ଏହା ବିଭିନ୍ନ ଦେଶରେ ଦେଖା ଦେଇଥିଲା। ୧୯୯୮ରେ ଏହି କୀଟ କେରଳ ଓ ତାମିଲନାଡୁ ରାଜ୍ୟରେ ନଡ଼ିଆ ଫସଲରେ ଆବିର୍ଭାବ ହେଲା, ୧୯୯୯ ମହାବାତ୍ୟା ସମୟରେ ଏହି କୀଟ ଓଡ଼ିଶାରେ ପ୍ରବେଶ କରି ନଡ଼ିଆ ଫସଲକୁ ବର୍ଷ ବର୍ଷ ଧରି ଆକ୍ରମଣ କରି ଆସୁଛି। ସମୁଦ୍ର ଉପକୂଳବର୍ତ୍ତୀ ଜିଲାରେ ଏହି କୀଟର ଭୟାବହତା ଜାରି ରହିଛି।

**ଚତୁଷ୍ପଦୀ କୀଟର ଜୀବନୀ:** ଏହି କୀଟର ସ୍ତ୍ରୀ କୀଟଟି ଅତ୍ୟନ୍ତ ସୂକ୍ଷ୍ମାତିସୂକ୍ଷ୍ମ। ଖାଲି ଆଖିରେ ଏମାନଙ୍କୁ ଦେଖିବା ଅତ୍ୟନ୍ତ କଷ୍ଟସାଧ୍ୟ, ଅଣୁବୀକ୍ଷଣ ଯନ୍ତ୍ର ମାଧ୍ୟମରେ ଏମାନଙ୍କୁ ଦେଖିବା ସହଜ ହୁଏ। ଅଣ୍ଡାରୁ ଅର୍ଭକ ଏବଂ ଅର୍ଭକରୁ ପୂର୍ଣ୍ଣାଙ୍ଗପ୍ରାପ୍ତ ଅବସ୍ଥା ପ୍ରାପ୍ତ ହେବାକୁ ଏହାକୁ ୧୦ ଦିନ ସମୟ ଲାଗେ। ସ୍ତ୍ରୀ କୀଟଟି ନିଜର ଜୀବନକାଳ ମଧ୍ୟରେ ହାରାହାରି ୧୯ଟି ଅଣ୍ଡା ଦେଇଥାଏ। ଏହି ଅଣ୍ଡା ସ୍ତ୍ରୀ ପୋକଟି ନଡ଼ିଆ ଗୋଟମାର ଭୁଣ୍ଡିତଳେ ଦେଇଥାଏ। ଅଣ୍ଡାରୁ ଅର୍ଭକମାନେ ବାହାରି ଭୁଣ୍ଡିତଳେ ରହି କଅଁଳ ତନ୍ତୁରୁ ରସ ଶୋଷନ୍ତି।

**କ୍ଷତିର ଲକ୍ଷଣ:** ଏହି କୀଟର ଆକ୍ରମଣ ଯୋଗୁ ଗୋଟମାର ଭୁଣ୍ଡିତଳେ ଗୋଲାପୀ ରଙ୍ଗର ଦାଗ ଦେଖାଯାଏ। କ୍ରମଶଃ ଏହା ହଳଦିଆ ରଙ୍ଗ ଧାରଣକରି ତ୍ରିକୋଣ ଆକାରରେ ପଇଡ଼ର ଅଗ୍ରଭାଗକୁ ବ୍ୟାପିଯାଏ। ପରବର୍ତ୍ତୀ ସମୟରେ ଏହା ବାଦାମୀ ରଙ୍ଗ ହୋଇ ଏବଂ ଆହୁରି ଗାଢ଼ ହୋଇ ଖଦଖଦଡ଼ିଆ ତନ୍ତୁ ସୃଷ୍ଟିକରେ। ପଇଡ଼ ଖୋଳପାରେ ଫାଟ ସୃଷ୍ଟିହୋଇ ସେଥିରୁ ଅଠା ଝରେ। ଅତ୍ୟଧିକ ଆକ୍ରମଣ ଯୋଗୁ ଗୋଟମା ଏବଂ କଷି ନଡ଼ିଆଗୁଡ଼ିକ ଶୁଖି ଗଛରୁ ଝଡ଼ିପଡ଼େ। ଆକ୍ରମିତ ନଡ଼ିଆଗୁଡ଼ିକ ବିକୃତରୂପ ଧାରଣ କରେ। ଚାଷୀମାନେ ଏହି ସବୁ ଲକ୍ଷଣ ଦେଖି ଏହାକୁ ଯାଦୁରା ରୋଗ କହି ଥାଆନ୍ତି। କୀଟ ଆକ୍ରମଣ ଯୋଗୁ ନଡ଼ିଆ ଅମଳ ବହୁ ପରିମାଣରେ ହ୍ରାସ ପାଏ। ବଜାରରେ ନଡ଼ିଆ ବିକ୍ରି କରିବାରେ ଚାଷୀମାନେ ଉପଯୁକ୍ତ ମୂଲ୍ୟ ପାଇପାରନ୍ତି ନାହିଁ। ନଡ଼ିଆ ଉପରେ ଭାତୁଡ଼ି ଆକୃତିର ଦାଗ ସହିତ ଲମ୍ବା ଲମ୍ବା ଫାଟ ସୃଷ୍ଟି ହୁଏ ଏବଂ ନଡ଼ିଆ ପାକଳ ହେବା ପୂର୍ବରୁ ଗୋଟମାଗୁଡ଼ିକ ଗଛରୁ ଝଡ଼ିପଡ଼େ। ଏହି ଚତୁଷ୍ପଦୀ କୀଟ ସରାଗ ସଂଗମକାରୀ ମହୁମାଛି ଓ ଅନ୍ୟାନ୍ୟ ପତଙ୍ଗମାନଙ୍କ ଯୋଗୁ ଏବଂ ବାୟୁ ପ୍ରବାହ ଯୋଗୁ ଗୋଟିଏ ଗଛରୁ ଅନ୍ୟ ଗଛକୁ ସ୍ଥାନାନ୍ତରିତ ହୁଅନ୍ତି।



**ପରିଚାଳନା ପ୍ରଣାଳୀ ଓ ଅମଳ ବୃଦ୍ଧି କରିବାର ଲକ୍ଷଣ:** ଏହି ନିବନ୍ଧ ମାଧ୍ୟମରେ ନଡ଼ିଆ ଚାଷୀମାନଙ୍କୁ କୀଟ ସଂଖ୍ୟା ହ୍ରାସ କରିବା ଏବଂ ନଡ଼ିଆ ଗଛରେ ଅମଳ ବୃଦ୍ଧି କରିବା ପାଇଁ କେତେକ ଉପାୟ ଦିଆଯାଉଛି...

- ନଡ଼ିଆ ବଗିଚାକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ନଡ଼ିଆ ଗଛରୁ ଶୁଖିଲା ବାହୁଙ୍ଗା ଏବଂ ଶୁଖିଲା ଚଅଁର କାଟି ଦିଅନ୍ତୁ।
- ସୁସ୍ଥ ଓ ସବଳ ନଡ଼ିଆ ଗଛରେ ଚତୁଷ୍ପଦୀ କୀଟର ଉପଦ୍ରବ ଉପଲବ୍ଧି ହୁଏନାହିଁ। ତେଣୁ ଗଛ ପ୍ରତି ୫୦ କିଲୋଗ୍ରାମ ଜୈବିକ ଖତ ବର୍ଷରେ ୨ ଥର ୨୫ କିଲୋଗ୍ରାମ ଅନୁପାତରେ ପ୍ରୟୋଗ କରନ୍ତୁ।
- ପୁନଶ୍ଚ ୧୦ କିଲୋଗ୍ରାମ ନିମ୍ବ ପିଡ଼ିଆ ବର୍ଷକୁ ୨ ଥର ୫ କିଲୋଗ୍ରାମ କରି ଗଛ ପ୍ରତି ପ୍ରୟୋଗ କରନ୍ତୁ।
- ନଡ଼ିଆ ବଗିଚାରେ ଧନିଚା ଏବଂ କୋଳଥ ବୁଣି ୪୫ ଦିନ ପରେ ସେଗୁଡ଼ିକୁ ମାଟିରେ ମିଶାଇ ମାଟିର ଉର୍ବରତା ବୃଦ୍ଧିକରି ନଡ଼ିଆ ଗଛକୁ ଅଧିକ ଅମଳକ୍ଷମକରି କୀଟ ଆକ୍ରମଣରୁ ଫସଲକୁ ରକ୍ଷା କରନ୍ତୁ।
- ୟୁରିଆ ୧ କିଲୋଗ୍ରାମ, ସୁପର ୨ କିଲୋଗ୍ରାମ ଏବଂ ପଟାସ ୨ କିଲୋଗ୍ରାମ ସାରକୁ ଏକାଠି ମିଶାଇ ଗଛପ୍ରତି ବର୍ଷକୁ ୨ ଥର ସମ ପରିମାଣରେ ପ୍ରୟୋଗ ପରେ ବଗିଚାରେ ଜଳ ସେଚନ କରନ୍ତୁ।
- ୫୦ ଗ୍ରାମ ଟାଙ୍ଗଣ କିମ୍ବା ୨୦୦ ଗ୍ରାମ ଅଣୁସାର ମିଶ୍ରଣକୁ ଏକ ଗଛପ୍ରତି ପ୍ରୟୋଗ କରନ୍ତୁ।
- ନିମାଜାଲ ୭.୫ ମିଲି ଲିଟରକୁ ୭.୫ ମିଲିଲିଟର ପାଣିରେ ମିଶାଇ ଦୁଇଟି ସଦ୍ୟଯାତ ଚେରରେ ହୋମିଓପାଥିକ ଟ୍ୟୁବ ଦ୍ୱାରା ୭.୫୦ ମିଲିଲିଟିର କରି ପ୍ରୟୋଗ କରନ୍ତୁ। ଏହି ପ୍ରକ୍ରିୟା ୧ ମାସ ଅନ୍ତରରେ ୩ ଥର ପ୍ରୟୋଗ କରି ଚେରକୁ ପୋତି ଦିଅନ୍ତୁ। ଗ୍ରୀଷ୍ମ ଋତୁରେ ଏହି ପ୍ରକ୍ରିୟା ଭଲ ଭାବେ କାମ କରେ।
- ନଡ଼ିଆ ଗଛ ଛୋଟ ଅବସ୍ଥାରେ ଥିଲେ ଏବଂ ଗଛରେ କୀଟନାଶକ ସିଞ୍ଚନ କରିବାର ସୁବିଧା ଉପଲବ୍ଧ ହେଲେ ୫୦ ଗ୍ରାମ ଲୁଗାଧୁଆ ସାବୁନଗୁଣ୍ଡ ୫୦୦ ମିଲିଲିଟର ଉଷୁମ ପାଣିରେ ମିଶାନ୍ତୁ। ସେଥିରେ ୨୦୦ ମିଲିଲିଟର ନିମ୍ବତେଲ ଭଲଭାବେ ମିଶାନ୍ତୁ। ୨୦୦ ଗ୍ରାମ ଚୋପାଛଡ଼ା ରସୁଣ ବାଟି ସେଥିରେ ୩୦୦ ମିଲିଲିଟର ପାଣି ଗୋଳାନ୍ତୁ। ପତଳା କପଡ଼ାରେ ରସୁଣ ପାଣିକୁ ଛାଣି ସେଥିରୁ ଖଦା ବାହାର କରନ୍ତୁ ଏବଂ ଖଦାକୁ ଫୋପାଡ଼ି ଦିଅନ୍ତୁ। ଶେଷରେ ରସୁଣ ପାଣି ସହିତ ନିମ୍ବତେଲ, ସାବୁନ ପାଣି ମିଶାଇ କୀଟ ଆକ୍ରମିତ ଗଛକୁ ସିଞ୍ଚନ କରନ୍ତୁ।
- ନିମ୍ବତେଲ ବଦଳରେ କରଞ୍ଜ ତେଲ (୪%) କିମ୍ବା ମହୁଲ ତେଲ (୪%) ସାବୁନ ମିଶ୍ରଣ ସହିତ ମିଶାଇ ନଡ଼ିଆ ଗଛଗୁଡ଼ିକୁ ସିଞ୍ଚନ କରନ୍ତୁ।

*-ମୋ: ୯୭୭୬୪୦୪୪୦୬*

## ମକା କିସମ

ଜଳସେଚନର ସୁବିଧା ଥିଲେ ବର୍ତ୍ତମାନ କଞ୍ଚା ଖାଇବା ପାଇଁ ମକା ଫସଲ ଲଗାଯାଇପାରିବ। ଉନ୍ନତ ବିହନ କିସମ ଯଥା- ନଭଜୋତ୍, ଶକ୍ତି, ଡେକାନ୍-୧୦୭, ଡେକାନ୍-୧୦୯ କିସମ ନିକଟରେ ଥିବା କୃଷି ବିଭାଗରେ ବିହନ ବିକ୍ରୟ କେନ୍ଦ୍ରରୁ ସଂଗ୍ରହ କରନ୍ତୁ। ଏକ ଏକର ଜମିରେ ୬ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ଶେଷଓଡ଼ ଚାଷ ବେଳେ ଏକର ପ୍ରତି ଅନୁମୋଦିତ ସାର ୩୨ କିଗ୍ରା ଯବକ୍ଷାରଜାନ, ୧୬କି.ଗ୍ରା. ଫସଫରସ ଓ ୧୬କି.ଗ୍ରା. ପଟାସ୍ ସାର ମଧ୍ୟରୁ ୩ଭାଗରୁ ଭାଗେ ଯବକ୍ଷାରଜାନ, ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ।

## ଡାଲିଜାତୀୟ ଫସଲ

ଡାଲିଜାତୀୟ ଫସଲ ଛୁଇଁ ୮୦-୮୫ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡ଼ା ୧୦ଭାଗରୁ କମ୍ ଜଳୀୟଅଂଶ ରହିବା ଦରକାର।



## ସୂଚନା

ଫନୀ ବାତ୍ୟା ଜନିତ ବର୍ଷା ପରେ ଏବେ ପନିପରିବା ଫସଲରେ ଜଉ ପୋକ ଲାଗିବାର ଆଶଙ୍କା ରହିଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬୦ଗ୍ରାମ୍ ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ. କିମ୍ବା ୪୦ଗ୍ରାମ୍ ଥାୟୋମେଥୋକ୍ସାମ୍, ୨୫ପ୍ରତିଶତ ଡବ୍ଲୁଡିଜି କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ୍ ୨୦ପ୍ରତିଶତ ଏସ୍‌ପି ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ତ୍ତମାନ ପନିପରିବା ଫସଲରେ ଝାଉଁଳା ରୋଗ ଲାଗିବାର ଆଶଙ୍କା ଥିବାରୁ ପ୍ରତି ୧୦ଲିଟର ପାଣିରେ ୧.୫ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ + ୨୫ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍‌କୁ ମିଶାଇ ମୂଳ ଭାଗକୁ ସିଞ୍ଚନ କରନ୍ତୁ। ଜମିରେ ରହିଯାଇଥିବା ପନିପରିବାଗୁଡ଼ିକ ନ ସଡ଼ିବା ଲାଗି ପ୍ରତି ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁପି ମିଶାଇ ଏକର ପ୍ରତି ୨୦୦ଲିଟର ମିଶ୍ରଣ ସିଞ୍ଚନ କରନ୍ତୁ।

-ଗଛରେ ରହିଯାଇଥିବା ଆମ୍ବ ଓ କାଜୁ ଫିମ୍ପି ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ତେଣୁ ପ୍ରତି ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁପି ମିଶାଇ ସିଞ୍ଚନ କରନ୍ତୁ।

ପ୍ରଥମ ପୃଷ୍ଠାରୁ...

## ବିଳମ୍ବ ହେବ...

ମୌସୁମୀ ନ ଛୁଇଁ ମାତ୍ର ୪ ଦିନ ପରେ ଉଭାନ ହୋଇଯାଇଥିଲା। ଜୁନ ୨୧ ତାରିଖ ଯାଏ ମୌସୁମୀ ଦୁର୍ବଳ ରହିଥିଲା। ଧାନ ଚାଷ ଉପରେ ଏହାର ପ୍ରଭାବ ପଡିଥିଲା। ପରେ ବର୍ଷା ସ୍ୱାଭାବିକ ସ୍ତରକୁ ଆସିଥିଲା।

ବାତ୍ୟା 'ଫନୀ' ଯିବା ପରେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଜନଜୀବନକୁ ବ୍ୟତିବ୍ୟସ୍ତ କରିଛି। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ପାରଦ ଉପରମୁହାଁ ରହିଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ବାୟୁମଣ୍ଡଳର ଆର୍ଦ୍ରତା ବଢ଼ିଯିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ତାପମାତ୍ରା କମ୍ ରହିଲେ ମଧ୍ୟ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଗରମ ଓ ଗୁଳୁଗୁଳିରେ ଲୋକମାନେ ଆଉଟପାଉଟ ହେଉଛନ୍ତି। ତେବେ ଏଭଳି ପରିସ୍ଥିତିରୁ ଦିନେ ଦୁଇଦିନ ମଧ୍ୟରେ ମୁକ୍ତି ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ କିଛିଦିନ ହେବ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ମଙ୍ଗଳବାର ୭ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ତାଳଚେରରେ ସର୍ବାଧିକ ୪୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୪୧, ଟିଟିଲାଗଡ଼ରେ ୪୧, ସୋନପୁରରେ ୪୧, ସମ୍ବଲପୁରରେ ୪୦.୫, ବଲାଙ୍ଗୀରରେ ୪୦.୨, ଅନୁଗୋଳରେ ୪୦.୧, ହୀରାକୁଦରେ ୩୯.୭, କଟକରେ ୩୯.୫, ଭୁବନେଶ୍ୱରରେ ୩୯.୪, ଚାନ୍ଦବାଲିରେ ୩୯ ଏବଂ ଫୁଲବାଣୀରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ଼ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ କାଳବୈଶାଖୀ ଜନିତ ଝଡ଼ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ତେବେ ଦିନେ ଦୁଇଦିନ ଗରମ କମ୍ ରହିଲେ ମଧ୍ୟ ୧୭ ତାରିଖରୁ ପଶ୍ଚିମ ଓଡ଼ିଶାରେ ପୁଣି ଗ୍ରୀଷ୍ମ ପ୍ରବାହ ହେବ ବୋଲି ଅନୁମାନ କରାଯାଉଛି।

## ସରିପାରିନି ଯୁକ୍ତ୨...

ତେଣୁ ଅଧ୍ୟାପକମାନେ ଖାତା ଦେଖିପାରି ନ ଥିଲେ। ମୂଲ୍ୟାଙ୍କନ କେନ୍ଦ୍ରରେ ବିଦ୍ୟୁତ୍, ପାଣି ସମସ୍ୟା ଦେଖାଗଲା। ଫଳରେ ଅଧିକାଂଶ ଅଧ୍ୟାପକ ଖାତାଦେଖା ବନ୍ଦ କରି ନିଜ ଘରକୁ ଫେରିଗଲେ। ତେବେ ଏହି ସମୟରେ ଅଧ୍ୟାପକମାନଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଛାଟ ମାରିଛି। ଖାତା ଦେଖିବାକୁ ଆସୁ ନ ଥିବା ଅଧ୍ୟାପିକା ଓ ଅଧ୍ୟାପକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ପରିଷଦ ନିଷ୍ପତ୍ତି ନେବାରୁ ବାଧହୋଇ ଅଧ୍ୟାପକମାନେ ପୁଣି ଖାତା ଦେଖିବା ପାଇଁ ଆସିଛନ୍ତି। ମୁହଁରେ ଝାଳ, ଗୋଟିଏ ହାତରେ ବିଞ୍ଚଣା ଓ ଆଉ ଗୋଟିଏ ହାତରେ କଲମ ଧରି ଏବେ ଖାତା ଦେଖୁଛନ୍ତି ଅଧ୍ୟାପକ। ବହୁ କଷ୍ଟରେ ବର୍ତ୍ତମାନ ଖାତାଦେଖା ଚାଲିଛି। ରାଜ୍ୟରେ ୫୮ ମାନୁଆଲ ଓ ୩୬ ଇ-ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ଚାଲିଛି। ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଭଳି ଜିଲାରେ ଖାତାଦେଖା ମନ୍ଥର ଗତିରେ ଚାଲିଛି। ତେଣୁ ଖାତାଦେଖା କେବେ ସରିବ ଏବଂ ଫଳାଫଳ କେବେ ପ୍ରକାଶ ପାଇବ, ତାହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଅନ୍ୟପକ୍ଷରେ କେବଳ ଦ୍ୱିତୀୟ ପର୍ଯ୍ୟାୟ ନୁହେଁ, ପ୍ରଥମ ପର୍ଯ୍ୟାୟରେ ମଧ୍ୟ ଖାତାଦେଖା ଠିକ୍ ଭାବେ ହୋଇ ନ ଥିଲା। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୮ରୁ ଆରମ୍ଭ ହୋଇ ୨୨ତାରିଖରେ ଶେଷ ହୋଇଥିଲା। ଏହି ସମୟରେ ରାଜ୍ୟର ବିଭିନ୍ନ ଜାଗାରେ ସାଧାରଣ ନିର୍ବାଚନ ରହିଥିଲା। ଯେଉଁ ଯେଉଁ ଜିଲାରେ ନିର୍ବାଚନ ଥିଲା, ସେଠାରେ ୪ଦିନ ଖାତାଦେଖା ବନ୍ଦ ହୋଇଯାଇଥିଲା।

ମେ ତୃତୀୟ ସପ୍ତାହରେ ବିଜ୍ଞାନ ଏବଂ ଜୁନ୍ ପ୍ରଥମ ସପ୍ତାହରେ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ପ୍ରକାଶ କରିବା ପାଇଁ ପରିଷଦ ଯୋଜନା ରଖିଥିଲା। କିନ୍ତୁ ଏହି ସମୟରେ ଫଳାଫଳ ପ୍ରକାଶ ପାଇପାରିବନି ବୋଲି ଆଶଙ୍କା କରାଯାଉଛି। ଏ ନେଇ କଲେଜ ମହାସଂଘ ଅଧକ୍ଷ ପବିତ୍ର ମହଲା କହିଛନ୍ତି, ଅଧ୍ୟାପକମାନେ ପ୍ରତିକୂଳ ପରିସ୍ଥିତିରେ ଖାତା ଦେଖୁଛନ୍ତି। ଏଥିରେ କାହାର ଦୋଷ ନାହିଁ। ଖାତା ଦେଖିବାକୁ ଆସୁ ନ ଥିବା ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଉଚିତ ନୁହେଁ। ସେହିପରି ଯୁକ୍ତ୩ ପଢ଼ିବା ପାଇଁ ଅନେକ ଛାତ୍ରୀଛାତ୍ର ଓଡ଼ିଶା ବାହାରେ ଥିବା ବିଶ୍ୱବିଦ୍ୟାଳୟକୁ ଯାଇଥାଆନ୍ତି। ବିଳମ୍ବରେ ରେଜଲ୍ଟ ବାହାରିଲେ ଛାତ୍ରୀଛାତ୍ର ସେଠାରେ ନାମଲେଖାରୁ ବଞ୍ଚିତ ହେବେ। ଓଡ଼ିଶା ଛାତ୍ରୀଛାତ୍ରଙ୍କ ପାଇଁ ନିଟ୍ ପରୀକ୍ଷାକୁ ଯେଉଁଭଳି ଘୁଞ୍ଚାଇ ଦିଆଗଲା, ସେହିଭଳି ଓଡ଼ିଶା ବାହାରେ ଥିବା ବିଶ୍ୱବିଦ୍ୟାଳୟରେ ଆମ ପିଲାମାନେ କିପରି ନାମ ଲେଖାଇପାରିବେ, ସେଥିପ୍ରତି ସରକାର ପଦକ୍ଷେପ ଗ୍ରହଣ କରିବା ଉଚିତ।

## ବିଜେଡିର ଆକଳନ...


ଏହା ସତ୍ତ୍ୱେ ନବରଙ୍ଗପୁର ଲୋକ ସଭା ବିଜେଡି ସପକ୍ଷରେ ଯାଇପାରେ ବୋଲି କୁହାଯାଇଛି। କଂଗ୍ରେସ ମଧ୍ୟ ଅନୁରୂପ ଭାବେ ଏହି ସିଟ୍ ହାତେଇବା ନେଇ ଦୃଢୋକ୍ତି ପ୍ରକାଶ କରିଛି। କଳାହାଣ୍ଡି ଲୋକ ସଭାରେ ତ୍ରିକୋଣୀୟ ମୁକାବିଲା ହୋଇଥିବା ଜଣାପଡିଛି। ବିଜୟୀ ପ୍ରାର୍ଥୀ ଏବଂ ପରାଜିତ ୨ ପ୍ରାର୍ଥୀଙ୍କ ମଧ୍ୟରେ ବ୍ୟବଧାନର ଅନ୍ତର ୨୦ରୁ ୬୦ ହଜାର ମଧ୍ୟରେ ହୋଇପାରେ ବୋଲି କୁହାଯାଇଛି। ବ୍ରହ୍ମପୁର ଲୋକ ସଭାରେ ଜିତିବା ନେଇ ଦଳ ନିଶ୍ଚିତ ଥିବାବେଳେ ଏହା ଅଧୀନ ଏକାଧିକ ବିଧାନସଭା ଆସନରେ ଦଳୀୟ କନ୍ଦଳ ମୁଣ୍ଡବିନ୍ଧାର କାରଣ ହୋଇଛି। ବିଜେଡି ଗୋପାଳପୁର, ପାରଳାଖେମୁଣ୍ଡି, ମୋହନା ଏବଂ ଛତ୍ରପୁରରେ କଡା ଟକ୍କରର ସମ୍ମୁଖୀନ ହୋଇଛି। ଆସିକା ଲୋକ ସଭାର ସୋରଡା ଏବଂ ପୋଲସରା ବିଧାନସଭା ଆସନରେ ଦଳ ଭାଜପାଠାରୁ କଡା ଟକ୍କର ପାଇଛି। ବରଗଡ ଲୋକ ସଭାରେ ପୂର୍ବଥର ଭଳି ବିଜୟୀ ଓ ପରାଜିତ ପ୍ରାର୍ଥୀଙ୍କ ମଧ୍ୟରେ ବ୍ୟବଧାନ କମ୍ ରହିବ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁରରୁ ପ୍ରାର୍ଥୀ ହୋଇଥିବାରୁ ଏହି ଲୋକ ସଭା ଆସନ ଦଳ ସପକ୍ଷରେ ଯିବ ବୋଲି ସର୍ଭେରେ ଦର୍ଶାଯାଇଛି। ଏହା ଅଧୀନ ପଦମ୍ପୁର ବିଧାନସଭାରେ ବିଜେଡି-ଭାଜପା ମଧ୍ୟରେ ଲଢେଇ ଜୋର ହୋଇଥିବା ଜଣାପଡିଛି। କନ୍ଧମାଳ ଲୋକ ସଭା ଆସନରେ ବିଜେଡି ଭଲ ପ୍ରଦର୍ଶନ ନେଇ ଆଶାବାଦୀ ରହିଛି। ସେହିପରି ଏହା ଅଧୀନ ଦଶପଲ୍ଲା ଓ ଭଞ୍ଜନଗରରେ ଭାଜପା, ବାଲିଗୁଡାରେ କଂଗ୍ରେସ, କନ୍ଧମାଳରେ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। ବଲାଙ୍ଗୀର ଲୋକ ସଭା ଆସନରେ ଦଳୀୟ ପ୍ରଦର୍ଶନ ବିଜେଡି ସପକ୍ଷରେ ଏତେଟା ଯାଇନାହିଁ। ଏହି ଆସନରେ ଭାଜପା ବହୁତ ଭଲ ଭୋଟ ହାତେଇବା ରିପୋର୍ଟ ଆସିଛି। ସେହିପରି ବଲାଙ୍ଗୀର, କଣ୍ଟାବାଞ୍ଜି, ଟିଟିଲାଗଡ ବିଧାନସଭା ଆସନରେ କଂଗ୍ରେସ ଏବଂ ପାଟଣାଗଡ ବିଧାନସଭା ଆସନରେ ଭାଜପା ସହ ମୁଖ୍ୟ ଲଢେଇ ହୋଇଥିବା ଜଣାପଡିଛି। ସୁନ୍ଦରଗଡ ଲୋକ ସଭା ଆସନରେ ତ୍ରିକୋଣୀୟ ମୁକାବିଲା ହୋଇଥିବା ସର୍ଭେରେ କୁହାଯାଇଛି। ଏହା ଅଧୀନ ତଳସରାରେ ଦଳ ଉଭୟ କଂଗ୍ରେସ-ଭାଜପା, ବଣାଇରେ ସିପିଏମ୍ ଏବଂ ଭାଜପା ସହ କଡ଼ା ମୁକାବିଲା କରିଛି।

ସମ୍ବଲପୁର ଲୋକ ସଭା ଏବଂ ଏହା ଅଧୀନ ୫ ବିଧାନସଭା ଆସନରେ ବିଜେଡି କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। ଏମିତି ଏହି ଲୋକ ସଭା ଆସନ ଦଳ ହାତରୁ ଖସିଯିବା କୁହାଯାଇଛି। ସମ୍ବଲପୁର, ରେଙ୍ଗାଲି, ଛେଣ୍ଡିପଦା, ଦେବଗଡରେ ଭାଜପା ସହ ସିଧାସଳଖ ମୁକାବିଲା ହୋଇଛି। କେବଳ ଆଠମଲ୍ଲିକରେ କଂଗ୍ରେସ ଭଲ ପ୍ରଦର୍ଶନ କରିପାରେ ବୋଲି କୁହାଯାଇଛି। ଢେଙ୍କାନାଳ ଲୋକ ସଭା ଆସନରେ ଭାଜପା ପୂର୍ବ ପ୍ରଦର୍ଶନଠାରୁ ଉତ୍ତମ ପ୍ରଦର୍ଶନ କରିଥିବା ଉଲ୍ଲେଖ କରାଯାଇଛି। ଏହା ଅଧୀନ ଅନୁଗୋଳ, ପାଲଲହଡା ଏବଂ ଢେଙ୍କାନାଳ ବିଧାନସଭାରେ ଦଳ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ଉପକୂଳ ଓଡ଼ିଶାରେ ଦୁଇ ଦଶନ୍ଧି ମଧ୍ୟରେ ବିଜେଡି ସବୁଠୁ କଡା ଟକ୍କର ପାଇଥିବା କୁହାଯାଇଛି। ଭୁବନେଶ୍ୱର ଲୋକ ସଭା ଆସନରେ ଭାଜପା ପ୍ରଦର୍ଶନ ଆଶାତୀତ ବୃଦ୍ଧି ପାଇଛି। ୧୯୯୮ରୁ ଦଳ ହାତରେ ଥିବା ଆସନ ହାତଛଡ଼ା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଅଧୀନ ଭୁବନେଶ୍ୱର(ମଧ୍ୟ)ରେ ଭାଜପା, ଜଟଣୀ ଓ ବେଗୁନିଆରେ କଂଗ୍ରେସ ଏବଂ ଜୟଦେବରେ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। କଟକ ଲୋକ ସଭା ଆସନରେ ଭାଜପା ସହ ମୁଖ୍ୟ ଲଢେଇ ହୋଇଥିବା କୁହାଯାଉଛି। ଏହା ଅଧୀନ ବଡମ୍ବା ଓ କଟକ ସଦରରେ ଭାଜପା ବିଧାନସଭା ପ୍ରାର୍ଥୀ ଭଲ ପ୍ରଦର୍ଶନ କରିଥିବା ବେଳେ ବାଙ୍କୀ ଏବଂ ବାରବାଟୀ-କଟକରେ କଂଗ୍ରେସ ସହ ମୁକାବିଲା ହୋଇଛି। ପୁରୀ ଲୋକ ସଭା ଆସନରେ ଭାଜପା ଓ ବିଜେଡି ଭୋଟ ସଂଖ୍ୟା ପ୍ରାୟତଃ ସମାନ ମନେ ହେଉଛି। ଏହା ଅଧୀନ ବ୍ରହ୍ମଗିରି, ଚିଲିକା, ରଣପୁର ଏବଂ ନୟାଗଡରେ ଭାଜପା ବିଧାନସଭା ପ୍ରାର୍ଥୀ ବିଜେଡି ସହ ଜୋରଦାର ଲଢେଇ କରିଛନ୍ତି।

ସେହିପରି କେନ୍ଦୁଝର ଲୋକ ସଭା ଆସନରେ ବିଜେଡି ପୂର୍ବ ସଫଳତା ଦୋହରାଇବା ପାଇଁ ଆଶାବାଦୀ। ହେଲେ ତେଲକୋଇ ଏବଂ କେନ୍ଦୁଝର ବିଧାନସଭା ଆସନରେ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ମୟୂରଭଞ୍ଜ ଲୋକ ସଭା ଆସନ ମଧ୍ୟ ବିଜେଡି ସକାଶେ ମୁଣ୍ଡବିନ୍ଧାର କାରଣ ହୋଇଛି। ଏହା ଅଧୀନ ବାରିପଦା, ସାରସକଣା ଏବଂ ଯଶୀପୁରରେ ଦଳୀୟ ବିଧାୟକ ପ୍ରାର୍ଥୀ କଡା ଲଢେଇର ସମ୍ମୁଖୀନ ହୋଇଛନ୍ତି। ବାଲେଶ୍ୱର ଲୋକ ସଭା ଆସନ ମଧ୍ୟରେ ଥିବା ରେମୁଣା, ବସ୍ତା, ଭୋଗରାଇରେ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ଏହି ଲୋକ ସଭା ଆସନରେ ତ୍ରିକୋଣୀୟ ମୁକାବିଲା ହୋଇଛି, ହେଲେ ମୁଖ୍ୟ ଲଢେଇ ଭାଜପା ସହ ହୋଇଥିବା କୁହାଯାଇଛି। କେନ୍ଦ୍ରାପଡା ଲୋକ ସଭା ଆସନରେ ଭାଜପା ସହ ମୁକାବିଲା ହୋଇଥିବା ବେଳେ ବିଜେଡି ଆସନଟି ବଜାୟ ରଖିବାରେ ସଫଳ ହୋଇପାରେ ବୋଲି ସର୍ଭେରେ ଉଲ୍ଲେଖ କରାଯାଇଛି। ଏହା ଅଧୀନ କେନ୍ଦ୍ରାପଡା, ଆଳି, ରାଜନଗରରେ କଂଗ୍ରେସ ସହ ମହାକାଳପଡାରେ ଭାଜପା ସହ ମୁକାବିଲା ହୋଇଥିବା କୁହାଯାଉଛି। ଜଗତସିଂହପୁର ଓ ଯାଜପୁର ଲୋକ ସଭାରେ ଉତ୍ତମ ପ୍ରଦର୍ଶନ ନେଇ ବିଜେଡି ଆଶାବାଦୀ। ସେହିପରି ଜଗତସିଂହପୁର, ପାରାଦୀପରେ କଂଗ୍ରେସ ଏବଂ ନିଆଳିରେ ଭାଜପା ବିଧାନସଭା ପ୍ରାର୍ଥୀ କଡା ଟକ୍କର ଦେଇଥିବା କୁହାଯାଇଛି। ଭଦ୍ରକ ଲୋକ ସଭା ଆସନରେ ଭାଜପା ସହ ମୁକାବିଲା ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀଙ୍କ ଉପସ୍ଥିତି ଦଳକୁ ଫାଇଦା ଦେବ ବୋଲି କୁହାଯାଇଛି। ଏହା ଅଧୀନ ଭଣ୍ଡାରୀପୋଖରୀ, ସୋରରେ କଂଗ୍ରେସ, ଭଦ୍ରକ,ଚାନ୍ଦବାଲି, ଧାମନଗରରେ ଭାଜପା ସହ ମୁକାବିଲା ହୋଇଛି।

ଏହିପରି ଭାବେ ୬୫ଟି ଆସନରେ ବିଜେଡି ପୂର୍ବ ଅପେକ୍ଷା ବିରୋଧୀଙ୍କ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ଏହି ସବୁ ଆସନରେ ଦଳର ହାରଜିତର ବ୍ୟବଧାନ ୫୦୦ରୁ ୫୦୦୦ ରହିବ ବୋଲି କୁହାଯାଇଛି। ସେହିପରି ୭୨ ଆସନରେ ଦଳର ଜିତିବା ସମ୍ଭାବନା ବେଶି ବୋଲି କୁହାଯାଇଛି। କଡା ମୁକାବିଲା ହୋଇଥିବା ୬୫ମଧ୍ୟରୁ ୩୦ରୁ ୪୦ ବିଧାନସଭା ବିଜେଡି ଜିତିପାରେ । ଏହାର ଅର୍ଥ ବିଜେଡି ୧୦୦ରୁ ୧୧୦ ସିଟ୍ ହାତେଇବ ବୋଲି ଆକଳନ କରାଯାଇଛି। ଲୋକ ସଭାରେ ବଲାଙ୍ଗୀର, ଭୁବନେଶ୍ୱର, କୋରାପୁଟ, ସୁନ୍ଦରଗଡ, ମୟୂରଭଞ୍ଜ, ସମ୍ବଲପୁର, ଢେଙ୍କାନାଳ ଫଳାଫଳ ନକାରାତ୍ମକ ହେବାର ଦଳ ପକ୍ଷରୁ ଆଶଙ୍କା କରାଯାଇଛି। ଅନ୍ୟପଟେ ପୁରୀ, ବାଲେଶ୍ୱରରେ କଂଗ୍ରେସ କେତେ ଭୋଟ ନେଇଛି, ତାହା ଉପରେ ବିଜେଡି ପ୍ରାର୍ଥୀଙ୍କ ବିଜୟ/ପରାଜୟ ନିର୍ଭର କରୁଥିବା କୁହାଯାଇଛି। ୨୧ ଲୋକ ସଭାରୁ ଦଳ ସର୍ବନିମ୍ନ ୧୨ରୁ ୧୪ ଏବଂ ସର୍ବାଧିକ ୧୫ରୁ ୧୬ ଆସନ ଜିତିବା ନେଇ ଆକଳନ କରିଛି।

ସ୍ୱୋମ୍ୟାନ ଲଜିଷ୍ଟିକ୍ସ ନିଜର ଦକ୍ଷତା ବୃଦ୍ଧି କରି ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ଉପରେ ଅଧିକ ଜୋର୍ ଦେଉଛି। କମ୍ପାନୀର ପ୍ରଦର୍ଶନରେ ନିରନ୍ତରତା ବଜାୟ ରଖାଯିବାକୁ ଉଦ୍ୟମ ହେବ।
– ପ୍ରେମ କିଷନ ଗୁପ୍ତା, ଅଧ୍ୟକ୍ଷ, ସ୍ୱୋମ୍ୟାନ ଲଜିଷ୍ଟିକ୍ସ



ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଖରାପ ସମୟ ଅତିବାହିତ ହୋଇଗଲାଣି। ଆଗକୁ ବ୍ୟାଙ୍କ ଅଧିକ ଲାଭ କରିବ।
–ରାଜକିରନ ରାୟ ଜି, ଏମ୍‌ଡି ତଥା ସିଇଓ, ୟୁବିଆଇ



## ସଂକ୍ଷେପରେ

### ଏପ୍ରିଲରେ ପାଇକାରୀ ମୁଦ୍ରାସ୍ଫୀତି ୩.୦୭%

ନୂଆଦିଲ୍ଲୀ,୧୪-୫: ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଥିବା ବେଳେ ପାଇକାରୀ ମୁଦ୍ରାସ୍ଫୀତି ହାର ହ୍ରାସ ପାଇଛି। ମଙ୍ଗଳବାର କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ଦ୍ୱାରା ଜାରି ତଥ୍ୟ ଅନୁଯାୟୀ, ଏପ୍ରିଲରେ ପାଇକାରୀ ମୁଦ୍ରାସ୍ଫୀତି ୩.୦୭%କୁ ଖସିଆସିଛି, ଯାହା କି ମାର୍ଚ୍ଚରେ ୩.୧୮% ଥିଲା। ଗତବର୍ଷ ଏପ୍ରିଲରେ ଏହା ୩.୬୨% ରହିଥିଲା। ତେବେ ଗତ ମାସରେ ପେଟ୍ରୋଲ, ଡିଜେଲ ଏବଂ ପ୍ରସ୍ତୁତ ସାମଗ୍ରୀ ଦର ହ୍ରାସ ପାଇବା କାରଣରୁ ମୁଦ୍ରାସ୍ଫୀତି କମିଥିଲା। କିନ୍ତୁ ପନିପରିବା ଦର ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ପନିପରିବା ଦର ୪୦.୬୫% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ମାର୍ଚ୍ଚରେ ଏହା ୨୮.୧୩% ବଢ଼ିଥିଲା। ସିଏସ୍‌ଓ ସୂତ୍ର ଅନୁଯାୟୀ, ଏପ୍ରିଲରେ ସିପିଆଇ ୨.୯୨ ପ୍ରତିଶତ ରହିଥିଲା, ଯାହା କି ମାର୍ଚ୍ଚରେ ୨.୮୬% ମୁକାବିଲାରେ ୦.୦୬% ଅଧିକ ଥିଲା। ତେବେ ଆର୍‌ବିଆଇର ଆନୁମାନିକ ଲକ୍ଷ୍ୟଠାରୁ ଏହା କମ୍ ରହିଛି। ଏଥିଯୋଗୁ ଆସନ୍ତା ମୁଦ୍ରାନୀତିରେ ରେପୋ ରେଟ କମିବାର ଆଶା ସଞ୍ଚାର କରିଛି। ତେବେ ଏପ୍ରିଲରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ହାର ୩ ଗୁଣା ବୃଦ୍ଧି ପାଇ ମାର୍ଚ୍ଚର ୦.୩%ରୁ ୧.୧ ପ୍ରତିଶତରେ ପହଞ୍ଚିଯାଇଛି। ପନିପରିବା ମୁଦ୍ରାସ୍ଫୀତି ହାର ମଧ ୨.୮୭% ବୃଦ୍ଧି ପାଇଥିବା ବେଳେ ଫଳ ଦର ହ୍ରାସ ପାଇଛି। ଇନ୍ଧନ ଓ ବିଜୁଳି ମୁଦ୍ରାସ୍ଫୀତି ହାର ମଧ ୨.୫୬%ରେ ପହଞ୍ଚିଯାଇଛି, ଯାହା କି ମାର୍ଚ୍ଚରେ ୨.୪୨% ରହିଥିଲା।

### ହ୍ୟାକିଂ ସମ୍ଭାବନା: ଅପ୍‌ଡେଟ୍ ଲାଗି ହ୍ୱାଟ୍ସଆପ୍‌ର ଚେତାବନୀ

ନୂଆଦିଲ୍ଲୀ,୧୪-୫: ସିକ୍ୟୁରିଟି ଫିଚର୍ସରେ ତ୍ରୁଟି ପରିଲକ୍ଷିତ ହେବା ପରେ ହ୍ୱାଟ୍ସଆପ୍ ଏହାର ୟୁଜରଙ୍କୁ ତୁରନ୍ତ ଏହି ଆପ୍‌କୁ ଅପ୍‌ଡେଟ୍ କରିନେବା ଲାଗି ଚେତାଇ ଦେଇଛି। କାରଣ ସିକ୍ୟୁରିଟିରେ ଥିବା ତ୍ରୁଟି ଯୋଗୁ ଯେକୌଣସି ମୁହୂର୍ତ୍ତରେ ୟୁଜରଙ୍କ ଫୋନ୍ ହ୍ୟାକ୍ ହୋଇଯିବାର ସମ୍ଭାବନା ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ସୁରକ୍ଷାରେ ଥିବା ତ୍ରୁଟିକୁ ତୁରନ୍ତ ସଜାଡିନିଆଯାଇଥିବା କମ୍ପାନୀ କହିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସିକ୍ୟୁରିଟି ଫିଚର୍ସରେ ତ୍ରୁଟିର ଫାଇଦା ଉଠାଇ ହ୍ୟାକର୍ସ ୟୁଜରଙ୍କ ମୋବାଇଲରେ ଏକ କଲ୍ କରି ଭାଇରସ୍ ଛାଡ଼ି ଦେଇପାରନ୍ତି। ୟୁଜରଙ୍କ ଫୋନ୍ କ୍ୟାମେରା ଏବଂ ମାଇକକୁ ମଧ ହ୍ୟାକ୍ କରିନିଆଯାଇପାରେ। ଏହାଛଡ଼ା ୟୁଜରଙ୍କ ଇ-ମେଲ୍‌ଠାରୁ ଆରମ୍ଭ କରି ମେସେଜ୍ ଓ ଲୋକେଶନ ଡାଟା ପର୍ଯ୍ୟନ୍ତ ସବୁକିଛି ତଥ୍ୟ ହ୍ୟାକରଙ୍କ ହାତରେ ପହଞ୍ଚିଯାଇପାରେ ବୋଲି ହ୍ୱାଟ୍ସଆପ୍ ସୂଚାଇଛି। ମିଡିଆରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ସନ୍ଦେହଘେରରେ ଥିବା ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ଏହି ସ୍ପାଇୱେର ତିଆରି କରିଛି। ଏହି ଗ୍ରୁପ୍ ମଧ୍ୟପ୍ରାଚ୍ୟରୁ ଆରମ୍ଭ କରି ମେକ୍ସିକୋ ପର୍ଯ୍ୟନ୍ତ ସରକାରୀ ଅଧିକାରୀ ତଥା ଖବରଦାତାଙ୍କ ପାଇଁ ଗୋଇନ୍ଦାଗିରିରେ ସହାୟତା କରୁଛି। ଚଳିତ ମାସରେ ହ୍ୱାଟ୍ସଆପ୍ ସିକ୍ୟୁରିଟିରେ ଥିବା ତ୍ରୁଟିକୁ ଧରିପାରିଥିଲା। ଏହା ଜାଣିବା ପରେ କମ୍ପାନୀ ତୁରନ୍ତ ଏହାକୁ ସୁଧାରିବା କାର୍ଯ୍ୟରେ ଲାଗି ପଡିଥିଲା।

### ୧୦ କୋଟିର ଅନିୟମିତତା ଧରିଲା ପେଟିଏମ୍

ନୂଆଦିଲ୍ଲୀ,୧୪-୫: ଡିଜିଟାଲ ପେମେଣ୍ଟ କମ୍ପାନୀ ପେଟିଏମ୍‌ରେ ୧୦ କୋଟି ଟଙ୍କାର ଅନିୟମିତତା ହୋଇଥିବା ଜଣାପଡିଛି। କମ୍ପାନୀର ଆଭ୍ୟନ୍ତରୀଣ ଯାଞ୍ଚରୁ ଏହା ଧରାପଡିଛି ବୋଲି ପେଟିଏମ୍‌ର ପ୍ରମୁଖ ବିଜୟ ଶେଖର ଶର୍ମା ମଙ୍ଗଳବାର କହିଛନ୍ତି। ଏହା ଜଣାପଡିବା ପରେ କମ୍ପାନୀ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କୁ ବରଖାସ୍ତ କରିଥିବା ବେଳେ ବହୁ ସଂଖ୍ୟାରେ ବିକ୍ରେତାଙ୍କୁ ନିଜର ପ୍ଲାଟଫର୍ମରୁ ହଟାଇ ଦେଇଛି ବୋଲି ସେ କହିଛନ୍ତି।

### ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହେଲେ କୋଚରଙ୍କ କମ୍ପାନୀ

ନୂଆଦିଲ୍ଲୀ,୧୪-୫: ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ତଥା ଏମ୍‌ଡି ଚନ୍ଦା କୋଚର ଏବଂ ଦୀପକ କୋଚରଙ୍କ ସହ ଜଡ଼ିତ କମ୍ପାନୀ ନିଜର ଜବତ ହୋଇଥିବା ଦସ୍ତାବିଜ ଫେରିପାଇବା ଲାଗି ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ ଆପିଲେଟ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଛି। ମାର୍ଚ୍ଚ ପହିଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପ୍ୟାସିଫିକ୍ କ୍ୟାପିଟାଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ ଏବଂ କ୍ୱାଲିଟି ଟେକ୍ନୋ ଆଡ୍‌ଭାଇଜର୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ ଚଢ଼ାଉ କରିଥିଲେ ଏବଂ ଦସ୍ତାବିଜ ଜବତ କରିଥିଲେ। ଚନ୍ଦା ଏବଂ ଦୀପକଙ୍କ ନିକଟରେ ଏହି ଦୁଇ କମ୍ପାନୀର ଶେୟାର ରହିଛି।

# ଜେଟ୍ ଏୟାରୱେଜ୍‌ରେ ଇସ୍ତଫା ଦୌଡ

- ସିଇଓଙ୍କ ସମେତ ୩ଟପ୍ ଅଧିକାରୀ କମ୍ପାନୀରୁ ଓହରିଲେ
- ଏଟିହାଦ ମାତ୍ର ୧୭୦୦ କୋଟି ନିବେଶ ପାଇଁ ଆଗ୍ରହୀ
- ବଡ଼ ନିବେଶକଙ୍କ ଆବଶ୍ୟକତା ରହିଛି



ନୂଆଦିଲ୍ଲୀ,୧୪-୫

ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜ୍‌ର ପୁନଃକାର୍ଯ୍ୟକ୍ଷମ ହେବା ଆଶା ପ୍ରାୟ ଶେଷ ହୋଇଯିବା ପରେ ଟପ୍ ମ୍ୟାନେଜମେଣ୍ଟ ଅଧିକାରୀଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି। ଚିଫ୍ ଏକ୍‌ଜିକ୍ୟୁଟିଭ ଅଧିକାରୀ(ସିଇଓ) ବିନୟ ଦୁବେ, ଡେପୁଟି ସିଇଓ ତଥା ସିଏଫ୍‌ଓ ଅମିତ ଅଗ୍ରୱାଲ ଏବଂ ଚିଫ୍ ପିପୁଲ୍ସ ଅଫିସର ରାହୁଲ ତନେଜା ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ନିଜ ପଦରୁ ଇସ୍ତଫା ଦେଲେ ବୋଲି ସେମାନେ ଜଣାଇଛନ୍ତି।

ଦୁବେ ୨୦୧୭ ଅଗଷ୍ଟରେ ଜେଟ୍ ଏୟାରୱେଜ୍ ସହ ନିଜକୁ ଜଡ଼ିତ କରିଥିଲେ। ଏହାପୂର୍ବରୁ ସେ ଡେଲ୍ଟା ଏୟାରଲାଇନ୍ସ ଏବଂ ଆମେରିକାନ ଏୟାରଲାଇନ୍ସରେ କାମ କରିଥିଲେ। ଅନ୍ୟପକ୍ଷରେ ଏସାର ଗ୍ରୁପ୍‌ର ଏଚ୍‌ଆର୍ ମୁଖ୍ୟ ରହିଥିବା ତନେଜା ୨୦୧୬ ଫେବୃଆରୀରେ ଜେଟ୍‌ରେ ଯୋଗ ଦେଇଥିଲେ। ଅଗ୍ରୱାଲ ଫାଇନାନ୍ସ ମୁଖ୍ୟ ଭାବେ ୨୦୧୫ ଡିସେମ୍ବରରେ କମ୍ପାନୀରେ ସାମିଲ ହୋଇଥିଲେ। ତାଙ୍କୁ ୨୦୧୭ ନଭେମ୍ବରରେ ଡେପୁଟି ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜେଟ୍ ଏୟାରୱେଜର ବିଡ୍ ଦାଖଲ ବେଳେ ଆବୁଧାବୀର ବିମାନ କମ୍ପାନୀ ଏଟିହାଦ ଏୟାରଲାଇନ୍ସ କେତେକ ସର୍ତ୍ତାରୋପ କରିଛି। ଜେଟ୍‌ରେ କମ୍ପାନୀ ୧୭୦୦ କୋଟି ଟଙ୍କା ନିବେଶ କରିପାରିବ ବୋଲି ସ୍ପଷ୍ଟ କରିଛି। ପୁନର୍ଗଠିତ ଜେଟ୍ ଏୟାରୱେଜରେ ଏହାର ୨୪% ଅଂଶଧନ ହିଁ ରହିବ ବୋଲି ଏଟିହାଦ କହିଛି। ତେବେ ଜେଟ୍ ଉପରେ ଏବେ ୯ ହଜାର କୋଟି ଟଙ୍କାରୁ ଅଧିକ ବକେୟା ଋଣ ରହିଥିବାରୁ କମ୍ପାନୀର ପୁନରୁଦ୍ଧାର ଲାଗି ବଡ଼ ନିବେଶକଙ୍କ ଆବଶ୍ୟକତା ରହିଛି, ଯାହା କି ମିଳୁନାହିଁ। ପ୍ରମୋଟର ନରେଶ ଗୋୟଲଙ୍କ ପରେ ମ୍ୟାନେଜମେଣ୍ଟର ୩ ଶୀର୍ଷ ଅଧିକାରୀଙ୍କ ଇସ୍ତଫା ଦେବାରୁ କର୍ମଚାରୀଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି। ସେମାନେ ନିଜର ଦୁଃଖ ଓ ଅସୁବିଧା ଦୂର ଲାଗି କାହାପାଖକୁ ଯିବେ ବୋଲି କର୍ମଚାରୀମାନେ ମତପ୍ରକାଶ କରିଛନ୍ତି। ସୂଚନାଥାଉ କି, ଜେଟ୍‌ର ଅପରେଶନ ସାମୟିକ ବନ୍ଦ ହୋଇଯିବା ପରେ ଏହାର ୭୫୦ ସ୍ଲଟ୍ ଖାଲି ପଡିଥିଲା। ତନ୍ମଧ୍ୟରୁ କେନ୍ଦ୍ର ସରକାର ୪୮୦ ସ୍ଲଟ୍‌କୁ ଅନ୍ୟ ଏୟାରଲାଇନ୍ସକୁ ବାଣ୍ଟି ଦେଇଥିଲେ। ଏଥିରୁ ସ୍ପାଇସ୍‌ଜେଟ୍ ୧୩୦, ଇଣ୍ଡିଗୋ ୧୨୫, ଭିସ୍ତାରା ୧୧୦, ଗୋଏୟାର ଏବଂ ଏୟାରଏସିଆ ୪୦ରୁ ୪୫ ସ୍ଲଟ୍ ପାଇଛନ୍ତି। ଜେଟ୍ ଏୟାରୱେଜ୍‌ର ୧୧୮ ଦିଲ୍ଲୀ ସ୍ଲଟ୍ ମଧ୍ୟରୁ ଇଣ୍ଡିଗୋକୁ ୪୦ ଏବଂ ସ୍ପାଇସ୍‌ଜେଟ୍‌କୁ ୨୦୦ରୁ ୭୦ ମୁମ୍ବାଇ ସ୍ଲଟ୍ ମିଳିଛି। ଆର୍ଥିକ ସଙ୍କଟ କାରଣରୁ ଜେଟ୍ ନିଜର କର୍ମଚାରୀଙ୍କୁ ଗତ ୫ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଦରମା ଦେଇପାରିନି। ଏହା ଅର୍ଥ ଅଭାବରେ ନିଜର ଅପରେଶନ ବନ୍ଦ କରିଦେଇଛି। ଅନ୍ୟପକ୍ଷରେ ଜେଟ୍‌ର ଅଂଶଧନ ବିକ୍ରି କରିବା ପାଇଁ ଏସ୍‌ବିଆଇ ନେତୃତ୍ୱରେ ବ୍ୟାଙ୍କ କନ୍‌ସୋର୍ଟିୟମର ଉଦ୍ୟମ ଫଶର ଫାଟିଛି।

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା




ଖିମଜୀ ଗ୍ରୁପ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଗ୍ରୁପ ପକ୍ଷରୁ ନିର୍ଦ୍ଦେଶକ ମିତେଶ ଖିମଜୀ ଏବଂ ସୁମୀତ ଖିମଜୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଚେକ୍ ପ୍ରଦାନ କରିଛନ୍ତି।

### ନିଶାନ ପକ୍ଷରୁ ସହାୟତା

ଫନୀ ପ୍ରଭାବିତ ଲୋକଙ୍କୁ ସହାୟତା କରିବା ଲାଗି ନିଶାନ ଇଣ୍ଡିଆ ଆଗେଇ ଆସିଛି। କମ୍ପାନୀ ପକ୍ଷରୁ କଟକ ଏବଂ ଭୁବନେଶ୍ୱରରେ ଜରୁରିକାଳୀନ ମରାମତି ଟିମ୍ ମୁତୟନ କରାଯାଇଛି। ଯାନ ମରାମତିରେ ଉନ୍ନତି ଆଣିବା ଲାଗି ଡିଲରଶିପଗୁଡ଼ିକରେ ଅତିରିକ୍ତ ତାଲିମପ୍ରାପ୍ତ ଶ୍ରମିକ ନିୟୋଜିତ କରାଯାଇଛି। ଗ୍ରାହକଙ୍କୁ ମାଗଣା ଗାଡି ଟାଣିବା ସେବା ଯୋଗାଇ ଦିଆଯାଉଛି। ନିଶାନର ତାଲିମ ପ୍ରାପ୍ତ ଟେକ୍ନିକାଲ ଟିମ୍‌ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ କରାଯାଉଛି। ଏଥିଲାଗି କମ୍ପାନୀର ହେଲପ ଲାଇନକୁ ଫୋନ କରି ଗ୍ରାହକ ସେବା ନେବାକୁ ନିବେଦନ କରାଯାଇଛି। ଏକ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ନିଶାନ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ମହାପ୍ରବନ୍ଧକ ଅତୁଲ ଅଗ୍ରୱାଲ ସୂଚନା ଦେଇଛନ୍ତି।

### କ୍ଷତିଗ୍ରସ୍ତଙ୍କୁ ସହାୟତା ଲାଗି ଏଏଆଇ, ସିଆଇଆଇର ନିବେଦନ



ଫନୀ ଦ୍ୱାରା ପୁରୀ,ଖୋର୍ଦ୍ଧା,କଟକ ସମେତ ରାଜ୍ୟର ୧୪ଟି ଜିଲାର ୧୫୯ ବ୍ଲକ, ୧୮୧୬୮ ଗ୍ରାମ, ୫୨ଟି ସହରାଞ୍ଚଳ ଏବଂ ୧.୬୫ କୋଟି ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ଲୋକମାନେ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନଙ୍କୁ ରିଲିଫ ଏବଂ ଥଇଥାନ ଲାଗି ସହଯୋଗର ହାତ ବଢାଇବାକୁ ଆଲୁମିନିୟମ ଆସୋସିଏଶନ ଅଫ୍ ଇଣ୍ଡିଆ(ଏଏଆଇ) ଏବଂ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ(ସିଆଇଆଇ) ପକ୍ଷରୁ ନାଲକୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ନିବେଦନ କରିଛନ୍ତି। ସହଯୋଗ ଲାଗି ଶିଳ୍ପ ପ୍ରତିଷ୍ଠାନ,ଜନସାଧାରଣ ଏବଂ ଅନୁଷ୍ଠାନ ଆଗେଇ ଆସିବାକୁ ଚାନ୍ଦ ଗୁରୁତ୍ୱାରୋପ କରିଛନ୍ତି। ଲୋକମାନେ ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫାଣ୍ଡି, ରିବିଲ୍ଡ ଓଡିଶା ପୋର୍ଟାଲ ଏବ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିପାରିବେ ବୋଲି ଚାନ୍ଦ କହିଛନ୍ତି।

# ଆଇଟିସିର ନୂଆ ବି'ନାଚୁରାଲ ଉନ୍ମୋଚନ




ମୁମ୍ବାଇ,୧୪-୫

ପ୍ରମୁଖ କମ୍ପାନୀ ଆଇଟିସିର ଫୁଡ ଡିଭିଜନ ପକ୍ଷରୁ ଏହାର ବିନାଚୁରାଲ ରେଞ୍ଜରେ ଫ୍ରୁଟ ବେଭରେଜ ପ୍ରଡକ୍ଟ ବଜାରକୁ ଆସିଛି। ଏହା ପ୍ରିମିୟମ ଫ୍ରୁଟ ବେଭରେଜ ରେଞ୍ଜରେ ଆସୁଥିବା ବେଳେ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡାର ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ କମ୍ପାନୀର ଡେରୀ ଏବଂ ବେଭରେଜ ବିଜନେସ ସିଓଓ ସଞ୍ଜୟ ସିଂଘଲ ଏହାର ଉନ୍ମୋଚନ କରିଥିଲେ। ଏହି ବୋତଲଗୁଡିକ ପରିବେଶ ଉପଯୋଗୀ। ନୂଆ ରେଞ୍ଜରେ ହିମାଳୟାନ ମିକ୍ସ ଫ୍ରୁଟ, ରତ୍ନଗିରି ଆଲଫୋନସୋ ଏବଂ ଦକ୍ଷି ପିଙ୍କ ଗୌଭା ଭଳି ଭାରିଆଣ୍ଟ ସାମିଲ ରହିଛି। ଏହାର ବଜାର ଦର ୪୦ ଟଙ୍କା ରହିଛି। ଏହି ପ୍ରଡକ୍ଟରେଞ୍ଜ ସ୍ୱତନ୍ତ୍ର ହୋଇଥିବା ବେଳେ ଏହାକୁ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ପ୍ରସ୍ତୁତ କରାଯାଇଛି ବୋଲି ସିଓଓ ସଞ୍ଜୟ ସିଂଘଲ କହିଛନ୍ତି।

# ହ୍ୟୁଣ୍ଡାଇ ପକ୍ଷରୁ କର୍ପୋରେଟ୍ କ୍ୟାମ୍ପେନ୍

HYUNDAI

ଭୁବନେଶ୍ୱର,୧୪-୫

ହ୍ୟୁଣ୍ଡାଇ ମୋଟର୍ସ ପକ୍ଷରୁ ସ୍ମାର୍ଟମୋବିଲିଟିକୁ ପ୍ରୋତ୍ସାହନ ସ୍ୱରୂପ ନୂଆ କର୍ପୋରେଟ କ୍ୟାମ୍ପେନ ଆରମ୍ଭ କରାଯାଇଛି। ଏହା 'ୱାନ୍ସ ଅପନ ଏ ଟାଇମ୍ ହ୍ୟୁଣ୍ଡାଇ ଏ କାର କମ୍ପାନୀ' ଭାବେ ଆରମ୍ଭ ହୋଇଛି। ଭବିଷ୍ୟତର ଶେୟାର୍ଡ ମୋବିଲିଟି, କନେକଟେଡ ଏବଂ କ୍ଲିନ ଟେକ୍ନୋଲୋଜି ଉପରେ ଏହା କ୍ୟାମ୍ପେନରେ ଗୁରୁତ୍ୱାରୋପ କରିଛି। ଗ୍ରାହକଙ୍କୁ ସର୍ବୋତ୍ତମ ଗୁଣବତ୍ତା ଯୋଗାଣ ଲକ୍ଷ୍ୟରେ ଏହା କାର୍ଯ୍ୟ କରୁଥିବା ବେଳେ ଗ୍ରାହକଙ୍କ ସନ୍ତୁଷ୍ଟି ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କହିଛି। ଏକ ଅଟୋମୋବାଇଲ ବ୍ରାଣ୍ଡରୁ ସ୍ମାର୍ଟ ମୋବିଲିଟି ସଲ୍ୟୁଶନ ପ୍ରଦାନକାରୀ କମ୍ପାନୀକୁ ପରିବର୍ତ୍ତନର ଧାରା ଏହି କ୍ୟାମ୍ପେନରେ ପ୍ରତିଫଳିତ ହୋଇଛି। ଜିରୋ ଏମିଶନ ମୋବିଲିଟି, ଶେୟାର୍ଡ, କନେକଟେଡ ଲକ୍ଷ୍ୟ ସହ ଅଗ୍ରସର ହେଉଥିବା ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଏମ୍‌ଡି ତଥା ସିଇଓ ଏସ୍.ଏସ୍.କିମ୍ କହିଛନ୍ତି।

# ହୋଣ୍ଡା ଟୁହ୍ୱିଲର୍ସ-ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଚୁକ୍ତି




ଭୁବନେଶ୍ୱର,୧୪-୫

ଗ୍ରାହକଙ୍କ ଫାଇନାନ୍ସର ଅଧିକ ବିକଳ୍ପ ପ୍ରଦାନ କରିବା ଲକ୍ଷ୍ୟରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ସହ ଚୁକ୍ତିରେ ସାମିଲ ହୋଇଛି। କମ୍ପାନୀର ବିକ୍ରି ଓ ମାର୍କେଟିଂ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ଏବଂ ଆଇଡିଏଫ୍‌ସିର ରିଟେଲ ଆସେଟ ବିଭାଗ ମୁଖ୍ୟ ପ୍ରଦୀପ ନଟରାଜନଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବର୍ତ୍ତମାନ ଅଧିକରୁ ଅଧିକ ଗ୍ରାହକ ଦୁଇ ଚକିଆ ଯାନ କିଣିବା ବେଳେ ଫାଇନାନ୍ସ ବିକଳ୍ପ ଚୟନ କରୁଛନ୍ତି। ଗ୍ରାହକଙ୍କୁ ସୁଲଭ କ୍ରୟ ବିକଳ୍ପ ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଗୁଲେରିଆ କହିଛନ୍ତି।

# ଆଇବିସିରୁ ଫେରିଛି ୭୦ ହଜାର କୋଟି

ନୂଆଦିଲ୍ଲୀ,୧୪-୫

**କ୍ରିସିଲ ରିପୋର୍ଟ**

ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଜରିଆରେ ଫସିଯାଇଥିବା ଋଣ ଅସୁଲ ସୁବିଧାଜନକ ହୋଇଛି। ୨୦୧୮-୧୯ରେ ୭୦ ହଜାର କୋଟି ଟଙ୍କା ଅନାଦାୟ ଋଣ(ଏନ୍‌ପିଏ) ଫେରି ଆସିଛି। ଋଣ ଅସୁଲ ଲାଗି ପୂର୍ବରୁ ଥିବା ଅନ୍ୟ ବ୍ୟବସ୍ଥା ତୁଳନାରେ ଏହା ଅଧିକ ଫଳପ୍ରଦ ବୋଲି ଘରୋଇ ରେଟିଂ ଏଜେନ୍ସି କ୍ରିସିଲ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଆର୍ଥିକ ବର୍ଷ ୨୦୧୮-୧୯ରେ ଋଣ ଅସୁଲ ନ୍ୟାୟାଧିକରଣ, ପ୍ରତିଭୂତୀକରଣ ଏବଂ ସର୍‌ଫେସି ତଥା ଲୋକ ଅଦାଲତ ଜରିଆରେ ୩୫ ହଜାର କୋଟି ଟଙ୍କାର ଏନ୍‌ପିଏ ଫେରସ୍ତ ମିଳିଛି। କ୍ରିସିଲ ଅଧ୍ୟକ୍ଷ ଗୁରପ୍ରୀତ ଚଟୱାଲ କହିଛନ୍ତି ଯେ, ଆଇବିସି ଜରିଆରେ ୨୦୧୮-୧୯ରେ ୯୪ ମାମଲାରେ ସମାଧାନ ହାର ୪୩% ରହିଥିଲା। ଅନ୍ୟପକ୍ଷରେ ପୂର୍ବର ସମାଧାନ ବ୍ୟବସ୍ଥାରେ ଏହି ହାର ୨୬.୫% ରହିଛି। ଦେବାଳିଆ ଏବଂ ଋଣ ସମାଧାନ ଅକ୍ଷମତା ବୋର୍ଡ(ଆଇବିବିଆଇ)ର ୱେବସାଇଟରେ ଉପଲବ୍ଧ ରିପୋର୍ଟ ଅନୁଯାୟୀ, ପ୍ରାୟ ୨.୦୨ ଲକ୍ଷ କୋଟି ଟଙ୍କାର ୪୪୫୨ ଏନ୍‌ପିଏ ମାମଲାକୁ ଆଇବିସି ଜରିଆରେ ସମାଧାନ କରାଯାଇସାରିଛି। ଏହି କାରଣରୁ ବ୍ୟାଙ୍କଗୁଡ଼ିକର ମୋଟ୍ ଏନ୍‌ପିଏ ପରିମାଣ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ହ୍ରାସ ପାଇ ୧୦%ରେ ପହଞ୍ଚିଯାଇଛି, ଯାହା କି ପୂର୍ବବର୍ଷ ୧୧.୫% ରହିଥିଲା। ତେବେ ଆଇବିସି ଜରିଆରେ ଏନ୍‌ପିଏ ସମାଧାନ ପାଇଁ ଲାଗୁଥିବା ସମୟ ଏକ ବଡ଼ ପ୍ରସଙ୍ଗ ବୋଲି କ୍ରିସିଲ ରିପୋର୍ଟରେ କୁହାଯାଇଛି।

# ୟୁନାଇଟେଡ ବ୍ୟାଙ୍କର ଆର୍ଥିକ ଫଳାଫଳ

କଲିକତା,୧୪-୫

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବ୍ୟାଙ୍କର କାରବାର ୨.୦୮ ଲକ୍ଷ କୋଟି ଟଙ୍କା ଟପିଛି। ଶେଷ ତ୍ରୈମାସରେ ଏହା ୯୫.୧୮ କୋଟି ଟଙ୍କାର ନେଟ ଲାଭ ହାସଲ କରିଛି। ଲଗାତର ଭାବେ ସାତ ତ୍ରୈମାସ ଧରି ଏହା କ୍ଷତି ସହି ଆସୁଥିଲା। ଆଲୋଚ୍ୟ ତ୍ରୈମାସରେ ଏହା ୫୪୦ କୋଟି ଟଙ୍କାର ପରିଚାଳନା ଲାଭ ହାସଲ କରିଛି। ତୃତୀୟ ତ୍ରୈମାସ ତୁଳନାରେ ବ୍ୟାଙ୍କ ଚତୁର୍ଥ ତ୍ରୈମାସରେ ପରିଚାଳନା ଲାଭରେ ୪୧% ଅଭିବୃଦ୍ଧି ହାସଲ କରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟାଙ୍କର ଲାଭ ୧୪୧୨ କୋଟି ଟଙ୍କା ରହିଛି,ଯାହା ୨୦୧୭-୧୮ରେ ୧୦୨୪ କୋଟି ଟଙ୍କା ରହିଥିଲା। ଏଥିରେ ୩୮% ଅଭିବୃଦ୍ଧି ହୋଇଛି। ଏହା କାସା ଜମାରେ ଉନ୍ନତି ହୋଇଛି। ବ୍ୟାଙ୍କ ୧୯୭୫ କୋଟି ଟଙ୍କାର ନେଟ ସୁଧଜନୀତ ଆୟ ଲାଭ କରିଛି। ସେହିଭଳି ଅଣସୁଧଜନୀତ ଆୟ ୨୩୮୫ କୋଟି ଟଙ୍କା ରହିଛି। ନେଟ ଏବଂ ମୋଟ ଏନ୍‌ପିଏରେ ଗତ ଚାରି ତ୍ରୈମାସ ଧରି ଏହା ଉନ୍ନତି କରୁଥିବା ସୂଚନା ଦେଇଛି।

UNITED BANK OF INDIA


## ଆଲ୍ଲାହାବାଦ ବ୍ୟାଙ୍କ — ଡ଼ିମାଣ୍ଡ ନୋଟିସ୍

ମଣ୍ଡଳ କାର୍ଯ୍ୟାଳୟ : ୩/୧ ବି, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ ଆଲ୍ଲାହାବାଦ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ନିମ୍ନଲିଖିତ ଶାଖାର ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| ଶାଖାର ନାମ/ଋଣଗ୍ରହୀତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | ଋଣ ପରିମାଣ | ବକେୟା ଦେୟ /ଏନ୍‌ପିଏ ତାରିଖ | ନୋଟିସ୍ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଫୁଲବାଣୀ ଶାଖା** **ଋଣଗ୍ରହୀତା: ମେସର୍ସ ବଜରଙ୍ଗ ଟ୍ରାନ୍ସପୋର୍ଟସ୍, (ସତ୍ତ୍ୱାଧିକାରୀ:ଶ୍ରୀମତୀ ପ୍ରଭାତୀ ପାଣିଗ୍ରାହୀ,** ସ୍ୱା-ଶ୍ରୀ ବଳରାମ ପାଣିଗ୍ରାହୀ),**ବନ୍ଧକଦାତା ଓ ଜାମିନ୍‌ଦାର: ଶ୍ରୀମତୀ ପୁଷ୍ପାରାଣୀ ପାଣିଗ୍ରାହୀ,** ସ୍ୱା-ଶ୍ରୀ ବଳରାମ ପାଣିଗ୍ରାହୀ, **ଜାମିନ୍‌ଦାର: ଶ୍ରୀ ବଳରାମ ପାଣିଗ୍ରାହୀ,** ସମସ୍ତଙ୍କ ଠିକଣା: ସା-ଆମ୍ବପଡା, ପୋଷ୍ଟ-ଗଞ୍ଜୁଗୁଡ, ଫୁଲବାଣୀ, ଜିଲ୍ଲା-କନ୍ଧମାଳ-୭୬୨୦୨୯ । | ଟ.୧୪,୦୦,୦୦୦/- (ଚଉଦ ଲକ୍ଷ ଟଙ୍କା ମାତ୍ର) ସିସି-ଟ.୧୨ ଲକ୍ଷ ଡବ୍ଲ୍ୟୁସିଟିଏଲ୍-ଟ.୨ ଲକ୍ଷ | ଟ.୧୬,୬୪,୯୩୪/- (ଷୋହଳ ଲକ୍ଷ ଚଉଷଠି ହଜାର ନଅ ଶହ ଚଉତିରିଶି ଟଙ୍କା ମାତ୍ର) ସହିତ ତା୩୧.୧୨.୨୦୧୮ ରିଖ ଠାରୁ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ ସିସିର ବକେୟା ଦେୟ-ଟ.୧୪,୬୯,୦୧୭/- ଡବ୍ଲ୍ୟୁସିଟିଏଲରବକେୟା ଦେୟ-ଟ.୧,୯୫,୯୧୭/- / ଏନ୍‌ପିଏ ତାରିଖ:୨୯.୦୧.୨୦୧୯ | ୩୧.୦୧.୨୦୧୯ | ଶ୍ରୀମତୀ ପୁଷ୍ପାରାଣୀ ପାଣିଗ୍ରାହୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା-ଆମ୍ବପଡା, ଥାନା-ଫୁଲବାଣୀ, ଥାନା ନଂ.-୨୦୧, ତହସିଲି/ଜିଲ୍ଲା-କନ୍ଧମାଳ, ଖାତା ନଂ.-୬୫/୩୫, ପ୍ଲଟ ନଂ.-୨୬୫, ଏରିଆ-ଏକର୦.୦୫୨ ଡିସିମିଲି । |
| **ବଡବିଲ୍ ଶାଖା** **ଋଣଗ୍ରହୀତା: ଶ୍ରୀମତୀ ସରସ୍ୱତୀ ପଟ୍ଟନାୟକ,** ସ୍ୱା-ଶ୍ରୀ ଶରତ ଚନ୍ଦ୍ର ପଟ୍ଟନାୟକ, ସା-ସେରେଣ୍ଡା, ପୋ/ଥାନା-ବଡବିଲ୍, ଜିଲ୍ଲା-କେନ୍ଦୁଝର-୭୫୮୦୩୫, **ଜାମିନ୍‌ଦାରମାନେ: (୧)ଶ୍ରୀ ଶ୍ୟାମଳେନ୍ଦୁ ମିତ୍ର,** ମାର୍ଫତ-ଶ୍ରୀ ଏସ୍ ବି ମିଶ୍ର, ସା-ପଞ୍ଜାବୀ ଏରିଆ, ସା/ପୋ/ଥାନା-ବଡବିଲ୍, ଜିଲ୍ଲା-କେନ୍ଦୁଝର-୭୫୮୦୩୫, **(୨)ଶ୍ରୀ ଶରତ ଚନ୍ଦ୍ର ପଟ୍ଟନାୟକ,** ପିତା-ଶ୍ରୀ କଳିକେଶ୍ୱର ପଟ୍ଟନାୟକ, ସା-ସେରେଣ୍ଡା, ପୋ/ଥାନା-ବଡବିଲ୍, ଜିଲ୍ଲା-କେନ୍ଦୁଝର-୭୫୮୦୩୫ | ଟ.୨,୩୦,୦୦୦/- (ଦୁଇ ଲକ୍ଷ ତରିଶି ହଜାର ଟଙ୍କା ମାତ୍ର) ଗୃହ ଋଣ | ଟ.୨,୮୩,୫୬୫/- (ଦୁଇ ଲକ୍ଷ ତେୟାଅଶି ହଜାର ପାଞ୍ଚଶହ ପଞ୍ଚଷଠୀ ଟଙ୍କା ମାତ୍ର)ସହିତ ତା୦୧.୧୧.୨୦୧୪ ରିଖ ଠାରୁ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ / ଏନ୍‌ପିଏ ତାରିଖ:୩୦.୧୧.୨୦୧୪ | ୨୧.୦୨.୨୦୧୯ | ଶ୍ରୀମତୀ ସରସ୍ୱତୀ ପଟ୍ଟନାୟକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା-ଭୁଷୁଗାଁ, ଥାନା/ତହସିଲି- ବଡବିଲ୍, ଜିଲ୍ଲା-କେନ୍ଦୁଝର, ଖାତା ନଂ.-୧୧୭, ପ୍ଲଟ ନଂ.-୫୦୭, ବିକ୍ରୟ ଦଲିଲ୍ ନଂ.-୧୬/୪/୨୦୦୩(ଖାତା ନଂ.-୧୨୮/୨୭୫, ପ୍ଲଟ ନଂ.୫୦୭/୧, ଆରଓଆର/ପଟ୍ଟା ତାରିଖ-୭/୧୧/୨୦୦୩), ଏରିଆ-ଏକର୦.୦୫ ଡିସିମିଲି, କିସମ-ଗୃହପୋଯୋଗୀ । |


ଆପଣମାନେ ଆମ, ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଉପର ଲିଖିତ ତାରିଖରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।

ସ୍ଥାନ-ଭୁବନେଶ୍ୱର,ତାରିଖ- ୧୫.୦୫.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ



“ଆଣ୍ଠୁରେ କ୍ଷତ ସତ୍ତ୍ୱେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ଫାଇନାଲ ଖେଳି ଶେନ୍ ୱାଟସନ ଖେଳ ପ୍ରତି ତାଙ୍କ ଉତ୍ସର୍ଗୀକୃତ ମନୋଭାବ ଦେଖାଇଛନ୍ତି।

–ହରଭଜନ ସିଂ, ଚେନ୍ନାଇ ସୁପର କିଙ୍ଗ୍ସ ଖେଳାଳି



“ଆଇସିସି ଦିନିକିଆ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ଯଥେଷ୍ଟ ଦକ୍ଷ ଖେଳାଳି ଅଛନ୍ତି। ପରିସ୍ଥିତିକୁ ଦେଖି କମ୍ବିନେଶନ ସ୍ଥିର କରାଯିବ।

–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର କୋଚ୍

## ସଂକ୍ଷେପରେ

ଇଟାଲୀ ଓପନ୍

### ମୁଗୁରୁଜାଙ୍କ ବିଜୟ ଅଭିଯାନ

**ରୋମ, ୧୪।୫(ଏଏଫ୍‌ପି):** ପୂର୍ବତନ ଫ୍ରେଞ୍ଚ ଓପନ୍ ଚାମ୍ପିୟନ ଗାର୍ବିଏନ୍ ମୁଗୁରୁଜା ଏଠାରେ ଚାଲିଥିବା ଇଟାଲୀ ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ବିଶ୍ୱ ମାନ୍ୟତାର ୧୯ତମ ସ୍ଥାନରେ ରହିଥିବା ମୁଗୁରୁଜା ୬-୩, ୬-୪ ସିଧାସଳଖ ସେଟ୍‌ରେ ଚାଇନାର ଝେଙ୍ଗ୍ ସାଇସାଇଙ୍କୁ ପରାସ୍ତ କରିଛନ୍ତି। ୨୫ ବର୍ଷୀୟା ମୁଗୁରୁଜା ଏଥିପୂର୍ବରୁ ମାଡ୍ରିଡ୍ ଓପନ୍ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ସେ ୨୦୧୬ ଓ ୨୦୧୭ରେ ଯଥାକ୍ରମେ ଫ୍ରେଞ୍ଚ ଓପନ୍ ଓ ୱିମ୍ବେଲଡନ ଚାମ୍ପିୟନ ହୋଇଥିବାବେଳେ ରୋମ୍‌ରେ ୨ଥର ଫାଇନାଲରେ ପ୍ରବେଶ କରିଛନ୍ତି। ମୁଗୁରୁଜା ୨ୟ ରାଉଣ୍ଡରେ ଡେନ୍‌ମାର୍କର କାରୋଲିନ ୱୋଜନିଆକି କିମ୍ବା ଆମେରିକାର ଡାନିଏଲ୍ କୋଲିନ୍ସଙ୍କୁ ଭେଟିବେ। ସେହିଭଳି ଅନ୍ୟ ଏକ ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିୟନ ଭିକ୍ଟୋରିଆ ଆଝାରେଙ୍କା ୬-୨, ୬-୧ ସେଟ୍‌ରେ ଚାଇନାର ଝାଙ୍ଗ୍ ସୁଆଇଙ୍କୁ ପରାସ୍ତ କରି ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପରବର୍ତ୍ତୀ ମ୍ୟାଚ୍‌ରେ ଆଝାରେଙ୍କାଙ୍କ ମୁକାବିଲା ଡିଫେଣ୍ଡିଂ ଚାମ୍ପିୟନ ଏଲିନା ସ୍ୱିତୋଲିନାଙ୍କ ସହ ହେବ। ଏଠାରେ ୪ଥର ଚାମ୍ପିୟନ ହୋଇଥିବା ତଥା ଆଘାତଜନିତ ସମସ୍ୟାରୁ ମୁକୁଳିଥିବା ସେରେନା ୱିଲିୟମ୍ସ ୬-୪, ୬-୨ ସେଟ୍‌ରେ ସ୍ୱିଡେନର ରେବେକା ପିଟରସନଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।

### ଭାରତର ୱାର୍ମଅପ୍ ମ୍ୟାଚ୍ ପ୍ରସାରିତ ହେବ

**ନୂଆଦିଲ୍ଲୀ, ୧୪।୫:** ଆଇସିସି ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ୨ ସପ୍ତାହ ସମୟ ରହିଛି। ବିଶ୍ୱକପ୍ ପୂର୍ବରୁ ଅଂଶଗ୍ରହଣକାରୀ ସମସ୍ତ ୧୦ ଦଳ ୨ଟି ଲେଖାଏ ୱାର୍ମଅପ୍ ମ୍ୟାଚ୍ ଖେଳିବେ। ଏହି ୱାର୍ମଅପ୍ ମ୍ୟାଚ୍ ମେ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମସ୍ତ ମ୍ୟାଚ୍ ମଧ୍ୟ ସିଧାସଳଖ ପ୍ରସାରିତ ହେବ ବୋଲି ଜଣାପଡ଼ିଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୱାର୍ମଅପ୍‌ରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶକୁ ଯଥାକ୍ରମେ ମେ ୨୫ ଓ ୨୮ରେ ଭେଟିବ। ଭାରତୀୟ ସମୟ ଅନୁଯାୟୀ ଅପରାହ୍ଣ ୩ଟାରୁ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହେବ। ନିୟମ ଅନୁଯାୟୀ ଅଭ୍ୟାସ ମ୍ୟାଚ୍‌ଗୁଡ଼ିକ ଅନ୍ତର୍ଜାତୀୟ ମ୍ୟାଚ୍‌ଭାବେ ଗଣାଯିବ ନାହିଁ। ପ୍ରତ୍ୟେକ ଦଳ ବୋଲିଂ ସମୟରେ ସମସ୍ତ ବୋଲରଙ୍କୁ ସୁଯୋଗ ଦେବେ। ସେହିଭଳି ବ୍ୟାଟିଂବେଳେ ବୋଲରଙ୍କ ବଦଳରେ ଟିମ୍‌ର ସମସ୍ତ ବ୍ୟାଟ୍ସମ୍ୟାନଙ୍କୁ ବ୍ୟାଟିଂ ଅଭ୍ୟାସ ପାଇଁ ଖେଳାଇ ପାରିବେ। ଭାରତରେ ଷ୍ଟାର ସ୍ପୋର୍ଟ୍ସ ଅଫିସିଆଲ ବ୍ରଡ୍‌କାଷ୍ଟର ରହିଛି।

# ‘ଜୀବନରେ ନକାରାତ୍ମକ ଚିନ୍ତାର ସ୍ଥାନ ନାହିଁ’

**ନୂଆଦିଲ୍ଲୀ, ୧୪।୫(ପି.ଟି.)**

ଇଂଲଣ୍ଡର ସୁଇଂ ବୋଲିଂ କଣ୍ଡିଶନରେ ଭାରତର ଶିଖର ଧାୱନଙ୍କ ବ୍ୟାଟିଂ ଟେକ୍ନିକ୍ ସଫଳ ହେବାନେଇ ଆଶଙ୍କା ରହିଛି। ମାତ୍ର ଏହାକୁ ନେଇ ଚିନ୍ତିତ ନୁହନ୍ତି ଏହି ଭାରତୀୟ ଓପନର। ଆଇସିସି ବିଶ୍ୱକପରେ ସେ ଖେଳିବାକୁ ପ୍ରସ୍ତୁତ ହେଉଛନ୍ତି। ଏକଦିବସୀୟ କ୍ରିକେଟରେ ବିଶ୍ୱର ଅନ୍ୟତମ ସଫଳ ଓପନରଭାବେ ଧାୱନ ପରିଚିତ। ସେ ସବୁବେଳେ ବଡ଼ ଇଭେଣ୍ଟ ଗୁଡ଼ିକରେ ଭଲ ପ୍ରଦର୍ଶନ କରି ଆସିଛନ୍ତି। ୨୦୧୩ ଓ ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ସେ ଭଲ ଖେଳିଥିବାରୁ ଆଗାମୀ ବିଶ୍ୱକପରେ ମଧ୍ୟ ସଫଳ ହେବାନେଇ ଦୃଢ଼ ଆଶାୟୀ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ୨୦୧୫ ବିଶ୍ୱକପରେ ସେ ଭାରତର ସବୁଠାରୁ ସଫଳ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଥିଲେ।

‘‘ଲୋକମାନେ ସବୁବେଳେ ଆଇସିସି ଇଭେଣ୍ଟ ଗୁଡ଼ିକରେ ମୋ ରେକର୍ଡକୁ ନେଇ ଆଲୋଚନା କରିଥାନ୍ତି। ସ୍ୱଷ୍ଟଭାବେ କହିବାକୁ ଗଲେ ମୋର ଅଭିଳାଷ ସବୁବେଳେ ସମାନ। ସବୁବେଳେ ଯେ ମୋ ପ୍ରଦର୍ଶନ ସମାନ ଥାଏ ତା’ ନୁହେଁ, ମାତ୍ର ମୋର ଫୋକସ ସର୍ବଦା ସମାନ ଥାଏ। ତେଣୁ ଆଗାମୀ ଆଇସିସି ଟୁର୍ନାମେଣ୍ଟରେ ନିଶ୍ଚିତଭାବେ ଭଲ ପ୍ରଦର୍ଶନ କରିବା ନେଇ ମୁଁ ଆଶାବାଦୀ’’ ବୋଲି ଧାୱନ ପ୍ରକାଶ କରିଛନ୍ତି। ନିକଟରେ ଶେଷ ହୋଇଥିବା



ଶିଖର ଧାୱନ

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରି ୩୩ ବର୍ଷୀୟ ଧାୱନ ୫୨୧ ରନ ସ୍କୋର କରିଥିଲେ। ଲିଗ୍‌ରେ ଦିଲ୍ଲୀ ୪ର୍ଥ ସ୍ଥାନରେ ରହିବା ପଛରେ ତାଙ୍କର ଅନେକ ଅବଦାନ ରହିଥିଲା। ବିଶ୍ୱକପ ନିକଟ ହୋଇ ଆସିଥିବାବେଳେ ସେ କୌଣସି ଚାପରେ ନାହାନ୍ତି ବୋଲି ଧାୱନ କହିଛନ୍ତି। ‘‘ଚାପ ଅନୁଭବ କରୁଥିବା ଖେଳାଳିଙ୍କ ଭିତରେ ମୁଁ ନାହିଁ। ମୋର ଆଭିମୁଖ୍ୟ ସବୁବେଳେ ସମାନ। ସମାଲୋଚକମାନେ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ମୁଁ ୫-୧୦ଟି ମ୍ୟାଚରେ ରନ ସ୍କୋର କରିବି ନାହିଁ ଅର୍ଥ ନୁହଁ ଯେ ସବୁକିଛି ଶେଷ ହୋଇଗଲା। ମୁଁ କିଭଳି ଖେଳାଳି ଏବଂ ମୋର କ’ଣ ଦକ୍ଷତା ରହିଛି ତାହା ମୁଁ ଭଲଭାବେ ଜାଣିଛି’’ ବୋଲି ୧୨୮ଟି ଦିନିକିଆ ଅନ୍ତର୍ଜାତୀୟରେ ୧୬ ଶତକ ସହ ୫୩୫୫ ରନ କରିଥିବା ଧାୱନ ପ୍ରକାଶ କରିଛନ୍ତି। ଆଉଟ ସାଇଡ୍ ଅଫ୍ ଷ୍ଟମ୍ପ ବାହାରର ବଲ ଖେଳିବାକୁ ନେଇ ତାଙ୍କର ଟେକ୍ନିକ୍‌କୁ ନେଇ ହେଉଥିବା ଆଲୋଚନା ସମ୍ପର୍କରେ ଧାୱନ କହିଲେ ଯେ, ମୋ ସମ୍ପର୍କରେ ଏ ସବୁ କେଉଁଠି ଲେଖା ଯାଉଛି ତାହା ମୁଁ ଜାଣିବାକୁ ଚାହେଁ, ମୁଁ ସେ ଖବରକାଗଜ ପଢ଼ିବାକୁ ଚାହେଁ ଏବ ଟେଲିଭିଜନ ଦେଖିବାକୁ ଚାହେଁ। ମୁଁ ଏ ଦୁଇଟି ଯାକ କରେନାହିଁ। ତେଣୁ ମୋ ସମ୍ପର୍କରେ ଯାହାକିଛି ବି ଆଲୋଚନା ହୁଏ ତାହା ମୋତେ ବ୍ୟସ୍ତ କରେନାହିଁ। ଆଉ ସୋସିଆଲ ମିଡିଆ କଥା କହିଲେ ମୁଁ ଟୁଇଟର ଏବଂ ଫେସ୍‌ବୁକ୍‌କୁ ଖୁବ୍ କମ୍ ବ୍ୟବହାର କରେ। ‘‘ନିୟମିତ ଟୁଇଟର ଅପ୍‌ଡେଟ୍ କିମ୍ବା ଇନ୍‌ଷ୍ଟାଗ୍ରାମ୍ ପ୍ରତିକ୍ରୀୟାକୁ ଚେକ୍ କରୁଥିବା ଖେଳାଳିଙ୍କ ମଧ୍ୟରେ ମୁଁ ନାହିଁ। ମୁଁ ଏହାକୁ ଆବଶ୍ୟକସ୍ଥଳେ ଦେଖିଥାଏ। ତେଣୁ ମୋତେ ଯିଏ ଯାହା କହୁ ନା କାହିଁକି ମୋ ଜୀବନରେ ନକାରାତ୍ମକ ଚିନ୍ତାର ସ୍ଥାନ ନାହିଁ।

ଧାୱନଙ୍କ ବ୍ୟାଟିଂ ଟେକ୍ନିକ୍‌ରେ କୌଣସି ତ୍ରୁଟି ନ ଥିବା ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାନେଜମେଣ୍ଟର ଦୁଇ କିମ୍ବଦନ୍ତୀ ଖେଳାଳି ରିକି ପଣ୍ଟିଂ ଓ ସୌରଭ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ଏହା ଧାୱନଙ୍କୁ ବେଶ୍ ଉତ୍ସାହିତ କରିଛି। ୨୦୦୪ରେ ପ୍ରଥମଶ୍ରେଣୀ ପଦାର୍ପଣ କରିଥିବା ଧାୱନ ଦୀର୍ଘ ୧୫ ବର୍ଷ ଧରି ସିନିୟର କ୍ରିକେଟରେ ସକ୍ରିୟ ଅଛନ୍ତି। ‘‘ମୁଁ କ୍ୟାରିୟର ଆରମ୍ଭ କରିଥିବା ସମୟରେ ସଫଳତା ପାଇଁ ଯେପରି ବ୍ୟଗ୍ର ଥିଲି ଆଜି ମଧ୍ୟ ସେମିତି ଅଛି। ମୁଁ ୯ ବର୍ଷ ପ୍ରଥମଶ୍ରେଣୀ କ୍ରିକେଟ ଖେଳିବାପରେ ଟେଷ୍ଟ ପଦାର୍ପଣ କରିଥିଲି। ତେଣୁ ମୁଁ ନିଜକୁ ଭାଗ୍ୟବାନ ମନେକରେ, ମୋ ଜୀବନରେ ନକାରାତ୍ମକର ସ୍ଥାନ ନାହିଁ। ମୋ ମଧ୍ୟରେ ଆବେଗ ଏବଂ ଭୋକିଲା ମନୋବୃତ୍ତି ନ ଥିଲେ ୯ ବର୍ଷ ଘରୋଇ କ୍ରିକେଟ ଖେଳିବାପରେ କେବେହେଲେ ଅନ୍ତର୍ଜାତୀୟ କ୍ରିକେଟରେ ଭଲ ପ୍ରଦର୍ଶନ କରିପାରି ନ ଥାନ୍ତି। ୬ ବର୍ଷ ଧରି ମୁଁ ଅନ୍ତର୍ଜାତୀୟ କ୍ରିକେଟ ଖେଳି ଆସୁଛି ଏବଂ ମୋ ଯାତ୍ରା ଖୁବ୍ ସୁଖଦ ରହିଛି’’ ବୋଲି ଧାୱନ କହିଛନ୍ତି।

# ‘କ୍ଷତାକ୍ତ ସତ୍ତ୍ୱେ ବ୍ୟାଟିଂ କରିଥିଲେ ୱାଟସନ’



ବ୍ୟାଟିଂ ସମୟରେ ସେନ୍ ୱାଟ୍‌ସନଙ୍କ ଆଣ୍ଠୁରୁ ରକ୍ତ ବାହାରୁଛି।

**ନୂଆଦିଲ୍ଲୀ, ୧୪।୫(ପି.ଟି.)**

ଆଇପିଏଲ୍ ଫାଇନାଲରେ ଚେନ୍ନାଇ ସୁପର୍ କିଙ୍ଗ୍ସକୁ ରୋମାଞ୍ଚକ ଭାବେ ୧ ରନରେ ପରାସ୍ତ କରି ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚ୍‌ରେ ଚେନ୍ନାଇର ଓପନିଂ ବ୍ୟାଟ୍ସମ୍ୟାନ ଶେନ୍ ୱାଟସନ ୫୯ ବଲରୁ ୮୦ ରନର (୮ ଚୌକା, ୪ ଛକା) ମାରାଥନ ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ତେବେ ବ୍ୟାଟିଂବେଳେ ୱାଟସନଙ୍କ ଆଣ୍ଠୁରେ ଗୁରୁତର ଆଘାତ ଲାଗି ରକ୍ତ ବାହାରୁଥିଲେ ମଧ୍ୟ ସେ ଖେଳ ଜାରି ରଖିଥିବା ଘଟଣା ଏବେ ଜଣାପଡ଼ିଛି। ପଡ଼ିଆର ଚତୁଃପାର୍ଶ୍ୱରେ ରହିଥିବା କ୍ୟାମେରାମ୍ୟାନ ଯେତେବେଳେ ଏହି ଘଟଣାକୁ ଧରି ପାରି ନ ଥିଲେ ୱାଟ୍‌ସନଙ୍କ ଟିମ୍‌ମେଟ୍ ହରଭଜନ ସିଂ ମଙ୍ଗଳବାର ଏହା ଉପରୁ ପର୍ଦ୍ଦା ଉଠାଇଛନ୍ତି। ମ୍ୟାଚ୍ ପରେ ୱାଟସନ ଆଣ୍ଠୁରେ ୬ଟି ଷ୍ଟିଚ୍ ପକାଯାଇଥିଲା। ୱାଟସନଙ୍କ ଏକ ଫଟୋକୁ ହରଭଜନ ସୋସିଆଲ ମିଡିଆରେ ଶେୟାର କରି ଉଲ୍ଲେଖ କରିଛନ୍ତି ଯେ, ‘ୱାଟସନଙ୍କ ଆଣ୍ଠୁରେ ରକ୍ତକୁ ଦେଖିପାରୁଛନ୍ତି.. ମ୍ୟାଚ୍ ପରେ ତାଙ୍କ ଆଣ୍ଠୁରେ ୬ଟି ଷ୍ଟିଚ୍ ପଡ଼ିଥିଲା.. ଡ୍ରାଇଭ ମାରିଥିବାବେଳେ ସେ ଆଘାତ ହୋଇଥିଲେ ମଧ୍ୟ କାହାକୁ କିଛି ନ କହି ବ୍ୟାଟିଂ ଜାରି ରଖିଥିଲେ’। ହରଭଜନଙ୍କ ପରେ ଚେନ୍ନାଇର ଅଫିସିଆଲ ଟୁଇଟର୍ ପେଜ୍‌ରେ ମଧ୍ୟ ସମାନ ଫଟୋ ଶେୟାର କରାଯାଇଥିଲା। ଏହି ଘଟଣାରେ ପ୍ରଶଂସକମାନେ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ୱାଟ୍‌ସନଙ୍କୁ ବେଶ୍ ପ୍ରଶଂସା କରିଥିଲେ। ଆଇପିଏଲ୍‌ର ଆସନ୍ତା ସଂସ୍କରଣରେ ମଧ୍ୟ ୱାଟସନ ଓପନର ଭାବେ ପ୍ରତ୍ୟାବର୍ତ୍ତନ କରନ୍ତୁ ବୋଲି ଅନେକ ପ୍ରଶଂସକ ମତ ଦେଇଛନ୍ତି।





ପ୍ୟାରିସର ଏକ ସ୍କୁଲରେ ମଙ୍ଗଳବାର ମହିଳା ଫୁଟବଲ ବିଶ୍ୱକପ ଟ୍ରଫି ପ୍ରଦର୍ଶନ ଅବସରରେ ମାସ୍କଟ ଏଟି।

### ପଞ୍ଜାବ-ଓଡ଼ିଶା ମ୍ୟାଚ୍ ଡ୍ର

**କଟକ ଅଫିସ,୧୪।୫**

ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁର ଠାରେ ଚାଲିଥିବା ୯ମ ସବ୍‌ଜୁନିୟର ବାଳକ ଜାତୀୟ ଚାମ୍ପିୟନଶିପ-୨୦୧୯(ଡିଭିଜନ-ଏ)ରେ ମଙ୍ଗଳବାର ହକି ଓଡ଼ିଶା ଓ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଛି। ୨୩ତମ ମିନିଟରେ ପଞ୍ଜାବ ପକ୍ଷରୁ ଧୀରଜ ସିଂ ପ୍ରଥମ ଗୋଲ ସ୍କୋର କରିଥିଲେ। ପରେ ୪୮ତମ ମିନିଟରେ ରାଜମୋନ ତେଲିଙ୍କ ଗୋଲ ସହାୟତାରେ ହକି ଓଡ଼ିଶା ସ୍କୋରକୁ ସମାନ ସ୍ଥିତିରେ ପହଞ୍ଚାଇଥିଲା। ପରବର୍ତ୍ତୀ ସମୟରେ କୌଣସି ଗୋଲ ନହେବା ଯୋଗୁଁ ମ୍ୟାଚ୍ ଡ୍ର ରହିବା ସହ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଛି। ୧୬ ତାରିଖରେ ତାମିଲନାଡୁ ବିପକ୍ଷରେ ହକି ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

### ଏନ୍‌ସିଏ ୨୩ବର୍ଷରୁ କମ୍ ଶିବିରରେ ସୁଶ୍ରୀ

**କଟକ ଅଫିସ,୧୪।୫**

ଆସନ୍ତା ଜୁନ ୨୪ରୁ ଜୁଲାଇ ୨୩ ତାରିଖ ପଯର୍ୟନ୍ତ ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ରେ ୨୩ବର୍ଷରୁ କମ୍ ମହିଳା ଶିବିର ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ସୁଶ୍ରୀ ଦିବ୍ୟଦର୍ଶିନୀ ଯୋଗଦେବାକୁ ମନୋନୀତ ହୋଇଛନ୍ତି। ନିକଟ ଅତୀତରେ ଶେଷ ହୋଇଥିବା ମହିଳା ଆଇପିଏଲରେ ମଧ୍ୟ ସୁଶ୍ରୀ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସାମିଲ ହୋଇଥିଲେ। ସେ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭେଲୋସିଟି ଦଳରୁ ପ୍ରତିନିଧିତ୍ୱ କରୁଥିଲେ। ଭେଲୋସିଟି ଦଳ ମହିଳା ଆଇପିଏଲରେ ରନର୍ସଅପ ହୋଇଥିଲା। ଟ୍ରାଏଲ ବ୍ଲେଜର୍ସ ବିପକ୍ଷ ମ୍ୟାଚ୍‌ରେ ସୁଶ୍ରୀ ୩ ଓଭର ବୋଲିଂ କରି ୧୪ରନ ବିନିମୟରେ ଗୋଟିଏ ଉଇକେଟ ଦଖଲ କରିବା ସହ ମ୍ୟାଚ୍ ବିଜୟୀ ସୂଚକ ରନ ସଂଗ୍ରହ ମଧ୍ୟ କରିଥିଲେ। ଢେଙ୍କାନାଳରେ ଜନ୍ମିତ ସୁଶ୍ରୀ ଡାହାଣହାତୀ ସ୍ପିନର ଓ ବ୍ୟାଟ୍ସମ୍ୟାନ ଭାବେ ଓଡ଼ିଶା ଦଳରୁ ନିୟମିତ ଖେଳାଳି ଭାବେ ପ୍ରତିନିଧିତ୍ୱ କରୁଛନ୍ତି।




ସୁଶ୍ରୀ ଦିବ୍ୟଦର୍ଶିନୀ

# ‘ପାକିସ୍ତାନ ବିପକ୍ଷରେ ରେକର୍ଡ ବଜାୟ ରଖିବ ଭାରତ’

**ନୂଆଦିଲ୍ଲୀ, ୧୪।୫**

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆସନ୍ତା ୨୯ରୁ ଇଂଲଣ୍ଡରେ ଆରମ୍ଭ ହେବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଜୁନ୍ ୫ରେ ଖେଳାଯିବ। ତେବେ ଲିଗ୍ ପର୍ଯ୍ୟାୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇଭୋଲଟେଜ ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଜିତିବାର କୌଣସି ସୁଯୋଗ ନାହିଁ ବୋଲି ମଙ୍ଗଳବାର କୋହଲିଙ୍କ ପିଲାଦିନର କୋଚ୍ ରାଜକୁମାର ଶର୍ମା ଏକ ସାକ୍ଷାତକାର ଅବସରରେ କହିଛନ୍ତି। ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତ ଏହାର ଅପରାଜେୟ ଧାରା ବଜାୟ ରଖିବା ନେଇ ଏକ ପ୍ରଶ୍ନର ଉତ୍ତରରେ ରାଜକୁମାର କହିଛନ୍ତି, ଏହି ମ୍ୟାଚ୍ ଉପରେ କୌଣସି ସନ୍ଦେହ ନାହିଁ। ପାକିସ୍ତାନ ସହ ତୁଳନା କଲେ ବର୍ତ୍ତମାନ ଭାରତ ହେଉଛି ଏକ ଶକ୍ତିଶାଳୀ ଟିମ୍। କ୍ରିକେଟ ଅନିଶ୍ଚିତତାର ଖେଳ ହୋଇଥିଲେ ମଧ୍ୟ ଭାରତ ବହୁତ ଭଲ ଟିମ୍’ ବୋଲି ରାଜକୁମାର ପ୍ରକାଶ କରିଛନ୍ତି। ‘ବିରାଟ ପ୍ରଥମଥର ଲାଗି କ୍ରିକେଟର ଏହି ମହାକୁମ୍ଭରେ ଦଳର ନେତୃତ୍ୱ ନେଉଥିବାରୁ ଏହା ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସଦୃଶ ହେବ। ସେ ତାଙ୍କର ପୁରା ଫୋକସ୍ ବିଶ୍ୱକପ୍ ଉପରେ କରିଛନ୍ତି। ଗତ ୨ ବର୍ଷ ହେବ ବିରାଟ ଯେଉଁଠି ବି ସାକ୍ଷାତକାର ଦେଇଛନ୍ତି ବିଶ୍ୱକପ୍‌ରେ କିପରି ଖେଳାଯିବ ଓ ଟିମ୍‌ର ଷ୍ଟ୍ରାଟେଜୀ କ’ଣ ରହିବ ଏହା ଉପରେ ସେ ମତ ରଖିଛନ୍ତି। ଭାରତକୁ ବିଶ୍ୱକପ୍ ଜିତାଇବା ଲାଗି ସେ ପୁରା ସମର୍ପିତ’ ବୋଲି ରାଜକୁମାର ଏହି ଅବସରରେ ପ୍ରକାଶ କରିଛନ୍ତି। ଲୋକେଶ ରାହୁଲ, ଦୀନେଶ କାର୍ତ୍ତିକଙ୍କ ଅପେକ୍ଷା ବିଜୟ ଶଙ୍କର ୪ର୍ଥ ସ୍ଥାନରେ ବ୍ୟାଟିଂ ପାଇଁ ଉପଯୁକ୍ତ ବୋଲି ସେ କହିଛନ୍ତି।



ରାଜକୁମାର ଶର୍ମା

# ୧୯୯୨ ବିଶ୍ୱକପ୍: ପାକିସ୍ତାନ ଚାମ୍ପିୟନ






ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି)ର ପଞ୍ଚମ ସଂସ୍କରଣ ୧୯୯୨ରେ ଆୟୋଜନ ହୋଇଥିଲା। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ଏହି ବିଶ୍ୱକପ୍ ଆୟୋଜନ କରିଥିଲେ। ଫେବୃୟାରୀ ୨୨ରୁ ଆରମ୍ଭ ହୋଇ ଏହି ଟୁର୍ନାମେଣ୍ଟ ମାର୍ଚ୍ଚ ୨୫ ତାରିଖରେ ଶେଷ ହୋଇଥିଲା। ଇମ୍ରାନ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ଏହି ବିଶ୍ୱକପ୍‌ରେ ଚାମ୍ପିୟନ ହୋଇ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ଫାଇନାଲ ମ୍ୟାଚ୍‌ରେ ପାକିସ୍ତାନ ୨୨ ରନରେ ଇଂଲଣ୍ଡକୁ ହରାଇ ବାଜି ମାରିଥିଲା।

ରାଉଣ୍ଡ ରବିନ୍ ଓ ନକ୍‌ଆଉଟ ଫର୍ମାଟରେ ଟୁର୍ନମେଣ୍ଟ ଖେଳାଯାଇଥିଲା। ୯ଟି ଦେଶ ଏଥିରେ ଅଂଶଗ୍ରହଣ କରିଥିଲେ। ମୋଟ ଉପରେ ୩୯ଟି ମ୍ୟାଚ୍ ଖେଳାଯାଇଥିଲା। ୪୫୬ ରନକରି ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ମାର୍ଟିନ କ୍ରୋ ସଫଳତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହେବା ସହ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ପାକିସ୍ତାନ ଦ୍ରୁତ ବୋଲର ୱାସିମ ଆକ୍ରମ ସର୍ବାଧିକ ୧୮ଟି ଉଇକେଟ ହାସଲ କରି ଟୁର୍ନାମେଣ୍ଟ ସଫଳତମ ବୋଲର ସାବ୍ୟସ୍ତ ହୋଇଥିଲେ।

ଏହି ସଂସ୍କରଣରେ ପ୍ରଥମଥର ପାଇଁ ଏକାଧିକ ଘଟଣା ଘଟିଥିଲା। ପ୍ରଥମଥର ପାଇଁ ଖେଳାଳିମାନେ ରଙ୍ଗିନ ପୋଷାକ ପିନ୍ଧିଥିଲେ। ପ୍ରଥମଥର ପାଇଁ ଧଳା ବଲ ଓ କଳା ସାଇଟ୍‌ସ୍କ୍ରିନ ବ୍ୟବହୃତ ହୋଇଥିଲା। ପୃଥିବୀର ଦକ୍ଷିଣ ଗୋଲାର୍ଦ୍ଧରେ ପ୍ରଥମଥର ପାଇଁ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ବର୍ଣ୍ଣବୈଷମ୍ୟ ଜନିତ ବାସନ୍ଦ ପରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଆଇସିସିରେ ଟେଷ୍ଟ ପ୍ଲେଇଂ ନେସନ ଭାବେ ଯୋଗଦେଇ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲା। ଫୁଲ୍ ମେମ୍ବର ଦଳ ହିସାବରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ସାମିଲ ହୋଇଥିଲେ। ତେବେ ଆସୋସିଏଟ ମେମ୍ବର ଭାବେ ଜିମ୍ବାୱେ ଏକମାତ୍ର ଦେଶ ଭାବେ ଏହି ବିଶ୍ୱକପ୍ ଖେଳିଥିଲା। ଅଷ୍ଟ୍ରେଲିଆର ୧୧ଟି ଓ ନ୍ୟୁଜିଲାଣ୍ଡର ୭ଟି ଭେନ୍ୟୁରେ ମ୍ୟାଚ୍‌ଗୁଡିକ ଆୟୋଜିତ ହୋଇଥିଲା।

ରାଉଣ୍ଡ ରବିନ୍ ପର୍ଯ୍ୟାୟରେ ଅନ୍ୟତମ ଆୟୋଜକ ନ୍ୟୁଜିଲାଣ୍ଡ ଜବରଦସ୍ତ ଖେଳି ପ୍ରଦର୍ଶନ କରି କ୍ରମାଗତ ୭ଟି ମ୍ୟାଚ୍ ଜିତି ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନରେ ରହିଥିଲା। ମୋଟ ଉପରେ ନ୍ୟୁଜିଲାଣ୍ଡ ୮ଟି ମ୍ୟାଚ୍ ଖେଳି ୭ ବିଜୟ ଓ ଗୋଟିଏ ପରାଜୟ ସହ ୧୪ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ସେହିପରି ଇଂଲଣ୍ଡ ୮ଟି ମ୍ୟାଚ୍ ଖେଳି ୫ ବିଜୟ,୨ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକା ୫ ବିଜୟ , ୩ ପରାଜୟ ସହ ୧୦ ପଏଣ୍ଟ ପାଇ ତୃତୀୟ ଓ ପାକିସ୍ତାନ ୮ ମ୍ୟାଚ୍ ଖେଳି ୪ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲା। ତାଲିକାର ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ଭାରତ ୮ ଟି ମ୍ୟାଚ୍ ଖେଳି ୨ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।



ବିଶ୍ୱକପ୍ ଟ୍ରଫି ସହ ପାକିସ୍ତାନ ଅଧିନାୟକ ଇମ୍ରାନ ଖାଁ ଓ ଖେଳାଳିମାନେ।

ହାଇସ୍କୋରିଂ ପ୍ରଥମ ସେମିଫାଇନାଲରେ ପାକିସ୍ତାନ ଫେଭରାଇଟ ନ୍ୟୁଜିଲାଣ୍ଡକୁ ଗୋଟିଏ ଓଭର ବାକି ରଖି ୪ ଉଇକେଟରେ ପରାସ୍ତ କରିଥିଲା। ୪ ଟି ପ୍ରୟାସରେ ପାକିସ୍ତାନ ସେମିରେ ବିଜୟୀ ହୋଇ ପ୍ରଥମଥର ପାଇଁ ଫାଇନାଲକୁ ଉଠିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୨୬୨ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅଧିନାୟକ ମାର୍ଟିନ କ୍ରୋ ସର୍ବାଧିକ ୯୧, କେନ୍ ରଦରଫୋର୍ଡ ୫୦ ରନ କରିଥିଲେ। ପାକିସ୍ତାନର ୱାସିମ ଆକ୍ରମ, ମୁସ୍ତାକ ଅହମ୍ମଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ୪୯ ଓଭରରେ ୬ ଉଇକେଟ ହରାଇ ୨୬୪ ରନ କରି ବିଜୟୀ ହୋଇଥିଲା। ଇଞ୍ଜାମାମ ଉଲ୍ ହକ୍ ୩୭ ବଲ୍‌ରୁ ୬୦, ଜାଭେଦ ମିଆଁଦାଦ ଅପରାଜିତ ୫୭ ରନ ସଂଗ୍ରହ କରିଥିଲେ। ନ୍ୟୁଜିଲାଣ୍ଡର ୱିଲି ୱାଟସନ ୨ଟି ଉଇକେଟ ନେଇଥିଲେ।

ସେହିପରି ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ସେମିରେ ଇଂଲଣ୍ଡ ୧୯ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ୪୩ ଓଭର ପରେ ବର୍ଷା କାରଣରୁ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ପ୍ରଥମେ ୧୩ ବଲରୁ ବିଜୟ ପାଇଁ ୨୨ ରନ ସଂଗ୍ରହ କରିବାର ଆବଶ୍ୟକତା ଥିଲା। ତେବେ ପୁଣି ବର୍ଷା ହେବା କାରଣରୁ ୨ ଓଭର ନଷ୍ଟ ହୋଇଥିଲା ଓ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ଗୋଟିଏ ବଲ୍‌ରେ ୨୨ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଶେଷରେ ଦକ୍ଷିଣ ଆଫ୍ରିକାକୁ ଭାଗ୍ୟଦେବୀ ସହାୟ ହୋଇ ନ ଥିଲେ ଓ ଶେଷରେ ପରାସ୍ତ ହୋଇଥିଲା।

ଟାଇଟଲ ପାଇଁ ଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡ ଓ ପାକିସ୍ତାନ ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂକରି ୬ ଉଇକେଟ ହରାଇ ୨୪୯ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଇମ୍ରାନ ଖାଁ ସର୍ବାଧିକ ୭୨, ଜାଭେଦ ମିଆଁଦାଦ ୫୮, ଇଞ୍ଜାମାମ ୪୨, ଆକ୍ରମ ୧୮ ବଲରୁ ୩୩ ରନ ସଂଗ୍ରହ କରିଥିଲେ। ଜବାବରେ ଇଂଲଣ୍ଡ ୪୯.୨ ଓଭରରେ ୨୨୭ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଦଳ ତରଫରୁ ନେଲ ଫେୟାର ବ୍ରଦର ସର୍ବାଧିକ ୬୨ ରନ ସଂଗ୍ରହ କରିଥିଲେ। ପାକିସ୍ତାନ ତରଫରୁ ଆକ୍ରମ ଓ ମୁସ୍ତାକ ୩ଟି ଲେଖାଏ, ଆକ୍ବିବ ଜାଭେଦ ୨ ଓ ଇମ୍ରାନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଆକ୍ରମ ପ୍ଲେୟାର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲା। ବିଶ୍ୱକପ୍‌ର ଏହି ସଂସ୍କରଣ ବେଶ୍ ସଫଳତା ହାସଲ କରିଥିଲା।



❝ ଆସନ୍ତା ଆଇସିସି ବିଶ୍ୱକପ୍ ପାଇଁ ମୁଁ ଚାପରେ ନାହିଁ। ଇଭେଣ୍ଟରେ ଧମାକାଦାର ପ୍ରଦର୍ଶନ କରିବି ବୋଲି ମୋର ଦୃଢ଼ ବିଶ୍ୱାସ।
–ଶିଖର ଧାୱନ, ଭାରତୀୟ କ୍ରିକେଟର



❝ ଏଏଫ୍‌ସି ଏସିଆନ୍ କପ୍‌ରେ ଦୁର୍ଭାଗ୍ୟବଶତଃ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇ ପାରି ନ ଥିଲେ ମଧ୍ୟ ଆମେ ସମର୍ଥ ବୋଲି ପ୍ରମାଣିତ କରିଛୁ।
–ଉଦାନ୍ତ ସିଂ, ଭାରତୀୟ ଫୁଟ୍‌ବଲ ଖେଳାଳି

## ସଂକ୍ଷେପରେ


### ଆସନ୍ତା ସିଜନରୁ ଡଚ୍ ଫର୍ମୁଲାୱାନ ଗ୍ରାଁ ପ୍ରି

**ପ୍ୟାରିସ, ୧୪।୫ (ଏଏଫ୍‌ପି):** ଦୀର୍ଘ ୩୫ବର୍ଷ ବ୍ୟବଧାନରେ ଆସନ୍ତା ସିଜନରେ ଜାଣ୍ଡ୍‌ଭୁର୍ଟଠାରେ ଡଚ୍ ଗ୍ରାଁପ୍ରି ଅନୁଷ୍ଠିତ ହେବ। ଫର୍ମୁଲାୱାନ ଆୟୋଜକଙ୍କ ପକ୍ଷରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଆମଷ୍ଟରଡାମ ନିକଟବର୍ତ୍ତୀ ଐତିହାସିକ ସମୁଦ୍ରକୂଳ ରିସୋର୍ଟଠାରେ ରେସ୍‌ର ଆୟୋଜନ ନେଇ ୩ ବର୍ଷିଆ ଚୁକ୍ତି ହୋଇଛି। ନେଦରଲାଣ୍ଡସ୍‌କୁ ଫର୍ମୁଲା ୱାନ ପ୍ରତ୍ୟାବର୍ତ୍ତନ କରୁଥିବା ଜାଣି ମୁଁ ଖୁସି ବୋଲି କ୍ରୀଡ଼ାର ପରିଚାଳନା ସଂସ୍ଥା ଏଫ୍ଆଇଏ (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଅଟୋମୋବାଇଲ୍ସ) ସଭାପତି ଜିନ୍ ଟୋଡିଟ୍ ପ୍ରକାଶ କରିଛନ୍ତି। ନେଦରଲାଣ୍ଡସ୍‌ରେ ପ୍ରତିଭାସମ୍ପନ୍ନ ମାକ୍ସ ଭର୍ଷ୍ଟାପେନଙ୍କର ବହୁ ସମର୍ଥକ ରହିଛନ୍ତି।

### ଯୁବ ବାସ୍କେଟବଲ: ଓଡ଼ିଶା ବାଳିକା ପରାସ୍ତ

**କଟକ ଅଫିସ,୧୪।୫:** ତାମିଲନାଡୁରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୩୬ତମ ଜାତୀୟ ଯୁବ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ପ୍ରଥମ ମ୍ୟାଚ୍‌ରେ ପରାଜୟ ବରଣ କରିଛି । ଦଳ ପୁଡୁଚେରୀଠାରୁ ୭୪-୫୪ ପଏଣ୍ଟରେ ପରାସ୍ତ ହୋଇଛି । ଉଭୟ ବାଳକ ଓ ବାଳିକା ଦଳ ପ୍ରତିଯୋଗିତାରେ ଗ୍ରୁପ-ଏଫରେ ସ୍ଥାନ ପାଇଛନ୍ତି ।

### ଅର୍ଜୁନ ତେନ୍ଦୁଲକରଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ



**ମୁମ୍ବାଇ, ୧୪।୫ (ପି.ଟି.):** ମୁମ୍ବାଇ ଟି୨୦ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଅର୍ଜୁନ ତେନ୍ଦୁଲକର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବାବେଳେ ତାଙ୍କ ଦଳ ଆକାଶ ଟାଇଗର୍ସ ମୁମ୍ବାଇ ୱେଷ୍ଟର୍ନ ସବ୍ଅର୍ବ ୫ ଉଇକେଟରେ ଟ୍ରିମ୍ପ୍ ନାଇଟ୍ ମୁମ୍ବାଇ ନର୍ଥ ଇଷ୍ଟ ଦଳକୁ ହରାଇ ଦେଇଛନ୍ତି। ମୁମ୍ବାଇ ଟି୨୦ ଲିଗ୍‌ରେ ପ୍ରଥମ ଥର ଖେଳୁଥିବା କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ମ୍ୟାଚରେ ୨୩ରନ ସଂଗ୍ରହ କରିଥିବାବେଳେ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଟ୍ରିମ୍ପ୍ ନାଇଟ୍ସକୁ ୧୪୭/୬ରେ ସୀମିତ ରଖିବା ପରେ ଆକାଶ ଟାଇଗର୍ସ ବିଜୟ ଲକ୍ଷ୍ୟକୁ ୩ଟି ବଲ୍ ବାକି ଥାଇ ହାସଲ କରିନେଇଥିଲା। ଓପନର ଆକର୍ଷିତ ଗୋମେଲ (୪୧) ଏବଂ କୌସ୍ତୁଭ ପାୱାର (୩୪: ୫X୪) ପାର୍ଟନରଶିପ୍‌ରେ ୬୭ ରନ ଯୋଗ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ପ୍ରଥମ ଡାଉନ୍‌ରେ ବ୍ୟାଟିଂ କରିବାକୁ ଆସିଥିବା ଅର୍ଜୁନ ଆଉଟ ହେବା ପୂର୍ବରୁ ୧୯ ବଲ୍‌ରୁ ୨୩ ରନ କରିଥିଲେ। ପରେ ଡି. ସୁବ୍ରମଣ୍ୟମ ଏବଂ ଯୋଗେଶ ପାୱାର ଆଉ କୌଣସି କ୍ଷତି ନ ଘଟାଇ ଦଳକୁ ବିଜୟୀ କରାଇଥିଲେ। ପୂର୍ବରୁ ଟ୍ରିମ୍ପ୍ ନାଇଟ୍ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ୫୬ ବଲ୍‌ରୁ ଅପରାଜିତ ୯୦ ରନ ସହାୟତାରେ ୬ଉଇକେଟ ବିନିମୟରେ ୧୪୭ ରନ କରିଥିଲା। ସେ ତାଙ୍କ ଅପରାଜିତ ଇନିଂସରେ ୭ ଛକା ଓ ୪ ଚୌକା ଲଗାଇଥିଲେ। ସେ ଜୋର୍‌ଦାର ପ୍ରହାର ସହ ବିପକ୍ଷ ଦଳର ବୋଲର ମିନାଦ ମଞ୍ଜ୍ରେକର (୧/୪୮)ଙ୍କୁ ହତାଶ କରିଥିଲେ। ଅନ୍ତିମ ଓଭରରେ ୪ ଛକା ଏବଂ ଗୋଟିଏ ଚୌକା ସହ ୨୮ ରନ ସଂଗ୍ରହ କରିଥିଲେ। ଟ୍ରିମ୍ପ୍ ନାଇଟ୍‌ର ଆରମ୍ଭ ନିରୁତ୍ସାହଜନକ ଥିଲା। ଦଳ ଏକଦା ୩୮ ରନରେ ୩ଟି ଉଇକେଟ ହରାଇ ବ୍ୟାଟିଂ ସଂକଟରେ ପଡ଼ିଥିଲା। ଅଧିନାୟକ ଯାଦବ ଏବଂ ବିନାୟକ ଭୋଇର (୧୩) ପାର୍ଟନରଶିପ୍‌ରେ ୪୧ ରନ ଯୋଗ କରି ଦଳର ବ୍ୟାଟିଂ ସ୍ଥିତିରେ ସୁଧାର ଆଣିଥିଲେ। ଯାଦବ ଶେଷ ପର୍ଯ୍ୟନ୍ତ ଏକାକୀ ସଂଘର୍ଷ ଜାରି ରଖିଥିବା ବେଳେ ଅନ୍ୟପଟେ ଉଇକେଟ ପତନ ଘଟିବାରେ ଲାଗିଥିଲା।

**ସଂକ୍ଷିପ୍ତ ସ୍କୋର**

**ଟ୍ରିମ୍ପ୍ ନାଇଟ୍ସ: ୧୪୭/୬** (ସୂର୍ଯ୍ୟକୁମାର ଯାଦବ-୯୦*; ଏ. ଲାଡ୍-୨/୧୨, ଅର୍ଜୁନ ତେନ୍ଦୁଲକର-୧/୨୧)।

**ଆକାଶ ଟାଇଗର୍ସ: ୧୪୮/୫** (ଆକର୍ଷିତ ଗୋମେଲ-୪୧, କୌସ୍ତୁଭ ପାୱାର-୩୪, କେ. ସାୱନ୍ତ-୨/୩୦)।

■ ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଜୁନିୟର ହକି

# ଭାରତୀୟ ଦଳରେ ଓଡ଼ିଶାର ପ୍ରତାପ, ସୁମନ

ନୂଆଦିଲ୍ଲୀ, ୧୪।୫(ପି.ଟି.)

ଜୁନ ୧୦ରୁ ସ୍ପେନଠାରେ ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଜୁନିୟର ହକି ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିପାଇଁ ହକି ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ୧୮ ଜଣିଆ ଜୁନିୟର ହକି ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୨ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ରତାପ ଲାକ୍ରା ଓ ସୁମନ ବେକ୍। ସୁମନଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ଦିଆ ଯାଇଛି। ପ୍ରଦୀପ ମୋର ଅଧିନାୟକ ମନୋନୀତ ହୋଇଛନ୍ତି।

ପ୍ରତିଯୋଗିତାରେ ଭାରତ, ନେଦରଲାଣ୍ଡ୍ସ, ବେଲଜିୟମ, ଗ୍ରେଟ୍ ବ୍ରିଟେନ, ଅଷ୍ଟ୍ରିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଆୟୋଜକ ସ୍ପେନ ଭାଗନେବ। ଟୁର୍ନାମେଣ୍ଟ ପାଇଁ ପ୍ରଶାନ୍ତ କୁମାର ଚୌହାନ ଓ ପୱନ ଭାରତୀୟ ଦଳର ଗୋଲକିପର ରହିଥିବାବେଳେ ମୋର୍, ପ୍ରତାପ, ସଞ୍ଜୟ, ଆକାଶଦୀପ ସିଂ ଜୁନିୟର, ବେକ୍ ଓ ପରମପ୍ରୀତ ସିଂ ଡିଫେନ୍ସ ବିଭାଗ ଦାୟିତ୍ୱ ସମ୍ଭାଳିବେ। ମିଡ୍‌ଫିଲ୍ଡ ପାଇଁ ଯଶଦୀପ ସିୱାଚ୍, ବିଷ୍ଣୁ କାନ୍ତ ସିଂ, ରବୀଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ମନିନ୍ଦର ସିଂ, ବିଶାଲ ଆଣ୍ଟିଲ ଏବଂ ଫରୱାର୍ଡ ଲାଇନ୍‌ରେ ଅମନଦୀପ ସିଂ, ରାହୁଲ କୁମାର ରାଜଭାର, ଶିଭମ୍ ଆନନ୍ଦ, ପ୍ରଭଜୋତ ସିଂ ଓ ସୁଦୀପ ଚିରମାକୋ ରହିଛନ୍ତି। ଦଳ ଚୟନ ସମ୍ପର୍କରେ ହାଇପରଫରମାନ୍ସ ଡାଇରେକ୍ଟର ଡେଭିଡ ଜନ୍ କହିଛନ୍ତି ଯେ, ଭାରତୀୟ ଦଳରେ ସ୍ଥାନ ପାଇଥିବା କେତେକ ଖେଳାଳିଙ୍କର ଅନ୍ତର୍ଜାତୀୟ ଅଭିଜ୍ଞତା ରହିଛି। ଏହି ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଟୁର୍ନାମେଣ୍ଟରେ କ୍ୱାଲିଟି ଦଳ ଗୁଡ଼ିକ ବିପକ୍ଷରେ ଖେଳିଲେ ସେମାନଙ୍କ ଅଭିଜ୍ଞତା ଆହୁରି ବଢ଼ିବ। ଏହି ଟୁର୍ନାମେଣ୍ଟରେ ପ୍ରତିପକ୍ଷ ଦଳଗୁଡ଼ିକରୁ ଭଲ ଚ୍ୟାଲେଞ୍ଜ ମିଳିବ। ୨୦୨୧ ଜୁନିୟର ବିଶ୍ୱକପ ପାଇଁ ଆମେ କେତେ ପ୍ରସ୍ତୁତ ହୋଇଛୁ ତାହା ଏହି ୮ ରାଷ୍ଟ୍ରୀୟ ଟୁର୍ନାମେଣ୍ଟର ପ୍ରଦର୍ଶନରୁ ଜଣାପଡ଼ିବ।

**ଭାରତୀୟ ଦଳ**

**ଗୋଲକିପର:** ପ୍ରଶାନ୍ତ କୁମାର ଚୌହାନ, ପୱନ

**ଡିଫେଣ୍ଡର:** ପ୍ରଦୀପ ମୋର୍(ଅଧିନାୟକ), ପ୍ରତାପ ଲାକ୍ରା, ସଞ୍ଜୟ, ଆକାଶଦୀପ ସିଂ ଜୁନିୟର, ସୁମନ ବେକ୍ (ଉପ-ଅଧିନାୟକ), ପରମପ୍ରୀତ ସିଂ।

**ମିଡ୍‌ଫିଲ୍ଡର:** ଯଶଦୀପ ସିୱାଚ୍, ବିଷ୍ଣୁ କାନ୍ତ ସିଂ, ରବୀଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ମନିନ୍ଦର ସିଂ, ବିଶାଲ ଆଣ୍ଟିଲ।

**ଫରୱାର୍ଡ:** ଅମନଦୀପ ସିଂ, ରାହୁଲ କୁମାର ରାଜଭାର, ଶିଭମ୍ ଆନନ୍ଦ, ସୁଦୀପ ଚିରମାକୋ, ପ୍ରଭଜୋତ ସିଂ।



ଅଷ୍ଟରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ ପାଇଁ ମନୋନୀତ ଜୁନିୟର ଭାରତୀୟ ଦଳ।

### ପୂର୍ବତନ ଅଲିମ୍ପିକ ସାଇକ୍ଲିଂ ଚାମ୍ପିୟନ ବାସନ୍ଦ



ଓର୍ବେଟେଲୋ (ଇଟାଲୀ), ୧୪।୫

(ଏଏଫ୍‌ପି)–୨୦୦୮ ଅଲିମ୍ପିକ ରୋଡ୍ ରେସ୍ ଚାମ୍ପିୟନ ସ୍ପେନର ସାମୁଏଲ୍ ସାଞ୍ଚେଜ୍‌ଙ୍କୁ ପିଛିଲା ତାରିଖରୁ ୨ବର୍ଷ ବାସନ୍ଦ କରାଯାଇଛି। ୨୦୧୭ରେ ହ୍ୟୁମ୍ୟାନ ଗ୍ରୋଥ୍ ହରମୋନ୍ ପାଇଁ ସେ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନାରେ ଏହି ନିଷିଦ୍ଧ ଉପାଦାନ ଠାବ କରାଯିବା କାରଣ ସମ୍ପର୍କରେ ସାଞ୍ଚେଜ୍ ଦେଇଥିବା ସଫେଇକୁ ଇଣ୍ଟରନ୍ୟାଶନାଲ ସାଇକ୍ଲିଂ ୟୁନିୟନ ଗ୍ରହଣ କରିଥିଲା। ସ୍ପେନର ଏହି ସାଇକ୍ଲିଷ୍ଟ ୨୦୧୯ ଅଗଷ୍ଟ ପର୍ଯ୍ୟନ୍ତ ବାସନ୍ଦ ରହିବେ। ଡୋପ୍ ଟେଷ୍ଟ ସମୟରେ ୪୧ ବର୍ଷୀୟ ସାଞ୍ଚେଜଙ୍କୁ ଗ୍ରାଣ୍ଡ୍ ଟୁର୍ ସାଇକ୍ଲିଂ ପ୍ରତିଯୋଗିତା ଭୁଏଲ୍‌ଟା ଏ ଏସ୍ପାନା ୨୦୧୭ ପୂର୍ବରୁ ତାଙ୍କ ତତ୍‌କାଳୀନ ଟିମ୍ ବିଏମ୍‌ସି ବହିଷ୍କୃତ କରିଥିଲା। ସାଞ୍ଚେଜ ତାଙ୍କ କ୍ୟାରିୟରରେ ଭୁଲ୍‌ଟାର ୫ଟି ଷ୍ଟେଜ୍‌ରେ ବିଜୟ ଲାଭ କରିଥିଲେ। ସେ ଚାହିଁଲେ ଦଣ୍ଡବିଧାନ ବିରୋଧରେ ଅପିଲ କରିପାରିବେ।

## ସୌରଜିତ, ସୁବ୍ରତ ଏନ୍‌ସିଏ ଲେଭଲ–ବି କୋଚ୍

କଟକ ଅଫିସ,୧୪।୫

ଓଡ଼ିଶାର ଦୁଇ ପୂର୍ବତନ ଖ୍ୟାତିସମ୍ପନ୍ନ କ୍ରିକେଟର ସୌରଜିତ ମହାପାତ୍ର ଓ ସୁବ୍ରତ କୁମାର ବେହେରା ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ଲେଭଲ–ବି କୋଚ୍ ନିମନ୍ତେ ଯୋଗ୍ୟତା ହାସଲ କରିଛନ୍ତି। ଗତ ନଭେମ୍ବର ୧୨ ଓ ୧୩ ତାରିଖରେ କୋଲକାତାଠାରେ କୋଚ୍‌ମାନଙ୍କ ନିମନ୍ତେ ଲେଭଲ–ଏ ରିଫ୍ରେସର କୋର୍ସ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ସୌରଜିତ ଓ ସୁବ୍ରତ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି ସଫଳପୂର୍ଣ୍ଣ ଭାବେ କୃତକାର୍ଯ୍ୟ ହୋଇଛନ୍ତି। ୫୦ମାର୍କ ବିଶିଷ୍ଟ ପରୀକ୍ଷାରୁ ସୌରଜିତ ୪୧ମାର୍କ ରଖିଥିବା ବେଳେ ସୁବ୍ରତ ୩୭ମାର୍କ ହାସଲ କରିଛନ୍ତି। ଏହି ଦୁଇ କ୍ରିକେଟର ପୂର୍ବରୁ ଓଡ଼ିଶା ଦଳର କୋଚ୍ ଭାର ସମ୍ଭାଳିଛନ୍ତି। ପେସବୋଲର ସୌରଜିତ ୨୦୦୩ରୁ ୨୦୧୧ ମସିହା ପର୍ଯ୍ୟନ୍ତ ରାଜ୍ୟ ରଣଜୀ ଦଳ ସମେତ ଜୁନିୟର ବର୍ଗ, ମହିଳା ଦଳ ଏବଂ ଓଡ଼ିଶା କ୍ରିକେଟ ଏକାଡେମୀର ବୋଲିଂ କୋଚ ଥିଲେ। ୧୯୮୭–୮୮ ରଣଜୀ ସିଜନରେ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ ସୌରଜିତ ଓଡ଼ିଶା ନିମନ୍ତେ ପ୍ରଥମ ହ୍ୟାଟ୍ରିକ ଉଇକେଟ ଦଖଲ କରିବାର ରେକର୍ଡ ରଖିଛନ୍ତି। ରାଜ୍ୟ ରଣଜୀ ଦଳର ପୂର୍ବତନ ଓପନର ତଥା ଡାହାଣହାତୀ ବ୍ୟାଟ୍ସମ୍ୟାନ ସୁବ୍ରତ ୨୦୦୧ରୁ ୨୦୦୫ ପର୍ଯ୍ୟନ୍ତ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ୨୦୧୦ରୁ ୨୦୧୭ ପର୍ଯ୍ୟନ୍ତ ରାଜ୍ୟ ଜୁନିୟର ଦଳର ବ୍ୟାଟିଂ କୋଚ୍ ଥିବା ବେଳେ ପରେ ଚୟନକର୍ତ୍ତା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଉଭୟଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ପଲାଇ ଶୁଭେଚ୍ଛା ଜଣାଇଛନ୍ତି।



ସୌରଜିତ ମହାପାତ୍ର।



ସୁବ୍ରତ କୁମାର ବେହେରା

## କଲିଂଉଡ୍‌ଙ୍କୁ ଟପିଲେ ମୋର୍ଗାନ

ବ୍ରିଷ୍ଟଲ, ୧୪।୫

ଇଂଲଣ୍ଡ ଅଧିନାୟକ ତଥା ମିଡିଲଅର୍ଡର ବ୍ୟାଟ୍‌ମ୍ୟାନ ଇଅନ ମୋର୍ଗାନ ଦେଶ ପକ୍ଷରୁ ସର୍ବାଧିକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିବା ରେକର୍ଡର ଅଧିକାରୀ ହୋଇଛନ୍ତି। ମଙ୍ଗଳବାର ଏଠାରେ ପାକିସ୍ତାନ ବିପକ୍ଷରେ ଅନୁଷ୍ଠିତ ୩ୟ ଦିନିକିଆ ମ୍ୟାଚ୍ ଅବସରରେ ମୋର୍ଗାନ ଏହି କୀର୍ତ୍ତିମାନ କରିଛନ୍ତି। ଦିନିକିଆ କ୍ରିକେଟରେ ମୋର୍ଗାନଙ୍କ ଏହା ୧୯୮ତମ ମ୍ୟାଚ୍ ଥିଲା। ଏହି କ୍ରମରେ ସେ ପ୍ରାକ୍ତନ ଅଧିନାୟକ ପଲ୍ କଲିଂଉଡ୍‌ଙ୍କୁ ପଛରେ ପକାଇଛନ୍ତି। କଲିଂଉଡ୍ ୧୯୭ ଦିନିକିଆ ମ୍ୟାଚ୍‌ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ପୂର୍ବରୁ ଇଂଲଣ୍ଡ ପକ୍ଷରୁ ସର୍ବାଧିକ ଦିନିକିଆ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ଭାବେ ୩୨ ବର୍ଷୀୟ ମୋର୍ଗାନଙ୍କ ନାମରେ ରେକର୍ଡ ରହିଛି। ମୋର୍ଗାନ ୩୯.୮୭ ଆଭରେଜରେ ୬୧୪୦ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୧୧ ଶତକ ସାମିଲ ରହିଛି। ଦିନିକିଆରେ ସର୍ବାଧିକ ଶତକ ହାସଲ କରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ଜୋ ରୁଟ୍ (୧୪) ଓ ମାର୍କସ ଟ୍ରେସ୍‌ଥୋଥିକ (୧୨)ଙ୍କ ପଛକୁ ୩ୟ ସ୍ଥାନରେ ମୋର୍ଗାନ ରହିଛନ୍ତି। ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ୨୦୧୫ରେ ଆଇସିସି ର୍‌ୟାଙ୍କିଙ୍ଗ୍‌ର ଏକ ନମ୍ବର ସ୍ଥାନ ହାସଲ କରିପାରିଥିଲା।

## ଏଏଫ୍‌ସି କପ୍: ମିନର୍ଭା– ମନଙ୍ଗ ମୁକାବିଲା ଆଜି

କାଠମାଣ୍ଡୁ, ୧୪।୫(ପି.ଟି.)

ଏଠାରେ ଚାଲିଥିବା ଏଏଫ୍‌ସି କପ୍‌ର ଏକ ଗ୍ରୁପ୍ ମ୍ୟାଚ୍‌ରେ ଆଇ– ଲିଗ୍ ଚାମ୍ପିୟନ ମିନର୍ଭା ପଞ୍ଜାବ ବୁଧବାର ନେପାଳର କ୍ଲବ୍ ମନଙ୍ଗ ମର୍ଶିଆଙ୍ଗଡିକୁ ଭେଟିବ। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜେୟ ରହିଥିଲେ ମଧ୍ୟ ମନର୍ଭା ବିଜୟ ହାସଲ କରିପାରି ନାହିଁ। କ୍ରମାଗତ ୩ଟି ମ୍ୟାଚ୍ ଡ୍ର ରଖିବା ପରେ ମିନର୍ଭା ପ୍ରଥମ ବିଜୟ ଲକ୍ଷ୍ୟରେ ରହିଛି। ଏହି ୩ଟି ଡ୍ର ସହ ମିନର୍ଭା ଗ୍ରୁପ୍ ଇ'ରେ ୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଯଦି ଏହି ମ୍ୟାଚରେ ମିନର୍ଭା ପରାସ୍ତ ହୁଏ କିମ୍ବା ଏହାକୁ ଡ୍ର ରଖେ ତାହେଲେ ଦଳ ପରବର୍ତ୍ତୀ ରାଉଣ୍ଡକୁ ଉଠିବାରେ ସମସ୍ୟା ଉପୁଜିବ। ତେଣୁ ମିନର୍ଭାକୁ ଏହି ମ୍ୟାଚ୍‌କୁ ହାତେଇବାକୁ ପଡିବ। ଚେନ୍ନାଇନ୍ ଏଫ୍‌ସି ୭ ପଏଣ୍ଟ ସହ ଗ୍ରୁପ୍ ଶୀର୍ଷରେ ରହିଛି। ସେହିପରି ଆବାହନୀ ଢ଼ାକା ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଗୋଟିଏ ପଏଣ୍ଟ ପାଇ ମନଙ୍ଗ ଚତୁର୍ଥ ଦଳ ଭାବେ ସର୍ବନିମ୍ନ ସ୍ଥାନରେ ରହିଛି। ଏପର୍ଯ୍ୟନ୍ତ ସବୁ ୪ଟି ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳିସାରିଛନ୍ତି। ଗ୍ରୁପ୍ ଶ୍ରେଷ୍ଠ ଦଳ ହିଁ କେବଳ ଆନ୍ତଃ– ଜୋନାଲ ପ୍ଲେ– ଅଫ୍ ସେମିଫାଇନାଲରେ ପ୍ରବେଶ କରିବ।

ଭୁବନେଶ୍ୱରରେ ଅନୁଷ୍ଠିତ ଫାର୍ଷ୍ଟ ଲେଗ୍ ମ୍ୟାଚ୍‌ରେ ମିନର୍ଭା ଓ ମନଙ୍ଗ ମୁହାଁମୁହିଁ ହୋଇଥିଲେ। ତେବେ ଏହି ମ୍ୟାଚ୍ ୨–୨ ଗୋଲରେ ଡ୍ର ରହିଥିଲା। ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ରାଉଣ୍ଡକୁ ଉଠବାକୁ ହେଲେ ମିନର୍ଭାକୁ ଏହି ମ୍ୟାଚରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇ ପଡିଛି। ମନଙ୍ଗ ପାଇଁ ପରିସ୍ଥିତି ଆହୁରି ଖରାପ ହୋଇଛି। ହାରିଲେ ମନଙ୍ଗ ବିଦା ହେବ। ମିନର୍ଭା ଗତ ୫ଟି ମ୍ୟାଚ୍‌ରେ ବିଜୟୀ ହେବାରେ ବିଫଳ ହୋଇଛି। ମନଙ୍ଗ ଅପେକ୍ଷାକୃତ ଦୁର୍ବଳ ମନେହେଉଥିଲେ ମଧ୍ୟ ଘରୋଇ ପରିବେଶରୁ ଫାଇଦା ଉଠାଇ ମିନର୍ଭାକୁ କଡ଼ା ଟକ୍କର ଦେଇ ଚକ୍‌ମା ଦେବାର ସମ୍ଭାବନା ରହିଛି। ତେଣୁ ଏହି କର ବା ମର ମ୍ୟାଚ୍‌ରେ ବିଜୟୀ ହେବା ଛଡ଼ା ମିନର୍ଭା ନିକଟରେ ଅନ୍ୟ ରାସ୍ତା ନାହିଁ।

## ଭାରତ ଏ' ଦଳରେ ଋଦ୍ଧିମାନ, ପନ୍ତ

ନୂଆଦିଲ୍ଲୀ,୧୪।୫(ପି.ଟି.)

ଉଇକେଟକିପର ଋଦ୍ଧିମାନ ଶାହା ଭାରତ ଏ'ରେ ସାମିଲ ହୋଇଛନ୍ତି। ଭାରତ ଏ ଦଳ ୱେଷ୍ଟଇଣ୍ଡିଜ ଗସ୍ତ କରି ୫ଟି ଦିନିକିଆ ଓ ୩ଟି ୪ ଦିନିଆ ମ୍ୟାଚ୍ ଖେଳିବ। ଜୁଲାଇ ୧୧ ତାରିଖରୁ ପ୍ରଥମେ ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ। ସେହିପରି ୨୪ ତାରିଖରୁ ୪ ଦିନିଆ ମ୍ୟାଚ୍ ଆରମ୍ଭ ହେବ। ଋଦ୍ଧିମାନ ୪ ଦିନିଆ ମ୍ୟାଚ୍ ପାଇଁ ଦଳରେ ସାମିଲ ହୋଇଥିବାବେଳେ ପନ୍ତ ଦିନିକିଆ ଦଳରେ ସାମିଲ ହୋଇଛନ୍ତି। କାନ୍ଧରେ ଆଘାତ ସମସ୍ୟା କାରଣରୁ ଦଳରୁ ବାଦ୍ ପଡିବା ବେଳକୁ ଋଦ୍ଧିମାନ ଭାରତ ୧ ନମ୍ବର ଉଇକେଟ କିପର ସାବ୍ୟସ୍ତ ହୋଇଥିଲେ। ଅସ୍ତ୍ରୋପଚାର ପରେ ସେ ବେଙ୍ଗଲ ଦଳକୁ ପ୍ରତ୍ୟାବର୍ତ୍ତନ କରି ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟ ଖେଳିଥିଲେ ଓ ସନରାଇଜର୍ସ ହାଇଦ୍ରାବାଦ ପାଇଁ ସଦ୍ୟସମାପ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ୫ଟି ମ୍ୟାଚ୍ ଖେଳିଥିଲେ। ଶାହାଙ୍କ ଅନୁପସ୍ଥିତିରେ ଯୁବ ଉଇକେଟକିପର ଋଷଭ ପନ୍ତ ଟେଷ୍ଟ ଦଳରେ ସ୍ଥାନ ପକ୍କା କରିଛନ୍ତି। ଋଦ୍ଧିମାନ ଏବେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିବେ। ଦିନିକିଆ ଓ ୪ ଦିନିଆ ଦଳରେ ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ ଓ ହନୁମା ବିହାରୀ ମଧ୍ୟ ସାମିଲ ହୋଇଛନ୍ତି। ୪ ଦିନିଆରେ ଶ୍ରେୟାସ ଆୟର ଓ ଦିନିକିଆରେ ମନୀଷ ପାଣ୍ଡେ ନେତୃତ୍ୱ ନେବେ। ତେବେ ରବିଚନ୍ଦ୍ରନ ଅଶ୍ୱିନ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ ଓ ଉମେଶ ଯାଦବ କାଉଣ୍ଟି ଖେଳିବାର କାର୍ଯ୍ୟକ୍ରମ ଥିବାରୁ ଦଳରେ ସାମିଲ ହୋଇ ନାହାନ୍ତି।

ସେହିପରି ଚୟନକର୍ତ୍ତାମାନେ ମେ ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ଶ୍ରୀଲଙ୍କା ଏ ବିପକ୍ଷ ଘରୋଇ ସିରିଜ ପାଇଁ ଦଳ ଘୋଷଣା କରିଛନ୍ତି। ଝାଡଖଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଶନ ୨ଟି ୪ ଦିନିଆ ମ୍ୟାଚ୍‌ରେ ଭାରତ ଏ ଦଳର ନେତୃତ୍ୱ ନେବେ। ସେହିପରି ପ୍ରିୟଙ୍କ ପଞ୍ଚାଲ ଜୁନ୍ ୬ ତାରିଖରୁ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ନେତୃତ୍ୱ ନେବେ।



ଋଷଭ ପନ୍ତ


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବିଷ୍ଣୁଚରଣ ତ୍ରିପାଠୀ**
ଉତ୍ତରଙ୍ଗ, ଯାଜପୁର
ଆବିର୍ଭାବ: ୧୭।୦୧।୧୯୪୭
ତିରୋଧାନ: ୦୮।୦୫।୨୦୦୬
ଆପଣଙ୍କ ପବିତ୍ର ଆତ୍ମା ଚିରଶାନ୍ତି ଲାଭକରୁ। ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କ ପରିବାରବର୍ଗ
ଧ–୬୨୦୯୬

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




**ସ୍ୱର୍ଗତା ପ୍ରେମଲତା କାନୁନ୍‌ଗୋ**
ସ୍ୱାମୀ– ସ୍ୱର୍ଗତ ଗୋଲକ ଚନ୍ଦ୍ର କାନୁନ୍‌ଗୋ
ପୁରଣ ଅଲାବୋଳ, ଜଗତ୍‌ସିଂହପୁର
ଆବିର୍ଭାବ: ୨୧।୦୫।୧୯୨୩
ତିରୋଧାନ: ୨୮।୦୪।୨୦୦୭
(ମୋହିନୀ ଏକାଦଶୀ)
ଆପଣଙ୍କର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକାକୁଳ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ–୫୮୦୮୨

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ବିମଳା ତ୍ରିପାଠୀ**
ଖୁଣ୍ଟୁଣୀ, କଟକ
ଆବିର୍ଭାବ: ତା୦୫।୦୬।୧୯୬୨ (ଶ୍ରୀ ଗୁଣ୍ଡିଚା)
ତିରୋଧାନ: ତା୧୦।୦୫।୨୦୧୪
(ମୋହିନୀ ଏକାଦଶୀ)
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନୀତ ପ୍ରାର୍ଥନା।
**ଶୋକସନ୍ତପ୍ତ**
ସ୍ୱାମୀ– କୈଳାସ ଚନ୍ଦ୍ର ଶତପଥୀ,
ପୁଅ– କୀର୍ତ୍ତିରଞ୍ଜନ, ବିଶ୍ୱରଞ୍ଜନ, ବୋହୂ– ମୋନାଲିସା, ସ୍ମୃତିସନ୍ଧ୍ୟା, ନାତୁଣୀ–ଆଦ୍ୟାଶା
ଧ–୧୨୪୯୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଦାଶରଥି ନନ୍ଦ ଶର୍ମା**
ଆବିର୍ଭାବ: ୧୫।୧୨।୧୯୩୨
ତିରୋଧାନ: ୧୦।୦୫।୨୦୧୯
ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ପୁରୋହିତ, ବ୍ରହ୍ମପୁର ଦ୍ୱିତୀୟ ଗୌଡ ସାହି ସମିତିର ଉପଦେଷ୍ଟା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ**
ପୁତ୍ର– ନିରଞ୍ଜନ ନନ୍ଦ, ବୋହୂ– ରୀତାରାଣୀ ନନ୍ଦ, ବଡ଼ଝିଅ– ମୀରାବାଇ ଶତପଥୀ, ବଡ଼ଜ୍ୱାଇଁ– ସମୀର ଶତପଥୀ, ସାନଝିଅ– ଜାନକୀ ନନ୍ଦ (ମିନି), ସାନଜ୍ୱାଇଁ– ରାମମନୋହର ନନ୍ଦ, ନାତିନାତୁଣୀ– ରୁଦ୍ର, ଓମ୍, ଶୁଭ, ସୁନନ୍ଦା, ବାନା, କୁଵ୍‌ଲି, ବାଲାଜୀ, ଗୁଡ଼ି, ଝିଆରୀ, ପୁତୁରା, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ। ଧ–୪୯୨୯୬

**ଏକାଦଶାହ ଉପଲକ୍ଷେ**



**✓ ଭଗବାନ ଭୂୟାଁ**
ନୂଆପଡ଼ା, କଟକ
ଆର୍ବିଭାବ : ୧୯୨୭
ତିରୋଧାନ : ୦୫.୦୫.୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ ସମସ୍ତଙ୍କ ପାଇଁ ଦିଗ୍‌ଦର୍ଶନ ଓ ପ୍ରେରଣାର ଉତ୍ସ ହେଉ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ :
ହତଭାଗ୍ୟ ପୁତ୍ର : ଭରତ ଚନ୍ଦ୍ର ଭୂୟାଁ, ଶରତ ଚନ୍ଦ୍ର ଭୂୟାଁ, ଆରତ ତ୍ରାଣ ଭୂୟାଁ
ଶୋକ ସନ୍ତପ୍ତ : ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପୁତୁରା, ଝିଆରୀ ଏବଂ ପରିବାର ଓ ବନ୍ଧୁବର୍ଗ ।
ଧ–୬୨୦୯୬

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରାଜକିଶୋର ତ୍ରିପାଠୀ**
କାଳିଆ–କୃପା, ଓଲ୍‌ଡ ଟାଉନ୍, ଭୁବନେଶ୍ୱର–୨
ଆବିର୍ଭାବ: ୦୯।୦୨।୧୯୨୬
ତିରୋଧାନ: ୧୧।୦୫।୨୦୧୪
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ–୧୨୫୦୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ମେ ୧୫/୨୦୧୯ Balasore, Wednesday, May 15/ 2019

## ସଂକ୍ଷେପରେ

### କୋଇଲା ମାଫିଆ ପୁଣି ସକ୍ରିୟ

#### କୋଇଲା ବୋଝେଇ ପିକଅପ୍ ଜବତ

**ପଦ୍ମପୁର, ୧୪।୫(ଡି.ଏନ୍.ଏ.):** ଭଦ୍ରକ ଜିଲାରେ କିଛିଦିନ ହେବ ବନ୍ଦ ଥିବା କୋଇଲା ଚୋରା କାରବାର ପୁଣି ବୃଦ୍ଧି ପାଇଛି। ମାଫିଆମାନେ ସକ୍ରିୟ ହୋଇ ନୂଆ ନୂଆ ତରିକା ଆପଣାଇ ବିଭିନ୍ନ ସ୍ଥାନକୁ କୋଇଲା ଚାଲାଣ କରୁଛନ୍ତି। ସୋମବାର ସଦର ବ୍ଲକ ଅଧୀନ ସାବରଙ୍ଗ ଫାଣ୍ଡି ଅଞ୍ଚଳରୁ କୋଇଲା ଚାଲାଣ ହେଉଥିବା ସୂଚନା ପାଇ ରାତ୍ରୀକାଳୀନ ପାଟ୍ରୋଲିଂ କରୁଥିବା ସାବରଙ୍ଗ ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି, କନଷ୍ଟେବଳ ଗଗନ କୁମାର ସେନ, ରଜତ କୁମାର ପାଣିଗ୍ରାହୀ ଓ ସନ୍ତୋଷ ବିଶ୍ୱାଳ ଛକି ରହିଥିଲେ। ଏହି



ସମୟରେ ସାହାଡା-ଚକପୁର ଅଞ୍ଚଳରୁ ଏକ ପିକଅପ୍ (ନଂ. ନଂ ଓଡି ୨୨ ଜେ ୭୦୬୨) ଦ୍ରୁତଗତିରେ ବାଲିଖଣ୍ଡ ଆଡକୁ ଯାଉଥିବା ଦେଖି ପୋଲିସ ଏହାକୁ ଏରଡା କେନାଲ ଛକଠାରେ ଅଟକାଇଥିଲା। ଚାଳକ ଗାଡି ଛାଡି ଦୌଡି ପଳାଉଥିବା ବେଳେ ପୋଲିସ ତାଙ୍କୁ କିଛି ବାଟ ଗୋଡାଇ ନିକଟସ୍ଥ ବିଲରୁ କାବୁ କରିଥିଲା। ଗାଡିରେ ଥିବା ୪୦ ବସ୍ତା କୋଇଲାକୁ ପୋଲିସ ଜବତ କରିଛି। ଗାଡି ଚାଳକ ତୋରଣପଦା ଗାଁର ଶାନ୍ତନୁ କୁମାର ପଲେଇଙ୍କୁ ପୋଲିସ ଗିରଫ କରି ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ୨୩୬/୧୯) ରୁଜୁ କରିଛି। ଅଭିଯୁକ୍ତ ଚାଳକଙ୍କୁ ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି।

### ଟ୍ରେନରୁ ଖସି ଯୁବକ ମୃତ

**ଖଇରା, ୧୪।୫(ଡି.ଏନ.ଏ.):** ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧୀନ ତେଲଦିଆ ଗ୍ରାମର କାଠିଆ ଓରଫ ମନୋରଞ୍ଜନ ରାଉତ ଆନ୍ଧ୍ରପ୍ରଦେଶର ପଲାସା ଷ୍ଟେସନରେ ଚଳନ୍ତା ଟ୍ରେନରୁ ଖସିପଡି ମୃତ୍ୟୁବରଣ କରିଛନ୍ତି। ସେ ସୋମବାର ପ୍ରଶାନ୍ତି ଏକ୍ସପ୍ରେସରେ ବାଙ୍ଗାଲୋର ନିଜ କାର୍ଯ୍ୟସ୍ଥଳକୁ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ରିଜର୍ଭ ପୋଲିସ ଥାନାରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ ଶବ ଆଣିବାକୁ ପରିବାର ଲେକେ ପଲାସା ଯାଇଥିବାର ଜଣାଯାଇଛି।

## ■ ତିହିଡି, ଚାନ୍ଦବାଲି ମଦମୃତ୍ୟୁ ଘଟଣା

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଧାରଣା, ପ୍ରତିବାଦ ସଭା



ଗଣଧାରଣାରେ ଉପସ୍ଥିତ ଭାଜପା କର୍ମୀ।

**ତିହିଡ଼ି, ୧୪।୫(ଡି.ଏନ୍.ଏ.)**

ଭଦ୍ରକ ଜିଲାର ତିହିଡ଼ି ଓ ଚାନ୍ଦବାଲିରେ ବିଷାକ୍ତ ମଦ ପିଇ ୧୦ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପୋଲିସ ଓ ପ୍ରଶାସନ ଏଯାଏ କୌଣସି ପଦକ୍ଷେପ ନେଇ ନାହିଁ । ମଦମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗରିଫ କରିବା ଏବଂ ମୃତକ ଓ ପ୍ରଭାବିତ ପରିବାରଙ୍କୁ ସହାୟତା ଦେବା ଦାବି ନେଇ ମଙ୍ଗଳବାର ଭାଜପା ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ତିହିଡ଼ି ବ୍ଲକ ଅଧୀନ ପୀରହାଟ ବଜାରରେ ଆୟୋଜିତ ଗଣଧାରଣା ଓ ପ୍ରତିବାଦ ସଭାରେ ଲଙ୍କେଶ୍ୱରୀ ମଣ୍ଡଳ ସଭାପତି ଶଶିକାନ୍ତ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ଏଥିରେ ଭାଜପା ନେତାମାନେ ଯୋଗଦେଇ ଶାସକ ଦଳର ଜଣେ ବିଧାୟକ ଏବଂ ତାଙ୍କ ସହଯୋଗୀଙ୍କ ଗିରଫ ଦାବି କରିଥିଲେ। ସମ୍ପୃକ୍ତ ନେତାଙ୍କ ନାଁରେ ଭାଜପା ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା କ୍ଷୋଭର ବିଷୟ ବୋଲି ବକ୍ତାମାନେ କହିଥିଲେ। ମଦମୃତ୍ୟୁର ଶିକାର ହୋଇଥିବା ଲୋକଙ୍କ ପରିବାରକୁ ଏ ପର୍ଯ୍ୟନ୍ତ ନ୍ୟାୟ ମିଳି ପାରିନାହିଁ। ପୋଲିସ ଓ ପ୍ରଶାସନ ଚାପର ବଶବର୍ତ୍ତୀ ହୋଇ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଦଳ ପକ୍ଷରୁ ଦର୍ଶାଯାଇ ଅବକାରୀ ବିଭାଗର ନିଷ୍କ୍ରିୟତାକୁ ସମାଲୋଚନା କରାଯାଇଥିଲା। ତୁରନ୍ତ ଏଦିଗରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଭାଜପା ପକ୍ଷରୁ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ମୃତକଙ୍କ ପରିବାରକୁ ୩୦ଲକ୍ଷ ଟଙ୍କାର ସହାୟତା ପ୍ରଦାନ ସହ ପରିବାରର ଜଣକୁ ନିଯୁକ୍ତି ଦେବାକୁ ସଭାରେ ମଧ୍ୟ ଦାବି କରାଯାଇଥିଲା। ଏମପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଚାନ୍ଦବାଲି ମଣ୍ଡଳ ସଭାପତି କମଳାକାନ୍ତ ସୂତାର, ମତୋ ଗଜଲକ୍ଷ୍ମୀ ମଣ୍ଡଳ ସଭାପତି କାହ୍ନୁ ଚରଣ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଣି, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରଘୁନାଥ ପାତ୍ର, ଜିଲା କୃଷକ ମୋର୍ଚ୍ଚା ସଭାପତି ମଙ୍ଗରାଜ ନାୟକ, ଜିଲା ସମ୍ପାଦକ ସଂଗ୍ରାମ ମହାନ୍ତି ଓ ମୁକ୍ତିକାନ୍ତ ନାୟକ, ମଣ୍ଡଳ ଉପସଭାପତି ରାଜାରାମ ମହାକୁଡ଼, ସାଧାରଣ ସମ୍ପାଦକ ମାନସ ରଞ୍ଜନ ନାୟକ, ଦୁର୍ଗା ପ୍ରସାଦ ଦାସ, ଭଦ୍ରକାଳୀ ମଣ୍ଡଳ ସଭାପତି ନାରାୟଣ ସେନାପତି, ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଅଶୋକ ରାଉତ, ଅନୀଲ ବେହେରା, ଅନାଦି ବାରିକ, ସୁରେନ୍ଦ୍ର ବଳ, ସଞ୍ଜୟ ବାରିକ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।

# ଯନ୍ତ୍ରଣା ସହି ନ ପାରି ମହିଳାଙ୍କ ଆତ୍ମହତ୍ୟା

**ଔପଦା, ୧୪।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ଥାନା ଅନ୍ତର୍ଗତ ଦରଖୋଳି ଗ୍ରାମର ରଞ୍ଜୁଲତା ମହାନ୍ତି (୪୨) ମଙ୍ଗଳବାର ପାଖ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ରଞ୍ଜୁଲତାଙ୍କ ୪ମାସ ପୂର୍ବରୁ ହାତ ଭାଙ୍ଗି ଯାଇଥିବା ବେଳେ ଏହାକୁ ଅସ୍ତ୍ରୋପଚାର କରାଯାଇଥିଲା। ଏହି ଭଙ୍ଗା ହାତ ଦିନକୁ ଦିନ ଅସହ୍ୟ ଯନ୍ତ୍ରଣା ହେଉଥିବାରୁ ସେ ଏକ ପ୍ରକାର ଚିନ୍ତିତ ହୋଇପଡ଼ିଥିଲେ । ଯନ୍ତ୍ରଣା ସହି ନ ପାରି ରଞ୍ଜୁଲତା ଆତ୍ମହତ୍ୟା କରିଥିବା ପରିବାର ଲୋକ ଏବଂ ପଡ଼ୋଶୀମାନେ କହିଛନ୍ତି। ଔପଦା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଔପଦା ଥାନାରେ ଅପମୃତ୍ୟୁ ମାମଲା (ନଂ. ୮/୨୦୧୯) ରୁଜୁ ହୋଇଥିବା ଜଣାଇଛନ୍ତି। ତାଙ୍କର ସ୍ୱାମୀ ଜଳଧର ମହାନ୍ତି ବେଙ୍ଗାଲୁରୁରେ କାମ କରୁଥିବା ବେଳେ ତାଙ୍କର ୨ଟି ସନ୍ତାନ ଅଛନ୍ତି।




# ଅଂଶୁଘାତରେ ୨ ମୃତ୍ୟୁ ସନ୍ଦେହ

## ■ କାଳବୈଶାଖୀ ପ୍ରଭାବରେ ବର୍ଷା

**ଭୋଗରାଇ,୧୪।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଏବଂ ଏହାର ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ଝଡ଼ ହୋଇଛି। ଖୁବ୍ ଜୋର୍‌ରେ ପବନ ବୋହିବା ସହିତ ମଧ୍ୟମ ଧରଣର ବର୍ଷା ହୋଇଛି। କାଳବୈଶାଖୀ ଝଡ଼ ଯୋଗୁ କେତେକ ସ୍ଥାନରେ ଗଛଡାଳ ଭାଙ୍ଗି ଯାଇଥିବାର ସୂଚନା ମିଳିଛି। ପାଚିଲା ଧାନ କଟା ଯାଇଥିବାବେଳେ ଏହି ବର୍ଷା ଚାଷୀକୂଳକୁ ଦୁର୍ବିଷହ କରିଛି। କାଳବୈଶାଖୀରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଅପରପକ୍ଷରେ ବେଶ୍ କିଛିଦିନ ଗ୍ରୀଷ୍ମର ଅସହ୍ୟ ତାତି ଅନୁଭୂତ ହେଉଥିବା ବେଳେ ମଙ୍ଗଳବାର ଭୋଗରାଇ ବ୍ଲକ ଅଧୀନ ଟେଙ୍ଗରାମାରୀ ଗ୍ରାମର ନଗେନ୍ଦ୍ର ଜେନା (୪୫) ଧାନ ବିଲରେ କାର୍ଯ୍ୟ କରୁଥିବାବେଳେ ମଧ୍ୟାହ୍ନରେ ଅଚେତ୍ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ୧୦୮ ଯୋଗେ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କଖଡ଼ା ଗ୍ରାମର ଲକ୍ଷ୍ମୀପ୍ରିୟା ବେହେରା (୬୯) ନାମ୍ନୀ ମହିଳା ସୋମବାର ଧାନବିଲରେ କାର୍ଯ୍ୟ କରୁଥିବାବେଳେ ଧାନ ଜମିରେ ଅଚେତ୍ ହୋଇ ପଡ଼ିଥିଲେ। ଘର ଲୋକେ ତାଙ୍କୁ ଖୋଜ ଖବର କଲା ପରେ ସନ୍ଧ୍ୟାରେ ଧାନ ଜମିରୁ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଗରାଇ ଥାନାରେ ପୃଥକ୍ ଭାବେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହିତ ଶବକୁ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିବାର ସୂଚନା ମିଳିଛି।

# ବାତ୍ୟା ପରେ ଶ୍ରୀହୀନ ମତୋ କଲେଜ

**ଚାନ୍ଦବାଲି,୧୪।୫(ଡି.ଏନ.ଏ.)**

ବାତ୍ୟା ଫନୀ ପରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମତୋ ଯୁକ୍ତ ୩ ସ୍ନାତକ କଲେଜ ଶ୍ରୀହୀନ ହୋଇ ପଡିଛି। କଲେଜ ପରିସରରେ ଥିବା ଅଧିକାଂଶ ଟିଣ ଛପର ପବନରେ ଉଡି ଯିବା ସହିତ କେତେକ ସ୍ଥାନରେ ପାଚେରି ଭାଙ୍ଗି ପଡିଛି । ଛାତ୍ରୀ ନିବାସ ସିଡିଘରର ଆଜବେଷ୍ଟସ ଭାଙ୍ଗିବା ସହିତ ଏକ ପାଣିଟାଙ୍କି ଭୁଶୁଡି ପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କ୍ଷୟକ୍ଷତିର ଆକଳନ କରାଯାଇଛି । ସାଇକେଲ ଷ୍ଟାଣ୍ଡ, କ୍ୟାଣ୍ଟିନ ଆଦିର ଟିଣ ଛପର ଉଡିଯାଇଥିବାରୁ ଛାତ୍ରୀଛାତ୍ରଙ୍କ ପାଇଁ ଅସୁବିଧା ହୋଇଛି । କଲେଜ ପରିସରରେ ଗଛମାନ ଭାଙ୍ଗି ପଡଥିବାରୁ ଏହାସବୁଜିମାହୀନ ହୋଇ ପଡିଛି।

# ଜବରଦଖଲକାରୀଙ୍କୁ କୈଫିୟତ ତଲବ

**ତିହିଡ଼ି, ୧୪।୫(ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ତହସିଲ ବାମନବିନ୍ଧା ପଞ୍ଚାୟତ ଅଧୀନ ମମାନିପୁର ଗ୍ରାମର ଗୋଚର ଜମିକୁ ଜବରଦଖଲ କରି କେତେକ ବ୍ୟକ୍ତି ପୋଖରୀ ଖୋଳିବା ଘଟଣା ନେଇ ଗ୍ରାମବାସୀ ସୋମବାର ତହସିଲ କାର୍ଯ୍ୟାଳୟ ଘେରାଉ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତହସିଲଦାର ଅନୀତା ନାୟକ ପୀରହାଟ ରାଜସ୍ୱ ନିରୀକ୍ଷକ ମୀନକେତନ ଦାସଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ। ରାଜସ୍ୱ ନିରୀକ୍ଷକ ସୋମବାର ରିପୋର୍ଟ ଦେବା ପରେ ତହସିଲଦାର ଗୋଚର ଜମିକୁ ଜବରଦଖଲ କରି କାହିଁକି ପୋଖରୀ ଖୋଳିଛ ୩ଦିନ ଭିତରେ କୈଫିୟତ ଦେବାକୁ ଜବରଦଖଲକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୈଫିୟତ ନ ଦେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଗୋଚର ଜମିରେ ପୋଖରୀ ଖୋଳାଯାଇଥିବାରୁ ଗ୍ରାମବାସୀ ଯାତାୟାତ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଇ ତହସିଲ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

**କେନ୍ଦୁଝର,୧୪।୫ (ସ୍ୱ.ପ୍ର.)**

ଗର୍ଭବତୀ ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଥିବା ଡିଣ୍ଡିମ ପିଟୁଥିବା ବେଳେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ମଙ୍ଗଳବାର ଜଣେ ପ୍ରସୂତି ମହିଳାଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ଅଭଯୋଗ ହୋଇଛି। ମୃତ ମହିଳା ସାବିତ୍ରୀ ନାୟକ ଓ ତାଙ୍କ ଘର ସଦର ବ୍ଲକ ବଡପଶି ଗ୍ରାମରେ। ଅଭିଯୋଗ ପରେ ଡାକ୍ତରଖାନା କର୍ତ୍ତୃପକ୍ଷ କୌଣସି ତଦନ୍ତ ନ କରି ମୃତଦେହ ଘରକୁ ପଠାଇ ଦେବା ଘଟଣା ସନ୍ଦେହ ସୃଷ୍ଟି କରିଛି।

ମୃତ ମହିଳାଙ୍କ ସ୍ୱାମୀ ରଞ୍ଜନ କୁମାର ନାୟକଙ୍କ କହିବାନୁଯାୟୀ ଶନିବାର ଦିନ ସାବିତ୍ରୀଙ୍କ ଅସ୍ତ୍ରୋପଚାର ପରେ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ସୋମବାର ସକାଳଠାରୁ ତାଙ୍କର ବାରମ୍ବାର କାଶ ହେଲା । ଏ ସମ୍ପର୍କରେ ସେ ଡାକ୍ତରଙ୍କୁ କହିବା ପରେ ଔଷଧ ଲେଖିଦେଲେ । ଔଷଧ ଖାଇ କାଶ ଭଲ ନ ହେବାରୁ ପୁଣି ରାତିରେ ଡାକ୍ତରଖାନାରେ ଥିବା କର୍ମଚାରୀ ଓ ଡାକ୍ତରଙ୍କୁ ଜଣାଇଥିଲେ ହେଁ କେହି ଶୁଣି ନ ଥିଲେ। ଅବସ୍ଥା ଗୁରୁତର ହେବାରୁ ରାତି ୨ଟା ୩୦ରେ ଆସି ଇଞ୍ଜେକସନ ଦେଇଥିଲେ। କିନ୍ତୁ ଅବସ୍ଥା ସଙ୍କଟାପନ୍ନ ହେବାକୁ ଲାଗିଲା। ଆଉ ଯାହାକୁ ଡାକିଲେ ମଧ୍ୟ କେହି ଶୁଣିଲେ ନାହିଁ। ସକାଳ ୫ ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଖାନା କର୍ମଚାରୀ ଓ ଡାକ୍ତର ଚିକିତ୍ସା ସମୟରେ କ'ଣ ପଦକ୍ଷେପ ନେଇଛନ୍ତି ତାହାର ତଦନ୍ତ ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଏଡିଏମଓ ମେଡିକାଲ ଡା. ଗୁରୁପ୍ରସାଦ ମିଶ୍ରଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବିଏସ୍ଏନ୍ଏଲ୍ ବ୍ରଡ୍‌ବ୍ୟାଣ୍ଡ ସେବା ବ୍ୟାହତ

**ହାଟଡିହୀ, ୧୪।୫(ସ୍ୱ.ପ୍ର.)**- ହାଟଡିହୀରେ ଗତ ୪ ଦିନ ହେଲା ବିଏସ୍ଏନ୍ଏଲ୍ ନେଟ୍‌ୱାର୍କ ସମସ୍ୟା ଯୋଗୁ ବ୍ରଡ୍‌ବ୍ୟାଣ୍ଡ ଠିକ୍ ଭାବେ ଚାଲୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ୪ ଦିନ ହେଲା ବିଏସଏନଏଲର ଲୁଚକାଲିଖେଳ ଲୋକଙ୍କ ପାଇଁ କାଳ ହୋଇଛି। ଏହି ସମସ୍ୟା ଯୋଗୁ ସରକାରୀ କାର୍ଯ୍ୟାଳୟଠାରୁ ବେସରକାରୀ ସଂସ୍ଥା ଓ ଜନସେବା କେନ୍ଦ୍ର ଠାରୁ ଗ୍ରାହକ ସେବା କେନ୍ଦ୍ରଗୁଡିକ ପ୍ରଭାବିତ ହୋଇଛନ୍ତି। ବ୍ୟାଙ୍କ ମାନଙ୍କରେ ଲିଙ୍କ ସମସ୍ୟା ସହିତ ଛାତ୍ରୀଛାତ୍ରମାନେ ଅନଲାଇନରେ ଫର୍ମ ଆବେଦନରେ ମଧ ଅସୁବିଧା ଭୋଗୁଛନ୍ତି। ଏଭଳି ସମସ୍ୟା ବାରମ୍ବାର ହେଉଥିଲେ ମଧ ଏଥିପ୍ରତି ତୁରନ୍ତ ପଦକ୍ଷେପ ନିଆଯାଉ ନ ଥିବାରୁ ଜନ ଅସନ୍ତୋଷ ବଢିବାରେ ଲାଗିଛି। ଅନେକ ସମୟରେ ହାଟଡିହୀ ବିଏସ୍ଏନ୍ଏଲ କାର୍ଯ୍ୟାଳୟରେ କୌଣସି କର୍ମଚାରୀ ରହୁ ନ ଥିବାରୁ ଗ୍ରାହକମାନେ ସମସ୍ୟା ସମ୍ପର୍କରେ କିଛି ଜାଣିପାରୁ ନାହାନ୍ତି। କାର୍ଯ୍ୟାଳୟ ଫୋନ ନମ୍ବରକୁ ଫୋନକଲେ କେହି ଉଠାଉ ନ ଥିବା ଅଭିଯୋଗ ହେଉଛି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିହୀତ ପଦକ୍ଷେପ ନେବାକୁ ଦାବି ହେଉଛି।

### ପ୍ରାଣୀ ଚିକିତ୍ସାଳୟରେ ଛେଳି ମୃତ

**ଯୋଡ଼ା, ୧୪।୫(ଡି.ଏନ.ଏ.)**-କେନ୍ଦୁଝର ଜିଲା ଯୋଡା ପ୍ରାଣୀ ଚିକିତ୍ସାଳୟରେ ପ୍ରାଣୀ ଚିକିତ୍ସକଙ୍କ ଅବହେଳା ଯୋଗୁଁ ୧୫ ଛେଳି ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବାଂଶପାଣି ଅଞ୍ଚଳର ଜଗନ୍ନାଥ ମହାକୁଡ଼ ଅଭିଯୋଗ କରି କହିଛନ୍ତି ଯେ, ତାଙ୍କର ପ୍ରାୟ ୧୫ଟି ଛେଳି ଅସୁସ୍ଥ ହେବାରୁ ଯୋଡ଼ା ପ୍ରାଣୀ ଚିକିତ୍ସକଙ୍କୁ ଫୋନ ଯୋଗେ ଚିକିତ୍ସା କରିବା ପାଇଁ ଆସିବାକୁ ଅନୁରୋଧ କରିଥିଲେ। ହେଲେ ଡାକ୍ତର ବିଭିନ୍ନ ଆଳ ଦେଖାଇ ଆସି ନ ଥିଲେ। ଡାକ୍ତରଖାନାକୁ ବାରମ୍ବାର ଛେଳି ନେଇ ଆସିଥିଲେ ମଧ ଡାକ୍ତର ଅନୁପସ୍ଥିତ ଯୋଗୁ ପିଅନକୁ ୫୦ଟଙ୍କା ଦେଇ ଛେଳି ଚିକିତ୍ସା କରାଇଥିଲେ। ଚିକିତ୍ସା ଅବହେଳା ପାଇଁ ତାଙ୍କର ୭ଟି ଛେଳିର ମୃତ୍ୟୁ ଘଟିଛି। ମଙ୍ଗଳବାର ଅନ୍ୟ ଛେଳିଗୁଡ଼ିକ ଅସୁସ୍ଥ ହେବାରୁ ସେମାନଙ୍କୁ ସେ ଡାକ୍ତରଖାନାକୁ ଆଣିଥିଲେ। ବହୁ ସମୟ ଧରି ଅପେକ୍ଷା କରିବା ପରେ ଜଗନ୍ନାଥ ମହାକୁଡ଼ଙ୍କ ଗୋଟିଏ ଛେଳିର ଚିକିତ୍ସାଳୟରେ ହିଁ ମୃତ୍ୟୁ ଘଟିଥିଲା। ଏଥିରେ ସେ ବିଚଳିତ ହୋଇ ଘଟଣାସ୍ଥଳରେ ପାଟିତୁଣ୍ଡ କରିଥିଲେ। ଡାକ୍ତର ମାଧବ ଚୌଧୁରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଅଞ୍ଚଳରେ ପଶୁପକ୍ଷୀଙ୍କ ଗଣନା ଚାଲୁଥିବାରୁ ସେ ବ୍ୟସ୍ତ ଥିଲେ। ପ୍ରବଳ ଗରମ ଫଳରେ ଛେଳିମାନଙ୍କର ଡିହାଇଡ୍ରେସନ ଯୋଗୁଁ ମୃତ୍ୟୁ ଘଟିଛି।

### ଜିଲା ଶିଶୁ ମଙ୍ଗଳ କମିଟିକୁ ସ୍ଥାନାନ୍ତର ହେଲେ ନାବାଳିକା

**ଆନନ୍ଦପୁର,୧୪।୫(ସ୍ୱ.ପ୍ର.)**- ସୋମବାର ବିବାହବେଦିରୁ ଉଦ୍ଧାର ହୋଇଥିବା ନାବାଳିକା କନ୍ୟାଙ୍କୁ ମଙ୍ଗଳବାର ଜିଲା ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରାଯାଇଛି। ଗତ ସୋମବାର ଆନନ୍ଦପୁର ଥାନା ଟାଙ୍ଗୋର ଅଞ୍ଚଳର ଜଣେ ବର ସମ୍ପୃକ୍ତ ଥାନା ଛତ୍ରକଣା ଅଞ୍ଚଳର ଜଣେ ନାବାଳିକା କନ୍ୟା ସହିତ ଟାଙ୍ଗୋର ଶିବ ମନ୍ଦିରରେ ବିବାହ ପ୍ରସ୍ତୁତି ଚାଲିଥିଲା। ଏ ନେଇ ଆନନ୍ଦପୁର ଚାଇଲ୍ଡଲାଇନ୍ ପକ୍ଷରୁ ସ୍ଥାନୀୟ ବାଲ୍ୟବିବାହ ନିରାକରଣ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଆନନ୍ଦପୁର ପୋଲିସ ସହାୟତାରେ ଆନନ୍ଦପୁର ସିଡିପିଓ ତଥା ବାଲ୍ୟ ବିବାହ ନିରାକରଣ ଅଧିକାରୀ ସତ୍ୟଭାମା ସେଠୀ, ସୁପରଭାଇଜର୍ ଛବିରାଣୀ ଜେନା, ଶୈଳେନ୍ଦ୍ରୀ ନାଇକ, ଚାଇଲ୍ଡଲାଇନ ସଂଯୋଜକ ନରେନ୍ଦ୍ର ପରିଡା, ସଦସ୍ୟ ଆଇନଜୀବୀ ଭାଗୀରଥି ଦାଶ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ନାବାଳିକାଙ୍କୁ ଆନନ୍ଦପୁର ଥାନାରେ ହାଜର କରାଯାଇଥିଲା। ବାଲ୍ୟବିବାହ ନିରାକରଣ ଅଧିକାରୀ ସତ୍ୟଭାମା ସେଠୀଙ୍କ ଅଭିଯୋଗକ୍ରମେ ଆନନ୍ଦପୁର ଥାନାରେ ଏକ ମାମଲା ରୁଜୁ ହୋଇଛି।

### ବାତ୍ୟା ବିପନ୍ନଙ୍କୁ ଯୁବଗୋଷ୍ଠୀର ସହାୟତା

**ଭଦ୍ରକ, ୧୪।୫**- ଗତ ୩ ତାରିଖରେ ଫନୀ ପ୍ରଭାବରେ ଭୁବନେଶ୍ୱର, ପୁରୀ ଏବଂ ଖୋର୍ଦ୍ଧା ଅଞ୍ଚଳର ବହୁ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କୁ ସାହାଯ୍ୟ କରିବାପାଇଁ ଭଦ୍ରକ ରାଉତରାପୁର ଅଞ୍ଚଳର ବିଜୟ ମଲ୍ଲିକ ଏବଂ ତାଙ୍କ ସାଙ୍ଗ ମାନେ ଅଣ୍ଟା ଭିଡ଼ିଛନ୍ତି। ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହ ପାନୀୟଜଳର ବ୍ୟବସ୍ଥା ମଧ କରିଛନ୍ତି।

## ■ ଝଡ଼ତୋଫାନରେ ବ୍ୟାପକ କ୍ଷତି

# ଭାଙ୍ଗିଲା ମୋବାଇଲ ଟାୱାର, ଉପୁଡ଼ିଲା ଗଛ


କୁଚେଇରେ ମୋବାଇଲ ଟାୱାର ଭାଙ୍ଗି ପଡ଼ିଛି।


ମଧୁବନ-ବାରୁଣୀ ରୋଡରେ ଏକ ବଡ ଗଛ ଉପୁଡ଼ି ପଡ଼ିଛି।

**ବାରିପଦା ଅଫିସ,୧୪।୫**

ମୟୂରଭଞ୍ଜ ଜିଲା ବାରିପଦା ସହର ତଥା ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୩ ଟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ଘଡଘଡି ସହିତ ବର୍ଷା ଓ ପବନ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରାୟ ଏକ ଘଣ୍ଟା ଧରି ପ୍ରବଳ ବେଗରେ ପବନ ବହିବା ଯୋଗୁ ସହର ଉପକଣ୍ଠ କୁଚେଇଠାରେ ଥିବା ଏକ ଘରୋଇ ମୋବାଇଲ କମ୍ପାନୀ ଟାୱାର ଭାଙ୍ଗି ପଡ଼ିଛି। ବାରୁଣୀ ରୋଡ, ଏମକେସି ରୋଡ୍, ବାଘଡା ରୋଡ୍, କୋର୍ଟ ପରିସର, ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଛୋଟ ବଡ ଗଛ ଉପୁଡ଼ି ପଡ଼ିବା ସହ ଡାଳ ଭାଙ୍ଗି ରାସ୍ତାରେ ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ସ୍ଥାନରେ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ବିଦ୍ୟୁତ ସରବରାହ ମଧ ବ୍ୟାହତ ହୋଇଛି।

## ■ ୫ ବୁଥ୍‌ରେ ସାନି ମତଦାନ ନେଇ ରାଜନୀତି ଜୋର

# ଭାଜପା ଚାହୁଁନି, ପ୍ରଚାର ଆରମ୍ଭ କଲାଣି ବିଜେଡି

**ବାରିପଦା ଅଫିସ,୧୪।୫**

ମୟୂରଭଞ୍ଜ ଜିଲାର ୫ ଟି ବୁଥରେ ଗତ ୨୯ ତାରିଖ ମତଦାନ ବେଳେ ତ୍ରୁଟି ପରିଲକ୍ଷିତ ହୋଇଥିବାରୁ ସାନି ମତଦାନ ହୋଇପାରେ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିନିତ ଭରଦ୍ୱାଜ ଗତ ଶୁକ୍ରବାର ସୂଚନା ଦେଇଥିଲେ। ଏହି ସାନି ମତଦାନ ପ୍ରକ୍ରିୟାକୁ ଭାଜପା ବିରୋଧ କରୁଥିବା ବେଳେ ନିର୍ବାଚନ ହେବାକୁ ଥିବା ଅଞ୍ଚଳରେ ବିଜେଡି ଘନ ଘନ ବୈଠକ କରି ଏକ ପ୍ରକାର ପ୍ରଚାର ଆରମ୍ଭ କରିଛି। ଏହାକୁ ନେଇ ଜିଲା ରାଜନୀତି ଚଳଚଞ୍ଚଳ ହୋଇପଡିଛି।

ବାରିପଦା ନିର୍ବାଚନ ମଣ୍ଡଳୀର ୧୬ନଂ.-ଭୁଗୁଡାକଟା,୧୯-ପୂର୍ଣ୍ଣଚନ୍ଦ୍ରପୁର, ୧୬୬-ଖାନୁଆ-୨, ୨୪୮-ଆଠପଡା ନମ୍ବର ବୁଥ ଏବଂ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ୧୦୪-କଖାରୁଆଶୋଳ ବୁଥରେ ଭୋଟ ଗ୍ରହଣ ବେଳେ ତ୍ରୁଟି ପରିଲକ୍ଷିତ ହୋଇଥିବା ଏବଂ ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପ୍ରଶାସନ ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏହି ରିପୋର୍ଟକୁ ଜିଲା ନିର୍ବାଚନ ଅଧିକାରୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇବା ପରେ ଏହି ବୁଥଗୁଡିକରେ ସାନି ମତଦାନ ହେବା ନେଇ ଜଣାପଡିଛି। ତେବେ ଭାଜପା ପକ୍ଷରୁ ସାନି ନିର୍ବାଚନକୁ ବିରୋଧ କରାଯାଇଛି। ଭାଜପା ପକ୍ଷରୁ କୁହାଯାଇଛି ଯେ, ବୁଥ ଗୁଡିକରେ କୌଣସି ତ୍ରୁଟି ହୋଇ ନ ଥିବା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଫିସରମାନେ ଲିଖିତ ଭାବେ ଜଣାଇଛନ୍ତି। ତେଣୁ ସାନି ନିର୍ବାଚନ କରିବାର ଆବଶ୍ୟକତା ନାହିଁ ବୋଲି ମଙ୍ଗଳବାର ଜିଲା ମୁଖପାତ୍ର କବି ବିଷ୍ଣୁ ଶତପଥୀଙ୍କ ନେତୃତ୍ୱରେ ଭାଜପା ଲୋକସଭା ପ୍ରାର୍ଥୀ ଇଂ ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରାର୍ଥୀ ପ୍ରକାଶ ସୋରେନ, ବାରିପଦା ନଗର ସଭାପତି ବିଜୟ କୁମାର ଦାସ ପ୍ରମୁଖଙ୍କ ସମେତ ଆଗଧାଡିର ନେତୃମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ ଉପରୋକ୍ତ ବୁଥ ଅଞ୍ଚଳରେ ବୈଠକମାନ ଆୟୋଜନ କରିଛନ୍ତି। ବାରିପଦା ବିଧାୟକ ପ୍ରାର୍ଥୀ ସରୋଜିନି ହେମ୍ବ୍ରମ ଓ ଲୋକସଭା ପ୍ରାର୍ଥୀ ଡା.ଦେବାଶିଷ ମାରାଣ୍ଡି ପ୍ରମୁଖ ସୋମବାର ଭୁଗୁଡାକଟା ଓ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର ୪ଟି ସ୍ଥାନ ଓ ମଙ୍ଗଳବାର ଖାନୁଆ ଓ ଆଠପଡାରେ ବୈଠକ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମା ଖୋଜେ ପେଟ,**
**ମାଇପ ଖୋଜେ କରାଟ ।**

ମା' ସ୍ନେହମୟୀ, ମମତାମୟୀ । ସବୁବେଳେ ପିଲାର ଭଲ ଚାହେଁ। ପିଲାଟି ଖାଇଛି କି ନାହିଁ ବୁଝେ। ପେଟ ଦେଖି ପିଲାର ମନ କଥା ବେଶ୍ ଭଲ ଭାବେ ଜାଣିପାରେ। ଟଙ୍କା ପଇସା ଅପେକ୍ଷା ପିଲାର ଦେହ ପା' ତା' ପାଇଁ ବେଶି ଗୁରୁତ୍ୱ ରଖିଥାଏ। ପରନ୍ତୁ ସ୍ତ୍ରୀ ସ୍ୱାମୀର ରୋଜଗାରକୁ ବେଶି ପ୍ରାଧାନ୍ୟ ଦେଇଥାଏ। ସ୍ୱାମୀଠାରୁ ତା'ର ଟଙ୍କା ପଇସାରେ ବେଶି ଲୋଭ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଲ୍ଲୀଫୁଲ ମଉଳିଲା,**
**କେଉଁ ରସିକକୁ ଅନେଇଥିଲୁ,**
**ଓଦାଲୁଗା ଶୁଖିଗଲା ।**

ମନର ମଣିଷ ସହ ଭେଟ ନ ହୋଇପାରିଲେ ପ୍ରେମୀ ମନ ଭାଙ୍ଗିଯାଏ। ମନ ଊଣା ହେବାସହ ରାଗ ରୋଷ ବଢ଼ିଯାଏ। ପ୍ରେମରେ ପ୍ରତୀକ୍ଷା ସାଧାରଣତଃ ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ମନର ମଣିଷ ସହ ଭେଟ ହେବା ନେଇ ମନରେ ଅଙ୍କୁରନ୍ତି ଆଶା କିନ୍ତୁ ତାହା ଫଳପ୍ରସୂ ହୋଇ ନ ପାରିବା ଯୋଗୁ ପ୍ରେମୀ ହତାଶ ହୋଇପଡ଼ିଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ■ କାରଖାନାରେ ଶ୍ରମିକ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ଆନ୍ଦୋଳନ

**ଯୋଡ଼ା, ୧୪।୫ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ଦେଓଝରସ୍ଥିତ ଜିନ୍ଦଲ କାରଖାନାରେ ସୋମବାର ସନାତନ ମୁଣ୍ଡା(୫୩) କାର୍ଯ୍ୟରତ ଥିବାବେଳେ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ କ୍ଷତିପୂରଣ ଓ ଚାକିରୀ ପ୍ରଦାନ ଦାବି କରି ସ୍ଥାନୀୟ ଲୋକେ ମଙ୍ଗଳବାର ପୂର୍ବାହ୍ନରେ ଆନ୍ଦୋଳନ କରିଥିଲେ। ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ ଚାକିରୀ ଦେବା ପାଇଁ ଦାବି କରିଥିଲେ। ଦାବି ପ୍ରସଙ୍ଗକୁ ନେଇ ଆନ୍ଦୋଳନକାରୀ ଏବଂ ଜିନ୍ଦଲ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ଖବର ଧରିତ୍ରୀ ପ୍ରକାଶ ହେବାପରେ କମ୍ପାନୀ ପକ୍ଷରୁ ୩ଲକ୍ଷ ଟଙ୍କା ଓ ମୃତକ କାର୍ଯ୍ୟ କରୁଥିବା ଠିକାସଂସ୍ଥାରେ ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ୩ ଲକ୍ଷ ଟଙ୍କା ମଧ୍ୟରୁ ମଙ୍ଗଳବାର ଏକ ଲକ୍ଷ ଟଙ୍କା ନଗଦ ଦେବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ।


# CLASSIFIED DISPLAY

## MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

Dharitri : 15, 16, 17, 18, 19, 20 & 21 May 2019
SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

EDUCATION

She made earth her home, for whom heaven was too small. Savitri 11 – Sri Aurobindo.
SRI AUROBINDO INTEGRAL SCHOOL
Managed by Sri Aurobindo Mission Trust, Matrupuram, Ashram (A public Charitable Trust) Matrupuram, Markona At-Bhagia, Po-Markona, Via/PS-Simulia, Dist-Balasore-756126, Mob-9438412353, ESTD.– 1980, Regd. No.-03/2005(Sub-Register, Simulia)
Ref/Letter No RTE Act-2009 Date – 30.03.2019
ADMISSION NOTICE FOR THE EDUCATION YEAR – 2019-2020
(Ref : COR for Academic Session-2017-18 to 2021-22) Letter No-4150/Pvt- Dated 29.03.19, DEO, Balasore
- There is no Admission Fees for school admission for all
- There is no Tuition Fees also.
- The School will take on admission of students belonging to weaker sections and disadvantageous group against 25% quota under RTE Act. 2009 as required under Section -12.I.C. of RTE Act.

(Ku. Manjulata Nayak)
PRINCIPAL


### ପାଠକଙ୍କ ପାଇଁ ସୂଚନା।

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବଉଳାରେ ଦନ୍ତା ଅମାନିଆ

ବଉଳା, ୧୪।୫ (ଡି.ଏନ.ଏ.)- ହାଟଡିହୀ ବ୍ଲକର ହଦଗଡ଼ ହସ୍ତୀ ଅଭୟାରଣ୍ୟରୁ ଦନ୍ତାହାତୀ ବାହାରିଆସି ଗାଁ ଗଣ୍ଡାର ଜଙ୍ଗଲ, ତୋଟା ଓ ବଗିଚାରେ ପଶୁଛି। ସଞ୍ଜ ହେଲେ ଦୈନିକ ରାସ୍ତା ବଦଳାଇ ବନ ବିଭାଗକୁ ଭକୁଆ ବନାଇ ଆମ୍ବ, ପଣସ, ତାଳଗଛ, ନଡ଼ିଆଗଛକୁ ନଷ୍ଟ କରୁଛି । ଗତ କିଛିଦିନ ଧରି ହାତୀଟି ସନ୍ଧ୍ୟା ହେଲେ ସେ ଅଞ୍ଚଳର ବିଭିନ୍ନ ଗାଁର ଆମ୍ବଗଛ , ପଣସଗଛକୁ ନଷ୍ଟ କରିବା ସହିତ ବାଡ଼ ଘେରାକୁ ଟାଣି ଘୋଷାରି ପକାଉଛି। ଏହାକୁ ନେଇ ଆମ୍ବ, ପଣସ, ସପୁରି ଚାଷୀ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି । ହାତୀଟିର ପତ୍ତା ବନ ବିଭାଗ ପାଉ ନ ଥିବାବେଳେ ଚତୁରତାର ସହ କର୍ମଚାରୀ ଜଗିଥିବା ରାସ୍ତାରେ ନଯାଇ ଅଲଗା ରାସ୍ତାରେ ପଳାଉଛି । ବନବିଭାଗ ତାହାର ଯିବା ରାସ୍ତାରେ ଲାଇଟ ଧରି ବସିଥିଲେ ମଧ ହାତୀଟିକୁ ପାଉ ନାହାନ୍ତି। ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ କିଭଳି ହାତୀଟିକୁ ଅଭୟାରଣ୍ୟରେ ରଖାଯାଇ ତାକୁ ଆକଟ କରାଯିବ ସେଥିପ୍ରତି ଧାନ ଦେବାକୁ ଦାବି ହେଉଛି।

### ପାନୀୟ ଜଳ ପାଇଁ ଯିବାକୁ ପଡୁଛି ୧ କି.ମି.

ଚନ୍ଦ୍ରବାଲିଆ... ଚମ୍ପୁଆ, ୧୪।୫(ଡି.ଏନ.ଏ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ପଞ୍ଚାୟତ ମଝିସାହି ବାସିନ୍ଦାଙ୍କ ପାଇଁ ବଇରୀ ସାଜିଛି ଗାଁ ନଳକୂପ। ପାନୀୟ ଜଳ ପାଇଁ ପ୍ରାୟ ୧ କି.ମି. ଦୂର ଯାଇ ସଂଗ୍ରହ କରିବାକୁ ପଡୁଛି। ପାରଦ ୪୨ ଡିଗ୍ରୀ ଛୁଇଁଥିବା ବେଳେ କୂଅ, ପୋଖରୀଗୁଡ଼ିକର ଜଳସ୍ତର ପ୍ରାୟତଃ ହ୍ରାସ ହୋଇ ସାରିଲାଣି। ଖବର ଅନୁସାରେ ମଝିସାହିରେ ପ୍ରାୟ ୧୦୦ରୁ ଅଧିକ ଲୋକ ବସବାସ କରିଆସୁଛନ୍ତି। ଏମାନଙ୍କ ବ୍ୟବହାର ପାଇଁ ଗ୍ରାମରେ ଥିବା ନଳକୂପଟି ଦୀର୍ଘ ଦିନ ହେବ ଖରାପ ହୋଇପଡିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ବାଧ ହୋଇ ମଝିସାହି ବାସିନ୍ଦାମାନେ ପାନୀୟ ଜଳ ସଂଗ୍ରହ ପାଇଁ ପ୍ରାୟ ୧ କି.ମି. ଦୂର ବସାସାହି ଯାଉଛନ୍ତି। ଏଥିଲାଗି ଲୋକଙ୍କ ମଧରେ ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

### ବିନା ଡାକ୍ତରରେ ଚାଲିଛି ସରକାରୀ ଡାକ୍ତରଖାନା

ହାଟଡିହୀ, ୧୪।୫(ସ୍ୱ.ପ୍ର.)- ହାଟଡିହୀ ସରକାରୀ ଡାକ୍ତର ଖାନାଟି ଶାଳଣିଆ ସି.ଏଚ.ସି ଅଧୀନରେ ହେଲେ ମଧ ବ୍ଲକର ମୁଖ୍ୟ ଓ ମଧ ସ୍ଥଳରେ ଅବସ୍ଥିତ। ସମଗ୍ର ବ୍ଲକର ଲୋକ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ଏଥିସହିତ ଭଦ୍ରକ ଜିଲାର ପ୍ରାୟ ୫-୬ ପଞ୍ଚାୟତର ଲୋକେ ଚିକିତ୍ସା ପାଇଁ ଏଠାକୁ ଆସିଥାନ୍ତି। ମାତ୍ର ଦୁଃଖର ବିଷୟ ଆଜକୁ ୧୦ବର୍ଷ ହେଲା ଏଠାରେ ଡାକ୍ତର ନାହାନ୍ତି। ବର୍ତ୍ତମାନ ଫାର୍ମାସିଷ୍ଟଙ୍କ ହାତରେ ଚାଲିଛି ଡାକ୍ତରଖାନା। ସେଥିଲାଗି ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ଜୀବନ ଏକ ବିପଦପୂର୍ଣ୍ଣ ଭାବେ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏବେ ଗ୍ରୀଷ୍ମ ପ୍ରବାହ ଅଧିକ ଅନୁଭୁତ ହେଉଥିଲାବେଳେ ଡାକ୍ତରଖାନାରେ ଅଂଶୁଘାତ ପ୍ରତିକାର ପାଇଁ କୌଣସି ବ୍ୟବସ୍ଥା ନାହିଁ। ପିଇବା ପାଣିର ସୁବିଧା ନାହିଁ । ଲାଇନ ଗଲେ ଜେନେରେଟର ନାହିଁ । ଦୁଇ ବର୍ଷ ହେଲା ଇନ୍‌ଭଟର ଖରାପ । ୪ ମାସ ହେଲା ଆସୁନି ସରକାରୀ ଔଷଧ। ଡାକ୍ତରଖାନା ପ୍ରତି ଲୋକଙ୍କର ଭରସା କମିଯାଉଛି । ଏଠାରେ ଜଣେ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି କରାଯିବାକୁ ସାଧାରଣରେ ଦାବି ହେଉଛି ।

### କାର୍ଯ୍ୟକ୍ଷମ ହେଲା ଶିଶୁ ୱାର୍ଡ

ଚମ୍ପୁଆ, ୧୪।୫(ଡି.ଏନ.ଏ.)-ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଶିଶୁୱାର୍ଡ ଶେଷରେ କାର୍ଯ୍ୟକ୍ଷମ କରାଯାଇଛି। ଦୀର୍ଘଦିନ ଧରି ଏହି ୱାର୍ଡକୁ ସାଧାରଣ ୱାର୍ଡରୁ ଅଲଗା କରିବା ପାଇଁ ଦାବି ହୋଇଆସୁଥିଲା। ବାରମ୍ବାର ଗଣମାଧମରେ ଏ ସମ୍ବନ୍ଧରେ ଖବର ପ୍ରକାଶ ପରେ ଜନସାଧାରଣ ଉପରିସ୍ଥ ଅଧିକାରୀଙ୍କୁ ଭେଟି ଶିଶୁୱାର୍ଡ ଖୋଲିବାକୁ ଦାବି କରିଥିଲେ। ଗତ ସୋମବାରଠାରୁ ଏହି ଶିଶୁୱାର୍ଡ ବିଧିବଦ୍ଧ ଭାବେ ଅଲଗା କରାଯାଇ ନୂତନ ଗୃହରେ ଆରମ୍ଭ କରାଯାଇଛି। ଏହି ପଦକ୍ଷେପ ପାଇଁ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ କର୍ଣ୍ଣରାମ ମହାନ୍ତଙ୍କୁ ସାଧୁବାଦ ଜଣାଇବା ସହିତ ଶିଶୁ ରୋଗୀଙ୍କୁ ସଂକ୍ରମଣରୁ ରକ୍ଷା କରାଯାଇପାରିବ ବୋଲି ମତ ଦେଇଛନ୍ତି। ୬ ଶଯ୍ୟା ବିଶିଷ୍ଟ ଏହି ୱାର୍ଡ କାର୍ଯ୍ୟକ୍ଷମ ହେବାପରେ ଶିଶୁ ରୋଗୀଙ୍କୁ ଅଲଗା ରଖାଯାଇ ଚିକିତ୍ସା କରାଯାଉଛି।

# ୫ ବର୍ଷ ପରେ ଘରକୁ ଫେରିଲେ ନାବାଳିକା

- ନାବାଳିକା ଚାଲାଣ ର୍‍ୟାକେଟର ପର୍ଦ୍ଦାଫାଶ, ଦଲାଲ ଗିରଫ
- ବଲାଣୀରୁ ଦିଲ୍ଲୀ ଚାଲାଣ ହୋଇଥିଲେ
- ଏକାଧିକ ଦମ୍ପତିଙ୍କ ସମ୍ପୃକ୍ତି ନେଇ ତନାଘନା

ବଡବିଲ, ୧୪।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ନାବାଳିକା ଚାଲାଣ ର୍‍ୟାକେଟ୍ କିଭଳି ସକ୍ରିୟ ରହିଛି ତାହାର ଏକ ନଜିର ପଦାକୁ ଆସିଛି। ବଲାଣୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରତାରଣା କରି ର୍‍ୟାକେଟ୍‌ରେ ସମ୍ପୃକ୍ତ ଏକ ଦମ୍ପତି ତାଙ୍କୁ ଦିଲ୍ଲୀ ଚାଲାଣ କରିଥିଲେ। ଦୀର୍ଘ ୫ ବର୍ଷ ଧରି ନାନା ନିର୍ଯାତନାର ଶିକାର ହୋଇ ଶିଶୁ ଶ୍ରମିକ ଭାବେ କାମ କରିବା ପରେ ଜମ୍ମୁର ନାମକ ଜଣେ ବ୍ୟକ୍ତିଙ୍କ ସହାୟତାରେ ଏହି ନାବାଳିକା ଉଦ୍ଧାର ପାଇ ଘରକୁ ଫେରିଆସିଛନ୍ତି। ଗତ ୧୨ ତାରିଖରେ ଆସି ସେ ନିଜ ଘରେ ପହଞ୍ଚିବା ପରେ ନାବାଳିକା ଚାଲାଣ ର୍‍ୟାକେଟର ପର୍ଦ୍ଦାଫାଶ ହୋଇଛି। ଏହି ସମ୍ପର୍କରେ ପରିବାରବର୍ଗ ଥାନାରେ ଅଭିଯୋଗ କରିବାପରେ ପୋଲିସ ତଦନ୍ତ ଚଳାଇ ଉକ୍ତ ର୍‍ୟାକେଟ୍ ସହ ସମ୍ପୃକ୍ତ ରାଜା ସିଂହ ନାମକ ଜଣେ ବିହାରୀ ଦଲାଲଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ନାବାଳିକା ଚାଲାଣ ର୍‍ୟାକେଟ୍‌ରେ ଏକାଧିକ ଦମ୍ପତି କାମ କରୁଥିବା ସୂଚନା ମିଳିଥିବାରୁ ଏନେଇ ଅଧିକ ତନାଘନା



ଗିରଫ ଅଭିଯୁକ୍ତ ରାଜା ସିଂହ।

ଜାରି ରହିଥିବା ପୋଲିସ କହିଛି।

୨୦୧୪ ଅଗଷ୍ଟ ମାସ ୨୦ ତାରିଖର ଘଟଣା। ସେଦିନ ପୂର୍ବାହ୍ନ ୯ଟା ବେଳେ ଏହି ନାବାଳିକାଙ୍କ ହଠାତ୍ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି କୌଣସି ସନ୍ଧାନ ନ ପାଇବାରୁ ଏନେଇ ବଲାଣୀ ଥାନାରେ ଅଭିଯୋଗ କରିଥିଲେ। ବଲାଣୀ ପୋଲିସ ଏକ ନିଖୋଜ ମାମଲା (ନଂ.୫୨/୨୦୧୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାମଧରେ ବର୍ଷପରେ ବର୍ଷ ବିତିଯାଇଥିଲେ ବି ନାବାଳିକାଙ୍କର କୌଣସି ଖୋଜଖବର ମିଳି ନ ଥିଲା। ପୋଲିସ ମଧ କିଛି ସୁରାକ ପାଇପାରି ନ ଥିଲା। ଗତ ୧୨ତାରିଖରେ ନିଖୋଜ ନାବାଳିକା ହଠାତ୍ ଆସି ବଲାଣୀସ୍ଥିତ ତାଙ୍କ ଘରେ ପହଞ୍ଚିଥିଲେ। ନାବାଳିକା ଫେରି ଆସିବା ଦେଖି ପରିବାର ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ହଜିଲା ଝିଅକୁ ପାଇ ସେମାନଙ୍କ ଆଖି ଲୁହରେ ଭରି ଯାଇଥିଲା। ଏସମ୍ପର୍କରେ ଖବର ପାଇବା ପରେ ବଲାଣୀ ଥାନା ପୋଲିସ ସେଠାକୁ ଯାଇ ସମ୍ପୃକ୍ତ ନାବାଳିକାଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲା। ଏଥିରୁ ନାବାଳିକା ଚୋରାଚାଲାଣର ଏକ ବଡ ର୍‍ୟାକେଟ କାର୍ଯ୍ୟକରୁଥିବା ଜଣାପଡିଛି।

ନାବାଳିକାଙ୍କ ବୟାନ ଅନୁଯାୟୀ, ସେଦିନ ଘରେ ତାଙ୍କ ବାପା ଅନୁପସ୍ଥିତ ଥିବାବେଳେ ଅଭିଯୁକ୍ତ ଦଲାଲ ରାଜା ସିଂହ ଓ ତାଙ୍କ ପତ୍ନୀ ଆସି ତାଙ୍କୁ ଟଙ୍କାର ପ୍ରଲୋଭନ ଦେଖାଇ ପ୍ରଥମେ ଟାଟାନଗରକୁ ନେଇଯାଇଥିଲେ। ସେଠାରେ ପୂର୍ବରୁ ଅପେକ୍ଷା କରିଥିବା ଦିଲ୍ଲୀର ଦଲାଲ ଅଶୋକ ଯାଦବ ଓ ତାଙ୍କ ପତ୍ନୀ ଏହି ଦଲାଲ ଦମ୍ପତିଙ୍କଠାରୁ ନାବାଳିକାଙ୍କୁ ନେଇଯାଇଥିଲେ। ନାବାଳିକା ଜଣଙ୍କ ଦିଲ୍ଲୀରେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପରେ ଜମ୍ମୁର ନାମକ ଜଣେ ବ୍ୟକ୍ତିଙ୍କ ସହାୟତାରେ ସେ ସେଠାରୁ ଖସି ଆସିଥିଲେ ବୋଲି ପୋଲିସକୁ କହିଥିଲେ। ନାବାଳିକା ଚାଲାଣ ଘଟଣା ସ୍ପଷ୍ଟ ହେବାପରେ ବଲାଣୀ ପୋଲିସ ଆଇପିସି ଦଫା ୩୬୩/୩୭୦/୧୨୦(ବି)ରେ ଏକ ମାମଲା ରୁଜୁକରି ବିହାରୀ ଦଲାଲ ରାଜାଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତଙ୍କ ଘର ବିହାର ରାଜ୍ୟର ଆରା ଜିଲା ଅଞ୍ଚଳରେ। ସେ ବଲାଣୀ ଥାନା ଅନ୍ତର୍ଗତ ଏକ ଉପାସନା ପୀଠ ନିକଟରେ ରହୁଥିଲେ। ଏହି ଘଟଣାରେ ସମ୍ପୃକ୍ତ ରାଜାଙ୍କ ପତ୍ନୀ ଓ ଅନ୍ୟ ଦମ୍ପତିଙ୍କୁ ଧରିବାପାଇଁ ପୋଲିସ ଉଦ୍ୟମ କରୁଥିବା କହିଛି।



ରାସ୍ତା କଡ଼ରେ ଜଣେ ତାଳସଜ ବେପାରୀ।

## ଖରାଦିନେ ତାଳସଜର ମଜା

କେନ୍ଦୁଝର, ୧୪।୫(ଡି.ଏନ୍.ଏ.)

ଖରାଦିନ ଆସିଗଲେ କେନ୍ଦୁଝରରେ ପ୍ରତିବର୍ଷ ପରି ବାହାର ବ୍ୟବସାୟୀମାନେ ଆସି ରାସ୍ତାକଡରେ ତାଳସଜର ପସରା ମେଲି ବ୍ୟବସାୟ କରି ବେଶ କିଛି ରୋଜଗାର କରିଥାନ୍ତି। ଖରାଦିନ ଫଳ ତରଭୂଜ, ପଇଡ, ଆମ୍ବର ଚାହିଦା ସହିତ ତାଳସଜର ଚାହିଦା ମଧ ଅଧିକ ରହିଛି। ତାଳସଜର ସ୍ୱାଦ ନିଆରା। ଲୋକମାନେ ତାଳସଜ କିଣିବା ନିମନ୍ତେ ବେଶ ଭିଡ ଜମାନ୍ତି। ଜଣେ ବ୍ୟବସାୟୀ ଗୋଲକ ବେହେରାଙ୍କୁ ବ୍ୟବସାୟ ବାବଦରେ ପଚାରିବାରୁ ସେମାନେ ଯାଜପୁର ଜିଲ୍ଲା ହରିପୁରରୁ ଖରାଦିନେ ପ୍ରତିବର୍ଷ କେନ୍ଦୁଝରକୁ ଆସନ୍ତି। କେନ୍ଦୁଝରରେ ତାଳସଜର ଗ୍ରାହକ ଅନ୍ୟ ସ୍ଥାନ ଅପେକ୍ଷା ଅଧିକ। ପ୍ରତି ଦୁଇ ତିନିଦିନ ଅନ୍ତରରେ ସେମାନେ ଛୋଟ ଟ୍ରକରେ ତାଳ ଆଣନ୍ତି। ଏଠାରେ ବ୍ୟବସାୟ କରି ଭଲ ଦୁଇପଇସା ରୋଜଗାର କରି ପରିବାର ଚଳାନ୍ତି ବୋଲି ଅନ୍ୟ ଜଣେ ବ୍ୟବସାୟୀ ଶଙ୍କର ବେହେରା କହିଛନ୍ତି। କେନ୍ଦୁଝରର ଗ୍ରାହକ ବହୁତ ଶାନ୍ତ ଓ ସରଳ। ୧୦ଟଙ୍କା ବଦଳରେ ୨ରୁ ୩ଟି ତାଳ ସେମାନେ ବିକ୍ରୟ କରୁଥିବା ଜଣାପଡିଛି। ତେବେ ମଝିରେ ମଝିରେ ସେମାନେ ରାସ୍ତାକଡରେ ବ୍ୟବସାୟ କରୁଥିବାରୁ ମ୍ୟୁନିସିପାଲିଟି ପକ୍ଷରୁ ସେମାନଙ୍କୁ ଉଠାଇ ଦିଆଯାଉଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।

# ନାବାଳିକା ବିବାହ ଉଦ୍ୟମ ଭଣ୍ଡୁର

- ଶିଶୁ ସୁରକ୍ଷା କମିଟି ଓ ପୋଲିସ ପକ୍ଷରୁ ଚଢ଼ାଉ
- ଆଲୋଚନା ପରେ ବନ୍ଦ ହେଲା ବାହାଘର

କେନ୍ଦୁଝର, ୧୪।୫ (ସ୍ୱ.ପ୍ର.)

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ସୁଲେଇଖମାର ଅଞ୍ଚଳରେ ଜଣେ ନାବାଳିକାଙ୍କ ବିବାହ ଚାଲିଥିବା ବେଳେ ଶିଶୁ ସୁରକ୍ଷା କମିଟି ପକ୍ଷରୁ ପୋଲିସ ସହାୟତାରେ ବିବାହ ବନ୍ଦ କରି କନ୍ୟାଙ୍କୁ ଉଦ୍ଧାର କରାଯାଇଛି। ପରେ ଉଭୟ କନ୍ୟା ଓ ବର ଘର ପରିବାର ଲୋକଙ୍କ ସହ ଆଲୋଚନା କରି ଛାଡିଦେଇଥିବା ଜଣାପଡିଛି । ଝିଅର ବୟସ ୧୭ ହୋଇଥିବା ବେଳେ ପୁଅର ବୟସ ୨୨ ବର୍ଷ।

ପ୍ରକାଶ ଯେ ଝୁମ୍ପୁରା ବ୍ଲକ ବାଲିବନ୍ଧ ଗ୍ରାମର ଉକ୍ତ ଯୁବକଙ୍କ ବିବାହ ସୁଲେଇଖମାର ଅଞ୍ଚଳରେ ରହୁଥିବା ଉକ୍ତ ନାବାଳିକାଙ୍କ ସହିତ ସୋମବାର ବିବାହ ହେଉଥିଲା । ବରଯାତ୍ରୀ ପହଞ୍ଚି ବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଶିଶୁ ସୁରକ୍ଷା କମିଟିର ସଦସ୍ୟ ମାନେ ପୋଲିସ ସହାୟତାରେ ପହଞ୍ଚିଥିଲେ।



ବିବାହ ପ୍ରସ୍ତୁତି ବେଳେ ଜିଲା ଶିଶୁ ସୁରକ୍ଷା କମିଟି ଏବଂ ପୋଲିସର ଆଲୋଚନା।

କନ୍ୟା ସାବାଳିକା ହେବା ପରେ ବିବାହ କରିବାକୁ ପରାମର୍ଶ ଦେଇଥିଲେ । ଉଭୟ ବର ଓ କନ୍ୟା ପରିବାର ବୁଝିବା ପରେ ସହମତି ହୋଇ ବାହାଘର ବାତିଲ କରାଯାଇଥିଲା। ଶିଶୁ ସୁରକ୍ଷା କମିଟିର ସଦସ୍ୟ ଅକ୍ଷୟ କୁମାର ମହାନ୍ତ, ଚାଇଲଡ ଲାଇନର ସଦସ୍ୟା ରୀନାରାଣୀ ଗିରି, ସିଡିପିଓ ପ୍ରଭାଶିନୀ ଚକ୍ର, ଟାଉନ ଥାନା ଏଏସଆଇ ସୁଶାନ୍ତ କୁମାର ସେଠୀଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।

## ଭୋଟ ଗଣତି ପାଇଁ ତାଲିମ

ଆନନ୍ଦପୁର, ୧୪।୫ (ସ୍ୱ.ପ୍ର.)

୨୦୧୯ ସାଧାରଣ ନିର୍ବାଚନ ଶେଷ ପରେ ସମସ୍ତଙ୍କ ନଜର ଭୋଟ ଗଣତି ଉପରେ। ଆସନ୍ତା ମେ ୨୩ ରେ ଭୋଟ ଗଣତି କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ତଥା ଜିଲା ସ୍ତରରେ ପ୍ରଶାସନିକ ଅଧିକାରୀଙ୍କ ମହଲରେ ତତ୍ପରତା ପ୍ରକାଶ ପାଇଛି। ଭୋଟ ଗଣତି ପାଇଁ ସ୍ୱତନ୍ତ୍ର ଭାବେ ଟ୍ରେନିଂ କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ବିଭିନ୍ନ ରାଜନୈତିକ ଦଳର କର୍ମୀମାନଙ୍କ ମଧରେ ମଧ ତତ୍ପରତା ପ୍ରକାଶ ପାଇଲାଣି। ଯଦିଓ ଇଭିଏମ ତ୍ରୁଟି ଏବଂ ଅନିୟମିତତା ଅଭିଯୋଗରେ ଚଳିତ ମାସ ୧୯ ରେ କେତେକ ବୁଥରେ ରିପୋଲିଂ ପାଇଁ ଦିନ ଧାର୍ଯ୍ୟ ହୋଇଛି ତଥାପି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଭୋଟ ଗଣତି କାର୍ଯ୍ୟକୁ ଲକ୍ଷ୍ୟ କରି ବେଶ୍ ତତ୍ପରତା ଦେଖାଦେଇଛି। ଭୋଟଗଣତି କେନ୍ଦ୍ରରେ ଦଳୀୟ ଏଜେଣ୍ଟମାନଙ୍କୁ ନିୟୋଜିତ କରିବା ପାଇଁ ଜୋରଦାର ଉଦ୍ୟମ ଚାଲିଛି। ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ଭାବେ କେନ୍ଦୁଝର ଜିଲା ଘସିପୁରା ବିଧାନସଭା ଏବଂ ଆନନ୍ଦପୁର ବିଧାନସଭା ଆସନ କାହା ସପକ୍ଷରେ ଯିବ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାଜିଛି। ଘସିପୁରା ନିର୍ବାଚନମଣ୍ଡଳୀରେ ଦୁଇ ହେଭିୱେଟ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ମଧରେ ଲଢେଇରେ କିଏ ଫାଇଦା ନେବ ତାହା ଚଳିତ ମାସ ୨୩ ତାରିଖ ଭୋଟ ଗଣତି ପରେ ସ୍ଥିତି ସ୍ପଷ୍ଟ ହେବାକୁ ଯାଉଛି।

## କଷ୍ଟରେ କାଟୁଛନ୍ତି ଜୀବନ

କେନ୍ଦୁଝର, ୧୪।୫(ସ୍ୱ.ପ୍ର.)

ସଦର ବ୍ଲକ ନରଣପୁର ପଞ୍ଚାୟତରେ ରହୁଛନ୍ତି ମାରିସ କାଲୁଣ୍ଡିଆଙ୍କ ପରିବାର। ସ୍ୱାମୀଙ୍କ ଦେହାନ୍ତ ପରେ ୩ ଝିଅ ଓ ୨ ପୁଅଙ୍କ ସହିତ ବହୁ କଷ୍ଟରେ ଚଳୁଛନ୍ତି। ସରକାରୀ ସହାୟତା ତ ଦୂରର କଥା ଘରର ବୟସ୍କ ବ୍ୟକ୍ତିଙ୍କ ଦେହାନ୍ତ ପରେ ମିଳିବାକୁ ଥିବା ଅନୁକମ୍ପାମୂଳକ ଅର୍ଥ ମଧ ସେ ପାଇନାହାନ୍ତି। ସ୍ୱାମୀଙ୍କ ଦେହାନ୍ତର ୩ ବର୍ଷ ବିତିଯାଇଥିଲେ ହେଁ ବିଧବା ଭତ୍ତା ମଧ ପାଇପାରିନାହାନ୍ତି। ସରକାରଙ୍କ ଗରିବ ଅସହାୟ ଲୋକଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ସହାୟତା ଦେବା ବ୍ୟବସ୍ଥା ଥିଲେ ହେଁ ମାରିସଙ୍କୁ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି ।

ଅର୍ଥାଭାବରୁ ନିଜେ ମୂଲମଜୁରି କରି ଘର ଓ ପରିବାର ଚଳାଉଥିବା ମାରିସ କହିଛନ୍ତି। ଅର୍ଥାଭାବରୁ ଏବଂ ସ୍ୱାମୀଙ୍କ ଦେହାନ୍ତ ପରେ ୩ ଝିଅ ପାଠପଢା ଛାଡି ମୂଲମଜୁରି କରି ପରିବାର ଚଳାଇବାରେ ସହାୟତା କରୁଥିବା କହିଛନ୍ତି। ଝିଅମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ସେମାନଙ୍କୁ ମିଳୁ ନ ଥିବାରୁ ଅନିଶ୍ଚିତତା ଭବିଷ୍ୟତ



ମାରିସ କାଲୁଣ୍ଡିଆ।

ମଧରେ ପରିବାର ଲୋକ ରହିଛନ୍ତି। ଯେଉଁ ବୟସରେ ପାଠ ପଢିବା କଥା ଓ ଖେଳାବୁଲା କରିବା କଥା ସେହି ବୟସରେ ସେମାନେ ମୂଲ ଲାଗୁଛନ୍ତି।

ଅର୍ଥାଭାବରୁ ଚିକିତ୍ସା କରି ନ ପାରିବାରୁ ସ୍ୱାମୀ ରୋଗରେ ପଡି ମୃତ୍ୟୁବରଣ କରିଥିବା ବେଳେ ମହଙ୍ଗା ଯୁଗରେ ୫ ଛୁଆଙ୍କୁ ନେଇ ଚଳିବା କେତେ କଷ୍ଟକର ତାହା ସମସ୍ତେ ଜାଣନ୍ତି। ଘର ଖଣ୍ଡେ ମିଳିନାହିଁ । ଏଣୁ ଭଙ୍ଗାଦଦରା ଘରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହେଉଛନ୍ତି। ସେମାନଙ୍କ ଅବସ୍ଥା ଦେଖିଲେ କିପରି ଚାଲିଛି ସରକାରୀ ଯୋଜନା ବେଶ ଅନୁମାନ କରିହେବ ।

## ■ ସୋଲାର ସିଷ୍ଟମରୁ ପ୍ଲେଟ୍ ଉଡ଼ିଗଲା

# ଜଳକଷ୍ଟ ଭୋଗୁଛନ୍ତି ସାହି ବାସିନ୍ଦା

ଝୁମ୍ପୁରା, ୧୪।୫ (ଡି.ଏନ.ଏ.)

ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଜଙ୍ଗଲାଞ୍ଚଳରେ ଅବସ୍ଥିତ ବସନ୍ତପୁର ପଞ୍ଚାୟତର ଜଡିସାହି ବାସିନ୍ଦା ପାନୀୟ ଜଳକଷ୍ଟ ଭୋଗୁଛନ୍ତି। ଜଡିସାହି ବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଉଥିବା ସୋଲାର ସିଷ୍ଟମ ନଳକୂପର ସୋଲାର ପ୍ଲେଟ ଖସିପଡିଛି। ଏହି ପ୍ଲେଟ ଖସିବାର ୨୦ଦିନ ବିତିବାକୁ ବସିଲାଣି, ହେଲେ ଅଭିଯୋଗ ପରେ ମଧ ସୋଲାର ପ୍ଲେଟ ସଜାଡିବାକୁ କେହି ଆସୁ ନ ଥିବା ସାହିବାସିନ୍ଦା କହିଛନ୍ତି।

ସୂଚନା ଅନୁଯାୟୀ ଖଣି କ୍ଷତିଗ୍ରସ୍ତ ଅଞ୍ଚଳରେ ସୋଲାର ସିଷ୍ଟମ ଯୋଗେ ବାସିନ୍ଦାଙ୍କୁ ଗଭୀର ନଳକୂପରୁ ପାନୀୟ ଜଳ ଯୋଗାଇବାର ଟେଣ୍ଡର



ସୋଲାର ପ୍ଲେଟ ଉଡ଼ିଯାଇଥିବା ନଳକୂପ।

ନେଇଛି ଏକ କମ୍ପାନୀ। ଟେଣ୍ଡର ପ୍ରକ୍ରିୟାରେ ଚାଲିଥିବା ସୋଲାର ସିଷ୍ଟମ ନଳକୂପଗୁଡିକ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ, ଏହାର ମରାମତି ଦାୟିତ୍ୱ ମଧ ସମ୍ପୃକ୍ତ କମ୍ପାନୀର। ପ୍ରତ୍ୟେକ ସୋଲାର ସିଷ୍ଟମ ନଳକୂପ ପାଇଁ ଜିଲା ଖଣିଜ ପାଣ୍ଠି ବ୍ୟୟ କରାଯାଉଛି ୧୦ଲକ୍ଷ ଟଙ୍କା। ତେବେ କମ୍ପାନୀର ଖାମଖିଆଲି ନୀତି ଯୋଗୁଁ ୨୦ଦିନ ବିତିଥିଲେ ମଧ ସଜଡା ହୋଇ ପାରୁନାହିଁ ସୋଲାର ପ୍ଲେଟ। ଏନେଇ ଝୁମ୍ପୁରାସ୍ଥିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ମୋହନ ସିଂ ଙ୍କୁ ପଚରାଯିବାରୁ ଅଭିଯୋଗ ପରେ କମ୍ପାନୀକୁ କୁହାଯାଇଛି। ଶୀଘ୍ର ସୋଲାର ପ୍ଲେଟ ମରାମତି କରାଯିବ।

# ପୋଲିସ ସହ ଯବାନଙ୍କ ବଚସା ଭିଡିଓ ଭାଇରାଲ

ଚମ୍ପୁଆ, ୧୪।୫(ଡି.ଏନ.ଏ.)

ଚମ୍ପୁଆ ଦୈନିକ ବଜାରଠାରେ ମଙ୍ଗଳବାର ସକାଳେ ଚମ୍ପୁଆ ଥାନାର ଜୈନିକ ଏ.ଏସ.ଆଇଙ୍କ ସହ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଇ.ଭି.ଏମ ସୁରକ୍ଷା ଦାୟିତ୍ୱରେ ଥିବା ଜବାନଙ୍କ ସହ ହୋଇଥିବା ବଚସା ଏବେ ଏହି ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। କେଉଁ କାରଣ ପାଇଁ ଉଭୟଙ୍କ ମଧରେ ଏହି ବଚସା ହୋଇଥିଲା ତାହା ଅସ୍ପଷ୍ଟ ରହିଥିଲା ବେଳେ ଜଣେ ପୋଲିସ ଅଧିକାରୀ ଏହା ସେମିତି କିଛି ନୁହଁ ବୋଲି କହି କଥା ଏଡାଇ ଦେଇଛନ୍ତି। ଜନ ଗହଳି ପୂର୍ଣ୍ଣ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଦୈନିକ ପରିବା ବଜାରରେ ପ୍ରାୟ ୨୦ ମିନିଟ ଧରି ଏହି ବଚସା ହୋଇଥିବା ସ୍ଥାନୀୟ ଲୋକ କହିଛନ୍ତି।

## ■ ଫନୀରେ ଉଜୁଡ଼ିଛି ମହିଳାଙ୍କ ଜୀବିକା

# ମିଳିନି ସରକାରୀ ସୁବିଧା

ହାଟଡିହୀ, ୧୪।୫(ସ୍ୱ.ପ୍ର.)

ହାଟଡିହୀ ବ୍ଲକ ଅନ୍ତର୍ଗତ ଓରାଳୀ ପଞ୍ଚାୟତର ଖେଡୁଆଳି ଗ୍ରାମର ପଦ୍ମାବତୀ ଖୁଣ୍ଟିଆ(୬୦)ଙ୍କ ଘର। କଠିନ ପରିଶ୍ରମ କରି ଏକ କୁକୁଡା ଫାର୍ମ କରିଥିଲେ । ସେଥିରେ ଭୁବନେଶ୍ୱର ଓ ଖୋର୍ଦ୍ଧାରୁ ୫୦୦ ଟିଆଁ ଆଣି ଛାଡିଥିଲେ। ମାତ୍ର ପ୍ରକୃତି ସାଜିଲା ବଇରି। ଫନୀ ବାତ୍ୟାରେ ଫାର୍ମଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ୧୬୦ ଟି କୁକୁଡା ମରିଯାଇଛନ୍ତି। ଏ ପର୍ଯ୍ୟନ୍ତ କେହି ସରକାରୀ ଅଧିକାରୀ ତଦନ୍ତ କରିବାକୁ ଯାଇନାହାନ୍ତି। ଏ ଅଫିସରୁ ସେ ଅଫିସ ଦୌଡିବାକୁ ପଡୁଛି ପଦ୍ମାବତୀଙ୍କୁ। ତୁରନ୍ତ ସହାୟତା କରିବାକୁ ପଦ୍ମାବତୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।



ଭାଙ୍ଗିଯାଇଥିବା କୁକୁଡ଼ା ଫାର୍ମ।

## ■ କୃଷିବୀମା ମିଳିବାରେ ବିଳମ୍ବ

# ୪ ମାସ ମଧ୍ୟରେ ଫଇସଲା କରିବାକୁ ନିର୍ଦ୍ଦେଶ

କେନ୍ଦୁଝର, ୧୪।୫ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଚାଷୀମାନେ ୨୦୧୫ରେ ପ୍ରିମିୟମ ଅର୍ଥ ଦେଇଥିଲେ ହେଁ ମରୁଡି ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ବହୁ ଚାଷୀଙ୍କୁ ଅଦ୍ୟାବଧି କୃଷିବୀମା ବାବଦ ଅର୍ଥ ମିଳୁ ନ ଥିବାରୁ ଚିନ୍ତାରେ ରହିଛନ୍ତି। ସରକାର କାଳିଆ ଯୋଜନାରେ ଚାଷୀଙ୍କୁ ସହାୟତା ଦେଉଥିବା କହୁଥିବା ବେଳେ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷତିପୂରଣ ଦେବାରେ ଅବହେଳା କାହିଁକି କରୁଛନ୍ତି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। କ୍ଷତିପୂରଣ ପାଇଁ ବିଭିନ୍ନ ବିଭାଗ ଓ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ନ ପାଇବାରୁ ଧାରକରଜ କରି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ପଡିଛି।

ଏଭଳି ଝୁମ୍ପୁରା ବ୍ଲକର ଖୁଣ୍ଟାପଡା ଓ ଅର୍ଶଳା ପଞ୍ଚାୟତର ବାରଖଣ୍ଡିଆ, ମହାଦେବପୁର, ଅସୁକି, ଖୁଣ୍ଟାପଡା,




ଜିଲାପାଳଙ୍କ ପାଖକୁ ରାୟର କପି ଦେବାକୁ ଆସିଥିବା ଚାଷୀ।

ଅର୍ଶଳା, ଦୁର୍ଗାପୁର, ଅନ୍ଧାରୀ ଖମଣ, ସୁଣ୍ଡି ମୁରୁସୁଆଁ, ବଳଭଦ୍ରପୁର, ପ୍ରଭାତିପୁର ଆଦି ଗ୍ରାମର ୫୦ ଜଣ ଚାଷୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ପିଟିଶନ ଦାଖଲ କରିଥିଲେ । ରିଟ୍ ପିଟିଶନ କେସ ନମ୍ବର ୬୩୨୭, ୬୩୨୮, ୬୩୨୯,୬୩୩୦, ୬୩୩୧ର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ଏପ୍ରିଲ ୮, ୨୦୧୯ ରେ ଜିଲାପାଳଙ୍କୁ ଚାଷୀଙ୍କ ଅଭିଯୋଗର ଶୁଣାଣି ୪ ମାସ ମଧରେ କରିବାକୁ ଆଦେଶ କରିଛନ୍ତି।

ଏ ନେଇ ସୋମବାର ଧରଣୀଧର ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ପ୍ରସନ୍ନ କୁମାର ନାଏକ, ଦୁର୍ଲ୍ଲଭ ବେହେରା, ଦୁଃଖବନ୍ଧୁ ବାରିକ, ନୀଳମଣି ବେହେରା, ପ୍ରମୋଦ କୁମାର ସାହୁ, ପରମାନନ୍ଦ ଦଣ୍ଡସେନାଙ୍କ ସମେତ ଚାଷୀମାନେ ଜିଲାପାଳଙ୍କୁ ଲିଖିତ ରାୟର କପି ସହ ଜଣାଇ ତୁରନ୍ତ ଫଇସଲା କରି ବୀମା ଅର୍ଥ ଦେବାକୁ ଦାବି କରିଛନ୍ତି। ଏ ନେଇ ଜିଲାପାଳ ଆବେଦନକାରୀଙ୍କୁ ଶୁଣାଣି କରିବାକୁ କୋର୍ଟ ଆଦେଶ କରିଛନ୍ତି। ଜିଲାର କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ସେମାନଙ୍କ କ୍ଷତିପୂରଣ ବାବଦକୁ ବୀମା ଅର୍ଥ ଦେବାକୁ ଦାବି ହେଉଛି।